୫୧
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୨୨/୨୦୨୪ (୨୦ ପୃଷ୍ଠା+ଛୁଟିଦିନ)
Bhubaneswar, Sunday, December 22/2024 Page 20 ₹ 7.00
୫୧ଶ ଭାଗ ୨୯ ସଂଖ୍ୟା
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul
VOLUME 51 ISSUE 29
ମୂଲ୍ୟ₹୭/-

# ଭୋଟରଙ୍କୁ ନିର୍ବାଚନର ଇଲେକ୍ଟ୍ରୋନିକ୍ ଯାଞ୍ଚ ମନା

**ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର କଣ୍ଡକ୍ଟ ଅଫ୍ ଇଲେକ୍ସନ ରୁଲ୍ସ, ୧୯୬୧ର ନିୟମ ୯୩(୨)ରେ ସଂଶୋଧନ ଆଣିଛନ୍ତି। ଏହାଦ୍ୱାରା ଲୋକେ ପୂର୍ବଭଳି ନିର୍ବାଚନ ସମ୍ପର୍କିତ କେତେକ ନିର୍ଦ୍ଦିଷ୍ଟ ଇଲେକ୍ଟ୍ରୋନିକ ଦସ୍ତାବିଜ ଯାଞ୍ଚ କରିପାରିବେ ନାହିଁ। ସିସିଟିଭି କ୍ୟାମେରା, ୱେବ୍‌କାଷ୍ଟିଂ ଫୁଟେଜ୍ ସହ ଭିଡିଓ ରେକର୍ଡିଂ ଯାଞ୍ଚରୁ ଭୋଟର ବଞ୍ଚିତ ହେବେ। ଭୋଟ ଗ୍ରହଣ ଓ ଗଣତି ପ୍ରକ୍ରିୟାରେ ଜାଲିଆତି ତଥା ଅନିୟମିତତା ନେଇ କିଛିବର୍ଷ ହେଲା ଅଭିଯୋଗ ବଢ଼ିବାରେ ଲାଗିଥିବାବେଳେ ନିଜ ଦୋଷ ତ୍ରୁଟି ଧରାପଡ଼ିବା ଭୟରେ ଇସିଆଇ ସରକାରଙ୍କ ଦ୍ୱାରା ଏଭଳି ସଂଶୋଧନ କରାଇଥିବା ବିରୋଧୀ କଂଗ୍ରେସ ସମାଲୋଚନା କରିଛି।**

## ■ ନିୟମ ସଂଶୋଧନ କଲା କେନ୍ଦ୍ର
## ■ ସ୍ୱଚ୍ଛତାକୁ ଡରୁଛନ୍ତି ଇସିଆଇ: କଂଗ୍ରେସ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

ନିର୍ବାଚନରେ ପ୍ରାର୍ଥୀମାନେ କରୁଥିବା ଦୁରୁପଯୋଗକୁ ରୋକିବା ନିମନ୍ତେ ସିସିଟିଭି କାମେରା, ୱେବ୍‌କାଷ୍ଟିଂ ଫୁଟେଜ୍ ସହ ଭିଡିଓ ରେକର୍ଡିଂ ଆଦି ଇଲେକ୍ଟ୍ରୋନିକ୍ ରେକର୍ଡଗୁଡ଼ିକୁ ଜନସାଧାରଣ ଆଉ ଯାଞ୍ଚ କରିପାରିବେ ନାହିଁ। ଏଥିପାଇଁ କେନ୍ଦ୍ର ସରକାର ନିର୍ବାଚନ ନିୟମାବଳୀରେ କେତେକ ପରିବର୍ତ୍ତନ କରିଛନ୍ତି। ଭୋଟଗ୍ରହଣ କେନ୍ଦ୍ରରେ ସିସିଟିଭି କ୍ୟାମେରା ବ୍ୟବହାର ଦ୍ୱାରା ଭୋଟରଙ୍କ ଗୋପନୀୟତାର ଦୁରୁପଯୋଗ ଏବଂ ସାଲିସ୍ ହୋଇପାରେ ବୋଲି ନିର୍ବାଚନ ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ତେଣୁ ଭିଡିଓ ଫୁଟେଜ୍, ନାମାଙ୍କନପତ୍ରର କାଗଜାତ ଆଦିର ଦୁରୁପଯୋଗ ରୋକିବା ପାଇଁ ନିୟମାବଳୀରେ ସଂଶୋଧନ କରାଯାଇଛି। ନିର୍ବାଚନ କମିଶନଙ୍କ ଅନୁମୋଦନକ୍ରମେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନିର୍ବାଚନ ପରିଚାଳନା ନିୟମାବଳୀ, ୧୯୬୧ର ରୁଲ୍ ୯୩ରେ ସଂଶୋଧନ କରିଛନ୍ତି। ଫଳରେ ଇଲେକ୍ଟ୍ରୋନିକ୍ ଡକ୍ୟୁମେଣ୍ଟଗୁଡ଼ିକ ସର୍ବସାଧାରଣରେ ପ୍ରକାଶ ଉପରେ କଟକଣା ଲାଗିଛି।



ନିର୍ବାଚନ ନିୟମରେ ପରିବର୍ତ୍ତନକୁ ନେଇ ବିବାଦ ଦେଖାଦେଇଛି। କଂଗ୍ରେସ ଏଭଳି ପରିବର୍ତ୍ତନକୁ ସମାଲୋଚନା କରିଛି। ନିର୍ବାଚନ ପ୍ରକ୍ରିୟା ସାଧୁତାର ଦ୍ରୁତ ଅବକ୍ଷୟ ହେଉଥିବା ନେଇ କଂଗ୍ରେସର ଦୃଢ଼ତାକୁ ଏହା ପ୍ରମାଣିତ କରୁଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ନିର୍ବାଚନ କମିଶନ ସ୍ୱଚ୍ଛତାକୁ କାହିଁକି ଭୟ କରୁଛି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି। କଂଗ୍ରେସ ଉକ୍ତ ସଂଶୋଧନକୁ ଅଦାଲତରେ ଚ୍ୟାଲେଞ୍ଜ କରିବ ବୋଲି ସେ ସୂଚନା ଦେଇଛନ୍ତି। ଜୟରାମ କହିଛନ୍ତି, ସୂର୍ଯ୍ୟାଲୋକ ହେଉଛି ଅସ୍ୱଚ୍ଛତା ଦୂର କରିବା ପାଇଁ ସର୍ବଶ୍ରେଷ୍ଠ। ଦୋଷତ୍ରୁଟି ପଦାରେ ପକାଇବା ପାଇଁ ସ୍ୱଚ୍ଛତା ଏବଂ ଖୋଲାପଣ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ନିର୍ବାଚନ ପ୍ରକ୍ରିୟାରୁ ଦୁର୍ନୀତି ଏବଂ ଅନୈତିକ କାର୍ଯ୍ୟର ମୂଳୋତ୍ପାଟନ ହେବା ସହ ତଥ୍ୟ ସୁରକ୍ଷିତ ରଖିବାର ଆତ୍ମବିଶ୍ୱାସ ବଢ଼ିପାରିବ। ସୂଚନା ଦ୍ୱାରା ଜନସାଧାରଣଙ୍କ ଆସ୍ଥାକୁ ସୁରକ୍ଷିତ ରଖାଯାଇପାରିବ। ଭାରତର ନିର୍ବାଚନ କମିଶନ (ଇସିଆଇ) ସମସ୍ତ ତଥ୍ୟ ଜନସାଧାରଣଙ୍କ ସହ ଶେୟାର କରିବା ଆଇନଗତ ଦୃଷ୍ଟିରୁ ଆବଶ୍ୟକ ବୋଲି ପଞ୍ଜାବ ଓ ହରିୟାଣା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଇସିଆଇ ଉକ୍ତ ନିର୍ଦ୍ଦେଶନାମା ଅନୁପାଳନ କରିବା ପରିବର୍ତ୍ତେ ଶେୟାର କରିବାକୁ ଥିବା ତାଲିକାକୁ କାଟଛାଣ୍ଟ କରିବା ପାଇଁ ଆଇନରେ ସଂଶୋଧନ ଆଣିବାରେ ବ୍ୟସ୍ତ ବୋଲି କଂଗ୍ରେସ ନେତା କହିଛନ୍ତି।

ନିର୍ବାଚନ ପରିଚାଳନା ନିୟମାବଳୀର ରୁଲ୍ ୯୩ ଅନୁଯାୟୀ, ନିର୍ବାଚନ ସମ୍ପର୍କିତ ସମସ୍ତ କାଗଜପତ୍ର ସର୍ବସାଧାରଣଙ୍କ ଯାଞ୍ଚ ପାଇଁ ଉପଲବ୍ଧ ହୋଇପାରିବ। ତେବେ ସଂଶୋଧନରେ କାଗଜପତ୍ର ପରେ ନିର୍ଦ୍ଦିଷ୍ଟ କେତେକ ନିୟମକୁ ସାମିଲ କରାଯାଇଛି। ଏକ ଅଦାଲତ ମାମଲା ଯୋଗୁ ନିୟମ ସଂଶୋଧନ କରିବାକୁ ପଡ଼ିଲା ବୋଲି ଆଇନ ମନ୍ତ୍ରଣାଳୟ ଏବଂ ନିର୍ବାଚନ ଆୟୋଗ କହିଛନ୍ତି।



# ରୁଷିଆରେ ୟୁକ୍ରେନ୍‌ର ୯/୧୧ ଭଳି ଆକ୍ରମଣ

କିଭ୍,୨୧।୧୨(ପି.ଟି.)

୨୦୦୧ ସେପ୍ଟେମ୍ବର ୧୧ରେ ଓସାମା ବିନ୍ ଲାଡେନ୍‌ଙ୍କ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିଓ)ର ୨ଟି ଟାୱାର ଉପରେ ବିମାନ ଆକ୍ରମଣ କରିଥିଲା। ଏହି ଆକ୍ରମଣ ସାରା ବିଶ୍ୱକୁ ସ୍ତମ୍ଭୀଭୂତ କରିଦେଇଥିଲା। ୟୁକ୍ରେନ୍ ଶନିବାର ରୁଷିଆର କାଜାନ୍‌ସ୍ଥିତ ଏକାଧିକ ନଭଶ୍ଚୁମ୍ବୀ ଅଟ୍ଟାଳିକା ଉପରେ ୯/୧୧ ଶୈଳୀରେ ଅନୁରୂପ ଆକ୍ରମଣ କରିଛି। ମସ୍କୋଠାରୁ ୮୦୦ କି.ମି. ପୂର୍ବରେ ଅବସ୍ଥିତ କାଜାନ୍‌ର ଦୁଇଟି ସୁଉଚ୍ଚ ଅଟ୍ଟାଳିକାକୁ ଟାର୍ଗେଟ କରି ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣ କରିଥିବାର ଭିଡିଓ ଏକ୍ସ'ରେ ଶେୟାର କରାଯାଇଛି। ଆବାସିକ କମ୍ପ୍ଲେକ୍ସ ମନେକରାଯାଉଥିବା ଏହି ବିଲ୍ଡିଂରେ ଆକ୍ରମଣ ଯୋଗୁ ବିଶାଳ ଅଗ୍ନିପିଣ୍ଡୁଳା ସୃଷ୍ଟିହେବା ସହ ବହୁ ଉଚ୍ଚ ପର୍ଯ୍ୟନ୍ତ ଧୂଆଁ ଉଠୁଥିବାର ଦେଖାଯାଇଛି। ତେବେ ବିଲ୍ଡିଂରୁ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।

ଆକ୍ରମଣ ପରେ କଜାନ୍ ସହରରେ ଥିବା ବିମାନବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ବିମାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ରୁଷିଆ ଗଣମାଧ୍ୟମ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଶିଳ୍ପସଂସ୍ଥାଗୁଡ଼ିକୁ ଟାର୍ଗେଟ କରାଯାଉଥିବାବେଳେ ଶନିବାର କାଜାନ୍ ଉପରେ ଡ୍ରୋନ୍ ଆକ୍ରମଣ ହୋଇଛି। ଶତ୍ରୁପକ୍ଷ ଏବେ ସାଧାରଣ ଲୋକଙ୍କୁ ଟାର୍ଗେଟ କରି ଆକ୍ରମଣ କରୁଥିବା ଟାର୍ଟାରସ୍ତାନ୍ ରିପବ୍ଲିକ୍ ନେତା ରୁସ୍ତମ୍ ମିନିଖାନୋଭ କହିଛନ୍ତି। ସକାଳ ୭ଟା ୪୦ରୁ ୯ଟା ୨୦ ମଧ୍ୟରେ କାଜାନ୍‌ରେ ୩ ଥର ଡ୍ରୋନ୍ ଆକ୍ରମଣ ହୋଇଥିବା ରୁଷିଆ ପ୍ରତିରକ୍ଷା





## ବିମାନବନ୍ଦର ଅସ୍ଥାୟୀ ଭାବେ ବନ୍ଦ

ମନ୍ତ୍ରଣାଳୟ କହିଛି। ୬ଟି ଡ୍ରୋନ୍‌କୁ ରୁଷିଆ ସୈନ୍ୟ ଅକାମୀ କରିଦେଇଥିବା ଜଣାପଡ଼ିଛି। ଆକ୍ରମଣ ପରେ ଟାର୍ଟାରସ୍ତାନ୍‌ର ସମସ୍ତ ସରକାରୀ ଉତ୍ସବକୁ ବାତିଲ କରିଦିଆଯାଇଛି। ଇଝେଭସ୍କ ଏବଂ ସାରାଟୋଭ୍‌ରେ ଥିବା ବିମାନବନ୍ଦରରେ ମଧ୍ୟ ଅସ୍ଥାୟୀ କଟକଣା ଜାରି ହୋଇଛି।

ୟୁକ୍ରେନ୍ ଯୁଦ୍ଧ ଏବେ ରୁଷିଆର କେନ୍ଦ୍ରସ୍ଥଳରେ ପହଞ୍ଚିଛି। ଶନିବାର ସକାଳେ ୮ଟି ଡ୍ରୋନ୍ କାଜାନ୍ ସହରକୁ ଟାର୍ଗେଟ କରିଥିବାବେଳେ ସେଥିରୁ ୬ଟି ଆବାସିକ ଅଟ୍ଟାଳିକା, ଗୋଟିଏ ଶିଳ୍ପସଂସ୍ଥାକୁ ଟାର୍ଗେଟ କରିଥିଲା। ଅନ୍ୟଟିକୁ ନଦୀରେ ଖସାଇ ଦିଆଯାଇଥିଲା ବୋଲି ରୁସ୍ତମ୍ କହିଛନ୍ତି। ଟେଲିଗ୍ରାମ ନ୍ୟୁଜ୍ ଚ୍ୟାନେଲ୍ ଆଷ୍ଟ୍ରାରେ ପ୍ରସାରିତ ଏକ ଭିଡିଓରେ କାଜାନ୍‌ର ଉଚ୍ଚ ଅଟ୍ଟାଳିକାର ଉପର ମହଲାରେ ଡ୍ରୋନ୍ ମାଡ଼ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ମସ୍କୋ ଶୁକ୍ରବାର ରାତିରେ ୟୁକ୍ରେନ୍‌କୁ ୧୧୩ଟି ଡ୍ରୋନ୍ ଛାଡ଼ିଥିବା ଏହାର ଅଧିକାରୀମାନେ କହିଛନ୍ତି। ସେଥିରୁ ୫୭ଟିକୁ ୟୁକ୍ରେନ୍ ବାୟୁସେନା ଖସାଇଦେଇଥିବାବେଳେ ଅନ୍ୟ ୫୬ଟି ଲକ୍ଷ୍ୟଭ୍ରଷ୍ଟ ହୋଇଥିବା କିମ୍ବା ଇଲେକ୍ଟ୍ରୋନିକାଲି ଜାମ୍ ହୋଇଯାଇଥିବା କୁହାଯାଉଛି।

# ସ୍ୱାମୀଙ୍କ ଆତ୍ମହତ୍ୟା ଖବର ଶୁଣି ସ୍ତ୍ରୀଙ୍କ ମୃତ୍ୟୁ

ତାଲଚେର,୨୧।୧୨(ମନୋଜ ନନ୍ଦ)

ରୋଗରେ ପୀଡ଼ିତ ବୃଦ୍ଧ ସ୍ୱାମୀ ଆତ୍ମହତ୍ୟା କରିଦେଇଥିବା ଖବର ଶୁଣିବା ପରେ ଅସୁସ୍ଥ ହୋଇପଡ଼ିଥିବା ସ୍ତ୍ରୀଙ୍କ ଜୀବନ ଚାଲିଯାଇଛି। ମାତ୍ର କେଇ ଘଣ୍ଟା ଅନ୍ତରରେ ଶନିବାର ଅନୁଗୋଳ ଜିଲା ତାଲଚେର ବ୍ଲକ ଜମ୍ବୁବଣିଆ ସାହିର ଦମ୍ପତି ଗୋକୁଳି ଭୂତିଆ (୭୨) ଓ ଚତୁରି ଭୁତିଆ (୬୫)ଙ୍କ ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

ସୂଚନା ଅନୁଯାୟୀ, ତାଲଚେର ଜମ୍ବୁବଣିଆ ସାହିର ଗୋକୁଳି ଦୀର୍ଘଦିନ ଧରି ରୋଗରେ ପୀଡ଼ିତ ଥିଲେ। ତଥାପି ନିଜେ ପରିଶ୍ରମ କରି ସେ ଗୁଜୁରାଣ ମେଣ୍ଟାଉଥିଲେ। ସକାଳ ୮ଟା ବେଳେ ସେ ଚା' ଜଳଖିଆ ଖାଇ ଶୋଇବା ଘରକୁ ଯାଇଥିଲେ। ପରେ ଶୋଇବା ଘର ଫ୍ୟାନରେ ରଶି ଲଗାଇ ଦେଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ସମ୍ପର୍କରେ ଖବର ମିଳିବା ମାତ୍ରେ ସ୍ତ୍ରୀ ଚତୁରି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀ ଗୋକୁଳିଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଦମ୍ପତିଙ୍କ ମୃତଦେହ ଶ୍ମଶାନକୁ ନିଆଯାଇ ଗୋଟିଏ ଜୁଇରେ ସଂସ୍କାର କରାଯାଇଥିଲା। ଏପରି ଖବରପାଇ ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ ଘଟଣାସ୍ଥଳରେ ପହଞ୍ଚି ଦମ୍ପତିଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସେହିପରି ନଗରପାଳ ପବିତ୍ର ଭୂତିଆ ମଧ୍ୟ ଶେଷ ଦର୍ଶନ କରିଥିଲେ। ତାଲଚେର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୩୦ ଯାଏ ଖାଲି ଆଖିରେ ଦେଖିହେବ ୫ ଗ୍ରହ



ଭୁବନେଶ୍ୱର, ୨୧।୧୨(ବନ୍ଦନା ସେଠୀ)

ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପୂର୍ବ ଆକାଶରେ ୫ଟି ଗ୍ରହ ଯଥା ଶୁକ୍ର, ଶନି, ବୃହସ୍ପତି, ମଙ୍ଗଳ ଓ ବୁଧ ଖାଲି ଆଖିରେ ଦୃଶ୍ୟମାନ ହେବେ, ଯାହାକି ଏକ ବିରଳ ମହାକାଶୀୟ ଘଟଣା। ଏହି ଗ୍ରହ ସମାବେଶକୁ 'ପ୍ଲାନେଟ୍ ପରେଡ୍' କୁହାଯାଏ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ଉପନିର୍ଦ୍ଦେଶକ ତଥା ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୂର୍ଯ୍ୟାସ୍ତ ପରେ ପଶ୍ଚିମ ଦିଗ୍‌ବଳୟର କିଛି ଉପରେ ଉଜ୍ଜ୍ୱଳ ଶୁକ୍ର ଗ୍ରହ ଦେଖାଯିବ। ଏହାର କିଛି ଉପରକୁ ଈଶତ୍ ହଳଦି ରଙ୍ଗର ଶନି ଗ୍ରହ, ପୂର୍ବ ଦିଗବଳୟର କିଛି ଉପରେ ଉଜ୍ଜ୍ୱଳ ବୃହସ୍ପତି ଗ୍ରହ ଦୃଶ୍ୟମାନ ହେବ। ରାତି ବଢିବା ସଙ୍ଗେସଙ୍ଗେ ଏହି ଗ୍ରହଗୁଡିକ ପୂର୍ବରୁ ପଶ୍ଚିମ ଆଡକୁ ଗତି କରି କ୍ରମାନ୍ୱୟରେ ଅସ୍ତ ହେବେ। ରାତି ପ୍ରାୟ ୯ଟା ବେଳକୁ ପ୍ରଥମେ ଶୁକ୍ର ଗ୍ରହ ଅସ୍ତ ହେବ। ସେହି ସମୟ ବେଳକୁ ଲାଲ୍ ରଙ୍ଗର ମଙ୍ଗଳ ଗ୍ରହ ପୂର୍ବ ଦିଗବଳୟରେ ଉଦୟ ହେବ। ସେହିକ୍ରମରେ ବୁଧ ଗ୍ରହ ପୂର୍ବ ଦିଗବଳୟରେ ଭୋର ସମୟରେ ଉଦୟ ହେବ। ସୂର୍ଯ୍ୟ ଉଦୟର ଠିକ୍ ପୂର୍ବରୁ ଦିଗ୍‌ବଳୟର ପ୍ରାୟ ୩୦ ଡିଗ୍ରୀ ମଧ୍ୟରେ ଏହା ଦେଖାଯିବ। ସାଧାରଣତଃ ବୁଧ ଗ୍ରହ ଖାଲି ଆଖିରେ ଦେଖାଯିବା ଅତ୍ୟନ୍ତ ବିରଳ। ତେବେ ଡିସେମ୍ବର ୩୦ ପରେ ବୁଧ ଗ୍ରହ ଖାଲି ଆଗରେ ଦେଖାଯିବନି, କିନ୍ତୁ ଅନ୍ୟ ୪ଟି ଗ୍ରହ ଜାନୁଆରୀ ଶେଷ ଯାଏ ଖାଲି ଆଖିରେ ଦୃଶ୍ୟମାନ ହେବେ। ସେହିପରି ୟୁରାନସ୍ ଓ ନେପ୍‌ଚୁନ୍ ଗ୍ରହକୁ ମଧ୍ୟ ଛୋଟ ଦୂରବୀକ୍ଷଣରେ ଦେଖି ହେବ ବୋଲି ଡ. ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଦାନବାକ୍ସକୁ ଯାହା ଖସିଲା ଠାକୁରଙ୍କର

ଚେନ୍ନାଇ, ୨୧।୧୨

ତାମିଲନାଡୁର ଚେନ୍ନାଇ ଉପକଣ୍ଠ ଥିରୁପୋରୁରସ୍ଥିତ ଅରୁଲ୍‌ମିଗୁ କନ୍ଦସ୍ୱାମୀ ମନ୍ଦିରରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ବିନାୟଗପୁରମ ନିବାସୀ ଦୀନେଶ ଗତ ମାସରେ ସପରିବାର ଏହି ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିଲେ। ଦର୍ଶନ ସାରି ସେ ମନ୍ଦିରକୁ ଦାନ କରିବା ଉଦ୍ଦେଶ୍ୟର ଦାନବାକ୍ସ ନିକଟକୁ ଯାଇଥିଲେ। ଦାନ ଦେବା ବେଳେ ଅସାବଧାନତାବଶତଃ ତାଙ୍କ ଶାର୍ଟ ପକେଟରେ ଥିବା ଆଇଫୋନ୍‌ଟି ଭୁଲ୍‌ରେ ଦାନବାକ୍ସ ମଧ୍ୟରେ ଖସିପଡ଼ିଥିଲା। ଘଟଣା ସମ୍ପର୍କରେ ଦୀନେଶ ତୁରନ୍ତ ମନ୍ଦିରରେ ଅଧିକାରୀଙ୍କୁ ଜଣାଇଥିଲେ ଏବଂ ତାଙ୍କ ଆଇଫୋନ୍ ଫେରାଇବାକୁ ଅନୁରୋଧ କରିଥିଲେ। ତେବେ ଆଇଫୋନ୍ ଫେରାଇବାକୁ ମନ୍ଦିର ପ୍ରଶାସନ ମନା କରିଦେଇଛି। ଦାନବାକ୍ସରେ ଦିଆଯାଇଥିବା ପ୍ରତ୍ୟେକ ସାମଗ୍ରୀକୁ ଈଶ୍ୱରଙ୍କର ସମ୍ପତ୍ତି ଭାବେ ଧରାଯାଇଥାଏ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ କୁହାଯାଇଛି।

ମନ୍ଦିର ପ୍ରଶାସନ ଦୀନେଶଙ୍କୁ କହିଛି, ଦାନବାକ୍ସ ୨ ମାସକୁ କେବଳ ଥରୁଟିଏ ଖୋଲାଯାଇଥାଏ। ଘଟଣା ସମ୍ପର୍କରେ ଦୀନେଶ ହିନ୍ଦୁ ରିଲିଜିଅନ୍ ଆଣ୍ଡ ଚାରିଟେବଲ ଏଣ୍ଡାଓମେଣ୍ଟସ୍ (ଏଚ୍‌ଆର୍ ଆଣ୍ଡ ସିଇ) ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଡିସେମ୍ବର ୨୧ରେ ଦାନବାକ୍ସ ଖୋଲାଯିବାକୁ ଥିବାରୁ ସେହିଦିନ ମନ୍ଦିରକୁ ଆସିବାକୁ ଦୀନେଶଙ୍କୁ





## ଭକ୍ତଙ୍କୁ ଆଇଫୋନ୍ ଫେରାଇବାକୁ ମନାକଲା କନ୍ଦସ୍ୱାମୀ ମନ୍ଦିର ପ୍ରଶାସନ

'ଏଚ୍‌ଆର୍ ଆଣ୍ଡ ସିଇ'ର ଅଧିକାରୀମାନେ ପରାମର୍ଶ ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ, ଶନିବାର ମନ୍ଦିରର ଦାନବାକ୍ସ ଖୋଲାଯାଇଥିଲା, କିନ୍ତୁ ଦୀନେଶଙ୍କୁ ତାଙ୍କ ଆଇଫୋନ୍ ମିଳି ନ ଥିଲା। ଫୋନ୍ ବଦଳରେ କେବଳ ଜରୁରୀ ଡେଟା ଡାଉନ୍‌ଲୋଡ୍ କରାଯାଇ ସିମ୍‌କାର୍ଡ ଯୋଗେ ଦିଆଯାଇପାରିବ ବୋଲି ଦୀନେଶଙ୍କୁ ଏଚ୍‌ଆର୍ ଆଣ୍ଡ ସିଇ ଅଧିକାରୀଙ୍କ ପକ୍ଷରୁ ବିକଳ୍ପ ଦିଆଯାଇଥିଲା। ଇତିମଧ୍ୟରେ ଏକ ନୂଆ ସିମ୍ କିଣି ସାରିଥିବା ଦୀନେଶ ଅଧିକାରୀଙ୍କ ଏହି ବିକଳ୍ପକୁ ଅଗ୍ରାହ୍ୟ କରିଦେଇଛନ୍ତି। ଘଟଣାକୁ ନେଇ ତାମିଲନାଡୁ ଏଚ୍‌ଆର୍ ଆଣ୍ଡ ସିଇ ମନ୍ତ୍ରୀ ପି.କେ. ଶେକର ବାବୁ କହିଛନ୍ତି, ଇଚ୍ଛାଧୀନ ହେଉ ଅଥବା ଅନିଚ୍ଛାକୃତ ଭାବେ ଦାନବାକ୍ସ ମଧ୍ୟରେ ପଡ଼ିଥିବା ବସ୍ତୁଗୁଡ଼ିକୁ ଭକ୍ତଙ୍କୁ ଫେରାଇବା ନେଇ କୌଣସି ନିୟମ ନାହିଁ। ମନ୍ଦିର ପ୍ରଶାସନ ନିୟମ ବିରୋଧରେ ଯାଇପାରିବ ନାହିଁ। ତେବେ ଏହି ମାମଲାରେ ଦୀନେଶଙ୍କୁ କ୍ଷତିପୂରଣ ଦିଆଯାଇ ପାରିବ। ବିଭାଗର ପରବର୍ତ୍ତୀ ବୈଠକରେ ଏନେଇ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ମନ୍ଦିର ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି, ଆଇଫୋନ୍‌ଟିକୁ ଦାନ ହିସାବରେ ଦାନବାକ୍ସ ମଧ୍ୟରେ ପକାଯାଇଛି କି ଏହା ଭୁଲ୍‌ରେ ପଡ଼ିଯାଇଛି, ତାହା ମନ୍ଦିର ପ୍ରଶାସନ ସ୍ଥିର କରିପାରିବ ନାହିଁ। ତେଣୁ ଦାନବାକ୍ସ ମଧ୍ୟରୁ ମିଳିଥିବା ଆଇଫୋନ୍ ଉପରେ କେବଳ ଠାକୁରଙ୍କର ଅଧିକାର ରହିଛି ବୋଲି ସେ କହିଛନ୍ତି। ଉକ୍ତ ଘଟଣା ଏବେ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି।

୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୨୨/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 22/2024 Page 20 ₹ 7.00
୫୧ଶ ଭାଗ ୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 29 | ମୂଲ୍ୟ ₹୭/-

## ଜାନୁଆରୀରେ ୨୦ ଲକ୍ଷ ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୨୧।୧୨ (ଅନିଲ ଦାସ)**

ସୁଭଦ୍ରା ଯୋଜନାରେ ଏ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଯୋଗ୍ୟ ମହିଳାଙ୍କ ଆକାଉଣ୍ଟରେ ଟଙ୍କା ପହଞ୍ଚି ସାରିଛି। ଚତୁର୍ଥ ପର୍ଯ୍ୟାୟ ଟଙ୍କା ଡିସେମ୍ବର ୨୪ରେ ପ୍ରଦାନ କରାଯିବ ବୋଲି ସରକାର କହିଥିଲେ। ପରେ ଏହାକୁ ସ୍ଥଗିତ ରଖାଯାଇଛି। ୨୦୨୫ ଜାନୁଆରୀରେ ସରକାର ଟଙ୍କା ପଠାଇବେ। ଏହି ପର୍ଯ୍ୟାୟରେ ପ୍ରାୟ ୨୦ ଲକ୍ଷ ହିତାଧିକାରୀଙ୍କୁ ଟଙ୍କା ମିଳିବ। ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାରୁ ଏହି ପର୍ଯ୍ୟାୟ ଟଙ୍କା ବିଳମ୍ବରେ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗତ ସେପ୍ଟେମ୍ବର ୧୭ ତାରିଖରେ ଶୁଭାରମ୍ଭ ହୋଇଥିବା ଯୋଜନାରୁ ଯେଉଁମାନେ ଏପର୍ଯ୍ୟନ୍ତ ଉପକୃତ ହୋଇପାରି ନାହାନ୍ତି, ସେମାନେ ବ୍ୟସ୍ତ ଦେଖାଯାଉଛନ୍ତି। ଅନେକ ମହିଳାଙ୍କର ଅଭିଯୋଗ ଯେ, ସେମାନଙ୍କ ନାମରେ କୌଣସି ଜମି ରେକର୍ଡ ନ ଥିବାବେଳେ ସରକାର ସେମାନଙ୍କୁ ସାମିଲ କରୁନାହାନ୍ତି। ଆହୁରି ଅନେକ ମହିଳା କହୁଛନ୍ତି, ସେମାନେ କୌଣସି ଜଳକର ଦେଉ ନାହାନ୍ତି। କିନ୍ତୁ ତାଙ୍କର ଆବେଦନକୁ ସ୍ୱୀକାର କରାଯାଇ ନାହିଁ। ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ରହିଥିବା ଯୋଗ୍ୟ ହିତାଧିକାରୀ ସୁଭଦ୍ରା ପୋର୍ଟାଲକୁ ଯାଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଏହାବ୍ୟତୀତ ଏହି ☞ପୃଷ୍ଠା-୨

# ବର୍ଷା ଧୋଇନେଲା ବର୍ଷକର ଦାନା

- **ପାଣିରେ ଲୋଟୁଛି ପାଚିଲା ଧାନ**
- **୨୩ରୁ ପୁଣି ଲଘୁଚାପ ବର୍ଷା**

**ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ସାରା ଓଡ଼ିଶାରେ ୨ ଦିନ ହେଲା ବର୍ଷା ଲାଗିରହିଛି। ଏହି ଅପ୍ରତ୍ୟାଶିତ ବର୍ଷା ଚାଷୀଙ୍କୁ ଚିନ୍ତାରେ ବୁଡ଼ାଇଛି। କାରଣ ଅନେକେ କାଟିଥିବା ପାଚିଲା ଧାନ ଖେତ ଓ ଖଳାରେ ପଡ଼ିରହି ପାଣିରେ ବୁଡ଼ିଯାଇଛି। ସେହିପରି ବହୁ ଚାଷୀଙ୍କ ଧାନ ମଣ୍ଡି ସାମ୍ନାରେ ଭିଜୁଛି। ଦକ୍ଷିଣ ଓଡ଼ିଶା ଉପକୂଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ ଆସନ୍ତା ୨୩ରୁ ବିଭିନ୍ନ ଜିଲାରେ ପୁଣି ବର୍ଷା ହୋଇପାରେ। ଏଥିଯୋଗୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।**


ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଉଇଲ୍‌କିଶନ ନଗର ଅଞ୍ଚଳର ଜଣେ ଚାଷୀ ବର୍ଷାରେ ନଷ୍ଟ ହୋଇଯାଇଥିବା ଧାନ ଫସଲ ଦେଖାଉଛନ୍ତି।

**ଭୁବନେଶ୍ୱର,୨୧।୧୨ (ଅନିଲ ଦାସ)**

ଗତ ଦୁଇଦିନ ଧରି ଲାଗି ରହିଥିବା ଲଘୁଚାପ ବର୍ଷା ଧାନ ଫସଲକୁ ଏକ ପ୍ରକାର ଧୋଇନେଇଛି। ପାଣିରେ ଲୋଟୁଛି ପାଚିଲା ଧାନ। ଯଦିଓ ଶନିବାର ଅପରାହ୍ନରୁ ବର୍ଷା ହ୍ରାସ ପାଇଛି ତେବେ ବିଲରେ ପାଣି ଛିଡ଼ା ହୋଇଛି। ପାଣି ଖଲାସ କରିବାକୁ ନେଇ ଚାଷୀ ନାକେଦମ ହେଲେଣି। କ୍ଷେତରୁ ପାଣି ଶୀଘ୍ର ନ ଛାଡ଼ିଲେ ଧାନ ଗଜା ହୋଇଯିବା ଆଶଙ୍କା ଦେଖାଦେଇଛି। ଏଭଳିସ୍ଥଳେ ଦକ୍ଷିଣ ଓଡ଼ିଶା ଉପକୂଳରେ ପୁଣି ଏକ ଗୁରୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ☞ପୃଷ୍ଠା-୨

## ଓଡ଼ିଶାରେ ୫୫୯ ବର୍ଗ କି.ମି. ଜଙ୍ଗଲ ବଢ଼ିଛି

**ଦେଶରେ ତୃତୀୟ**

**ନୂଆଦିଲ୍ଲୀ,୨୧।୧୨(ପି.ଟି.)**

୨୦୨୧ରୁ ୨୦୨୩ ମଧ୍ୟରେ ସାରା ଭାରତର ୧,୪୪୫ ବର୍ଗ କି.ମି. ଅଞ୍ଚଳରେ ଜଙ୍ଗଲ ବଢ଼ିଛି, ଯାହାକି ଦେଶର ମୋଟ ଭୌଗୋଳିକ କ୍ଷେତ୍ରର ୨୫.୧୭%। ଏଥିରୁ ୫୫୯ ବର୍ଗ କି.ମି. ବିସ୍ତୃତ ଅଞ୍ଚଳରେ ଓଡ଼ିଶାର ଜଙ୍ଗଲ ବୃଦ୍ଧି ପାଇଛି। ଛତିଶଗଡ଼ ଓ ଉତ୍ତରପ୍ରଦେଶ ପରେ ଜଙ୍ଗଲ ବୃଦ୍ଧିରେ ଓଡ଼ିଶା ହେଉଛି ତୃତୀୟ ରାଜ୍ୟ। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (ଆଇଏସ୍ଏଫ୍ଆର୍)୨୦୨୩ରେ ଏହି ତଥ୍ୟ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ଭାରତର ୩୩% ଅଞ୍ଚଳ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ହୋଇ ରହିବା ନେଇ ଜାତୀୟ ଜଙ୍ଗଲ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଆଗକୁ କ'ଣ ଘଟିବ

**ଆଜିର ମନ୍ତବ୍ୟ**

"ସଂସଦର ସଦ୍ୟ ସମାପ୍ତ ଶୀତ ଅଧିବେଶନ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଦେଇଛି। କେନ୍ଦ୍ର ଗୋଟିଏପଟେ ସମ୍ବିଧାନର ୭୫ ବର୍ଷପୂର୍ତ୍ତି ପାଳନ କରୁଛି ଓ ଅନ୍ୟପଟେ ଏହାର ପ୍ରଣେତା ବି.ଆର୍. ଆମ୍ବେଡକରଙ୍କୁ ଅପମାନିତ କରୁଛି।
-ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ




## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-99: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ **ତା୨୩।୧୨।୨୦୨୪ରିଖ** ଦିନ ମୁଖ୍ୟମନ୍ତ୍ରୀଙ୍କର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ସ୍ୱା./- ଅତିରିକ୍ତ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0039/2425

DSPL - 263



# ରାଜ୍ୟବ୍ୟାପୀ ପାଣି ପଞ୍ଚାୟତ ପକ୍ଷ ପାଳନ
୨୨ ଡ଼ିସେମ୍ବର ୨୦୨୪ - ୫ ଜାନୁଆରୀ ୨୦୨୫



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ସଶକ୍ତ ପାଣି ପଞ୍ଚାୟତ**
- ସଂଶୋଧିତ ଅଧିନିୟମ ୨୦୨୩ କାର୍ଯ୍ୟକାରୀ।
- ମହିଳାମାନଙ୍କୁ ପାଣି ପଞ୍ଚାୟତରେ ସମ୍ପୃକ୍ତି ଓ ସମାନତାର ଅଧିକାର।
- ବୃହତ ଉଠା ଜଳସେଚନ ପ୍ରକଳ୍ପରେ ପାଣି ପଞ୍ଚାୟତ ଗଠନ।
- ୩୯୩୮୪ ପାଣି ପଞ୍ଚାୟତ କ୍ରିୟାଶୀଳ।

**ଦକ୍ଷତା ବୃଦ୍ଧି**
- ପାଣି ପଞ୍ଚାୟତମାନଙ୍କ ଦକ୍ଷତା ବିକାଶ ତଥା ସମ୍ପୃକ୍ତ ଅଧିକାରୀଙ୍କ ନେତୃତ୍ୱ ଜାଗରଣ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଁ XIM ବିଶ୍ୱ ବିଦ୍ୟାଳୟ ଅନୁବନ୍ଧିତ।
- WALMI ଦ୍ୱାରା ପାଣି ପଞ୍ଚାୟତ ସଦସ୍ୟମାନଙ୍କୁ ତାଲିମ।

**ନିରନ୍ତର ଜଳସେଚନ ଓ ଜଳବାୟୁ ସହନଶୀଳ କୃଷି**
- ଆସନ୍ତା ୫ ବର୍ଷ ପାଇଁ ୮୦ ହଜାର ହେକ୍ଟର ସେଚାଞ୍ଚଳରେ ୨୪୦୦ କି.ମି. କଂକ୍ରିଟ କରନାଳୀ ଏବଂ ୬୦ ହଜାର ହେକ୍ଟର ସେଚାଞ୍ଚଳରେ ପୁରାତନ, ଜରାଜୀର୍ଣ୍ଣ କରନାଳୀକୁ କଂକ୍ରିଟରେ ପୁନର୍ନିର୍ମାଣ ପାଇଁ ୧୩୩୮ କୋଟି ଟଙ୍କାର ପ୍ରାବଧାନ।
- ସେଚାଞ୍ଚଳରେ IoT ସକ୍ଷମ ଡିଜିଟାଲ ଜଳ ପରିମାପ ଓ ମୃତ୍ତିକା ଆର୍ଦ୍ରତା ନିରୂପଣ ପ୍ରଣାଳୀ ବିକଶିତ କରିବାକୁ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ICAR-IIWM) ଅନୁବନ୍ଧିତ।
- ଜଳବାୟୁ ସହନଶୀଳ ସମନ୍ୱିତ କୃଷି ପଦ୍ଧତିରେ ୩୮୩ ପ୍ରକଳ୍ପ କାର୍ଯ୍ୟରତ।

**ସମ୍ମାନ ଓ ସ୍ୱୀକୃତି**
- ଜଳ ସଂରକ୍ଷଣ ଓ ପରିଚାଳନା ପାଇଁ ଜଳଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆମ ରାଜ୍ୟ 'ଜାତୀୟ ଜଳ ପୁରସ୍କାର' ପାଇଁ ପ୍ରଥମ ମନୋନୀତ।
- ପାଣି ପଞ୍ଚାୟତରେ 'ସମ୍ପୃକ୍ତି ଓ ସମାନତା' ପାଇଁ ଜାତୀୟ ସ୍ତରରେ ସମ୍ମାନ।

**କୃଷି ଓ କୃଷକ ହିତରେ ସଦା ସମର୍ପିତ - ପାଣି ପଞ୍ଚାୟତ**

OIPR-32001/13/0001/2425

dowr.odisha.gov.in | x.com/OdishaWater | **ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର** | facebook.com/odishawater | instagram.com/odisha_water

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆନନ୍ଦ ଧ୍ୟାନ ସାଧନା, ସ୍ଥାନ: ପ୍ଲଟ ନଂ. ୧୫୬/୯୩୨, ଅନନ୍ତ ବିହାର, ପୋଖରୀପୁଟ, ସମୟ: ସକାଳ ୯ଟା।
- ଏକ୍ସେଲ କ୍ରିକେଟ ଏକାଡେମୀ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସେଣ୍ଟ. ଜୋସେଫ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଏକାମ୍ର ଶିଶୁ ସାହିତ୍ୟ ସଂସଦର ଉନବିଂଶ ବାର୍ଷିକୋତ୍ସବ, ସ୍ଥାନ: ନନ୍ଦନକାନନ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟାଥମେଟିକ୍ ଫେଷ୍ଟ, ସ୍ଥାନ: ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ୫୩ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୟୁନିଭର୍ସିଟି ହାଇସ୍କୁଲର ହୀରକ ଜୟନ୍ତୀ, ସ୍ଥାନ: ଉତ୍କଳ ୟୁନିଭର୍ସିଟି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସଂସଦରେ ବାବା ସାହେବ ଆମ୍ବେଡକରଙ୍କୁ କରାଯାଇଥିବା ଅପମାନ ପ୍ରତିବାଦରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ, ସ୍ଥାନ: କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନିଖିଳ ଓଡ଼ିଶା ଗ୍ରାମପଞ୍ଚାୟତ ଶ୍ରମିକ ସଂଘର ରାଜ୍ୟସ୍ତରୀୟ କନ୍‌ଭେନଶନ, ସ୍ଥାନ: ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟ, କ୍ୱାର୍ଟର ନଂ.-୩ ଆର୍- ୧୫୬, ୟୁନିଟ୍-୯, ସମୟ: ମଧ୍ୟାହ୍ନ ୧୨ଟା।
- ନାଦାନ ପରିନ୍ଦେ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିଜେବି କଲେଜ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଯୁବ ସଦନ ଉଦ୍‌ଘାଟନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା।
- ନିଷ୍ଟ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ 'ପ୍ରେରଣା', ସ୍ଥାନ: ସ୍କୁଲ ପରିସର, ଜରିପାଟଣା, ସମୟ: ଅପରାହ୍ନ ୫ଟା।
- କଳିଙ୍ଗ କଳାକ୍ଷେତ୍ର ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ 'ସ୍ୱର ସୁଧା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ସମର୍ପଣ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ମିଥିଳା ସାଂସ୍କୃତିକ ପରିଷଦ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଓଡ଼ିଶା ହାଇକୋର୍ଟ ପକ୍ଷରୁ ଜୁଡିସିଆଲ କ୍ୟାଲେଣ୍ଡର ଅଫ୍ ଓଡ଼ିଶା ଉନ୍ମୋଚନ, ସ୍ଥାନ: ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏଶନ ଫର୍ ଜଷ୍ଟିସ ପକ୍ଷରୁ ଦ୍ୱିତୀୟ ଜାତୀୟ ସମ୍ମିଳନୀ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ଶ୍ରମିକ ନେତା ଲକ୍ଷ୍ମୀଧର ମହାନ୍ତିଙ୍କ ସ୍ମରଣ ସଭା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁନଃନାମିତ ମଧୁସୂଦନ ଦାସ ଜଜେସ୍ ଲାଇବ୍ରେରୀ ଉଦ୍‌ଘାଟନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ମାଧ୍ୟମିକ ଶିକ୍ଷା ପରିଷଦର ୬୯ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ପରିଷଦ ପରିସର, ବକ୍ସିବଜାର ରୋଡ୍, ସମୟ: ଅପରାହ୍ନ ୪ଟା ୩୦।
- ସତ୍ୟ ଦାସଙ୍କ ମିଛଗପ ପୁସ୍ତକର ଉନ୍ମୋଚନ, ସ୍ଥାନୀୟ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୫ଟା।

## ପୁରୀ

- ସାରସ୍ୱତ ବିଦ୍ୟାନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନେବଳ ଦାସ ମଠ ବିଦ୍ୟାଳୟ ପରିସର, ପୁରୀ, ସମୟ: ସକାଳ ୭ଟା ୩୦।
- ଜାତୀୟ ଗଣିତ ଦିବସ ପାଳନ, ସ୍ଥାନ: ଘୋଡ଼ା ବଜାର ସରସ୍ୱତୀ ଶିଶୁ ମନ୍ଦିର, ପୁରୀ, ସମୟ: ସକାଳ ୯ଟା ୩୦।
- ଶ୍ରୀକ୍ଷେତ୍ର ସାହିତ୍ୟ ସାଂସଦର ରାଜ୍ୟସ୍ତରୀୟ କବି ଓ ଲେଖକ ସମ୍ମେଳନ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସକାଳ ୯ଟା ୩୦।
- ଡେଣ୍ଣୁଆଁ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ ଗ୍ଲୋରୀ ଆୱାର୍ଡ଼ ୨୦୨୪, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଗଣିତ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ମଧୁବନ ସରସ୍ୱତୀ ଶିଶୁ ମନ୍ଦିର, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦୁର୍ଗା ଚରଣ ସ୍ମୃତି ସାଂସଦର ବାର୍ଷିକୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ଅପରାହ୍ନ ୫ଟା ୩୦।
- ଫୋକ ଫେୟାର ଓ କୃଷି ମେଳା, ସ୍ଥାନ: ଗୋଲ୍ଡେନ ବିଚ୍, ପୁରୀ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୩ତମ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା।
- ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, କଲେଜ ରୋଡ୍, ଜଟଣୀ, ସମୟ: ଅପରାହ୍ନ ୪ଟା ୩୦।

## ବାଲେଶ୍ୱର

- ପାଣି ପଞ୍ଚାୟତ ରଥର ଶୁଭାରମ୍ଭ, ସ୍ଥାନ: ମାଇନର ଇରିଗେଶନ୍ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- କୁପାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ଧରମପୁର ସ୍କୁଲ ପଡ଼ିଆ, ଫୁଲାଡ଼ି, ବାଲେଶ୍ୱର, ସମୟ ; ପୂର୍ବାହ୍ନ ୧୦ଟା।
- ସାମ୍ବାଦିକତା ଏକତା କାର୍ଯ୍ୟକ୍ରମ ଓ ବନ୍ଧୁମିଳନ ପର୍ବ, ସ୍ଥାନ: ପ୍ରିନ୍ସ କଲ୍ୟାଣ ମଣ୍ଡପ, କଟିପୋଲ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ଆନ୍ତଃଜିଲା ସ୍ତରୀୟ ଏନ୍‌ଏସ୍‌ଏସ୍ ଯୁବ ପ୍ରଶିକ୍ଷଣ ଶିବିର, ସ୍ଥାନ: ମନ୍ଦାରୀ କଲେଜ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ଶିବମୁନୀ ଯୋଗାଶ୍ରମ, ରାଣୀତାଲ, ସମୟ: ପୂର୍ବାହ୍ନ ୧୦ଟା।
- କବିତା ସଙ୍କଳନ 'ଉଦ୍‌ଘୋଷ'ର ଲୋକାର୍ପଣ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର, ଚରମ୍ପା, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ବାଇପାସ୍ ଛକ ଜଗନ୍ନାଥ ମନ୍ଦିର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଧୂଷୁରୀ ପ୍ରେସ୍ ୟୁନିୟନର ବନ୍ଧୁମିଳନ ଓ ଆଲୋଚନାଚକ୍ର, ସ୍ଥାନ: ଗାନ୍ଧିଘାଟ ଶାସନ, ଧୂଷୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ଅସୁରାଳି, ସମୟ: ଅପରାହ୍ନ ୨ଟା ୩୦।
- ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଘାଟନ, ସ୍ଥାନ: ଗେଲପୁରସ୍ଥିତ ଏସ୍‌ବିଡି ସ୍କୁଲ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ସତ୍‌ସଙ୍ଗ ଓ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କୋଣାର୍କ ବରଫ କାରଖାନା ପାଖ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ସତ୍ୟସାଇ ସମିତି ତରଫରୁ ବାଲ ଶିକ୍ଷା କାର୍ଯ୍ୟକ୍ରମ, ଭଗବତ ଚର୍ଚ୍ଚା, ନାମ ଜପ ଏବଂ ଭଜନ, ସ୍ଥାନ: ମରେିଗାଁ, ଡ଼ୁଅଁର, ହାଟଡ଼ିହୀ, ସମୟ : ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷପାଳନ, ସ୍ଥାନ: ବୈତରଣୀ ଜଳ ସେଚନ ବିଭାଜନ, ଶାଳପଡ଼ା, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ପାଣି ପଞ୍ଚାୟତ ପକ୍ଷ ପାଳନ ଉତ୍ସବ -୨୦୨୫, ସ୍ଥାନ: ଶାଳପଡ଼ା, ଛେନାପଦି, ସମୟ: ପୂର୍ବାହ୍ନ ୧୦ ଟା।
- ପାଣି ପଞ୍ଚାୟତ ପକ୍ଷପାଳନ, ସ୍ଥାନ: ଉଠାଜଳସେଚନ ବିଭାଗ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା।
- ସ୍ୱରସତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ପାଟଣା ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୧ ଟା।
- ଏକ୍ସଟି ଜାଭିୟର ସ୍କୁଲର ୧୦ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ, ସ୍ଥାନ: ଚଣ୍ଡିଆ ବିରଞ୍ଚିପୁର, ଛେନାପଦି, ସମୟ: ମଧ୍ୟାହ୍ନ୧ ଟା ୩୦ ।
- ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଚଣ୍ଡୀ ବିରଞ୍ଚିପୁରର ୧୦ ତମ ବାର୍ଷିକ ଉତ୍ସବ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୧ ଟା ୪୦।
- ଚତୁର୍ଥ ପ୍ରହର ନାମଯଜ୍ଞ, ସ୍ଥାନ: ମଠ (ଖାଣ୍ଟପଦା), ଛେନାପଦି, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ପାଣି ପଞ୍ଚାୟତ ପକ୍ଷ ବିଭାଜନସ୍ତରୀୟ ସମାରୋହ, ସ୍ଥାନ: ବାଲିଡିହା ଡାକବଙ୍ଗଳା, ଶାମାଖୁଣ୍ଟା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ତ୍ରୀ ଓ ପ୍ରସୂତି ରୋଗ ଚିକିତ୍ସା ଓ ପରାମର୍ଶ ଶିବିର, ସ୍ଥାନ: ମାନଗୋବିନ୍ଦପୁର ମାଣତ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ସୁବର୍ଣ୍ଣରେଖା ଡିଭିଜନ ଅଫିସ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ବାରିପଦା ଛଉପଡ଼ିଆ, ସମୟ: ଅପରାହ୍ନ ୩ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ସାହି, ସମୟ: ଅପରାହ୍ନ ୩ଟା।
- ଜିଲାସ୍ତରୀୟ ପୁସ୍ତକ ମେଳା, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ଷୋରିଷମୁଳି ବଙ୍ଗଳା, ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ବୁଗୁଡ଼ା ବ୍ଲକ କରଚୁଲି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୪ ଟା ।
- ଶିଶୁ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଭଞ୍ଜନଗର ବ୍ଲକ ମୁଜାଗଡ, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ

- ପାଣି ପଞ୍ଚାୟତ ରଥ ଶୁଭାରମ୍ଭ, ସ୍ଥାନ: ଫୁଲାଣୀସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଶାଳପର୍ଣ୍ଣି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଫୁଲବାଣୀ ଆଇଟିଡିଏ ସଭାଗୃହ, ସମୟ: ପୂର୍ବାହ୍ନ୧୦ଟା।
- ଔଷଧୀୟ ମଶାରୀ ବଣ୍ଟନ ଶୁଭାରମ୍ଭ, ସ୍ଥାନ: ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପାଣି ପଞ୍ଚାୟତ ସମାବେଶ, ସ୍ଥାନ: ଫିରିଙ୍ଗିଆ ବ୍ଲକ ରତଙ୍ଗ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଇସ୍କନ ପକ୍ଷରୁ ଦୀକ୍ଷା ଉତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସକାଳ ୬ଟା୩୦।
- ପାଣି ପଞ୍ଚାୟତ ପକ୍ଷ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୯ଟା୩୦।
- ଢେଙ୍କାନାଳ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା,ସମୟ: ସକାଳ ୯ଟା।
- ବଳଦେବ ସେନା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଯାତ୍ରୀ ନିବାସ, ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ୍ ମ୍ୟାଚରେ ବାଲାବାବା କ୍ରିକେଟ୍ କ୍ଲବ୍ ବନାମ ଇଲେଭେନ ଷ୍ଟାର କ୍ରିକେଟ୍ କ୍ଲବ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର

- ସୁବାସ ଟିଭିଏସ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଯାଜପୁର ରୋଡ, ସନ୍ତରା ସୁବାସ ଟିଭିଏସ ଶୋ ରୁମ, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ଫୁଡ ଫିଏଷ୍ଟାର ତୃତୀୟ ଦିନ, ସ୍ଥାନ: ଯାଜପୁର ରୋଡ, ତରାପୁର କଳିଙ୍ଗ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- କର୍କଟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ କ୍ରିଷ୍ଟା ଇଣ୍ଟରନ୍ୟାସନାଲ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜାରକା ଜଳସେଚନ ବିଭାଜନ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଜଳସେଚନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚମ ବାର୍ଷିକୀ କଳିଙ୍ଗ କପ୍ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁର ଉପ୍ରା ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧ଟା।
- ରାଜଲକ୍ଷ୍ମୀ ଦଳାଇ ଓ ସାଥୀଙ୍କ ଦ୍ୱାରା ବାଦିପାଲା ପରିବେଷଣ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ କେନ୍ଦ୍ର, ମୁନିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଡିଭିଜନାଲସ୍ତରୀୟ ପାଣି ପଞ୍ଚାୟତ ପକ୍ଷ, ସ୍ଥାନ: ସିଲଟିଗୁଡ଼ା ଗ୍ରାମ ଏମ୍‌ଆଇପି, ସମୟ: ପୂର୍ବାହ୍ନ ୧୧ ଟା।
- ଉପଖଣ୍ଡସ୍ତରୀୟ ଚଇତି ଇଡ଼ିତାଲ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ନବରଙ୍ଗପୁର ହିଲିସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମ, ସ୍ଥାନ: ଡଙ୍ଗରି ଗ୍ରାମ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା ।
- ସୌରଶକ୍ତି ପ୍ରକଳ୍ପର ଶୁଭାରମ୍ଭ , ସ୍ଥାନ : ସମଲେଇ ମନ୍ଦିର ପରିସର, ସମୟ ସକାଳ ୮ଟା ।
- ଜିଲା ଯାଦବ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତ ଭଣ୍ଡାର, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲପୁର ଡପ୍ଲର ପାଣିପାଗ ରାଡାର ସ୍ଥାପନା କାର୍ଯ୍ୟର ଶୁଭାରମ୍ଭ, ସ୍ଥାନ : ଯୋଗୀପାଲି, ସମୟ : ପୂର୍ବାହ୍ନ ୯ଟା ୩୦ ।
- ଲୋକ ମହୋତ୍ସବ ୨୦୨୫ ସକାଶେ ଉଦ୍‌ଘୋଷକ ଅଡିସନ କାର୍ଯ୍ୟକ୍ରମ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଆସ ପରିଚାଳନା ନେଇ ସମୀକ୍ଷା ବୈଠକ, ସ୍ଥାନ : ସର୍କିଟ ହାଉସ, ସମୟ : ପୂର୍ବାହ୍ନ ୧୦ଟା୨୦ ।

## ବଲାଙ୍ଗୀର

- ଆର୍. କେ ହସ୍ପିଟାଲ ରାୟପୁର ଓ ବଲାଙ୍ଗୀର ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ମାଗଣା ସାସ୍ଥ୍ୟ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଲୋଇସିଂହା, ସମୟ: ସକାଳ ୯ ଟା ।
- ପତିତ ପାବନ ଏକାଡେମୀ ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ସମାରୋହ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।
- ବିଜେଡି ଟିମ୍‌ର ଧାନ ମଣ୍ଡି ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ, ସମୟ: ମଧ୍ୟାହ୍ନ ୧୨ଟାରୁ ।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ଗଣିତ ଦିବସ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକ ଡୁଲୁଣ୍ଡା ପଞ୍ଚାୟତରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଡୁଲୁଣ୍ଡା ଏମ୍‌ଇ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ତରଭା ବ୍ଲକର ଖୁଣ୍ଟବନ୍ଧ ଗ୍ରାମରେ ଆଦିବାସୀ ମହାସଂଘ ପକ୍ଷରୁ ଆଦିବାସୀ ମହୋତ୍ସବ, ସ୍ଥାନ: ଖୁଣ୍ଟବନ୍ଧ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ:ସନ୍ଧ୍ୟା ୬ଟା।

## ବରଗଡ଼

- ସୁଶାସନ ସପ୍ତାହ ପାଳନ, ସ୍ଥାନ: ଗାଇସିଲେଟ୍ ବ୍ଲକ କାର୍ଯ୍ୟାଳୟ ପରିସର, ବିଜେପୁର ବ୍ଲକ କାର୍ଯ୍ୟାଳୟ ପରିସର,, ସମୟ: ସକାଳ ୯ଟା।
- କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ବିରେନ୍ଦ୍ର କୁମାର ସାହୁ ଡିଗ୍ରୀ କଲେଜ, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧୀଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରପାଲି ସାମ୍ବାଦିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ: ଅପରାହ୍ନ ୫ଟା।
- ପଦ୍ମପୁର ଲୋକ ମହୋତ୍ସବ, ସ୍ଥାନ: ଅଶୋକ ପଡ଼ିଆ, ପଦ୍ମପୁର, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ବ୍ରାହ୍ମଣ କପ୍ କ୍ରିକେଟ, ସ୍ଥାନ: ଧାନମିଲ ଖେଳପଡ଼ିଆ, ବୁରୋମାଲ, ସମୟ: ସକାଳ ୯ଟା।
- କନକ ଦୁର୍ଗା ରେଲୱେ ଓଡ଼ିଆ ସାଂସ୍କୃତିକ ସଂଘ ପକ୍ଷରୁ ବନ୍ଧୁ ମିଳନ, ସ୍ଥାନ: କୁଣ୍ଡୁକେଲା, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବଭାରତୀୟ କରାଟେ ପ୍ରତିଯୋଗିତାର ୨ୟ ଦିବସ, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ମଙ୍ଗଳବଜାର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡ଼ୋତ୍ସବ, ସ୍ଥାନ: ସେକ୍ଟର- ୧୯, ସମୟ: ସକାଳ ୯ଟା।
- ବାଣିଜ୍ୟ ଉଦ୍ୟୋଗ ସମ୍ମେଳନ ଉଦ୍‌ଯାପନୀ ସମାରୋହ, ସ୍ଥାନ: ବିମାନ ବନ୍ଦର ନିକଟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ ଓ ସ୍ୱାରସତ ସମାରୋହ, ସ୍ଥାନ: ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ସେକ୍ଟର-୧ ସ୍କାଉଟ୍ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରମିକ ନେତାଙ୍କ ସ୍ମୃତିଚାରଣ ଦିବସ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଚିନ୍ମୟ ବିଦ୍ୟାଳୟର ୩୯ତମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୭ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ଚିନ୍ମୟ ବିଦ୍ୟାଳୟର ୩୩ତମ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ କଲୋନୀ ସମୟ: ଅପରାହ୍ନ ୨ଟା ୩୦।
- ଓଲ୍ଡ ଇଜ୍ ଗୋଲ୍ଡ ମ୍ୟୁଜିକ୍ ନାଇଟ୍, ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା।
- ମହମ୍ମଦ ରଫି ନାଇଟ୍, ସ୍ଥାନ: ସେକ୍ଟର-୧୯ ଆପୋଲୋ ହସ୍ପିଟାଲ, ସମୟ: ସନ୍ଧ୍ୟା ୬ଟା।
- ଅଲ୍ ଇଣ୍ଡିଆ ଓପନ୍ ନ୍ୟାଶନାଲ କରାଟେ ଚାମ୍ପିୟନଶିପ୍, ସ୍ଥାନ: ରାଉରକେଲା, ସମୟ: ସନ୍ଧ୍ୟା ୬ଟା।
- ସ୍ପନ୍ଦନର ଡ୍ରାମା ଓ ନୃତ୍ୟ ମହୋତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼, ସହର, ସମୟ: ପ୍ରାତଃ ୪ଟା।
- ପାଣି ପଞ୍ଚାୟତ ପକ୍ଷ ପାଳନ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଦେବଗଡ଼, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର କ୍ଷେତ୍ରରେ ମଙ୍ଗଳଙ୍କ ସ୍ଥିତି ପାରିବାରିକ ଜୀବନକୁ ଚିନ୍ତାଶୀଳ କରାଇବ। ତଥାପି ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ, ଆଜି ତାହା ଟିକିଏ ଟଣାଓଟରା ଭିତିରେ ପାଇବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ମିଳିପାରେ।

**ବୃଷ** ବକ୍ରୀ ବୃହସ୍ପତି ରାଶିରେ ରହିଥିବାରୁ ଅଟକି ରହିଥିବା ପ୍ରାପ୍ୟ ସହଜରେ ପାଇପାରିବେ। ସ୍ୱାସ୍ଥ୍ୟ ପୂର୍ବଭଳି ରହିଲେ ମଧ୍ୟ ଦୁର୍ବଳତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିବ। ଆପଣଙ୍କ କାର୍ଯ୍ୟାବଳୀର ପ୍ରଶଂସା କରି ପଦସ୍ଥ ବ୍ୟକ୍ତି ଗୁରୁଦାୟିତ୍ୱ ବହନ କରିବାକୁ ଅନୁରୋଧ କରିବେ। ଦୂରଯାତ୍ରା, ବ୍ୟବସାୟ, ପରିବହନରେ ଆଶାଜନକ ସୁଫଳ ପାଇବେ।

**ମିଥୁନ** କର୍ମକ୍ଷେତ୍ରରେ ରାହୁ କର୍ମଜଞ୍ଜାଳ ବୃଦ୍ଧିଜନିତ ଆଜି ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ ହେଲେ ମଧ୍ୟ ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ଆଜି ଶୁକ୍ରଙ୍କ ରାଶ୍ୟାବଲୋକନରୁ ସକାଳୁ ଅଫିସ୍‌ରୁ କୌଣସି ଖବର ପାଇ ଖୁସି ହେବେ। ପ୍ରତିଶ୍ରୁତି ଦେଇ ଶେଷ ସମୟରେ ବନ୍ଧୁ ଅବିଶ୍ୱାସ କାମ କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ, କିନ୍ତୁ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ। ଅନିୟମିତ ଭୋଜନ କାରଣରୁ ପେଟ ଗୋଳମାଳ ଦେଖାଦେଇପାରେ।

**ସିଂହ** କୋଣଭାବସ୍ଥ ଗ୍ରହଙ୍କ ସୁପ୍ରଭାବରୁ ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ଓ ପ୍ରଶାନିକ ସ୍ତରରେ ସମସ୍ୟାର ଆଶୁ ସମାଧାନ ହୋଇଯିବ। ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କଲେ ଅନୁତାପ କରିବାକୁ ପଡ଼ିପାରେ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି।

**କନ୍ୟା** କେନ୍ଦ୍ର ଓ କୋଣସ୍ଥ ଗ୍ରହଜନିତ ନିଜର ଚତୁଃପାର୍ଶ୍ୱରେ ଘଟି ଯାଉଥିବା ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ। ବିବାଦୀୟ ପରିବେଶରେ ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ଦ୍ୱାଦଶସ୍ଥ କେତୁ ହେତୁ ପରିସ୍ଥିତି ପ୍ରତି ଲକ୍ଷ୍ୟ କରି ନୀରବ ରହିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଆବଶ୍ୟକତା ଉପଲବ୍ଧି କରି ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** ଚନ୍ଦ୍ର କ୍ଷେତ୍ରରେ ରାଶ୍ୟାଧିପତି ଥିବାରୁ କାମ ହାସଲ ସକାଶେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ହିତୈଷୀଙ୍କ ସହଯୋଗରୁ ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ, କିନ୍ତୁ ସହଯୋଗ ପାଇବେ ନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନକଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଶାସ୍ତ୍ରାଧ୍ୟୟନ, ସାହିତ୍ୟ ଚର୍ଚ୍ଚା ଓ ସତ୍‌ସଙ୍ଗ, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ମତାନ୍ତର ଜନିତ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର** ଶୁକ୍ର ରାଶିରେ ଅବସ୍ଥାନ କରିଥିବାରୁ ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ। କର୍ମକ୍ଷେତ୍ରରେ, ବନ୍ଧୁ ମେଳରେ ରହିବାର ସୁଯୋଗ ପାଇବେ ଏବଂ କାମ ହାସଲ କରିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ସମସ୍ୟା ସମାଧାନ ହୋଇଯିବ। କଳା, ସାହିତ୍ୟ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେବ।

**କୁମ୍ଭ** ବନ୍ଧୁଙ୍କ ସହ ପୂର୍ବାଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। କୌଣସି ସମସ୍ୟାର ଆଶଙ୍କା କରି ଅସୁବିଧା ନ ଥିଲେ ମଧ୍ୟ ମନ ଅସ୍ଥିର ରହିପାରେ। ଫେରିବା ବାଟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବିଚଳିତ ହେବେ। ରାଜନୈତିକ ସ୍ତରରେ ଅଥବା ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ମୀନ** ଯେକୌଣସି କାମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ବହୁତ ଭଲ ହେବ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ତଥାପି ଅର୍ଥ ଲାଭ, କଳା, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଡିସେମ୍ବର ୨୨ ତାରିଖ, ବିଶ୍ୱ ଗଣିତ ଦିବସ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ, ଶାରଦା ଦେବୀଙ୍କ ଜନ୍ମଦିବସ, ରାଶିନକ୍ଷତ୍ର-ପୌଷ କୃଷ୍ଣ ସପ୍ତମୀଯୁକ୍ତ ଅଷ୍ଟମୀ ରବିବାର, ରାଶିନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/ସିଂହ, ଦିବା ଘ.୧୨।୫୬ମି. ଗତେ, କନ୍ୟା, ଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୭।୦୪ ଗତେ.ଘ.୦୯।୧୪ ମଧ୍ୟେ, ଘ.୦୧।୦୬ ଗତେ ଘ.୦୨।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୮ ଗତେ ଘ.୦୫।୦୯ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ବର୍ଷା ଧୋଇନେଲା ...

୨୩ ତାରିଖରୁ କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ ଜିଲାରେ ବର୍ଷା ହୋଇପାରେ। ତେଣୁ ଧାନ ଅମଳ ହେବ କି ନାହିଁ ଚାଷୀଙ୍କୁ ସେଇ ଚିନ୍ତା ଘାରିଛି। ଗତ ଦୁଇଦିନ ହେବ ଉପକୂଳରୁ ଆଭ୍ୟନ୍ତରୀଣ ସବୁଠି ବର୍ଷାର ପ୍ରକୋପ ଦେଖିବାକୁ ମିଳିଛି। କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ପରିବେଶକୁ କାଲୁଆ କରି ଦେଇଛି। ବର୍ଷା ଯୋଗୁ ଧାନ ସହ ରବି ଫସଲ ବିରି, ମୁଗ, କୋଳଥ, ଆଳୁ, ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମେଘୁଆ ପାଗ ଯୋଗୁ ଦିନର ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲସିୟସ ହ୍ରାସ ପାଇଛି। ଶୀତ ଓ ବର୍ଷାରେ ଜନଜୀବନ ପ୍ରଭାବିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ ଅଧିକାଂଶ ମଣ୍ଡିରେ ଅମଳ ଧାନ ଖୋଲା ଆକାଶ ତଳେ ଥିବାରୁ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ସବୁଠୁ ଅଧିକ ବର୍ଷା ନୟାଗଡ଼ ଜିଲା ରଣପୁରରେ ହୋଇଛି। ଏଠାରେ ୧୦୮.୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଖୋର୍ଦ୍ଧାର ବେଗୁନିଆରେ ୮୪ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଜଟଣୀରେ ୭୫, ପୁରୀର ପିପିଲିରେ ୭୫, ଜଗତ୍‌ସିଂହପୁରର ନୂଆଗାଁରେ ୭୩, ଖୋର୍ଦ୍ଧାର ବାଣପୁରରେ ୭୦, ଗଞ୍ଜାମର ବେଲଗୁଣ୍ଠାରେ ୬୯.୨, ପୁରୀର କୃଷ୍ଣପ୍ରସାଦରେ ୬୭ ଓ ଗୋପରେ ୬୬, ଖୋର୍ଦ୍ଧାର ଟାଙ୍ଗୀରେ ୬୨, ଜଗତ୍‌ସିଂହପୁରରେ ୬୧.୨ ଓ ପାରାଦୀପରେ ୬୧.୧ ମିମି ବର୍ଷା ରେକର୍ଡ କରାଯାଇଛି।

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପୂର୍ବ ଉତ୍ତର ପୂର୍ବଦିଗ ଦେଇ ଗତିକରି ଦୁର୍ବଳ ହୋଇଯିବାର ସମ୍ଭାବନା ରହିଛି। ତେବେ ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଓ ସୁନ୍ଦରଗଡ଼ ଆଦି ଜିଲାର କିଛି ସ୍ଥାନରେ ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାରେ ପାଗ ମୁଖ୍ୟତଃ ମେଘୁଆ ରହିବା ସହିତ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆସନ୍ତା ୪୮ ଘଣ୍ଟା ଯାଏ ରାଜ୍ୟରେ ପ୍ରବଳ କୁହୁଡ଼ି ହୋଇପାରେ। ବିଶେଷକରି କେନ୍ଦୁଝର, ଝାରସୁଗୁଡ଼ା, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ଜିଲାର କିଛି କିଛି ସ୍ଥାନରେ ଘନ କୁହୁଡ଼ି ହେବ। ଏହି ଜିଲାଗୁଡ଼ିକ ପାଇଁ ଏଲୋ ୱାର୍ନିଂ ଜାରି କରାଯାଇଛି। ଏହି ସବୁ ଜିଲାଗୁଡ଼ିକରେ ଘନ କୁହୁଡ଼ି ହେବାକୁ ଥିବାରୁ ଯେପରି କୌଣସି ଦୁର୍ଘଟଣା ନ ଘଟେ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ପୋଲିସ ଓ ପରିବହନ ବିଭାଗ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

## ଜାନୁଆରୀରେ ୨୦ ଲକ୍ଷ ...

ଯୋଜନା ପାଇଁ ବ୍ଲକ୍‌ରେ ତିଆରି ହୋଇଥିବା କମିଟି ନିକଟରେ ମଧ୍ୟ ନିଜର ଅଭିଯୋଗ ଦେଇପାରିବେ। ଏହାପରେ ରାଜସ୍ୱ ବିଭାଗର କର୍ମଚାରୀମାନେ ଗାଁକୁ ଯାଇ ତଦାରଖ କରିବା ପରେ ଦେଇଥିବା ରିପୋର୍ଟ ଅନୁସାରେ, ଚତୁର୍ଥ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ସାମିଲ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଖାରଜ ତାଲିକା(ରିଜେକ୍ଟ ଲିଷ୍ଟ) ଯାଞ୍ଚ ସମୟରେ ଆଧାର ଭେରିଫିକେଶନ କରାଇ ନେବାକୁ ସେ ହିତାଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଯଦି ବାୟୋମେଟ୍ରିକରେ ଇ-କେୱାଇସି ଶେଷ ବୋଲି ଦେଖାଉଛି, ତେବେ ହିତାଧିକାରୀ ଅଚିନ୍ତା ରୁହନ୍ତୁ। ଓଟିପି ଜରିଆରେ ଇ-କେୱାଇସି କରିଥିଲେ ମଧ୍ୟ ବାୟୋମେଟ୍ରିକ କରନ୍ତୁ। ଇ-କେୱାଇସି ଅପ୍‌ଡେଟ ନ ଥିବାରୁ ୫ ଲକ୍ଷ ୧୧ ହଜାର ଆବେଦନ ପଡ଼ି ରହିଛି। ମଣ୍ଡିରେ ୫ ଏକର ଜମି ଥିବା ଦର୍ଶାଇଥିଲେ ରିଜେକ୍ଟ ଲିଷ୍ଟରେ ନାଁ ଆସିବ ବୋଲି ସେ କହିଛନ୍ତି।

## ଓଡ଼ିଶାରେ ୫୫୯ ବର୍ଗ କି.ମି. ...

ନୀତି-୧୯୮୮ରେ ଲକ୍ଷ୍ୟ ରଖାଯାଇଥିଲା। ସେହି ଦୃଷ୍ଟିରୁ ଦେଶ ଓ ରାଜ୍ୟରେ ବର୍ଦ୍ଧିତ ଜଙ୍ଗଲ ପର୍ଯ୍ୟାପ୍ତ ନୁହେଁ। ଭାରତରେ ମୋଟ ଜଙ୍ଗଲ ଏବଂ ବୃକ୍ଷଲତା ଥିବା ଜମି ପରିମାଣ ୨୦୨୩ରେ ମୋଟ ଭୌଗୋଳିକ ଅଞ୍ଚଳର ୨୫.୧୭ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୨୧ ପରେ ଜଙ୍ଗଲ ଜମି ପରିମାଣ ୧,୪୪୫ ବର୍ଗ କିଲୋମିଟର ବଢ଼ିଥିବା ସରକାରଙ୍କ ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି। ଭାରତର ଜଙ୍ଗଲ ସ୍ଥିତି ରିପୋର୍ଟ (ଆଇଏସ୍‌ଏଫ୍‌ଅର୍), ୨୦୨୩ ଶନିବାର ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ୨୦୨୩ରେ ଦେଶର ମୋଟ ଜଙ୍ଗଲ ପରିମାଣ ୭,୧୫,୩୪୩ ବର୍ଗ କିଲୋମିଟରକୁ ବୃଦ୍ଧି ପାଇଛି, ଯାହାକି ମୋଟ ଭୌଗୋଳିକ ଅଞ୍ଚଳର ୨୧.୭୬ ପ୍ରତିଶତ। ବୃକ୍ଷଲତା ପରିପୂର୍ଣ୍ଣ ଅଞ୍ଚଳ ୧,୨୮୯ ବର୍ଗ କିଲୋମିଟର ବୃଦ୍ଧି ପାଇଛି, ଯାହା ମୋଟ ଭୌଗୋଳିକ ଅଞ୍ଚଳର ୩.୪୧ ପ୍ରତିଶତ। ଅର୍ଥାତ୍ ମୋଟ ଜଙ୍ଗଲ ଏବଂ ଗଛଲତା ପରିପୂର୍ଣ୍ଣ ଅଞ୍ଚଳ ମିଶି ୮,୨୭,୩୫୭ ବର୍ଗ କିଲୋମିଟର ହୋଇଛି, ଯାହାକି ଭାରତର ମୋଟ ଭୌଗୋଳିକ ଅଞ୍ଚଳର ୨୫.୧୭ ପ୍ରତିଶତ। ଭାରତର ଜଙ୍ଗଲ ସର୍ଭେ (ଏଫ୍‌ଏସ୍‌ଆଇ) ଅନୁଯାୟୀ, ୧୦ ପ୍ରତିଶତରୁ ଅଧିକ ବୃକ୍ଷ ଆଚ୍ଛାଦିତ ଜମି ଏକ ହେକ୍ଟର କିମ୍ବା ଅଧିକ ଥିଲେ, ଏହାକୁ ଜଙ୍ଗଲ ଜମି ଭାବେ ଗ୍ରହଣ କରାଯାଇଥାଏ। ଏଥିରେ ପ୍ରାକୃତିକ ଜଙ୍ଗଲ ଏବଂ ମନୁଷ୍ୟକୃତ ବନୀକରଣ, ସହର ଓ ଗ୍ରାମାଞ୍ଚଳର ଫଳୋଦ୍ୟାନ ଇତ୍ୟାଦି ରହିଛି। ମୋଟ ଜଙ୍ଗଲ ଏବଂ ବୃକ୍ଷଲତା ଆଚ୍ଛାଦିତ ଅଞ୍ଚଳରେ ମଧ୍ୟପ୍ରଦେଶ କ୍ରମାଗତ ଭାବେ ଶୀର୍ଷରେ ରହିଆସିଥିବାବେଳେ ଏହା ପଛକୁ ଅରୁଣାଚଳପ୍ରଦେଶ ଏବଂ ମହାରାଷ୍ଟ୍ର ରହିଛି। ଛତିଶଗଡ଼, ଉତ୍ତରପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନରେ ଜଙ୍ଗଲ ଓ ବୃକ୍ଷଲତା ଆବୃତ୍ତ ଅଞ୍ଚଳ ପରିମାଣ ସର୍ବାଧିକ ବୃଦ୍ଧି ପାଇଛି। ସେହିପରି ମିଜୋରାମ, ଗୁଜରାଟ ଏବଂ ଓଡ଼ିଶାରେ ନିର୍ଦ୍ଦିଷ୍ଟ ଭାବେ ଜଙ୍ଗଲ ଅଞ୍ଚଳ ବଢ଼ିଥିବା ସର୍ଭେରୁ ଜଣାପଡ଼ିଛି। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଧ୍ୟରେ ମିଜୋରାମରେ ଜଙ୍ଗଲ ଅଞ୍ଚଳ ୨୪୨ ବର୍ଗକିଲୋମିଟର ବୃଦ୍ଧି ପାଇଛି।




# ଭଦ୍ରକ ଟେକ୍ସଟାଇଲ ପାର୍କ: ୪,୩୮୨ କୋଟି ମଞ୍ଜୁର

- ପ୍ରଧାନମନ୍ତ୍ରୀ, ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଶା ଅର୍ଥନୀତି ବିକାଶ ହେବ, ନିଯୁକ୍ତି ସୁଯୋଗ ବଢ଼ିବ

ଭୁବନେଶ୍ୱର,୨୧।୧୨(ଅନିଲ ଦାସ)

ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ଭଦ୍ରକ ଜିଲା ଧାମନଗର ଛକରେ ଏମ୍‌ସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ଏକ ବୟନ ପାର୍କ ପ୍ରତିଷ୍ଠା ପାଇଁ ୪,୩୮୨ କୋଟି ଟଙ୍କାର ଅର୍ଥ ମଞ୍ଜୁର କରିଛି। ଏହି ଉଦ୍ୟୋଗ କାର୍ଯ୍ୟକ୍ଷମ ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ଭଦ୍ରକରେ ବୟନ ପାର୍କ ପ୍ରତିଷ୍ଠା ପାଇଁ ୪,୩୮୨ କୋଟି ଟଙ୍କା ବିନିଯୋଗକୁ ଇଣ୍ଡିଆନ୍ ଅଏଲ୍ ଅନୁମୋଦନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜ 'ଏକ୍ସ' ଆକାଉଣ୍ଟରେ ଲେଖିଛନ୍ତି, ଏହି ପ୍ରକଳ୍ପ ଯୋଗୁ ଓଡ଼ିଶାର ଅର୍ଥନୀତି ସୁଦୃଢ଼ ହେବା ସହ ଭଦ୍ରକ ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। ଭଦ୍ରକ ଜିଲା ଓ ସ୍ଥାନୀୟ ଯୁବଗୋଷ୍ଠୀ ଏହି ପ୍ରକଳ୍ପ ଦ୍ୱାରା ବିଶେଷ ରୂପେ ଉପକୃତ ହେବେ ବୋଲି ସେ କହିଛନ୍ତି। ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବ ଦେଇଥିଲେ। ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ନିକଟରେ ସମୀକ୍ଷା କରିଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କୁଶଳୀ ଯୁବତୀଯୁବକଙ୍କୁ ନିଜ ଅଞ୍ଚଳରେ ରୋଜଗାର ସୁବିଧା ଯୋଗାଇଦେବା ଲାଗି ଭଦ୍ରକରେ ବୟନ ଶିଳ୍ପ ପ୍ରତିଷ୍ଠା ଲାଗି ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଥିଲା।

ଆଇଓସିଏଲ୍ ଓ ଏମ୍‌ସିପିଆଇ ପ୍ରାଇଭେଟ୍ ଲିମିଟେଡ୍‌ର ୫୦ ପ୍ରତିଶତ ଲେଖାଏ ଭାଗୀଦାରିରେ ଏହି



ପ୍ରକଳ୍ପ ସ୍ଥାପନ ହେବ। ଧାମନଗର ଛକଠାରେ ପ୍ରସ୍ତାବିତ ଟେକ୍ସଟାଇଲ ପାର୍କ ନିର୍ମାଣ ନିମନ୍ତେ ପୂର୍ବରୁ ଜମି ଅଧିଗ୍ରହଣ ହୋଇସାରିଥିଲା। କାମ ଆରମ୍ଭ ହୋଇପାରୁ ନ ଥିଲା। ପ୍ରଥମେ ଏହି ସ୍ଥାନରେ ଧରଣୀ ସୁଗାର କମ୍ପାନୀ ଚିନିକଳ ସ୍ଥାପନ ପାଇଁ ୧୯୯୫ରେ ୨୩୫ ଏକରରୁ ଅଧିକ ଜମି ଅଧିଗ୍ରହଣ ହୋଇଥିଲା। ଚିନିକଳ ହୋଇପାରିଲା ନାହିଁ। ସେହି ଜମି ଏବେ ଇଡ୍‌କୋ ଅଧୀନରେ ରହିଛି। ଅଧିକୃତ ହୋଇଥିବା ଜମିରେ ରାଜ୍ୟ ସରକାର ଫୁଡ୍ ପାର୍କ କରିବାକୁ ପ୍ରସ୍ତାବ ଦେଇଥିବାବେଳେ କେନ୍ଦ୍ର ସରକାର ଟେକ୍ସଟାଇଲ୍ ପାର୍କ ନିର୍ମାଣ ପାଇଁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନେଇଥିଲେ। ଅଧିକୃତ ଜମି ମଧ୍ୟରୁ ଟେକ୍ସଟାଇଲ୍ ପାର୍କ ପାଇଁ ୫୬ ଏକର ଜମି ଇଡ୍‌କୋ ପ୍ରଦାନ କରିଛି।

# ପ୍ରାପ୍ୟ ପାଇଁ ହାଇକୋର୍ଟ ଗଲେ ୩ ଦଳିତ ମହିଳା

**ଜମି ଅଧିଗ୍ରହଣ ମାମଲା**



କଟକ,୨୧।୧୨(କାର୍ତ୍ତିକ ସାହୁ)

ଭାରତୀୟ ଜାତୀୟ ରାଜପଥ ପ୍ରାଧୀକରଣ (ଏନ୍‌ଏଚ୍‌ଏଆଇ) ଅନ୍ତର୍ଗତ କେନ୍ଦୁଝର ଜିଲା ସିଙ୍ଗରା-ବିଙ୍ଗବାହାଲ ଜାତୀୟ ରାଜପଥ-୬ର ୪ ଲାଇନ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ହୋଇଥିଲା। ଏଥିରେ ଜମି ହରାଇଥିବା ୩ ଦଳିତ ମହିଳା ସେମାନଙ୍କ ପ୍ରାପ୍ୟ ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କ୍ଷତିପୂରଣ ବାବଦରେ ପାଇବାକୁ ଥିବା ୨୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହେଉଥିବା ନେଇ ଆଗତ ମାମଲାରେ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଶୁକ୍ରବାର ଶୁଣାଣି କରି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମାମଲାର ୩ ନମ୍ବର ପ୍ରତିପକ୍ଷ ଦିଲ୍ଲୀପ କୁମାର ପତିଙ୍କୁ ସଂଶୋଧିତ ଅର୍ଥ ୨୧,୦୮,୭୨,୫୩୦ ଟଙ୍କା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପ୍ରଦାନ ନ କରିବାକୁ ଏକ ନମ୍ବର ପ୍ରତିପକ୍ଷ କମ୍ପିଟେଣ୍ଟ ଅଥରିଟି ତଥା ଲ୍ୟାଣ୍ଡ ଆକ୍ୟୁଜିସନ ଅଫିସର, କେନ୍ଦୁଝରଙ୍କୁ ଆଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ଏହି ଆଦେଶ ବଳରେ ଜାତୀୟ ରାଜପଥ ସମ୍ପ୍ରସାରଣରେ ଜମି ହରାଇଥିବା ଆବେଦନକାରିଣୀ ଶ୍ରୀମତୀ ସେଠୀଙ୍କ ସମେତ ଅନ୍ୟ ଦୁଇ ଭଉଣୀ ସରସ୍ୱତୀ ସେଠୀ ଓ ମାଳତି ବେହେରା ପ୍ରାପ୍ୟ ପାଇବା ଲାଗି ଆଶା ସଂଚାର ସୃଷ୍ଟି ହୋଇଛି। ଆସନ୍ତା ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ୨୮ରେ ସମ୍ବଲପୁର ଆସିବେ ଶାହା

ଭୁବନେଶ୍ୱର,୨୧।୧୨(ଅନିଲ ଦାସ)

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଡିସେମ୍ବର ୨୮ତାରିଖରେ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଦୁଇଦିନିଆ ଗସ୍ତରେ ଆସି ସେ ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ବରିଷ୍ଠ ଭାଜପା ବିଧାୟକ ଜୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ସ୍ୱରାଷ୍ଟ୍ରମନ୍ତ୍ରୀ ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ୨୮ତାରିଖରେ ସମ୍ବଲପୁରରେ ପହଞ୍ଚିବା ପରେ ସିଧାସଳଖ ସମଲେଶ୍ୱରୀ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିବେ। ଏହାପରେ ଗଙ୍ଗାଧର ମେହେର କଲେଜରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବୁର୍ଲା ଭିମ୍‌ସାର ଯିବେ। ସେଠାରେ ଭିମ୍‌ସାର ସୁପର ସ୍ପେଶିଆଲିଟି ବିଲ୍‌ଡିଂକୁ ଉଦ୍‌ଘାଟନ କରିବେ। ଅନ୍ୟ କିଛି ସରକାରୀ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ ବୋଲି ସେ କହିଛନ୍ତି। ଏହି ଗସ୍ତ ସମୟରେ ଶାହା ରାଜ୍ୟରେ ଦଳର ବିଧାୟକ,ଏମ୍‌ପି ଓ ବରିଷ୍ଠ କର୍ମକର୍ତ୍ତାଙ୍କୁ ମଧ୍ୟ ଭେଟିବେ ବୋଲି ଜଣାପଡ଼ିଛି।

# ୧୦୧ ଜଣ ପାଇଲେ 'ଅତିବିଶିଷ୍ଟ ରେଳ ସେବା ପୁରସ୍କାର'

**ପୂର୍ବତଟ ରେଳପଥକୁ 'ଶ୍ରେଷ୍ଠ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଶିଲ୍ଡ'**



ଭୁବନେଶ୍ୱର,୨୧।୧୨
(ଅନୁରାଧା ମହାରଣା)

ଭାରତୀୟ ରେଳପଥ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ୬୯ତମ 'ଅତି ବିଶିଷ୍ଟ ରେଳ ସେବା ପୁରସ୍କାର-୨୦୨୪' ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ସମାରୋହରେ ୧୦୧ଜଣ ରେଳ କର୍ମଚାରୀ ଓ ଅଧିକାରୀଙ୍କୁ ବ୍ୟକ୍ତିଗତ ପୁରସ୍କାର ସହିତ ଭାରତୀୟ ରେଳପଥର ଦକ୍ଷତା, ନିରାପତ୍ତା ଏବଂ ଯାତ୍ରୀ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବିଭିନ୍ନ ବର୍ଗର ସର୍ବୋତ୍ତମ ପ୍ରଦର୍ଶନକାରୀ ରେଳ ଜୋନ୍‌ଗୁଡ଼ିକୁ ୨୨ଟି ଶିଲ୍ଡ ପ୍ରଦାନ କରାଯାଇଛି। ଏଥିରେ ପୂର୍ବତଟ ରେଳପଥକୁ ଶ୍ରେଷ୍ଠ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଶିଲ୍ଡର ଯୁଗ୍ମ ବିଜେତା ଭାବେ ସମ୍ମାନିତ କରାଯାଇଛି। ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ରବନୀତ ସିଙ୍ଗ, ରେଳବୋର୍ଡ ଅଧ୍ୟକ୍ଷ ସତୀଶ କୁମାର, ରେଳବୋର୍ଡର ସଦସ୍ୟ ଏବଂ ବିଭିନ୍ନ ରେଳ ଜୋନ୍ ଓ ଉତ୍ପାଦନ ୟୁନିଟର ମହାପ୍ରବନ୍ଧକଙ୍କ ଉପସ୍ଥିତିରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ମେ ହୁଁ ଭାରତୀୟ ରେଳ' ରଖାଯାଇଥିଲା। ଏହି କ୍ରମରେ ବ୍ୟକ୍ତି ବର୍ଗରେ ପୂର୍ବତଟ ରେଳପଥର ମୁଖ୍ୟ ବାଣିଜ୍ୟ ନିରୀକ୍ଷକ ଏନ୍. ହରିପ୍ରିୟା, ପ୍ରୋଟୋକଲ ଅଧିକାରୀ ପ୍ରଦୀପ କୁମାର ଝା ଏବଂ ଟେକ୍ନିସିଆନ-୨ ସୁପ୍ରଭାତ ମିତ୍ର ସେମାନଙ୍କ ଆଦର୍ଶ ସେବା ତଥା ଉତ୍କର୍ଷ ଓ ପ୍ରତିବଦ୍ଧତା ପାଇଁ ସମ୍ମାନିତ ହୋଇଛନ୍ତି।




# ଏଣିକି ମାସିକିଆ ରାଶନ ଦିଆଯିବ: ମନ୍ତ୍ରୀ କୃଷ୍ଣ ପାତ୍ର

ଢେଙ୍କାନାଳ,୨୧।୧୨(ରତନ ନାୟାର)

ଏଣିକି ରାଜ୍ୟରେ ମାସିକିଆ ରାଶନ ଦିଆଯିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଶନିବାର ସେ ସପ୍ତଶଯ୍ୟା ଗ୍ରାମପଞ୍ଚାୟତର କଳାକୃତି ଗ୍ରାମ ସମ୍ମିଳନୀ କକ୍ଷରେ ସଦର ବ୍ଲକର ପଞ୍ଚାୟତ ସମିତି ବୈଠକରେ ଯୋଗଦେବାକୁ ଆସିଥିବା ବେଳେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଲେ ଯେ, ଏଣିକି ଆଉ ୩ ମାସରେ ନୁହେଁ, ହିତାଧିକାରୀଙ୍କୁ ପ୍ରତ୍ୟେକ ମାସରେ ରାଶନ ସାମଗ୍ରୀ ଦିଆଯିବ। କାରଣ ୩ ମାସିଆ ଯୋଗୁ ବହୁତ ଚାଉଳ ହୋଇଯାଉଛି। ଏହାର ସୁଯୋଗ ନେଇ ଡିଲରମାନେ ଗରିବ ଲୋକମାନଙ୍କୁ ଠିକ୍ ଭାବରେ ଚାଉଳ ଦେଉନାହାନ୍ତି। ମାସିକିଆ ରାସନ ଦେଲେ ଲୋକମାନେ ମଧ୍ୟ ଠିକ୍‌ରେ ନେଇପାରିବେ। ୩ ମାସିଆ ରାଶନ ନେଉଥିବା ବେଳେ କେହି କେହି ସ୍ୱାସ୍ଥ୍ୟ କିମ୍ବା ଅନ୍ୟ କୌଣସି ସମସ୍ୟା ଉପୁଜିଲେ କିମ୍ବା ଅସୁବିଧାରେ ପଡ଼ିଲେ ବିକି ଦେଉଛନ୍ତି। ତେଣୁ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏଣିକି ମାସିକିଆ ରାଶନ ଦିଆଯିବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

# ଆଜି ଶିମିଳିପାଳ ବନ୍ଦ

ବାରିପଦା,୨୧।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଲଗାଣ ବର୍ଷା ଯୋଗୁ ରବିବାର ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ କରାଯାଇଛି। ଶିମିଳିପାଳର ପିଠାବଟା ଓ କାଳିକାପ୍ରସାଦ ଦୁଇଟି ଗେଟ୍ ବନ୍ଦ ରହିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ସୂଚନା ଦେଇଛନ୍ତି। ବର୍ଷା ଯୋଗୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଁ ଦିନକ ପାଇଁ ଶିମିଳିପାଳ ଅଭୟାରଣ୍ୟ ବନ୍ଦ କରାଯାଇଛି। ଶିମିଳିପାଳ ମଧ୍ୟରେ ପାହାଡ଼ିଆ ମାଟି ରାସ୍ତାରେ ଅଘଟଣକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ରବିବାର ଅଭୟାରଣ୍ୟ ମଧ୍ୟକୁ କୌଣସି ଗାଡ଼ି ପ୍ରବେଶ କିମ୍ବା ପ୍ରସ୍ଥାନ କରିବ ନାହିଁ। ପରବର୍ତ୍ତୀ ସ୍ଥିତିକୁ ଦେଖି ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

ସମ୍ବଲପୁର,୨୧।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଅନ୍ତର୍ଗତ କଂସରରେ ଶନିବାର ଅପରାହ୍ନରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା କଂସର ଗାଁର ମୁଡ଼କି ମୁଣ୍ଡା(୬୫)। ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ବୃଦ୍ଧା ଜଣକ ତାଙ୍କ ଘର ନିକଟ ପଡ଼ିଆକୁ ଶୌଚ ପାଇଁ ଯାଇଥିବାବେଳେ ସେଠାରେ ବୁଲୁଥିବା ହାତୀ ହାବୁଡ଼ରେ ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ସେଠାରେ ପହଞ୍ଚିଲାବେଳକୁ ଦନ୍ତା ବୃଦ୍ଧାଙ୍କୁ ଦଳି ଦେଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସ୍ଥାନୀୟ ପୋଲିସ ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।



ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ । –ଶ୍ରୀମା



# ଆଗକୁ କ'ଣ ଘଟିବ



## ଆକାର ପଟେଲ

୨୦୨୫ ବର୍ଷଟି ବିଭିନ୍ନ ଉପାୟରେ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ହେବ । ଡୋନାଲ୍ଡ ଟ୍ରମ୍ପ ଆସନ୍ତା ମାସରେ ପୁନର୍ବାର ଆମେରିକାର ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ ସାମ୍ନାକୁ ଆସିବ । ଆମେରିକା ରାଜନୀତିରେ ଯାହା ଘଟୁଛି ତାହା ଗତ ୧୦୦ ବର୍ଷ ଧରି ବିଶ୍ୱକୁ ପ୍ରଭାବିତ କରିଛି, କିନ୍ତୁ ଟ୍ରମ୍ପଙ୍କ ପରି ଆମେରିକାର ରାଷ୍ଟ୍ରପତି ନାହାନ୍ତି । ଏପରିକି ଅଧିକାଂଶ ଆମେରିକୀୟ ରାଷ୍ଟ୍ରପତି ପରିବର୍ତ୍ତନ ଆଣିବା ଉପରେ ପ୍ରଚାର କରିଥିଲେ ମଧ୍ୟ ସେମାନେ ପ୍ରକୃତରେ ସ୍ଥିତି ଜାରି ରଖିବାକୁ ପସନ୍ଦ କରିଛନ୍ତି । ଏପରିକି ବାରାକ୍ ଓବାମାଙ୍କ ପରି ସଫଳ ବ୍ୟକ୍ତିତ୍ୱ ମଧ୍ୟ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟ ନୀତି ଉପରେ ପରିବର୍ତ୍ତନ ଆଣିବାରେ ଅଧିକ କିଛି କରିପାରି ନ ଥିଲେ ଏବଂ ଗତ ୪ଦଶନ୍ଧି ମଧ୍ୟରେ ରିପବ୍ଲିକାନ୍ ରାଷ୍ଟ୍ରପତିଙ୍କ ଆର୍ଥିକ ନୀତିରୁ ଡେମୋକ୍ରାଟ୍‌ମାନେ ଦୂରେଇରହିବା ସହଜ ହୋଇନାହିଁ । ଉଦାହରଣ ସ୍ୱରୂପ ଟ୍ରମ୍ପ୍ ଚାଇନା ଉପରେ ଲାଗୁ କରିଥିବା ଆମଦାନୀ ଶୁଳ୍କ ଜୋ ବାଇଡେନ୍ ଜାରି ରଖିଛନ୍ତି । ଟ୍ରମ୍ପଙ୍କୁ ଜଣେ ଅସଫଳ ବ୍ୟକ୍ତି ଭାବେ ଗଣାଯିବ ନାହିଁ, କାରଣ ସେ ତାଙ୍କ ଉତ୍ତରାଧିକାରୀଙ୍କୁ ରିପବ୍ଲିକାନ୍ସର ମୁଖ୍ୟ ଭାବରେ ପସନ୍ଦ କରିବାର ସମ୍ଭାବନା ଅଛି । ଏକ ରାଜନୈତିକ ଦଳର ନେତୃତ୍ୱ ନେଉଥିବାରୁ ତାଙ୍କୁ ଜଣେ ରକ୍ଷଣଶୀଳବାଦର ପ୍ରତିନିଧି ଭାବେ ଦେଖାଯାଉଥିଲେ ମଧ୍ୟ ସେ ସ୍ୱଭାବରେ ରକ୍ଷଣଶୀଳ ନୁହନ୍ତି, ବରଂ ଜଣେ ଚରମ ସୁଧାରବାଦୀ । ଏହି ସମସ୍ତ କାରଣରୁ ଆମେ ଆଗକୁ ଏକ ବଡ଼ ପରିବର୍ତ୍ତନକୁ ଅପେକ୍ଷା କରିବା ଉଚିତ, ଯାହା ଚାଇନା କ୍ଷେତ୍ରରେ ଘଟିବ । ୯ ବର୍ଷ ପୂର୍ବେ ଟ୍ରମ୍ପ୍ ତାଙ୍କ ପ୍ରାରମ୍ଭିକ ନିର୍ବାଚନୀ ଅଭିଭାଷଣରେ ୨୩ ଥର ଚାଇନା ନାମ ନେଇଥିଲେ । ରାଷ୍ଟ୍ରପତି ଭାବେ ପ୍ରଥମ କାର୍ଯ୍ୟକାଳ ୨୦୧୬–୨୦ ମଧ୍ୟରେ ନିର୍ଦ୍ଧାରିତ ଆମଦାନୀ ଶୁଳ୍କ ଏବେ ମଧ୍ୟ ରହିଛି । ହେଲେ ଟ୍ରମ୍ପଙ୍କର ପ୍ରସିଦ୍ଧ ଭାଷଣ ପରଠାରୁ ଚାଇନାର ୫୦% ଅଭିବୃଦ୍ଧି ଘଟିଛି । ଚାଇନାର ଅଭିବୃଦ୍ଧିକୁ ରୋକିବା ଆମେରିକା ପାଇଁ ସମ୍ଭବ ହୋଇନାହିଁ । ଏବେ ଚାଇନା ଆହୁରି ମଜଭୁତ ହୋଇଛି । ଏହିସବୁ କାରଣରୁ ଟ୍ରମ୍ପ୍ ଆଗକୁ ବଢ଼ିବେ ନା ଛାଡ଼ିଦେବେ ତାହା ସ୍ଥିର କରିବାକୁ ପଡ଼ିବ । ହେଲେ ଛାଡ଼ିବାର କୌଣସି ସମ୍ଭାବନା ଦେଖାଯାଉନାହିଁ । ସେ ଏ କ୍ଷେତ୍ରରେ ଆଗକୁ ବଢ଼ିବେ ବୋଲି ତାଙ୍କ ନିର୍ବାଚନୀ ପ୍ରଚାରରେ ଦେଖିବାକୁ ମିଳିଥିଲା । ଏହା ବିଶ୍ୱକୁ ପ୍ରଭାବିତ କରିବ ଏବଂ ଆମ ଉପରେ ମଧ୍ୟ ପ୍ରଭାବ ପକାଇବ ।

ଚାଇନା ଛାଡ଼ିଥିବା କମ୍ପାନୀଗୁଡ଼ିକରୁ ଭାରତ ଲାଭ ପାଇବାର 'ଚାଇନା ପ୍ଲସ୍ ୱାନ୍' ରଣନୀତି ବିଷୟରେ ଲୋକମାନେ ଆଲୋଚନା କରୁଛନ୍ତି । କିନ୍ତୁ ପ୍ରକୃତ କଥା ହେଉଛି ଗତ ୨୫ ବର୍ଷ ମଧ୍ୟରେ ମୁକ୍ତ ବିଶ୍ୱ ବାଣିଜ୍ୟ ଭାରତ ପାଇଁ ଲାଭଦାୟକ ରହି ଆସିଛି ଏବଂ ଏହା ବନ୍ଦ ହେଲେ କ୍ଷତି ହେଉଛି । ବିଶ୍ୱ ବାଣିଜ୍ୟ ବୃଦ୍ଧି ଘଟିଲେ ଆମର ରପ୍ତାନି ବଢ଼େ । ବିଶ୍ୱର ବାଣିଜ୍ୟ ସ୍ଥିର କିମ୍ବା ହ୍ରାସ ହେଲେ ତାହା ସ୍ଥିର କିମ୍ବା ତଳକୁ ଖସେ । ତେଣୁ ଆମେ ଅନୁମାନ କରିବା ଉଚିତ ନୁହେଁ ଯେ, ଆମେରିକା–ଚାଇନା ବାଣିଜ୍ୟ ଯୁଦ୍ଧ ବଢ଼ିଲେ ତାହା ଆମକୁ ସହାୟକ ହେବ, ଏହା ସମସ୍ତଙ୍କର କ୍ଷତି କରିବ । ଅନ୍ୟ ଏକ ପ୍ରସଙ୍ଗ ହେଉଛି ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ବିଶ୍ୱ ନକାରାତ୍ମକ ଭାବେ ପ୍ରଭାବିତ ହେବ । ଟ୍ରମ୍ପ ତାଙ୍କର ପ୍ରଥମ କାର୍ଯ୍ୟକାଳରେ ପ୍ୟାରିସ୍ ଚୁକ୍ତିରୁ ଓହରିଯାଇଥିଲେ ଏବଂ ଏବେ ବାଇଡେନ୍ ସବୁଜ ଶକ୍ତି ଉପରେ ଯେଉଁ ଗୁରୁତ୍ୱ ଦେଇଛନ୍ତି (ମୁଦ୍ରାସ୍ଫୀତି ହ୍ରାସ ଆଇନ ମାଧ୍ୟମରେ ବିଦ୍ୟୁତୀକରଣ ପାଇଁ ଅଧିକ ସବ୍‌ସିଡି ଦେଇଥିଲେ) ତାହାକୁ ପରିବର୍ତ୍ତନକରି ଅଧିକ ତୈଳ ଉତ୍ତୋଳନ ଏବଂ ପ୍ରାକୃତିକ ଗ୍ୟାସ୍ ପ୍ରତି ଦୃଷ୍ଟିଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷରେ ବୈଦ୍ୟୁତିକ ଏବଂ ଉଭୟ ବିଦ୍ୟୁତ୍ ଓ ଜୀବାଶ୍ମ ଇନ୍ଧନଚାଳିତ କାର୍ ଉତ୍ପାଦନ ଉପରେ ଚାଇନା ତାହାର ସ୍ଥିତି ଦୃଢ଼ କରିଛି ।

ଗାଜାରେ ଇସ୍ରାଏଲର ନରସଂହାର କିମ୍ବା ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଅନ୍ତ ଘଟାଇବା ପାଇଁ ଟ୍ରମ୍ପ୍ କ'ଣ କରିପାରିବେ ତାହା ଅସ୍ପଷ୍ଟ ରହିଛି । ତାଙ୍କର ସାଧାରଣ ମତ ହେଉଛି ଯୁଦ୍ଧରୁ ଆମେରିକା ଦୂରେଇରହିବା ଉଚିତ । କିନ୍ତୁ ସେ ଯେଉଁ ଟିମ୍ ବାଛିଛନ୍ତି ସେଥିରେ ଆଗକୁ ୨୦୨୫ ରେ କ'ଣ ଘଟିବ ତାହା ଉପରେ ଅଧିକ କିଛି କହିହେବ ନାହିଁ । ମିଶିଗାନ ପରି ରାଜ୍ୟରେ ଟ୍ରମ୍ପ ଆରବ–ଆମେରିକୀୟଙ୍କ ଭୋଟରେ ଜିତିଛନ୍ତି, କାରଣ ସେମାନେ ବାଇଡେନ୍‌ଙ୍କ ଉପରେ କ୍ରୋଧିତ ଥିଲେ । ଆଶା କରାଯାଉଛି , ଇସ୍ରାଏଲକୁ ପିଲାମାନଙ୍କୁ ହତ୍ୟା କରିବାରେ ବ୍ୟବହୃତ ହେଉଥିବା ବୋମା ଯୋଗାଣ ଆମେରିକା ବନ୍ଦ କରିପାରେ । ଇସ୍ରାଏଲର ଦଖଲକୁ ଦ୍ୱିପାକ୍ଷିକ ସମର୍ଥନ ଦେଇପାରେ, କିନ୍ତୁ ଗଣହତ୍ୟା ଶେଷ କିମ୍ବା ହ୍ରାସ କରୁଥିବା ଯେକୌଣସି ପଦକ୍ଷେପ ସ୍ୱାଗତଯୋଗ୍ୟ ।

ଆମେରିକାର ଯେକୌଣସି ପୂର୍ବତନ ରାଷ୍ଟ୍ରପତିଙ୍କ ତୁଳନାରେ ଟ୍ରମ୍ପ ନାଟୋକୁ ଅଧିକ ପସନ୍ଦ କରନ୍ତି ନାହିଁ ଏବଂ ଏହାକୁ ଏକ ରଣନୀତିକ ସହଯୋଗ ଅପେକ୍ଷା କ୍ଷତିର କେନ୍ଦ୍ର ଭାବରେ ଦେଖନ୍ତି । ସେ ଚାହାନ୍ତି, ନାଟୋ ଆମେରିକା ପାଇଁ ନୁହେଁ, ବରଂ ରୁଷିଆର ସମ୍ଭାବ୍ୟ ବିପଦ ବିରୋଧରେ ୟୁରୋପୀୟ ସୁରକ୍ଷା ପାଇଁ ଦେୟ ଦିଅନ୍ତୁ । ତେବେ ଚାଇନା ଉପରେ ଶୁଳ୍କ ଲଗାଇବା ଭଳି ଏହି ଦୃଷ୍ଟିକୋଣକୁ ଯଦି ତାଙ୍କର ଉତ୍ତରାଧିକାରୀ ଭଲ ବୋଲି ବିବେଚନା କରିବେ ତେବେ କିଛି ପରିବର୍ତ୍ତନ ହେବ । ଟ୍ରମ୍ପ ୟୁରୋପ,ମେକ୍ସିକୋ ଏବଂ କାନାଡାକୁ ଦୃଢ଼ ସହଯୋଗୀ ଭାବରେ ନୁହେଁ, ବରଂ ବାଣିଜ୍ୟ ତଥା ସୁରକ୍ଷା ବିଷୟରେ ଅଧୀନ ଦେଶ ଭାବରେ ଦେଖନ୍ତି । ଏହିସବୁ କ୍ଷେତ୍ରରେ ସେମାନେ ଚାଇନା ସହ ବାଣିଜ୍ୟ ଏବଂ ସମ୍ଭବତଃ ମୁଦ୍ରା ଭଳି ଅନ୍ୟାନ୍ୟ ବିଷୟରେ ଜଡ଼ିତ ରହିବାର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠିବ । ବହୁ ସମୟରେ ଭବିଷ୍ୟତକୁ ନେଇ ବଡ଼ ପରିବର୍ତ୍ତନର ପ୍ରତିଶ୍ରୁତି ଦେବା ଦେଖାଯାଏ, କିନ୍ତୁ ସମ୍ପୂର୍ଣ୍ଣ ଭାବେ ତାହା ପାଳନ ବା ପୂରଣ କରାଯାଏ ନାହିଁ । ୨୦୨୫ ଏବଂ ଟ୍ରମ୍ପଙ୍କ ୪ବର୍ଷର କାର୍ଯ୍ୟକାଳରେ ଏହି ସାଧାରଣ ନିୟମ ପାଳନହେବା ସମ୍ଭବ ନୁହେଁ । ଅନେକ ବିଷୟ ଯଥା କୃତ୍ରିମ ବୁଦ୍ଧିମତ୍ତା, ଜଳବାୟୁ ପରିବର୍ତ୍ତନ, ମହାକାଶ, ଅସମାନତା,ଏକଚ୍ଛତ୍ରବାଦ ଆକଳନଠାରୁ ଅଧିକ ତୀବ୍ର ହେଉଛି । ଏପରିକି ଏହା ଉପରେ ପ୍ରାୟତଃ ନିୟନ୍ତ୍ରଣ ନାହିଁ । ଏହା ଏକ ରୋମାଞ୍ଚକର ୨୦୨୫ ହେବ, ଯଦିଓ ଉତ୍ସାହ ସୃଷ୍ଟି କରୁଥିବା ବିଷୟଗୁଡ଼ିକ ଘଟିବ କି ନାହିଁ ତାହାକୁ ନେଇ ସନ୍ଦେହ ରହିଛି ।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | 9 | 6 | | |
| | | | | | | 7 | | |
| | | | | 3 | | | 4 | |
| 4 | | | | | | | 7 | |
| | 9 | | 5 | | | | | |
| | | | 1 | | 3 | | 8 | 6 |
| 8 | | | | 1 | | | | |
| 3 | | 1 | | 2 | | | 6 | |
| | 6 | | 9 | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 5 | 3 | 2 | 9 | 8 | 1 | 6 |
| 3 | 6 | 9 | 1 | 4 | 8 | 7 | 5 | 2 |
| 8 | 1 | 2 | 5 | 7 | 6 | 4 | 9 | 3 |
| 1 | 2 | 8 | 7 | 3 | 4 | 9 | 6 | 5 |
| 4 | 5 | 6 | 9 | 8 | 2 | 1 | 3 | 7 |
| 9 | 7 | 3 | 6 | 1 | 5 | 2 | 4 | 8 |
| 5 | 8 | 4 | 2 | 9 | 3 | 6 | 7 | 1 |
| 6 | 9 | 1 | 8 | 5 | 7 | 3 | 2 | 4 |
| 2 | 3 | 7 | 4 | 6 | 1 | 5 | 8 | 9 |

ଗତକାଲିର ଉତ୍ତର

# ଗଣତନ୍ତ୍ରରେ ଦଳ ଓ ସରକାର



## ଅକ୍ଷୟ କୁମାର ମିଶ୍ର

ଆମ ଦେଶ ଯେ ବିଶ୍ୱରେ ଏକ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ପରିଚିତ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ୭୮ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଆମେ ଗଣତାନ୍ତ୍ରିକ ରାସ୍ତାରେ ଚାଲିଛୁ । ଗୋଟିଏ ବିରାଟ ଭୂଖଣ୍ଡ । ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ବସିଲାଣି । ଧର୍ମକୁ ନେଇ ବିଚାର କଲେ ହିନ୍ଦୁ, ମୁସ୍‌ଲିମ୍, ଖ୍ରୀଷ୍ଟିଆନ, ଶିଖ୍, ବୌଦ୍ଧ, ଜୈନ ବ୍ୟତୀତ ଆହୁରି ୮୩ ପ୍ରକାର ଧର୍ମର ଲୋକ ଏଠାରେ ବାସ କରନ୍ତି । ତିନି ହଜାରରୁ ଊର୍ଦ୍ଧ୍ୱ ଜାତି ଏବଂ ପଚିଶ ହଜାରରୁ ଊର୍ଦ୍ଧ୍ୱ ଉପଜାତି ମଧ୍ୟରେ ଭାରତୀୟ ସମାଜ ବିଭକ୍ତ । ସମ୍ବିଧାନ ସ୍ୱୀକୃତ ୨୨ଟି ଭାଷାକୁ ଛାଡ଼ିଦେଲେ ୧୫୦୦ରୁ ଊର୍ଦ୍ଧ୍ୱ ଆଞ୍ଚଳିକ ଭାଷାରେ ଏଠାରେ ଲୋକମାନେ ଭାବ ବିନିମୟ କରନ୍ତି । ଖାଦ୍ୟ ଗ୍ରହଣ ଓ ପୋଷାକ ପରିଧାନକୁ ଦେଖିଲେ ବହୁ ବିବିଧତା ପରିଲକ୍ଷିତ ହୁଏ । ଏହା ସତ୍ତ୍ୱେ ଦେଶର ସମୂହ ଜନଗଣ ଗଣତନ୍ତ୍ର ଉପରେ ଅଖଣ୍ଡ ବିଶ୍ୱାସ ରଖିବା ଏକ ବିସ୍ମୟ କହିଲେ ଭୁଲ୍ ହେବ ନାହିଁ । ତେବେ ଏକଥା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଏହି ଯାଦୁକରି ଅଖଣ୍ଡତାର ମୂଳମନ୍ତ୍ର ଆମ ସମ୍ବିଧାନ ଭିତରେ ଲିପିବଦ୍ଧ । ଏହା ଭିତରେ ଅଛି ଆମ ଅଧିକାର, ଆମ କର୍ତ୍ତବ୍ୟ । ଏହାରି ଭିତରେ ଅଛି ରାଜନୈତିକ ଦଳଗୁଡ଼ିକ ପାଇଁ ନିର୍ଦ୍ଦେଶାବଳୀ । ଏହାରି ଭିତରେ ଅଛି ସରକାର ଗଠନର ପ୍ରାବଧାନ ସହିତ ସରକାରର ଦାୟିତ୍ୱବୋଧ ସମ୍ପର୍କରେ ସବିଶେଷ ବିବରଣୀ । ଏହାକୁ ଅନୁସରଣ କଲେ ଗଣତନ୍ତ୍ର ଅଧିକ ପରିପୁଷ୍ଟ ହେବ । ଜନଗଣଙ୍କ ବିଶ୍ୱାସ ଅତୁଟ ରହିବ ।

ଆମ ସମ୍ବିଧାନ ବହୁଦଳୀୟ ଶାସନ ବ୍ୟବସ୍ଥା ଉପରେ ମୋହର ଲଗାଇଛି, ଯାହା ଜନସାଧାରଣଙ୍କ ରାଜନୈତିକ ଅଧିକାରକୁ ବନ୍ଧନମୁକ୍ତ କରୁଛି । ଏହା ସତ୍ତ୍ୱେ ଆମେ କହିପାରିବା ନାହିଁ ଆମ ଶାସନ ବ୍ୟବସ୍ଥାର ପରିଚାଳନା ପାଇଁ କେନ୍ଦ୍ର ଅଥବା ରାଜ୍ୟଗୁଡ଼ିକରେ ଯେଉଁ ସବୁ ସରକାର ଗଠନ ହେଉଛି ସେ ସବୁ ସରକାର ଦଳତନ୍ତ୍ରରୁ ମୁକ୍ତ ବୋଲି । ସିଧାସଳଖ କହିବାକୁ ଗଲେ ସମ୍ପ୍ରତି ଦେଖାଯାଉଛି ସରକାରୀ କାର୍ଯ୍ୟରେ ଦଳର ପ୍ରାଧାନ୍ୟ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ସରକାରଗୁଡ଼ିକ ଜନାଭିମୁଖୀ ହେବା ପରିବର୍ତ୍ତେ ଦଳର ଲୋକପ୍ରିୟତା ବୃଦ୍ଧି ନିମନ୍ତେ ସବୁପ୍ରକାର ବ୍ୟବସ୍ଥା କରୁଛନ୍ତି । ସରକାରୀ କାର୍ଯ୍ୟକ୍ରମ କି ଦଳର କାର୍ଯ୍ୟକ୍ରମ ଜାଣିବା ମୁସ୍କିଲ । ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ସରକାରୀ ଗସ୍ତରେ ଯିବାବେଳେ ଯଦି ମାଳମାଳ ଦଳୀୟ ପତାକା ବ୍ୟବହାର ହେବ, ଦଳୀୟ କର୍ମୀଙ୍କ ଗହଣରେ ଚାଲିବେ, ଦଳ ନାମରେ ସ୍ଲୋଗାନ୍ ଦିଆଯିବ ତେବେ ଦଳମତ ନିର୍ବିଶେଷରେ ଯେ ଜନ ପ୍ରତିନିଧିମାନେ ସମସ୍ତଙ୍କର ଏହା କହିବା ବାହୁଲ୍ୟ ମାତ୍ର । ଏହି କଥାଟି ଆମ ଦେଶର ଗଣତନ୍ତ୍ର ଦୃଶ୍ୟପଟରେ ଏକ ବିଡ଼ମ୍ବନା । ଜନ ପ୍ରତିନିଧି ଶାସକ ଦଳର ହୁଅନ୍ତୁ ବା ବିରୋଧୀ ଦଳରେ ଥାଆନ୍ତୁ ସମସ୍ତଙ୍କ ନିକଟରେ ସମାନ ଆଚରଣ ପରିଲକ୍ଷିତ ହେଉଛି । କିନ୍ତୁ ଶାସକ ଦଳର ପ୍ରତିନିଧିମାନଙ୍କର ଏପ୍ରକାର ଆଚରଣ ଗଣତନ୍ତ୍ରର ବୈଶିଷ୍ଟ୍ୟ ଉପରେ କୁଠାରାଘାତ କରୁଛି । ଏପରି କି ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳ, ବାଚସ୍ପତି, ଉପବାଚସ୍ପତି ଏମାନେ ଯେଉଁଭଳି ନିରପେକ୍ଷତା ଅବଲମ୍ବନ କରିବା କଥା ତାହା ମଧ୍ୟ ହେଉ ନାହିଁ । ମୋଟାମୋଟି କହିବାକୁ ଗଲେ ଦଳୀୟ ସଂକ୍ରମଣରେ ସଂକ୍ରମିତ ଜନ ପ୍ରତିନିଧିମାନେ ।



ସରକାର ଗଠନ କ୍ଷେତ୍ରରେ ରାଜନୈତିକ ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ନିର୍ବାଚନରେ ଯେଉଁ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରେ ସେହି ଦଳର ନେତୃତ୍ୱରେ ସରକାର ଗଠିତ ହୁଏ । ଗଠିତ ସରକାର ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ହେବା କଥା । କିନ୍ତୁ ସରକାରଗୁଡ଼ିକର କାର୍ଯ୍ୟଶୈଳୀକୁ ନିରେଖି ଦେଖିଲେ ମନେହେଉଛି ସତେ ଯେମିତି ସେମାନେ ନିଜ ନିଜ ଦଳ ନିକଟରେ କେବଳ ଉତ୍ତରଦାୟୀ । ଏସବୁ ଦେଖି ଦେଖି ଲୋକମାନେ ମଧ୍ୟ ସରକାରକୁ ଦଳର ନାମ ଅନୁସାରେ ନାମିତ କରିବାକୁ ଆରମ୍ଭ କରି ସାରିଲେଣି । ଅଫିସ୍ ଦପ୍ତର, ଥାନାରେ ଦଳୀୟ କର୍ମୀଙ୍କ ଭିଡ଼ ଜମୁଛି । ସରକାରୀ ଯୋଜନାର ଫାଇଦା ଉଠାଉଛନ୍ତି ଦଳର ସମର୍ଥକମାନେ । ଦଳ ସରକାରକୁ ଚଳାଉଛି ନା ସରକାର ଦଳକୁ ଚଳାଉଛନ୍ତି ଏହା ଜାଣି ହେଉ ନାହିଁ ।

ଦଳ ଓ ସରକାର ମଧ୍ୟରେ ଏହି ଅନୈତିକ ସମ୍ପର୍କ ଗଣତନ୍ତ୍ରକୁ କେବଳ ନିମ୍ନଗାମୀ କରୁନାହିଁ, ପରନ୍ତୁ ଆମ ଦେଶରେ ଯେଉଁସବୁ ନିରପେକ୍ଷ ସଂସ୍ଥା ଅଛି ସେଗୁଡ଼ିକର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଯେତେବେଳେ ଯେଉଁ ଦଳ ସରକାର ଗଠନ କରୁଛି ସେହି ଦଳ ପ୍ରତି ନିର୍ବାଚନ ଆୟୋଗର ଦୁର୍ବଳତା ରହୁଛି ବୋଲି ଅଭିଯୋଗ ଉଠୁଛି । ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ କହିବା ସତ୍ୟର ଅପଳାପ ହେବ । କାରଣ ନିର୍ବାଚନରେ ବେଲଗାମ ଖର୍ଚ୍ଚ ସାଙ୍ଗକୁ ଉତ୍କୋଚ ଦେବା ଭଳି ପ୍ରତିଶ୍ରୁତି ଦିଆଯାଉଛି, ଅଥଚ ନିର୍ବାଚନ ଆୟୋଗ ସବୁ ଦେଖି ନ ଦେଖିବା ଭଳି ଚୁପ୍ ରହୁଛନ୍ତି । ସେମିତି ବିଚାର ବିଭାଗ ସମ୍ପର୍କରେ ମଧ୍ୟ ଅଭିଯୋଗ କମ୍ ଉଠୁନାହିଁ । ଏହି ଅଭିଯୋଗର ସତ୍ୟତା ଉପରେ ମୋହର ବାଜୁଛି, ଯେତେବେଳେ ଅବସରପ୍ରାପ୍ତ ବିଚାରପତିମାନେ ସରକାରୀ ଦଳର ଆଶୀର୍ବାଦରେ ରାଜ୍ୟସଭାକୁ ପ୍ରବେଶ କରୁଛନ୍ତି । ଏହା ବ୍ୟତୀତ କେବଳ ବିରୋଧୀ ଦଳର ନେତାଙ୍କ ଉପରେ ସି.ବି.ଆଇ., ଇ.ଡି.ର ଚଢ଼ାଉ ଏବଂ ଦଳ ଛାଡ଼ି ସରକାରୀ ଦଳରେ ସାମିଲ ହୋଇଗଲେ ଏହି ତଦନ୍ତ ସଂସ୍ଥାଗୁଡ଼ିକର ଶିଥିଳତାକୁ ଦେଖିଲେ ସରକାର ଓ ସରକାରୀ ଦଳ ମଧ୍ୟରେ କେଉଁଠି ନା କେଉଁଠି ଭିତିରି ବୁଝାମଣା ରହୁଛି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ।

ସରକାର ଗଠନ କରିଥିବା ରାଜନୈତିକ ଦଳର ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ତର୍ଜମା କଲେ ଆମେ ଦେଖିବା ସରକାର ଗଠନ ପୂର୍ବରୁ ଓ ସରକାର ଗଠନ ପରେ ଆଭିମୁଖ୍ୟର ଆକାଶ ପାତାଳ ପାର୍ଥକ୍ୟ । ଦରଦାମ ବୃଦ୍ଧି, ବେକାରି ସମସ୍ୟା, ଆଇନ ଶୃଙ୍ଖଳାକୁ ନେଇ ଯେଉଁ ଦଳ ନିଜର ଅସନ୍ତୋଷ ବ୍ୟକ୍ତ କରୁଥିଲା ଏବଂ ପ୍ରତିବାଦ ସ୍ୱରୂପ ଆନ୍ଦୋଳନକୁ ଓହ୍ଲାଉଥିଲା, ସେହି ଦଳ ସରକାର ଗଠନ କଲା ପରେ ସରକାରର ଢାଲ ସାଜୁଛି । ସରକାରଙ୍କର କୌଣସି ପଦକ୍ଷେପକୁ ବିରୋଧ କରୁନାହିଁ, ଯେତେ ଜନବିରୋଧୀ ହୋଇଥିଲେ ବି । ଅଧିକନ୍ତୁ ଏସବୁକୁ ସମର୍ଥନ ଜଣାଉଛି । ଦଳରୁ ଟିକେଟ୍ ନେଇ ଯେଉଁମାନେ ଜିତୁଛନ୍ତି ଦଳ ସେମାନଙ୍କୁ ଗୋଟାପଣେ ଦଳର ବୋଲି ଧରି ନେଉଛି । ସେମିତି ସରପଞ୍ଚଠାରୁ ସାଂସଦ ସଭିଏ ନିଜକୁ ସମୂହ ଜନତାଙ୍କର ନ ଭାବି ଦଳର ବୋଲି ଭାବୁଛନ୍ତି । ଫଳରେ ଦଳ ଓ ସରକାର ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟକୁ ସାଧାରଣ ଜନତା ଅନୁଭବ କରିପାରୁ ନାହାନ୍ତି ।

ଏହି ଧାରା ଅବ୍ୟାହତ ଥିବା ପର୍ଯ୍ୟନ୍ତ ସୁଷମ ବିକାଶ ସମ୍ଭବ ହେବ ନାହିଁ । କାରଣ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟାୟନ ବେଳେ ଦଳର ପ୍ରଭାବ ସରକାର ଓ ପ୍ରଶାସନ ଉପରେ ପଡୁଛି । ଦେଖାଯାଉଛି, ଯେଉଁମାନେ ସରକାରୀ ଦଳର ସମର୍ଥକ ନୁହନ୍ତି ସେମାନେ ଉପଯୁକ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । କେବଳ ସାଧାରଣ ଜନତା ଯେ କ୍ଷତି ସହୁଛନ୍ତି ତା' ନୁହେଁ, କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଭିନ୍ନ ଭିନ୍ନ ଦଳ ନେତୃତ୍ୱରେ ଗଠିତ ହୋଇଥିଲେ ରାଜ୍ୟ ଅନେକ କ୍ଷେତ୍ରରେ ବୈମାତୃକ ମନୋଭାବର ଶିକାର ହେଉଛି । ଏହି ପାତର ଅନ୍ତର ନୀତି ନିର୍ବାଚନମଣ୍ଡଳୀରେ ମଧ୍ୟ ଅନୁଭୂତ ହେଉଛି, ଯେଉଁଠାରେ ଲୋକ ପ୍ରତିନିଧି ଜଣକ ସରକାରୀ ଦଳର ନୁହନ୍ତି ।

ମନେରଖିବା ଉଚିତ ଦଳ ହେଉଛି ସମାନ ଆଦର୍ଶରେ ବିଶ୍ୱାସ ରଖି ରାଜନୈତିକ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଏକାଠି ହୋଇଥିବା କିଛି ଲୋକଙ୍କ ସମାହାର । ଗୋଟିଏ ରାଜନୈତିକ ଦଳ ସମଗ୍ର ଦେଶବାସୀଙ୍କ ହୋଇ ନ ପାରେ । କିନ୍ତୁ ସରକାର ହେଉଛନ୍ତି ସମଗ୍ର ଦେଶବାସୀଙ୍କର । ସମସ୍ତଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଏବଂ ସମସ୍ତଙ୍କର ହିତ ସାଧନ କରିବା ସରକାରଙ୍କ କାମ ଓ କର୍ତ୍ତବ୍ୟ ହେବା ବାଞ୍ଛନୀୟ ।

ସଭାପତି, ଓଷ୍ଟା
ମୋ: ୯୯୩୮୭୬୩୨୩୭

# ନାଗା ସୃଜନ ନାୟିକା

### ବ୍ୟକ୍ତିତ୍ୱ



ଇଷ୍ଟେରିନେ କିରେ

ଏବେ ସାହିତ୍ୟରେ ଗୋଟେ ନୂଆ ଫର୍ମାଟ୍ ବିକଶିତ ହୋଇଛି । ପୁରୁଣା କଥାବସ୍ତୁ, ପୌରାଣିକ ଆଖ୍ୟାୟିକା, ଐତିହାସିକ ଘଟଣାବଳୀକୁ ଲେଖକମାନେ ନୂତନ ଢଙ୍ଗରେ ବ୍ୟାଖ୍ୟାନ କରି ବଡ଼ ପାଠକ ଗୋଷ୍ଠୀଙ୍କ ନିକଟରେ ପହଞ୍ଚିବାର ଉଦ୍ୟମ କରୁଛନ୍ତି । ଏହା ସମ୍ପୂର୍ଣ୍ଣ ମୌଳିକ ସର୍ଜନା ହୋଇ ନ ଥିଲେ ମଧ୍ୟ ଉଧାରରେ ଆଣି ରୋଚକଧର୍ମୀ କରିପାରୁ ଥିବାରୁ ଏବର ପିଢ଼ି ତାହାକୁ ପଢ଼ିବାରେ ଆନନ୍ଦ ପାଉଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୪ ପାଇଁ ଇଂଲିଶ୍ ସାହିତ୍ୟ କ୍ଷେତ୍ରରେ ପୁରସ୍କାର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଥିବା 'ସ୍ପିରିଟ୍ ନାଇଟ୍ସ' ହେଉଛି ସେଭଳି ଏକ ପୁସ୍ତକ । ନାଗାର ଦୁଇ ଆଦିବାସୀ ସମ୍ପ୍ରଦାୟ ରେଙ୍ଗମା ଓ ଚାଙ୍ଗଙ୍କ ଇତିହାସ ବହୁ ପୁରୁଣା । ତେବେ ଚାଙ୍ଗ ନାଗା ଟ୍ରାଇବ୍‌ର ଅନ୍ଧାରି ମୂଳକର କାହାଣୀରେ ସ୍ଥାନିତ ଚରିତ୍ର ଓ ସ୍ଥାନକୁ ସମାନ ଭାବେ ରଖି ସେଥିରେ କାଳ୍ପନିକ ବିଷୟକୁ ଯେଭଳି ସଂଯୋଜିତ କରାଯାଇ 'ସ୍ପିରିଟ୍ ନାଇଟ୍ସ' ପ୍ରକାଶ କରାଯାଇଛି, ତାହା ନାଗାଲାଣ୍ଡ ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା କୁହାଯାଇଛି । ସାମ୍ପ୍ରତିକ ପିଢ଼ି ଆଗରେ ନିଜ ସମ୍ପ୍ରଦାୟର ପୁରୁଣା କାହାଣୀରେ ମସଲାଦାର ଛୁଙ୍କ ଦେଇ ଯିଏ ସାହିତ୍ୟରେ ଏକ ଅଭିନବତ୍ୱ ଆଣିବାରେ ସକ୍ଷମ ହୋଇଛନ୍ତି, ସେ ହେଲେ ସ୍ପିରିଟ୍ ନାଇଟ୍ସର ଲେଖିକା ଇଷ୍ଟେରିନେ କିରେ । ୮ ମାର୍ଚ୍ଚ ୨୦୨୫ରେ ନୂଆଦିଲ୍ଲୀରେ ଏକ ଭବ୍ୟ ସମାରୋହରେ ଇଂଲିଶ ଭାଷା କ୍ଷେତ୍ରରେ ତାଙ୍କୁ ଏକାଡେମୀ ପକ୍ଷରୁ ପୁରସ୍କାର ପ୍ରଦାନ କରାଯିବ । ଇଂଲିଶ ଭାଷାରେ ନାଗାଲାଣ୍ଡର ପ୍ରଥମ ଔପନ୍ୟାସିକା ଭାବେ ସେ ଏହି ମର୍ଯ୍ୟାଦାଜନକ ସମ୍ମାନ ପାଇବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି ।

ନାଗାଲାଣ୍ଡ ରାଜଧାନୀ କୋହିମାଠାରେ ୨୯ ମାର୍ଚ୍ଚ ୧୯୫୯ରେ ଏକ ଅଙ୍ଗାମି ନାଗା ପରିବାରରେ ଇଷ୍ଟେରିନେ ଜନ୍ମଗ୍ରହଣ କରିଥିଲେ । ବାପ୍ଟିଷ୍ଟ ଇଂଲିଶ ସ୍କୁଲରୁ ବିଦ୍ୟାଳୟ ଶିକ୍ଷା ସମାପ୍ତ କରିବା ପରେ ଶିଲଂକୁ ସ୍ନାତକ ଡିଗ୍ରୀ କରିବାକୁ ଯାଇଥିଲେ । ପରେ ସେ ଦିଲ୍ଲୀରେ ସାମ୍ବାଦିକତାରେ ଡିଗ୍ରୀ ଅର୍ଜନ କରିଥିଲେ । ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟରୁ ଇଂଲିଶ ସାହିତ୍ୟରେ ଡକ୍ଟରେଟ୍ କରିଥିବା ଇଷ୍ଟେରିନେ ଯୁବାବସ୍ଥାରୁ ସୃଜନଶୀଳତା ପ୍ରତି ରୁଚି ରଖିଥିଲେ । ସେ ଏକ ସାକ୍ଷାତ୍‌କାରରେ କହିଥିଲେ, ନାଗା ସାହିତ୍ୟକୁ ସମୃଦ୍ଧ କରିବା ଲାଗି ଲେଖିବାର ଆବଶ୍ୟକତା ପଡ଼ିଥିଲା । କାରଣ ନାଗାଲାଣ୍ଡର ଅନେକ ଲୋକକାହାଣୀ ଜନଶ୍ରୁତିରେ ବଞ୍ଚିଆସିଛି, ଯାହା କାଳକ୍ରମେ କ୍ଷୟପ୍ରାପ୍ତ ହେବା ଅନୁଭବ କରିବା ପରେ ସେ ସେଥିପ୍ରତି ମନୋନିବେଶ କରିଥିଲେ । ଇଷ୍ଟେରିନେଙ୍କ ସାହିତ୍ୟ ଯାତ୍ରାକୁ ଦେଖିଲେ ୧୯୮୨ରେ ତାଙ୍କ ପ୍ରଥମ କବିତା ପୁସ୍ତକ 'କେଲ୍‌ହୋଉକେଭିରା' ପ୍ରକାଶ ପାଇଥିଲା । ତାହା ଇଂଲିଶ ଭାଷାରେ ପ୍ରଥମ ନାଗା କବିତା ସଙ୍କଳନ । ଏହା ପରେ ସେ ଗଦ୍ୟ ରଚନାକୁ ଅଗ୍ରପ୍ରାଧାନ୍ୟ ଦେଇ ଲେଖିଲେ 'ଏ ନାଗା ଭିଲେଜ ରିମେମ୍ବରଡ଼' । ୨୦୦୩ରେ ପ୍ରକାଶ ପାଇଥିବା ଏହି ପୁସ୍ତକ ଇଂଲିଶ ଭାଷାରେ ନାଗା ଲେଖିକାଙ୍କ ପ୍ରଥମ ଉପନ୍ୟାସ ଭାବେ ବିବେଚନା କରାଯାଇଛି । ବ୍ରିଟିଶ ସୈନ୍ୟ ଓ ଗୋଟେ କ୍ଷୁଦ୍ର ନାଗା ଗାଁ ଭିତରେ ହୋଇଥିବା ଯୁଦ୍ଧକୁ ସମ୍ପୃକ୍ତ ଉପନ୍ୟାସରେ ସ୍ଥାନ ଦିଆଯାଇଛି । ୨୦୦୭ରେ ଇଷ୍ଟେରିନେଙ୍କ ଦ୍ୱିତୀୟ ଉପନ୍ୟାସ 'ଟେରିବଲ୍ ମାଟ୍ରିଆର୍କି' ପ୍ରକାଶ ପାଇଥିଲା । ସେଥିରେ ସେ ନାଗାଲାଣ୍ଡରେ ଘଟିଥିବା ଆଭ୍ୟନ୍ତରୀଣ ଓ ସାମାଜିକ ସଂଘର୍ଷକୁ ଦେଖାଇଛନ୍ତି । ୨୦୧୦ରେ 'ମାରି' ଉପନ୍ୟାସରେ ନାଗାଲାଣ୍ଡ ଦେଇ ୧୯୪୪ରେ ଜାପାନୀଙ୍କ ଭାରତ ଆକ୍ରମଣ ଏବଂ ସେହି ଯୁଦ୍ଧରେ ଜଣେ ଯୁବତୀ ନିଜ ବାଗଦତ୍ତଙ୍କୁ ହରାଇବା ପରେ କିଭଳି ଜୀବନ ଜିଇଥିଲେ ତାହାର ବାସ୍ତବ କାହାଣୀକୁ ଇଷ୍ଟେରିନେ ଉପନ୍ୟାସରେ ସନ୍ନିବେଶିତ କରିଛନ୍ତି । ୨୦୧୧ରେ ପ୍ରକାଶିତ 'ବିଟର ୱର୍ମଉଡ୍'ରେ ଉତ୍ତର ପୂର୍ବାଞ୍ଚଳ ଲୋକଙ୍କ ଜୀବନ କିଭଳି ରାଜନୈତିକ ଶିରୋନାମା ପାଲଟିଥିଲା ତାହାକୁ ଔପନ୍ୟାସିକା ବର୍ଣ୍ଣନା କରିଛନ୍ତି । ୨୦୧୯ରେ 'ୱାକିଂ ଦ ରୋଡ୍‌ଲେସ୍ ରୋଡ୍ : ଏକ୍ସପ୍ଲୋରିଂ ଦ ଟ୍ରାଇବ୍ସ ଅଫ୍ ନାଗାଲାଣ୍ଡ' ପ୍ରକାଶ ପାଇଥିଲା । ଇଷ୍ଟେରିନେ ନାଗା ସଂସ୍କୃତିକୁ ସାହିତ୍ୟ ମାଧ୍ୟମରେ ଦର୍ଶାଇବା ସହ ସେଠାକାର ମହିଳାଙ୍କ ବାସ୍ତବ ଜୀବନରେ ଦେଖାଦେଇଥିବା ପରିବର୍ତ୍ତନକୁ ନିଜ ସୃଜନଶୀଳତାରେ ସ୍ଥାନ ଦେଇଛନ୍ତି । ସେ ମଧ୍ୟ ଶିଶୁ ଲେଖା, ବିଭିନ୍ନ ପତ୍ରପତ୍ରିକାରେ ପ୍ରବନ୍ଧମାନ ଲେଖିଛନ୍ତି । ୨୦୧୧ରେ ତାଙ୍କର ପ୍ରଥମ ଶିଶୁ ସାହିତ୍ୟ ପୁସ୍ତକ ପ୍ରକାଶ ପାଇଥିଲା । ଏଥିସହିତ ସେ କଥିତ ଅବସ୍ଥାରେ ଥିବା ୨୦୦ ଦେଶୀ କବିତାକୁ ସାହିତ୍ୟ ରୂପ ଦେଇ ପ୍ରକାଶ କରିଛନ୍ତି ।

ଇଷ୍ଟେରିନେ କିରେ ପାଇଥିବା ପୁରସ୍କାର ଓ ସମ୍ମାନ ତାଲିକାରେ ନାଗା ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ସକାଶେ ୨୦୧୧ରେ ଗଭର୍ନର୍ସ ମେଡାଲ, 'ସନ୍ ଅଫ୍ ଦ ଥଣ୍ଡରକ୍ଲାଉଡ୍' ପାଇଁ ୨୦୧୮ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ୍ ସାହିତ୍ୟ ପୁରସ୍କାର, କାଟାଲାନ୍ ପେନ୍ ବାର୍ସେଲୋନା ପକ୍ଷରୁ 'ଫ୍ରି ଭଏସ୍', 'ବିଟର ୱର୍ମଉଡ୍' ୨୦୧୩ରେ 'ଦି ହିନ୍ଦୁ' ପୁରସ୍କାର ପାଇଁ ଶର୍ଟ ଲିଷ୍ଟେଡ୍ ଥିଲା । ତେବେ ୨୦୧୫ରେ ସେ 'ହ୍ୱେନ୍ ଦି ରିଭର ସ୍ଲିପ୍ସ' ଦ ହିନ୍ଦୁ ଲିଟେରାରି ପୁରସ୍କାର ପାଇଥିଲେ । ବର୍ତ୍ତମାନ ଉତ୍ତର ନରୱେରେ ବାସ କରୁଥିବା ଇଷ୍ଟେରିନେ କେବଳ ସାହିତ୍ୟ ରଚନା ନୁହେଁ, ଜାଜ୍ କବିତା ଲେଖି ତାଙ୍କ ନିଜସ୍ୱ ଜାଜ୍‌ପୋୟେସି ବ୍ୟାଣ୍ଡରେ ସେସବୁକୁ ପ୍ରଦର୍ଶନ କରି ସୃଜନଶୀଳତାର ବିଭିନ୍ନ ମଞ୍ଚରେ ବାସ୍ତବ ଆନନ୍ଦ ଉଠାଇବାରେ ଲାଗିଛନ୍ତି ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବୟସ ୨୫, ହେଲେ ଜାସ୍ କାଲ୍‌ରାଙ୍କ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ତଥା ପ୍ରେରଣାଦାୟକ । ଏହି ବୟସରେ ଜାସ୍ ଗୁରୁଗ୍ରାମରେ ଏକ ଆଶ୍ରୟସ୍ଥଳୀରେ ୧,୨୦୦ ଅସହାୟ ଲୋକଙ୍କୁ ରଖି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ଦୈନନ୍ଦିନ ଆବଶ୍ୟକତା ମଧ୍ୟ ପୂରଣ କରୁଛନ୍ତି । ଜାସ୍ ମୁଖ୍ୟତଃ ରାସ୍ତାକଡ଼ରେ ଅସହାୟ ଭାବେ ଜୀବନ ବିତାଉଥିବା ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ରଖୁଛନ୍ତି । ଏହି ଆଶ୍ରୟସ୍ଥଳୀ 'ଆର୍ଥ ସର୍‌ଭାଇବର ଫାଉଣ୍ଡେଶନ' ଅଧୀନରେ ଚାଲୁଛି । ଏଠାରେ ୫,୦୦୦ ଲୋକ ରହିବା ଭଳି ବ୍ୟବସ୍ଥା ରହିଛି, ଯାହା ବିଶ୍ୱର ସବୁଠୁ ବଡ଼ ମାଗଣାରେ ସେବା ଯୋଗାଉଥିବା ଆଶ୍ରୟସ୍ଥଳୀ । ଏହାର ମୁଖ୍ୟ ଭାବେ ଜାସ୍ ଦାୟିତ୍ୱ ତୁଲାଉଛନ୍ତି । ଜାସ୍ ତାଙ୍କ ପିତା ସମାଜସେବୀ ରବି କାଲ୍‌ରାଙ୍କ ପ୍ରେରଣାରେ ଏହି ସେବା ଚଳାଇଛନ୍ତି । ରାସ୍ତାକଡ଼ରୁ ଉଦ୍ଧାର କରାଯାଉଥିବା ଲୋକଙ୍କ ପରିଚୟ ଜାଣିବା ପରେ ଜାସ୍ ଅନେକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରୁଛନ୍ତି । ଏବେ ସୁଦ୍ଧା ୩୦୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇ ସାରିଲାଣି । ତାଙ୍କ ସଂସ୍ଥା ମଧ୍ୟ ହସ୍ପିଟାଲ କିମ୍ବା ରାସ୍ତାରେ ମୃତ୍ୟୁ ଘଟୁଥିବା ୩୦୦୦ ପରିଚୟହୀନ ମୃତଦେହ ଦାହ କରିସାରିଲାଣି ।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଡିସେମ୍ବର ୧୯୭୫

- ତ୍ରିପୋଲିରେ ସଶସ୍ତ୍ର ବ୍ୟକ୍ତିମାନେ ଉତ୍ତର ଲେବାନନ୍‌ର ପ୍ରାଦେଶିକ ଗଭର୍ଣ୍ଣର ଶେଖ୍ କାସେମ ଅଲ–ଇମାଦଙ୍କୁ ଗୁଳିକରି ହତ୍ୟା କରିଛନ୍ତି ।
- ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବଂଶୀଲାଲ ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ପି.ସି. ସେଠୀ ଯୋଗଦେବା ଫଳରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀଙ୍କ ସଂଖ୍ୟା ୧୭କୁ ବୃଦ୍ଧି ।

# ପାଠକ ଶ୍ରେଷ୍ଠ ବିଚାରକ

## ଶିକ୍ଷା ଓ ସଚେତନତା ଆବଶ୍ୟକ

ମହାଶୟ,

ନିକଟରେ ଆମ୍ବଟାକୁଆ ଯୋଗୁ ହୋଇଥିବା ମୃତ/ପୀଡ଼ିତ ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା । ସେମାନେ ଖାଦ୍ୟାଭାବ ଅଥବା କେତେକ ନିର୍ଦ୍ଦିଷ୍ଟ ପର୍ବପର୍ବାଣି ସମୟରେ ଏହାକୁ ଖାଇଥାଆନ୍ତି । କେହି କେହି ଏହାକୁ ଜାଉ କରି ଅଭ୍ୟାସଗତ ଓ ନିଆରା ସ୍ୱାଦ ପାଇଁ ବେଳେ ବେଳେ ଖାଇଥାନ୍ତି । ଜଙ୍ଗଲରୁ ସଂଗୃହୀତ ସଂରକ୍ଷିତ ଖାଦ୍ୟ କୌଣସି କାରଣରୁ ସଂକ୍ରମିତ ହେଲେ ଏହା ବିଷକ୍ରିୟା ସୃଷ୍ଟି କରିଥାଏ । ପୂର୍ବରୁ ମଧ୍ୟ ଏପରି ଘଟଣା ଯଥା ବିଷାକ୍ତ ଛତୁ, ପଚା ମାଂସ, ବିଷାକ୍ତ ଆମ୍ବ ଟାକୁଆ ଆଦି ଖାଇ ମୃତ୍ୟୁ ଘଟିଥିବା ନଜିର ଅଛି । ଏହିପରି ବିଷାକ୍ତ ଖାଦ୍ୟ ଅଭ୍ୟାସରୁ ମୁକ୍ତି ପାଇବା ପାଇଁ ଶିକ୍ଷା ଏବଂ ସଚେତନତାର ଯଥେଷ୍ଟ ଆବଶ୍ୟକତା ଅଛି । ଜନହିତକାରୀ 'ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା' ଯୋଜନା ମାଧ୍ୟମରେ ବଣ୍ଟା ଯାଉଥିବା ଖାଦ୍ୟ ଯେପରି ଠିକ ବ୍ୟକ୍ତି ନିକଟରେ ଠିକ ସମୟରେ ପହଞ୍ଚିପାରିବ ତାହା ନିଶ୍ଚିତ କରିବା ଆବଶ୍ୟକ । ଫଳସ୍ୱରୂପ, ଖାଦ୍ୟାଭାବ ସମସ୍ୟା ଅନେକାଂଶରେ ଦୂର ହେବା ସହିତ ଏଭଳି ଅଘଟଣ ଘଟିବାର ସମ୍ଭାବନା କ୍ଷୀଣ ହୋଇଯିବ ।

– ନବନୀତ୍ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତଥାପି କାହିଁ ତ ନ ଲଭେ ପରାଣ ତୃପତି
ସବୁ ପାଇ
ବୁଝାଇ ନିଜକୁ କରିଥିଲି କେତେ ଯୁକତି
ମନେ ନାହିଁ ।

(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସଶକ୍ତ କୃଷକ ଶକ୍ତିଶାଳୀ ରାଷ୍ଟ୍ର ଗଢ଼ିପାରିବେ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୧।୧୨(ଅନିଲ ଦାସ)

## ଚୌଧୁରୀ ଚରଣ ସିଂ ପୁରସ୍କାର ସମାରୋହ




ଜଣେ ସଶକ୍ତ କୃଷକ ହିଁ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରିପାରିବ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଚୌଧୁରୀ ଚରଣ ସିଂଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରି ମୋଦିଙ୍କ ସରକାର କୃଷକଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶନିବାର ଚରଣ ସିଂଙ୍କ ୧୨୨ତମ ଜୟନ୍ତୀର ଅବ୍ୟବହିତ ପୂର୍ବରୁ କିଷାନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ପୁରସ୍କାର ସମାରୋହରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ସମାଜରେ ସନ୍ତୁଳନ, ସମାନତା ଓ ନ୍ୟାୟ ସୁନିଶ୍ଚିତ କରିବା ଉପରେ ଆଧାରିତ ଚରଣ ସିଂଙ୍କ ମହାନ୍ ମୂଲ୍ୟବୋଧ, ଭାବନା ଓ ଚିନ୍ତାଧାରାର ପ୍ରତୀକ ହେଉଛି ଏହି ପୁରସ୍କାର। କୃଷି ଆମ ଅର୍ଥନୀତିର ସବୁଠାରୁ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଚୌଧୁରୀ ଚରଣ ସିଂ ଚାଷୀଙ୍କ ଆର୍ଥିକ ସ୍ୱାଧୀନତା ଏବଂ ଆତ୍ମନିର୍ଭର ସଂସ୍କାରର ମୂଳଦୁଆ ସ୍ଥାପନ କରିବାର ବଟବୃକ୍ଷ ଥିଲେ। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ ସେ ଭୂମି ସଂସ୍କାରରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ହିନ୍ଦୀ ଭାଷାକୁ ପ୍ରାଥମିକତା ଦେଇଥିଲେ, ଯାହା ତାଙ୍କର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ପ୍ରତିଫଳନ। କେନ୍ଦ୍ର ସରକାର ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ଭାରତୀୟ ଭାଷାରେ ଶିକ୍ଷା କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କୃଷି, ସାମାଜିକ କଲ୍ୟାଣ ଏବଂ ସାମ୍ବାଦିକତା କ୍ଷେତ୍ରରେ ଉତ୍କୃଷ୍ଟ ଯୋଗଦାନ ଦେଇଥିବା ଗଣ୍ୟମାନ୍ୟ ବ୍ୟକ୍ତିବିଶେଷଙ୍କୁ ଚୌଧୁରୀ ଚରଣ ସିଂ ପୁରସ୍କାରରେ ସମ୍ମାନିତ କରିଥିଲେ। ଚୌଧୁରୀ ଚରଣ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ କିଷାନ ଟ୍ରଷ୍ଟ ସମେତ ସମସ୍ତ ପୁରସ୍କାର ବିଜେତାଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି।

# କୋଲକାତା ବସ୍ତିରେ ୫୦ ଝୁମ୍ପୁଡ଼ି ଜଳିଗଲା

କୋଲକାତା,୨୧।୧୨(ପି.ଟି.)

କୋଲକାତାର ଏକ ଝୁମ୍ପୁଡ଼ି ବସ୍ତିରେ ଶନିବାର ସନ୍ଧ୍ୟାରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ପ୍ରାୟ ୫୦ ଝୁମ୍ପୁଡ଼ି ଜଳିଯାଇଛି। ତେବେ ଅଗ୍ନିକାଣ୍ଡଜନିତ ମୃତାହତଙ୍କ ସମ୍ପର୍କରେ କୌଣସି ଖବର ମିଳି ନ ଥିବା କୋଲକାତା ମେୟର ଫିର୍‌ହାଦ୍ ହାକିମ୍ କହିଛନ୍ତି। ନ୍ୟୁ ଆଲିପୋର ଅଞ୍ଚଳର ଏକ ଘରୋଇ ହସ୍ପିଟାଲ ନିକଟରେ ଥିବା ବସ୍ତିରେ ନିଆଁ ଲାଗିଥିବାବେଳେ ଅଗ୍ନିଶମ କର୍ମଚାରୀଙ୍କ ସମେତ ଆଲିପୋର ସେନା କ୍ୟାମ୍ପର ଯବାନମାନେ ନିଆଁଲିଭା କାର୍ଯ୍ୟରେ ସାମିଲ ହୋଇଥିଲେ। ୧୬ଟି ଦମକଳକୁ ନିଆଁ ଲିଭାଇବାରେ ନିୟୋଜିତ କରାଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଛି।



ସମ୍ବଲପୁର ଜିଲା ହୀରାକୁଦ ଜଳଭଣ୍ଡାର ଆର୍ଦ୍ରଭୂମି(ରାମସାର)ରେ ବିଦେଶାଗତ ପକ୍ଷୀ।

# ହୀରାକୁଦ ଜଳଭଣ୍ଡାରରେ ବିଦେଶୀ ପକ୍ଷୀ

ସମ୍ବଲପୁର,୨୧।୧୨(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରେ ବିଦେଶାଗତ ପକ୍ଷୀଙ୍କ ସମାଗମ ଆରମ୍ଭ ହୋଇଛି। ସୁବିସ୍ତୀର୍ଣ୍ଣ ଆର୍ଦ୍ରଭୂମିର ଅନୁକୂଳ ପରିବେଶ ପ୍ରତି ଆକର୍ଷିତ ହୋଇ ସୁଦୂର ୟୁରୋପ, ଆମେରିକା ସହିତ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବିଦେଶାଗତ ପକ୍ଷୀ ଏଠାରେ ଏକତ୍ରିତ ହେବାରେ ଲାଗିଛନ୍ତି। ୟୁରେସିଆନ୍ ୱିଜନ, ଗଡ଼ୱାଲ, ମାଲାର୍ଡ, ଭିନ୍ନ ଭିନ୍ନ ପ୍ରକାର ଗେବ୍‌ସ, ନର୍ଦ୍ଦର୍ନ ସୋଭଲର୍, ଗୁଲ୍, ଟର୍ଣ୍ଣସ, ବାର୍ ହେଡେଡ୍ ଗୁସ୍, ଟୁଫଟେଡ୍ ଡକ୍, ପୋଚାର୍ଡ, ହ୍ୱିସିଲ୍‌ଡକ୍, ସ୍ୟାଣ୍ଡପାଇପର, ପିଣ୍ଟେଲ୍ ଆଦି ଅନେକ ବିରଳ ପ୍ରଜାତିର ବିଦେଶୀ ପକ୍ଷୀ ଏଠାରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ଏହି ପକ୍ଷୀମାନେ ଖାଦ୍ୟ ଓ ଅପେକ୍ଷାକୃତ ଉଷ୍ମ ଜଳବାୟୁ ଅଞ୍ଚଳର ସନ୍ଧାନରେ ହଜାର ହଜାର କିଲୋମିଟର ଯାତ୍ରା କରି ହୀରାକୁଦର ଆର୍ଦ୍ରଭୂମି (ରାମସାର)ରେ ପହଞ୍ଚୁଥିବା ଜଣାପଡ଼ିଛି।

ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାଶଙ୍କ ସୂଚନା ଅନୁସାରେ, ହୀରାକୁଦ ଜଳଭଣ୍ଡାରରେ ଶୀତଋତୁରେ ଦିନର ତାପମାତ୍ରା ୨୦ରୁ ୨୬ ଡିଗ୍ରୀ ମଧ୍ୟରେ ରହୁଥିବା ବେଳେ ରାତିର ତାପମାତ୍ରା ପ୍ରାୟ ୧୦ ଡିଗ୍ରୀକୁ ଖସିଯାଇଥାଏ। ଯାହା ବିଦେଶାଗତ ପକ୍ଷୀଙ୍କ ରହଣୀ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ। ଆସନ୍ତା ୨୦୨୫ ଜାନୁଆରୀ ୧୮ରୁ ହୀରାକୁଦ ଜଳଭଣ୍ଡାରରେ ପକ୍ଷୀ ଗଣନା ଆରମ୍ଭ ପାଇଁ ସ୍ଥିର ହୋଇଛି। ଚଳିତବର୍ଷ ବିଦେଶାଗତ ପକ୍ଷୀଙ୍କ ସମାଗମ ଆରମ୍ଭ ହୋଇଯାଇଥିବାରୁ ସେମାନଙ୍କ ସଂରକ୍ଷଣ ଓ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଦେଶାଗତ ପକ୍ଷୀଙ୍କୁ ବାଧାମୁକ୍ତ ସ୍ୱାଚ୍ଛନ୍ଦ ବିଚରଣର ସୁବିଧା ସ୍ୱରୂପ ଜଳଭଣ୍ଡାରରେ ପର୍ଯ୍ୟଟକଙ୍କ କ୍ରୁଜ୍ ଡଙ୍ଗା ସହିତ ମତ୍ସ୍ୟଜୀବୀଙ୍କ ଡଙ୍ଗା ଚଳପ୍ରଚଳ ଉପରେ ସନ୍ଧ୍ୟା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ କଟକଣା ଲଗାଯାଇଛି। ଏପରିକି ନଦୀ ମଧ୍ୟରେ ପାଟ୍ରୋଲିଂ ପ୍ରକ୍ରିୟାକୁ ମଧ୍ୟ କେବଳ ମାନବ ଗତିବିଧି ଅଞ୍ଚଳରେ ସୀମିତ ରଖାଯାଇଛି। ବିଶେଷକରି ହୀରାକୁଦ ଜଳଭଣ୍ଡାରର ଆର୍ଦ୍ରଭୂମି ଅଞ୍ଚଳକୁ ମାନବ ପ୍ରବେଶକୁ ବାରଣ କରାଯାଇଛି। ସେହିପରି ବିଦେଶାଗତ ପକ୍ଷୀଙ୍କୁ ଏକ ସ୍ୱଚ୍ଛ ପରିବେଶ ଉପଲବ୍ଧ ପାଇଁ ହୀରାକୁଦର ଜଳଭଣ୍ଡାରର ପୂର୍ବ ଓ ପଶ୍ଚିମ ଭାଗରେ ସେମାନେ ଦେଉଥିବା ଅଣ୍ଡାର ସୁରକ୍ଷା ପାଇଁ ସ୍ଥାନୀୟ ସମ୍ପ୍ରଦାୟଙ୍କ ସହଯୋଗରେ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ବନଖଣ୍ଡ ଅଧିକାରୀ ଦାଶ କହିଛନ୍ତି।

# ଦୁର୍ଘଟଣାରେ ପରିବାରର ୬ ଜଣଙ୍କ ମୃତ୍ୟୁ

ବେଙ୍ଗାଲୁରୁ,୨୧।୧୨

କର୍ଣାଟକର ନେଲମଙ୍ଗଲା ନିକଟରେ ଏକ କଣ୍ଟେନର ଟ୍ରକ୍ ଓଲଟି ଏସ୍‌ୟୁଭି ଉପରେ ପଡ଼ିବାରୁ ସେଥିରେ ଯାଉଥିବା ଗୋଟିଏ ପରିବାରର ୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଜଣ ଛୋଟ ପିଲା ରହିଛନ୍ତି। ଉଭୟ ଟ୍ରକ୍ ଏବଂ କାର ବେଙ୍ଗାଲୁରୁରୁ ଟୁମାକୁରୁ ଯାଉଥିଲେ। ସପ୍ତାହାନ୍ତ ଛୁଟି କଟାଇବାକୁ ପରିବାର କାର୍‌ରେ ସହର ବାହାରକୁ ଯାଉଥିବାବେଳେ କଣ୍ଟେନର ଟ୍ରକ୍‌ଟି ଅନ୍ୟ ଏକ ଟ୍ରକ୍‌କୁ ଧକ୍କା ଦେଇ କାର୍ ଉପରେ ଓଲଟିପଡ଼ିଥିଲା।

# ‘ମୋର ଚରିତ୍ର ସଂହାର କରାଯାଉଛି’



ହାଇଦ୍ରାବାଦ, ୨୧।୧୨

ଗତ ୪ ତାରିଖରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟର ଦଳଚକଟା ଘଟଣାକୁ ନେଇ ତେଲଙ୍ଗାନାରେ ବିବାଦ ଥମିବାରେ ନାଁ ନେଉନାହିଁ। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଓ ଏଆଇଏମ୍‌ଆଇଏମ୍ ବିଧାୟକ ଆକବରଉଦ୍ଦିନ ଓୱାଇସି ଏହି ଘଟଣା ପାଇଁ ଅଲ୍ଲୁ ଅର୍ଜୁନଙ୍କୁ ଦାୟୀ କରିଛନ୍ତି। ଶନିବାର ଅଲ୍ଲୁ ଏହି ପ୍ରସଙ୍ଗକୁ ନେଇ ଖବରଦାତା ସମ୍ମିଳନୀ କରି କହିଛନ୍ତି, ସନ୍ଧ୍ୟା ଥିଏଟର ଦଳଚକଟା ଏକ ଦୁର୍ଘଟଣା ଥିଲା। ମୃତ ମହିଳାଙ୍କ ପରିବାର ପ୍ରତି ସର୍ବଦା ସହାନୁଭୂତି ବ୍ୟକ୍ତ କରି ଆସିଛି। ଏହି ମାମଲାରେ କେତେଜଣ ନେତା ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ଚରିତ୍ର ସଂହାର କରୁଛନ୍ତି। ସେମାନେ ଭୁଲ୍ ତଥ୍ୟ ପ୍ରଚାର କରୁଛନ୍ତି। ତାଙ୍କୁ ଅଯଥା ରାଜନୀତିକୁ ଟଣାଯାଇ ସର୍ବସାଧାରଣରେ ଅପମାନିତ କରାଯାଉଛି। ଗତ ୨ ଦଶନ୍ଧିରୁ ଅଧିକ ସମୟ ଧରି ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ ହାସଲ କରିଥିବା ସମ୍ମାନକୁ ଏହା ଊଣା କରିଦେଇଛି।

# ବସ୍-ଟ୍ରକ୍ ଧକ୍କାରେ ୩୭ ମୃତ

ସାଓ ପାଉଲୋ,୨୧।୧୨

ବ୍ରାଜିଲର ଦକ୍ଷିଣପୂର୍ବ ଭାଗରେ ଥିବା ମିନାସ୍ ଜେରିଇସ୍‌ର ଏକ ରାଜପଥରେ ଶନିବାର ଅପରାହ୍ନରେ ଯାତ୍ରୀବାହୀ ବସ୍ ଏବଂ ଟ୍ରକ୍ ପରସ୍ପରକୁ ଧକ୍କାଦେବାରୁ ୩୭ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଆହତ ଅନ୍ୟ ୧୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସାଓ ପାଉଲୋରୁ ବାହାରିଥିବା ବସ୍‌ରେ ୪୫ ଯାତ୍ରୀ ଥିଲେ। ବସ୍‌ର ଗୋଟିଏ ଟାୟାର ବାହାରିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ଟ୍ରକ୍‌କୁ ଧକ୍କା ଦେଇଥିଲେ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ କହିବା ଅନୁଯାୟୀ, ବସ୍‌ଟି ଏକ ବଡ଼ ପଥର ଖଣ୍ଡକୁ ଧକ୍କା ଦେବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ପ୍ରେମିକାଙ୍କୁ ହୋଟେଲ ଉପରୁ ଠେଲି ଯୁବକ ଗିରଫ

ବାରାଣସୀ, ୨୧।୧୨

ଉତ୍ତରପ୍ରଦେଶର ବାରାଣସୀ ଜିଲା ଚେତଗଞ୍ଜ ଥାନା ରାମକୋଟରାସ୍ଥିତ ଏକ ହୋଟେଲର ତୃତୀୟ ମହଲାରୁ ଶୁକ୍ରବାର ଫୁର୍କନ ନାମକ ଜଣେ ଯୁବକ(୨୩) ନିଜ ପ୍ରେମିକା ପ୍ରିୟଙ୍କା କୁମାରୀ(୨୨)ଙ୍କୁ ଠେଲି ତଳକୁ ପକାଇ ଦେଇଛନ୍ତି। ଫଳରେ ଗୁରୁତର ଭାବେ ଆହତ ହୋଇଥିବା ପ୍ରିୟଙ୍କାଙ୍କୁ ବାରାଣସୀ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ପ୍ରିୟଙ୍କାଙ୍କ ବାପା ରାମ ପ୍ରସାଦଙ୍କ ଅଭିଯୋଗ ଆଧାରରେ ଶନିବାର ପୋଲିସ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୧୧୫(୨), ୧୦୯ ଅନୁଯାୟୀ ଫୁର୍କନଙ୍କୁ ଗିରଫ କରିଥିବା ନେଇ ଚେତନଗଞ୍ଜ ଏସିପି ଗୌରବ କୁମାର କହିଛନ୍ତି। ଶୁକ୍ରବାର ହୋଟେଲର ତୃତୀୟ ମହଲାରେ ପ୍ରିୟଙ୍କା ଓ ଫୁର୍କନ ମଧ୍ୟରେ ଝଗଡ଼ା ହୋଇଥିଲା ଓ ଏହାପରେ ଫୁର୍କନ ପ୍ରିୟଙ୍କାଙ୍କୁ ତଳକୁ ଠେଲିଦେଇଥିଲେ ବୋଲି ପୋଲିସ କହିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।



# ଚିଲିକାରେ ପକ୍ଷୀ ଶିକାର

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)

ଶୀତରତୁ ଆସିଲେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ବିଦେଶାଗତ ପକ୍ଷୀମାନେ ଚିଲିକାକୁ ଆସୁଛନ୍ତି। ଚିଲିକାର ବିଭିନ୍ନ ଅଞ୍ଚଳରେ ଏହି ପକ୍ଷୀମାନେ ଦଳ ଦଳ ହୋଇ ବିଚରଣ କରୁଛନ୍ତି। ତେବେ ଏମାନଙ୍କ ଉପରେ ରହିଛି ଶିକାରୀଙ୍କ ନଜର। ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପକ୍ଷୀ ଶିକାର ଚାଲିଛି। ଶିକାରୀଙ୍କ ବିଷ ଓ ଫାଶରେ ପକ୍ଷୀ ପଡ଼ି ମୃତ୍ୟୁବରଣ କରୁଛନ୍ତି। ବ୍ରହ୍ମଗିରି, କୃଷ୍ଣପ୍ରସାଦ ଏବଂ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ମଙ୍ଗଳାଯୋଡ଼ି, ଭୂଷଣ୍ଡପୁର ପ୍ରଭୃତି ଚିଲିକା କୂଳବର୍ତ୍ତୀ ଅଞ୍ଚଳରେ ପକ୍ଷୀ ଶିକାର କରାଯାଉଛି। ଗତ ୧୬ ତାରିଖରେ ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ବାଲିନାସୀ ଅଞ୍ଚଳରୁ ବନ ବିଭାଗ ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରିବା ସହ ତାଙ୍କ ପାଖରୁ ୭ଟି ପ୍ରଜାତିର ୨୯ଟି ବିଦେଶଗତ ମୃତ ପକ୍ଷୀ, ଗୋଟିଏ ବାଇକ, ବାଇନାକୁଲାର, ମୋବାଇଲ ଓ ଜରିଅଖା ଜବତ କରିଥିଲା। ସେ କଇଁନାଡରେ ବିଷ ଥୋଇ ପକ୍ଷୀ ଶିକାର କରୁଥିଲେ।

ବିଦେଶୀ ପକ୍ଷୀଙ୍କ ମାଂସ କିଲୋ ପ୍ରତି ୫ଶହରୁ ୬ଶହ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ଫଳରେ ଶିକାରୀ ଅର୍ଥ ଲାଳସାରେ ଅବାଧରେ ପକ୍ଷୀ ଶିକାର କରିଚାଲିଛନ୍ତି। ଟାଙ୍ଗୀ ଓ ଚିଲିକା ବ୍ଲକ ଅନ୍ତର୍ଗତ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଶିକାରୀଙ୍କ ର୍ୟାକେଟ କାମ କରୁଛି। ଯୋଜନାବଦ୍ଧ ଭାବେ ବ୍ରହ୍ମଗିରି, କୃଷ୍ଣପ୍ରସାଦଠାରୁ ମଙ୍ଗଳାଯୋଡି ପର୍ଯ୍ୟନ୍ତ ପକ୍ଷୀ ଶିକାର କରାଯାଉଛି। ମାଂସ ପାଇଁ ଅଧିକାଂଶ ହୋଟେଲକୁ ପକ୍ଷୀ ପଠାଯାଉଛି। ଏହା ଅଧିକ ଦାମରେ ବିକ୍ରି ହେଉଛି। ଲୋକଦେଖାଣିଆ ଭାବେ କାଁ ଭାଁ ଚଢାଉ ହେଉଥିବାବେଳେ ଅସ୍ଥାୟୀ କ୍ୟାମ୍ପରେ କୌଣସି ଅଧିକାରୀ ରହୁ ନ ଥିବାରୁ ଅବାଧ ପକ୍ଷୀ ଶିକାର ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ପରିବେଶ ବିଶେଷଜ୍ଞ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି, ଏହା ଏକ ଚିନ୍ତାଜନକ ବିଷୟ। ଏଥିପ୍ରତି ସିଡିଏ ଏବଂ ବନ୍ୟପ୍ରାଣୀ ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ। ପକ୍ଷୀଙ୍କ ସୁରକ୍ଷା ପାଇଁ ପ୍ରତି ଗାଁ ଗାଁରେ ପକ୍ଷୀ ସୁରକ୍ଷା ସମିତି ଗଠନ କରାଯାଉ। ଏଥିରେ ପ୍ରକୃତି, ପରିବେଶ ପାଇଁ କାର୍ଯ୍ୟ କରୁଥିବା ଯୁବଗୋଷ୍ଠୀ ଓ ସାମାଜିକ ଅନୁଷ୍ଠାନଗୁଡ଼ିକୁ ସାମିଲ କରାଯାଉ। ପକ୍ଷୀ ସୁରକ୍ଷା ସମିତି ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିଲେ, ଏହା ଫଳପ୍ରଦ ହୋଇପାରିବ। ଅନ୍ୟପକ୍ଷରେ ଏନେଇ ବାଲୁଗାଁ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଅମ୍ଳାନ ନାୟକ କହିଛନ୍ତି, ପକ୍ଷୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଚିଲିକାରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଟାଙ୍ଗୀ ରେଞ୍ଜରେ ଅଧିକ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଟାଙ୍ଗୀ ବିଭାଗ ଅଧୀନରେ ୧୧ଟି ଅସ୍ଥାୟୀ କ୍ୟାମ୍ପ କରାଯିବା ସହ ପାଟ୍ରୋଲିଂ ଚାଲିଛି। ହୋଟେଲଗୁଡ଼ିକରେ ଚଢାଉ ମଧ୍ୟ ହେଉଛି। ଏଥିସହ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଚେକିଂ କରାଯାଉଛି। ଚିଲିକାରେ ଜେଟି, ଘରୋଇ ଡଙ୍ଗା, ଚିଲିକାରେ ମାଛମାରି ଫେରୁଥିବା ମତ୍ସ୍ୟଜୀବୀଙ୍କ ଡଙ୍ଗା ଚେକିଂ କରାଯାଉଛି। ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ପକ୍ଷୀ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି।



## ମହାପ୍ରଭୁଙ୍କର ହେଲା ବଡ଼ମହାସ୍ନାନ

### ନୀତି ଦେଢ଼ଘଣ୍ଟା ବିଳମ୍ବ



ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ହୋଇଛି। ଫଳରେ ଅନ୍ୟ ନୀତିରେ ବିଳମ୍ବ ଘଟିଥିଲା। ସନ୍ଧ୍ୟାଧୂପ ପରେ ଦର୍ଶନ ସମୟରେ ଜଣେ ଛୋଟପିଲା ଭିତରକାଠ ନିକଟରେ ବାନ୍ତି କରିଦେଇଥିବା ଦୃଷ୍ଟିକୁ ଆସିଥିଲା। ତେଣୁ ତୁରନ୍ତ ଚାଲିଥିବା ନୀତିକୁ ବନ୍ଦ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ଓ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୂଆହୋଇ ଚୂନପାଣି ପଡ଼ିଥିଲା। ବଡ଼ ମହାସ୍ନାନ ପାଇଁ ଅନ୍ୟ ନୀତି ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଥିଲା। ବଡ଼ମହାସ୍ନାନ ନୀତି ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

## କଥକରେ ଝୁମିଲେ ଦର୍ଶକ



ଉତ୍ସବରେ କଥକ ଡ୍ୟାନ୍ସ ଏକାଡେମୀର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୨୧।୧୨ (ସୁଚିସ୍ମିତା ସାହୁ)

କଥକ ଡ୍ୟାନ୍ସ ଏକାଡେମୀର ୧୧ତମ ବାର୍ଷିକ ଉତ୍ସବ 'କଥା' ଶନିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ଶିଳ୍ପୀଙ୍କ ଦ୍ୱାରା କଥକରେ କ୍ରିଷ୍ଣାବନ୍ଦନା, ଝାହାମତାଲ, ତ୍ରିତାଲ, ଫୁଟୁ ୱାର୍କ କଥକ, ଏକତାଲ, ଗୁରୁ ବନ୍ଦନା, ସରସ୍ୱତୀ ବନ୍ଦନା, ଦ୍ରୁତ ତ୍ରିତାଲ ଆଦି ପରିବେଷିତ ହୋଇଥିଲା। କଥକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ ଝୁମା ମୁଖାର୍ଜୀ। ତବଲାରେ ସୁକାନ୍ତ ଡାଙ୍ଗୁଆ ଓ ହାରମୋନିୟମରେ ଚନ୍ଦନ ସେଠୀ ସହଯୋଗ କରିଥିଲେ। ଅତିଥି ଭାବେ ନିୟୁଜ ସେଭେନର ସମ୍ପାଦକ ଦେବନାରାୟଣ ସେଠୀ, ଅସମୀ ଫାଉଣ୍ଡେଶନର ଅଧ୍ୟକ୍ଷା ଅନୁରାଧା ମହାନ୍ତି, ଯୁବି ଫାଉଣ୍ଡେଶନର ଅଧ୍ୟକ୍ଷା ଜୁବିନା ଅଲ୍ଲୀ ଓ ଟ୍ରଷ୍ଟର ଉପସଭାପତି ସସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଓ ଦର୍ଶକମାନେ କଥକ ନୃତ୍ୟସଙ୍ଗୀତରେ ଝୁମିଥିଲେ। ପ୍ରିଥା ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ।

## ୨ ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

### ଶ୍ରୀମନ୍ଦିରରେ ବିଶୃଙ୍ଖଳା ଅଭିଯୋଗ

ଶ୍ରୀମନ୍ଦିରରେ ବିଶୃଙ୍ଖଳା ପାଇଁ ଦୁଇଜଣ ସେବାୟତଙ୍କୁ ଶନିବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସମ୍ପୃକ୍ତ ସେବାୟତ ଦ୍ୱୟ ହେଲେ ମୁଖ୍ୟ ପଖାଳ ସେବକ ମଦନ ମୋହନ ଖୁଣ୍ଟିଆ ଓ ବିଶ୍ୱନାଥ ଖୁଣ୍ଟିଆ। ଶ୍ରୀମନ୍ଦିର ଆଇନ ୨୧-କ ଧାରା ଅନୁଯାୟୀ ଉଭୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେନେଇ ସନ୍ତୋଷଜନକ କୈଫିୟତ ରଖିବାକୁ ୭ଦିନ ସମୟ ଦିଆଯାଇଛି। ଶ୍ରୀମନ୍ଦିର କମାଣ୍ଡରଙ୍କ ଜରିଆରେ ଏହି କୈଫିୟତ ଦାଖଲ କରିବାକୁ କୁହାଯିବା ସହ ଧାର୍ଯ୍ୟ ସମୟ ଭିତରେ ଏହା ହସ୍ତଗତ ନ ହେଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ନୋଟିସରେ ଉଲ୍ଲେଖ ହୋଇଛି ଯେ, ଗତ ୧୬ ତାରିଖରେ ମୁକ୍ତିମଣ୍ଡପ ସାମ୍ନାରେ ଅବକାଶ ପାଦୁକା ବଣ୍ଟନକୁ ନେଇ ଉଭୟ ସେବାୟତ ପରସ୍ପରକୁ ଗାଳିଗୁଲଜ କରିବା ସହ ମାରପିଟ କରି ରକ୍ତାକ୍ତ କରିଥିଲେ। ଏହି ଘଟଣା ଯୋଗୁ ଶ୍ରୀମନ୍ଦିର ପରିସରରେ ସେତେବେଳେ ଉପସ୍ଥିତ ଥିବା ଭକ୍ତମାନେ ଶୃଙ୍ଖଳା ନେଇ ସନ୍ଦେହ ପ୍ରକାଶ କରିଥିଲେ। ସେହିପରି ଶ୍ରୀମନ୍ଦିର ଗରିମା ଓ ମର୍ଯ୍ୟାଦା ମଧ୍ୟ କ୍ଷୁଣ୍ଣ ହୋଇଥିଲା। ତେଣୁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେନେଇ ସନ୍ତୋଷଜନକ କୈଫିୟତ ଦାଖଲ କରିବାକୁ ନୋଟିସରେ କୁହାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏହି ନୋଟିସ ଜାରି କରିବା ସହ ପୁନର୍ବାର ସ୍ପଷ୍ଟ କରିଛନ୍ତି ଯେ, ଶ୍ରୀମନ୍ଦିର ମଧ୍ୟରେ ବିଶୃଙ୍ଖଳାକୁ କଦାପି ବରଦାସ୍ତ କରାଯିବ ନାହିଁ।

## ହାଇକୋର୍ଟରେ ହାଜର କରାଇବ ପୋଲିସ

କଟକ,୨୧।୧୨(କାର୍ତ୍ତିକ ସାହୁ)

### ଆଭାସିରେ ହାଜର ହେଲେନି ମୟୂରଭଞ୍ଜ ଡିଇଓ

ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ହାଇକୋର୍ଟରେ ହାଜର କରାଇବା ପାଇଁ ସ୍ଥାନୀୟ ପୋଲିସକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମୟୂରଭଞ୍ଜ ଡିଇଓ ଆଭାସିରେ ହାଜର ହୋଇ ନ ଥିଲେ। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ମାମଲାର ଶୁଣାଣି କରି ଆସନ୍ତା ସୋମବାର ଡିଇଓଙ୍କୁ ଅଦାଲତରେ ହାଜର କରିବାକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ବିଦ୍ୟାଳୟରେ ତାଲିମ୍‌ପ୍ରାପ୍ତ ସ୍ନାତକ ଶିକ୍ଷକ (ଟିଜିଟି) ଭାବେ ଅଜିତ୍ ମିଶ୍ର ଶିକ୍ଷକତା କରୁଥିଲେ। କୌଣସି କାରଣରୁ ତାଙ୍କୁ ୧୯୯୨ରେ ଚାକିରିରୁ ବହିଷ୍କାର କରାଯାଇଥିଲା। ଏନେଇ ସେ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ୟାଟ୍ ମାମଲାର ଶୁଣାଣି କରି ତାଙ୍କୁ ପୁନଃନିଯୁକ୍ତି ସହ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ଆଦେଶ ଦେଇଥିଲେ। ପରେ ତାଙ୍କୁ ସରକାର ସାନି ନିଯୁକ୍ତି ପ୍ରଦାନ କରିଥିଲେ ମଧ୍ୟ ତାଙ୍କର କୌଣସି ବକେୟା ପ୍ରାପ୍ୟ ପ୍ରଦାନ କରି ନ ଥିଲେ। କେବଳ ସେତିକି ନୁହେଁ, ତାଙ୍କର ପ୍ରକୃତ ଦରମା ମଧ୍ୟ ଦିଆଯାଇ ନ ଥିଲା। ଫଳରେ ଶିକ୍ଷକ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପ୍ରାପ୍ୟ ପାଇବା ନିମନ୍ତେ ଆବେଦନ କରିଥିଲେ। ଶୁକ୍ରବାର ମାମଲାର ଶୁଣାଣି କରି ହାଇକୋର୍ଟ ମୟୂରଭଞ୍ଜ ଡିଇଓଙ୍କୁ ଆଭାସିରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଡିଇଓ ସକାଳେ ହାଜର ହୋଇ ନ ଥିଲେ। ଫଳରେ ଅପରାହ୍ନ ୨ଟାରେ ତାଙ୍କୁ ସେହି ଆଭାସିରେ ଉପସ୍ଥିତ ହେବାକୁ କୁହାଯାଇଥିଲା। ତଥାପି ସେ ଅଦାଲତରେ ହାଜର ନ ହେବାରୁ ହାଇକୋର୍ଟ ଉପରୋକ୍ତ ଆଦେଶ ଶୁକ୍ରବାର ପ୍ରଦାନ କରିଛନ୍ତି।

## ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

ପିପିଲି,୨୧।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

### ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଶନିବାର ପିପିଲି ସହକାରୀ ଦୌରାଜଜ୍ କୋର୍ଟ ରାୟ ଶୁଣାଇଛନ୍ତି। ଡେଲାଙ୍ଗ ଥାନା ଅଧୀନ ଶଙ୍ଖପାଟ ଗ୍ରାମର ଅଭିଯୁକ୍ତ ପ୍ରଶାନ୍ତ ବେହେରାଙ୍କୁ ସହକାରୀ ଦୌରାଜଜ୍ ବିଶେଷ କୁମାର ସାହୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ପଇଠ ନ କଲେ ଅଧିକ ୧୫ ଦିନ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, ଗାଁରେ ଥିବା ବାଲୁଙ୍କେଶ୍ୱର ଶିବ ମନ୍ଦିରରେ ୨୦୨୩ ଅକ୍ଟୋବର ୧୮ ରାତି ୮ଟାରେ ମୁକୁନ୍ଦ ବେହେରା ପୁରାଣ ପଢୁଥିବାବେଳେ ପ୍ରଶାନ୍ତ ଏକ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ମୁକୁନ୍ଦ ଗୁରୁତର ହୋଇପଡ଼ିଥିଲେ। ଉପସ୍ଥିତ ଥିବା ଗାଁ ଲୋକେ ତାଙ୍କୁ ଡେଲାଙ୍ଗ ଡାକ୍ତରଖାନାକୁ ନେଇଥିଲେ। ଏଥିସହ ଆକ୍ରମଣକାରୀ ପ୍ରଶାନ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏନେଇ ମୁକୁନ୍ଦଙ୍କ ବୋହୂ କାମିନୀବାଳା ବେହେରା ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଦଫା ୩୨୫ ଓ ୩୦୭ରେ ଏକ କେସ୍ (ନଂ. ୩୧୫/୨୪) ରୁଜୁ କରି ପ୍ରଶାନ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ରବୀନ୍ଦ୍ରନାଥ ନାୟକ ଏବଂ ଅତିରିକ୍ତ ସରକାରୀ ଓକିଲ ସୁଧୀର କୁମାର ମହାନ୍ତି ପରିଚାଳନା କରୁଥିଲେ।

## ଉତ୍ସାହିତକଲେ ଆଦିବାସୀ ସମାଜର ୫ ତାରକା

### ପ୍ରତିଭା ମହକାଇଲା ସର୍‌ଗି ଫୁଲ୍



ଅନ୍ୟ ଅତିଥିଙ୍କ ସହ ଉପସ୍ଥିତ ଥିବା ଆଦିବାସୀ ସମାଜର ୫ ତାରକା।

ଭୁବନେଶ୍ୱର,୨୧।୧୨(ସୁଚିସ୍ମିତା)

ଆଦିବାସୀ ପଡିଆରେ ଶେଷ ହୋଇଥିବା ରାଜ୍ୟସ୍ତରୀୟ 'ସର୍‌ଗି ଫୁଲ୍ ୨୦୨୪'ରେ ଗ୍ରାମୀଣ ଅଞ୍ଚଳର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ଶିକ୍ଷାର ସୃଜନଶୀଳତା ପରାକାଷ୍ଠା ଦେଖିବାକୁ ମିଳିଥିଲା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ସହିତ ସେମାନଙ୍କୁ ଉଚ୍ଚ ଶିକ୍ଷିତ କରିବା ଓ ସ୍ୱର୍ଣ୍ଣିମ ଓଡିଶା ଗଠନ ଦିଗରେ ଅବଦାନ ଲାଗି ପ୍ରେରଣା ଯୋଗାଇବାକୁ 'ମିଟ୍ ଦି ପର୍ସନାଲିଟି' ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଦିବାସୀ ସମାଜର ୫ଜଣ ତାରକା ଯୋଗଦେଇଥିଲେ। ସେମାନେ ହେଲେ ମାଣ୍ଡିଆ ରାଣୀ ରାଇମତି ଘିଉରିଆ, ବଣ୍ଡାଘାଟିର ମଙ୍ଗଳା ମୁଦୁଲି, ଓଡ଼ିଶା ସିଭିଲ ସର୍ଭିସରେ କୃତକାର୍ଯ୍ୟ ହୋଇଥିବା ମାଲକାନଗିରିର ବିନି ମୁଦୁଲି, କୋରାପୁଟର ଧନପତି ସିସା ଓ ଜୟରାମ ବଡ଼ନାଏକ। ଅଦମ୍ୟ ବିଶ୍ୱାସ, ସାହସ, ତ୍ୟାଗ, ନିଷ୍ଠା ବଳରେ କିପରି ସେମାନେ ସଫଳତାର ପାହାଚ ଚଢ଼ିପାରିଛନ୍ତି, ସେ ସମ୍ପର୍କରେ ବଖାଣିଥିଲେ। କୋରାପୁଟ ଜିଲା ନୂଆଗୁଡା ଗାଁର ରାଇମତି ଆଜି ମାଣ୍ଡିଆ ରାଣୀ ଭାବେ ପରିଚିତ। ରାଇମତି ଜୈବିକ ପଦ୍ଧତିରେ ମାଣ୍ଡିଆ ଓ ଧାନ ଚାଷ କରି ରାଜ୍ୟ ତଥା ଭାରତରେ ବେଶ୍ ଚର୍ଚ୍ଚିତ। ଚଳିତ ମାସ ଓୟୁଏଟି ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ଡକ୍ଟରେଟ ଉପାଧି ଗ୍ରହଣ କରିଥିଲେ। ଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରି ୨୦ଦେଶର ନେତାଙ୍କ ନିକଟରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେହିପରି ବଣ୍ଡାଘାଟିର ପ୍ରଥମ ଡାକ୍ତରୀ ଛାତ୍ର ମଙ୍ଗଳାଙ୍କ ସଂଘର୍ଷର କାହାଣୀ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥିଲା। ସେ ପ୍ରଥମେ ମୁଦୁଲିପଡ଼ା ସରକାରୀ ଆବାସିକ ବିଦ୍ୟାଳୟରେ ପଢ଼ିବା ପରେ ମାଥିଲିଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ବିଜ୍ଞାନ ପଢ଼ିଥିଲେ। ଯୁକ୍ତ୨ ପରୀକ୍ଷାରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ତାଙ୍କର ଡାକ୍ତର ହେବା ଇଚ୍ଛାକୁ ପୂରଣ କରିବା ଦିଗରେ ଲାଗିପଡିଲେ। ଅଭାବ ଅନଟନ, ସମସ୍ୟା ମଧ୍ୟରେ ସେ ନିଜ ଲକ୍ଷ୍ୟକୁ ଭୁଲି ନ ଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଫଳରେ ସେ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏବେ ସେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜରେ ପାଠ ପଢୁଛନ୍ତି। ସେହିପରି ମାଲକାନଗିରି ଜିଲାର ବିନି, କୋରାପୁଟର ଜୟରାମ ଏବଂ ଧନପତି ୨୦୨୨ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଯଥାକ୍ରମେ ୫୯୬, ୬୫୦ ଏବଂ ୬୬୬ତମ ର୍ୟାଙ୍କ୍‌ରେ ରହି କୃତକାର୍ଯ୍ୟ ହୋଇଛନ୍ତି। ଏପରି ଉଜ୍ଜ୍ୱଳ ତାରକାଙ୍କ ସଫଳତାର କାହାଣୀ କେବଳ ଛାତ୍ରୀଛାତ୍ରଙ୍କ ପାଇଁ ନୁହେଁ, ବରଂ ସମଗ୍ର ସମାଜ ପାଇଁ ପ୍ରେରଣାର ଉତ୍ସ। ଏହି ମନୋଭାବ ବଳବତ୍ତର ରହିଲେ ଛାତ୍ରଛାତ୍ରୀମାନେ ଆହୁରି ଆଗକୁ ବଢିବେ। ସଂରକ୍ଷିତ ଚିନ୍ତାଧାରାରୁ ମୁକୁଳି ବିକଶିତ ଶିକ୍ଷାର ମହାସ୍ରୋତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି 'ସର୍‌ଗି ଫୁଲ୍' ଆହ୍ୱାନ ଦେଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରମେଶ



@ ଚିନ୍ମୟ



@ ହିମାଂଶୁ



@ ପିଣ୍ଟୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବେଗୁନିଆରେ ସର୍ବାଧିକ ୮୪ ମି.ମି. ବର୍ଷା

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ପାଣିପାଗ ସୂଚନା ପ୍ରକାରେ, ଖୋର୍ଦ୍ଧା ଜିଲା ବେଗୁନିଆରେ ସର୍ବାଧିକ ୮୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଖୋର୍ଦ୍ଧା ଏବଂ ଜଟଣୀରେ ୭୫ମି.ମି., ଟାଙ୍ଗୀରେ ୬୨, ବାଣପୁରରେ ୭୦, ଚିଲିକାରେ ୫୨, ଭୁବନେଶ୍ୱର ସଦର ୫୧, ବିଏମ୍‌ସିରେ ୪୯, ବୋଲଗଡ଼ ୪୬, ବାଲିଅନ୍ତା ୨୭ ଏବଂ ବାଲିପାଟଣାରେ ୨୫ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଖୋର୍ଦ୍ଧା ଜିଲାରେ ହାରାହାରି ପ୍ରାୟ ୫୫.୯୪ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି।

## ନବନିର୍ମିତ ଜୁଡିସିଆଲ୍ କମ୍ପ୍ଲେକ୍ସ ପରିଦର୍ଶନରେ ବିଚାରପତି



ଭୁବନେଶ୍ୱର,୨୧।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରଠାରେ ନବନିର୍ମିତ ଜୁଡିସିଆଲ୍ କମ୍ପ୍ଲେକ୍ସକୁ ଶନିବାର ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର, ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ପରିଦର୍ଶନ କରିଛନ୍ତି। ବିଚାରପତିମାନେ ଏଠାରେ ପହଞ୍ଚିବା ପରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ସଂଘର ସଭାପତି କୁନ୍ଦନ ରଥ, ସମ୍ପାଦକ ଦୀପକ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ସମ୍ବର୍ଦ୍ଧନା ଦେଇଥିଲେ। ଏହି ସମୟରେ ସଂଘର ପୂର୍ବତନ ସଭାପତି ନିର୍ମଳ କିଶୋର ରଥ, ବରିଷ୍ଠ ଆଇନଜୀବୀ ଶୀଳଭଦ୍ର ଶାସ୍ତ୍ରୀ, ଗୌରୀଶଙ୍କର ରାମ, ଆତ୍ମ ପ୍ରକାଶ ମହାନ୍ତି, ଅଞ୍ଜନ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ




■୨୪ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ, ୧୦୯୧ଙ୍କୁ ଡିଗ୍ରୀ ପ୍ରଦାନ

■ପଦ୍ମଭୂଷଣ ଡ. ଏ. ସିଭାଥାନୁ ପିଲ୍ଲାଇଙ୍କୁ 'ଡକ୍ଟର ଅଫ୍ ସାଇନ୍ସ ପୁରସ୍କାର'

ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶ୍ୱବିଦ୍ୟାଳୟର ୨୪ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ସହିତ ୧୦୯୧ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଅତିଥି ଭାବେ ପଦ୍ମଭୂଷଣ ଡ. ଏ. ସିଭାଥାନୁ ପିଲ୍ଲାଇ ଯୋଗଦେଇଥିଲେ। ଏରୋସ୍ପେସ୍, ମିଶାଇଲ ଓ ଡିଫେନ୍ସ ଟେକ୍ନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ପିଲ୍ଲାଇଙ୍କୁ ଡକ୍ଟର ଅଫ ସାଇନ୍ସ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଡ. ପିଲ୍ଲାଇ ମେଶିନ ଲର୍ନିଂ, ଏନ୍ଏଲ୍ପି, କମ୍ପ୍ୟୁଟର ମିଶନ, ଜେନେରେଟିଭ୍ ଏଆଇ ଏବଂ ମଲିକୁଲାର ବାୟୋଲୋଜି କ୍ଷେତ୍ରରେ ଏଆଇ ଟେକ୍ନୋଲୋଜିର ସାମ୍ପ୍ରତିକ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଛାତ୍ରୀଛାତ୍ରଙ୍କୁ ଜଳ ବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଧ୍ୟାନ ଦେବା ଏବଂ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବା ପାଇଁ ସର୍ବଦା ଚେଷ୍ଟା କରି ଉଚ୍ଚରେ ପହଞ୍ଚିବାକୁ ପ୍ରେରିତ କରିଥିଲେ। ବିଶ୍ୱବିଦ୍ୟାଳୟ ସଭାପତି ସଞ୍ଜୀବ କୁମାର ରାଉତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ସଫଳତା ଉପରେ ବିବରଣୀ ରଖିଥିଲେ। ଭବିଷ୍ୟତରେ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସେଣ୍ଟର ଅଫ୍ ଏକ୍ସେଲେନ୍ସ ପ୍ରତିଷ୍ଠା କରିବାକୁ ବଜାଜ ଅଟୋ ସହିତ ଏମ୍ଓୟୁ ସ୍ୱାକ୍ଷର କରାଯାଇଥିବା ସେ ସୂଚନା ଦେଇଥିଲେ। ଉତ୍ସବରେ ବିଶ୍ୱବିଦ୍ୟାଳୟର ବୋର୍ଡ ମେମ୍ବର ଶରତ ଚନ୍ଦ୍ର ଭଦ୍ରା, ଉପସଭାପତି ଶୈଳଜା ରାଉତ, ପ୍ରଫେସର ସୁନୀଲ ଷଡ଼ଙ୍ଗୀ, ପ୍ରୋ–ଭାଇସ୍ ଚ୍ୟାନ୍ସଲର ପ୍ରଫେସର ଗୁଡା ଶ୍ରୀଦେବୀ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ବଂଶୀଧର ମାଝୀ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ସ୍ନାତକମାନଙ୍କୁ ସମାଜରେ ପରିବର୍ତ୍ତନର ଅନୁକ୍ରମଣିକା ହେବାକୁ ପରାମର୍ଶ ଦେଇଥିଲେ। ରେଜିଷ୍ଟ୍ରାର ବିନୀତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟ ଉନ୍ନତିରେ ପୁରାତନ ବିଦ୍ୟାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର,୨୧।୧୨(ସୁଚିସ୍ମିତା ସାହୁ)

## ୟୁନିଭର୍ସିଟି ହାଇସ୍କୁଲର ହୀରକ ଜୟନ୍ତୀ

ୟୁନିଭର୍ସିଟି ହାଇସ୍କୁଲର ଦୁଇଦିନିଆ ହୀରକ ଜୟନ୍ତୀ ଉତ୍ସବ ଶନିବାର ବିଦ୍ୟାଳୟର ମଲ୍ଟିପର୍‌ପୋଜ୍ ହଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଆଲୁମ୍ନି ଆସୋସିଏଶନ ଅଫ୍ ୟୁନିଭର୍ସିଟି ହାଇସ୍କୁଲ ଓ ଶିକ୍ଷାନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରି କହିଲେ, ବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ ପୁରାତନ ବିଦ୍ୟାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟର ସମସ୍ୟା ସମାଧାନରେ ପୁରାତନ ବିଦ୍ୟାର୍ଥୀଙ୍କ ସହଯୋଗର ଆବଶ୍ୟକତା ରହିଛି। ଏଥିସହ ୟୁନିଭର୍ସିଟି ହାଇସ୍କୁଲର ଉନ୍ନତିରେ ପୁରାତନ ବିଦ୍ୟାର୍ଥୀଙ୍କ ପ୍ରଚେଷ୍ଟାକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଉନ୍ନତି ନିମନ୍ତେ ଆବଶ୍ୟକ ସହଯୋଗ ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେବା ସହ ରାଜ୍ୟ ସରକାରଙ୍କ ନିକଟରେ ସମସ୍ୟା ଉପସ୍ଥାପନା କରିବେ ବୋଲି କହିଛନ୍ତି।

ସମ୍ମାନିତ ଅତିଥି ଭାବେ ପୂର୍ବତନ ଉତ୍ତର ଭୁବନେଶ୍ୱର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ବିଦ୍ୟାଳୟର ଗୌରବ ଗାନ କରିବା ସହ ଉନ୍ନତି ପାଇଁ ସରକାରଙ୍କ ପାଖରେ ନିବେଦନ କରିବେ ବୋଲି କହିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟା ମହାପାତ୍ର ବିଦ୍ୟାଳୟର ଉନ୍ନତିରେ ପୁରାତନ ବିଦ୍ୟାର୍ଥୀ ସଂଘର ସହଯୋଗକୁ ପ୍ରଶଂସା କରିବା ସହ ଶିକ୍ଷକ ନିଯୁକ୍ତି ନିମନ୍ତେ ମନ୍ତ୍ରୀଙ୍କ ନିକଟରେ ନିବେଦନ କରିଥିଲେ। ସେହିପରି ପୁରାତନ ଛାତ୍ର ସଂଘ ସଭାପତି ଦୀପକ କୁମାର ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସଚିବ ଇଂ. ବ୍ରହ୍ମ ପ୍ରକାଶ ପାଇଟାଳ ରାଜ୍ୟ ସରକାର ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନିବେଦନ କରିଥିଲେ। ଉପସଭାପତି ସନ୍ତୋଷ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ 'ସ୍ମରଣିକା' ଉନ୍ମୋଚିତ ହୋଇଥିଲା। ଏଥିସହ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା।



ବଡ଼ଗଡ଼ ବ୍ରିଟ୍ କଲୋନୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବରେ ଶିଶୁ ପ୍ରତିଭାମାନେ ଦାଣ୍ଡିଆ ପରିବେଷଣ କରୁଛନ୍ତି।

# ବିନା ଟେଣ୍ଡରରେ ଚାଲିଛି ରାଜ୍ୟ ଉଦ୍ଭିଦ ଉଦ୍ୟାନ ବଙ୍ଗଳା ଆଧୁନିକୀକରଣ କାର୍ଯ୍ୟ

ତ୍ରିଶୂଳିଆ,୨୧।୧୨(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସମସ୍ତ ନିର୍ମାଣ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ହେବାର ନିୟମ ଥିବାବେଳେ ଏହି ନିୟମକୁ ନ ମାନି ରାଜ୍ୟ ଉଦ୍ଭିଦ ଉଦ୍ୟାନର ବଙ୍ଗଳା ନବୀକରଣ କାର୍ଯ୍ୟ କରାଯାଉଥିବା ଜଣାପଡ଼ିଛି। ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଏହି ବଙ୍ଗଳାର ନବୀକରଣ ବିନା ଟେଣ୍ଡରରେ କରାଯାଉଥିଲେ ମଧ୍ୟ ଏ ବାବଦରେ କେହି ମୁହଁ ଖୋଲୁନାହାନ୍ତି। ବଙ୍ଗଳା ଦାୟିତ୍ୱରେ ଥିବା ରେଞ୍ଜର ମୀନାକ୍ଷୀ ବିଶ୍ୱାଳଙ୍କୁ ପଚାରିବାରୁ, ଏହି କାର୍ଯ୍ୟ ଠିକାଦାର କରୁଥିବା ସେ କହିଛନ୍ତି। ଠିକାଦାର ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ, ତାଙ୍କୁ ୨ଜଣ ଶ୍ରମିକ ଆଣିବାକୁ କୁହାଯାଇଥିବା ସେ କହିଛନ୍ତି। ନନ୍ଦନକାନନ ଉପନିର୍ଦ୍ଦେଶକ ସନତ୍ କୁମାର ନାରାୟଣଙ୍କୁ ପଚାରିବାରୁ, ବଙ୍ଗଳା କାର୍ଯ୍ୟ ବିଭାଗ ଦ୍ୱାରା ମରାମତି କରାଯାଉଥିବା କହିଥିଲେ। ହେଲେ ଉପନିର୍ଦ୍ଦେଶକ, ରେଞ୍ଜର ଓ ଠିକାଦାର କାହାର ମତ ମେଳ ଖାଉ ନ ଥିବାରୁ ପ୍ରଶ୍ନ ଉଠୁଛି। ଏତେ ଟଙ୍କାର କାର୍ଯ୍ୟ କିପରି ବିନା ଟେଣ୍ଡରରେ କରାଯାଉଛି, ଏହା କାହା ନିର୍ଦ୍ଦେଶରେ ହେଉଛି, ତାହା ତଦନ୍ତସାପେକ୍ଷ। ପୂର୍ବରୁ ନନ୍ଦନକାନନର ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ବନ୍ୟପ୍ରାଣୀ ଚିକିତ୍ସାଳୟ ଓ ସ୍ଥାୟୀ ସଭାଗୃହ ଆଦି ନିର୍ମାଣ କାର୍ଯ୍ୟ ବିନା ଟେଣ୍ଡରରେ ହୋଇଥିବା ନଜିର ରହିଛି। ତେବେ ଏହାର ଭିଜିଲାନ୍ସ ତଦନ୍ତ ହେଲେ ସମସ୍ତ ତଥ୍ୟ ପଦାକୁ ଆସିପାରିବ ବୋଲି ନନ୍ଦନକାନନ ଜୀବଜନ୍ତୁ ଓ ଜଙ୍ଗଲ ସୁରକ୍ଷା ମଞ୍ଚ ଦାବି କରିଛି।

# ବର୍ଷା ପାଇଁ ବାତିଲ ହେଲା 'ପଥଉତ୍ସବ'

ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)




ପ୍ରବାସୀ ଭାରତୀୟ ସମ୍ମିଳନୀ ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୩ଟି ଜୋନ୍‌ରେ ପୁଣି 'ପଥଉତ୍ସବ' ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଡିସେମ୍ବର ୨୨, ୨୯ ଏବଂ ଜାନୁଆରୀ ୫କୁ ଧାର୍ଯ୍ୟ କରାଯାଇଥିଲା। ୨୨ ତାରିଖ ରବିବାର ଚଳିତ ବର୍ଷର ପ୍ରଥମ ପଥୋତ୍ସବ ଜନପଥର ମାଷ୍ଟରକ୍ୟାଣ୍ଟିନ୍‌ରୁ ରାମ ମନ୍ଦିର ମଧ୍ୟରେ ହେବାର ଥିଲା। ତେବେ ରାଜ୍ୟରେ ଲାଗି ରହିଥିବା ଅଦିନିଆ ବର୍ଷା ଓ ଖରାପ ପାଗ କାରଣରୁ ଏହାକୁ ବାତିଲ କରାଯାଇଛି। ଏହି ପଥୋତ୍ସବ କେବେ ହେବ ସେ ନେଇ ଖୁବ୍‌ଶୀଘ୍ର ସୂଚନା ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।



**ସଂକ୍ଷେପରେ**

## ବର୍ଷା ବଢ଼ାଇଲା ଚାଷୀଙ୍କ ଦୁର୍ଦ୍ଦଶା

**ବାଲୁଗାଁ,୨୧।୧୨(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଏବଂ ଏହାର ଆଖପାଖ ଅଞ୍ଚଳରେ ବର୍ଷା ଲାଗି ରହିଛି। ଫଳରେ ବିଲରେ ପାଣି ଯୋଗୁ ଧାନ ଫସଲ ଖଳାକୁ ନେବା ଚାଷୀଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ଜମିରେ ପାଣି ଜମି ରହିବାରୁ ନଷ୍ଟ ହେବାରେ ଲାଗିଛି। ଅଞ୍ଚଳରେ ପ୍ରାୟ ୨୦ପ୍ରତିଶତ ଜମିରେ ଧାନ କଟା ହୋଇ ନ ଥିବାବେଳେ ୬୦ ପ୍ରତିଶତ ଧାନ କଟା ହୋଇ ପଡ଼ିରହିଛି । ଆଉ ୨୦ପ୍ରତିଶତ ଧାନ କଟାଯାଇ ବନ୍ଧା ହୋଇ ପଡ଼ିଥିବା ବେଳେ ଧାନ ସବୁ ଗଜା ହେବାର ସମ୍ଭାବନା ସୃଷ୍ଟି ହୋଇଛି । କେତେକ ଚାଷୀ ଅମଳ ଧାନ ନଷ୍ଟ ହେବା ଆଶଙ୍କା କରି କ୍ଷେତରେ ଧାନକୁ ଗଦା କରି ଜରିପାଲ ଘୋଡାଇ ଜଗି ରହିଛନ୍ତି । ଚାଷୀ ବର୍ଷକର ଆହାର ପୁଣି ହରାଇବା ଭୟରେ ଦୁଃଖରେ ଭାଙ୍ଗି ପଡିଛି । ଏଥିପ୍ରତି ସରକାର ଦୃଷ୍ଟି ଦେବା ସହ ସହାୟତା ପାଇଁ ସାଧାରଣରେ ଦାବି ହେଉଛି।

## ମହିଳାଙ୍କୁ ସୁପରଭାଇଜରଙ୍କ ଅସଦାଚରଣ ଅଭିଯୋଗ

**ଭୁବନେଶ୍ୱର,୨୧।୧୨(ସୂର୍ଯ୍ୟକାନ୍ତ ବେହେରା)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସୈନିକସ୍କୁଲସ୍ଥିତ ଟିଟିଏସ୍‌ରେ କାମ କରୁଥିବା ଜଣେ ମହିଳାଙ୍କୁ ସେଠାକାର ସୁପରଭାଇଜର ଅସଦାଚରଣ କରିବା ସହ ହଇରାଣ କରିଛନ୍ତି। ଏନେଇ ମହିଳା ଜଣଙ୍କ ଶନିବାର ମଞ୍ଚେଶ୍ୱର ଥାନାରେ ଉକ୍ତ ସୁପରଭାଇଜରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଅଭିଯୋଗକାରିଣୀ ମହିଳା ଓ ସୁପରଭାଇଜରଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଯିବାରୁ ପୋଲିସ ସୁପରଭାଇଜରଙ୍କୁ ନୋଟିସ ଦେଇ ଛାଡ଼ି ଦେଇଥିବା ଜଣାପଡ଼ିଛି।

# ବିଲରେ ଭିଜୁଛି ଧାନ, ଚିନ୍ତାରେ ଚାଷୀ

**ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)**



ଲଘୁଚାପ ପ୍ରଭାବରେ ଖୋର୍ଦ୍ଧା ଜିଲାରେ ଦୁଇଦିନ ହେବ ବର୍ଷା ଲାଗିରହିଛି। ବର୍ଷା ପ୍ରଭାବରେ ପ୍ରଭାବିତ ହୋଇଛି ଧାନ କ୍ଷେତ। ବର୍ଷା ଲାଗି ରହିଥିବାରୁ ଜମିରେ କଟା ହୋଇ ପଡ଼ିରହିଥିବା ଧାନ ଉଠାଇବା ଚାଷୀଙ୍କ ପକ୍ଷେ ସମ୍ଭବ ହେଉନି। ଏଭଳି ସ୍ଥିତିରେ ଫସଲ ପାଇଁ ଋଣ ଆଣିଥିବା ଚାଷୀମାନେ, ଋଣ ଭାର ପରିଶୋଧ କରିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି କହିଛନ୍ତି। ସେପଟେ ଅମଳ ହୋଇଥିବା ପାଚିଲା ଧାନକୁ ବର୍ଷାଦାଉରୁ ରକ୍ଷା କରିବାକୁ କିଏ ପଲିଥିନ ଢାଙ୍କୁଛି ତ' ଆଉ କିଏ ବସ୍ତାରେ ଧାନକୁ ସାଇତି ରଖୁଛି। ବାକିଧାନକୁ ସାଇତି ରଖିବା ପାଇଁ ସ୍ଥାନ ନ ଥିବାରୁ ଜମି ହୁଡ଼ା, ରାସ୍ତାକଡ, ଖଳାରେ ପଡ଼ି ଓଦା ହୋଇ ନଷ୍ଟ ହେଉଛି। ଧାନ ସବୁ ବର୍ଷାପାଣିରେ ଭିଜି ଥିବାରୁ ଗଜା ହୋଇ ଆଉ ସେଥିରୁ କିଛି ଆଦାୟ ହେବ ନାହିଁ ବୋଲି ଚାଷୀମାନେ କହିଛନ୍ତି। ଜରିପୁଟ ଅଞ୍ଚଳର ଚାଷୀ ମନୋରଞ୍ଜନ ସାମନ୍ତରାୟ ଏବଂ ଶିବଶଙ୍କର ଦୈତାରୀ ସେନାପତି କୁହନ୍ତି, ବିଳମ୍ବିତ ମୌସୁମୀ ପ୍ରବେଶ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏବେ ଧାନ ଅମଳ ସମୟରେ ବର୍ଷା ଉଜାଡିଦେଲା। ଉଇଲକିଶନ ନଗର ଗ୍ରାମର ତିଲୋଚନା ଜେନା କୁହନ୍ତି, ଧାରକରଜ କରି ଏକର ଜମିରେ ଫସଲ କରିଥିବା ବେଳେ ଲଘୁଚାପ ବର୍ଷା ସବୁ ଛାରଖାର କରିଦେଲା। ଫସଲ ଅମଳ ସମୟରେ ଧାନ ପାଣିରେ ଭିଜି ନଷ୍ଟ ହୋଇଗଲା। ସେହିପରି ଶରଧାପୁରର ଚାଷୀ ଜିତେନ୍ଦ୍ର ବେହେରା କୁହନ୍ତି, ଗ୍ରାମରେ ଚାଷଜମିକୁ ଜଳସେଚନର ସୁବିଧା ନ ଥିବାରୁ ଭଡାରେ ପମ୍ପସେଟ ଆଣି ଜମିକୁ ପାଣି ମଡାଇଥିଲି। ଆଶା କରିଥିଲି ଫସଲ ଅମଳ ହେଲେ ଦୁଃଖ ଯିବ, ହେଲେ ଅଦିନିଆ ବର୍ଷା ସବୁ ସାରିଦେଲା। ନୂଆଗାଁର ଯୁବ ଚାଷୀ ଗୋପାଳ ପ୍ରଧାନ କୁହନ୍ତି, ଅନ୍ନ ଯୋଗାଉଥିବା ଅନ୍ନଦାତା ଏବେ ସଙ୍କଟରେ। ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଅନେକ ଚାଷୀ ବ୍ୟାଙ୍କ, ସେବା ସମବାୟ ସମିତି ଏବଂ ମହାଜନଙ୍କଠାରୁ ଋଣ ଆଣି ଧାନ ଫସଲ କରିଥିଲେ। ତେବେ ଫସଲ ଅମଳ ସମୟରେ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଚାଷୀ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଜିଲା କୃଷି ବିଭାଗର କୌଣସି ଅଧିକାରୀ, ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଦେଖାନାହିଁ। ଫଳରେ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଅନ୍ୟପଟେ କୃଷି ଋଣ ଛାଡ଼ ସହ ଚାଷୀଙ୍କ ଦୁର୍ଦ୍ଦିନ ସମୟରେ ସରକାର ସହଯୋଗର ହାତ ବଢ଼ାଇବାକୁ ବିଭିନ୍ନ କୃଷକ ସଙ୍ଗଠନ ନିବେଦନ କରିଛନ୍ତି।

## ପଞ୍ଚାୟତ ୱାରି କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ

**ବେଗୁନିଆ,୨୧।୧୨(ହର ପ୍ରସନ୍ନ ପଣ୍ଡା)**

**ଜମିରେ ଉଜୁଡିଛି ପାଚିଲା ଧାନ**

ବେଗୁନିଆ ବ୍ଲକ ଅଞ୍ଚଳରେ ସର୍ବାଧିକ ୮୪ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହାର ପ୍ରବାହରେ ଚାଷୀକୂଳ କ୍ଷତିଗ୍ରସ୍ତ ହୋଇଛନ୍ତି। ଜମିରେ ଚାଷ ହୋଇଥିବା ପରିବା ଏବଂ ଧାନ ଫସଲ ଉଜୁଡ଼ିଯାଇଛି। କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ ସହାୟତା ଯୋଗାଇଦେବାକୁ କୃଷକ ସଙ୍ଗଠନ ପକ୍ଷରୁ ଦାବି ହେଉଛି। ଜିଲା ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ବୈଠକ କରାଯାଇ କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକର ପ୍ରତି ପଞ୍ଚାୟତୱାରି କ୍ଷୟକ୍ଷତି ଆକଳନ କରାଯିବ। କୃଷି ଏବଂ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ପରିଦର୍ଶନ କରାଯାଇ ଫଟୋ ଉତ୍ତୋଳନ ସହିତ ଚାଷୀ ଚିହ୍ନଟ କରାଯାଇ ସହାୟତା ପ୍ରଦାନ ପ୍ରକ୍ରିୟା ଜାରି ହେବ। ସେହିପରି କୃଷକ ରକ୍ଷକ ପୋର୍ଟାଲ ଜରିଆରେ ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ୧୪୪୪୭କୁ ଫୋନ କରି କ୍ଷତିଗ୍ରସ୍ତ ଚାଷୀମାନେ ସିଧାସଳଖ ଅଭିଯୋଗ କରିପାରିବେ ବୋଲି ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି। ପ୍ରକାଶ ଯେ, ବେଗୁନିଆ ବ୍ଲକ ଅଧୀନ ୨୧ ପଞ୍ଚାୟତର ପ୍ରାୟ ୪୦ ପ୍ରତିଶତ ଚାଷଜମିରେ ପାଚିଲା ଧାନ ଗଛ କଟା ହୋଇପଡିଛି। ବର୍ଷା ଯୋଗୁ କଟା ଧାନ ଫସଲ ପାଣିରେ ବୁଡି ରହିଛି। କେବଳ ୧୦ପ୍ରତିଶତ ଚାଷୀ ଫସଲ ଅମଳ ଶେଷ କରି ଘରେ ସାଇତି ରଖିଥିବା ବେଳେ ଆଉ ୫୦ ପ୍ରତିଶତ ଚାଷୀ ଜମିବାଡିରେ ଧାନ ବିଡା ଗଦାକରି ରଖିଛନ୍ତି। ଧାନ ଫସଲ ଅମଳ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ ହୋଇଥିବା ବେଳେ ବର୍ଷା ଚାଷୀଙ୍କ ବର୍ଷକ ପାଇଁ ଆହାର ଚିନ୍ତା ବଢ଼ାଇଦେଇଛି। ଅନ୍ୟପକ୍ଷରେ ଏହି ବ୍ଲକର ବହୁ ଚାଷୀ ପରିବା ଫସଲ କରିଛନ୍ତି। ବର୍ଷା ପାଣି ମାଡରେ ଫୁଲ କୋବି ନଷ୍ଟ ହେବାକୁ ବସିଛି।

## ଦୟାନନ୍ଦ ଆଦର୍ଶ ଗୁରୁକୁଳର ବାର୍ଷିକୋତ୍ସବ

**ବେଗୁନିଆ,୨୧।୧୨(ସନ୍ଧ୍ୟାରାଣୀ ମିଶ୍ର)**

ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଆଶ୍ରମର ୫ମ ବାର୍ଷିକୋତ୍ସବ ଏବଂ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଯୋଗ ପ୍ରାଣାୟମ ସହ ଏକ କୁଣ୍ଡିୟ ଯଜ୍ଞର ଆୟୋଜନ ହୋଇଥିଲା। ପରେ ଗୁରୁକୁଳ ଆଶ୍ରମର ପ୍ରତିଷ୍ଠାତା ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ୱାମୀ ଶାନ୍ତାନନ୍ଦ ସରସ୍ୱତୀ ଉଦ୍‌ଘାଟକ ଭାବେ ଯୋଗଦେଇ ଗୁରୁକୁଳର ପୁରାତନ ଶିକ୍ଷା ପଦ୍ଧତି ଦ୍ୱାରା ବିଦ୍ୟାର୍ଥୀଙ୍କ ମନରେ ସଂସ୍କାର ମନୋଭାବ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି କହିଥିଲେ। ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଦେଇଥିଲେ।

## ବର୍ଷାରେ ଚିନାବାଦାମ ଫସଲ ନଷ୍ଟ



**କୃଷ୍ଣପ୍ରସାଦ,୨୧।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ଲାଗିରହିଛି। ଦୁଇଦିନ ଧରି ଲଗାଣ ବର୍ଷା ପ୍ରଭାବରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଚାଷଜମି ପାଣିରେ ବୁଡ଼ିରହିଛି। ଅର୍ଥକରୀ ଫସଲ ଚିନାବାଦାମ ବିହନ ଚାଷୀମାନେ ବୁଣିଥିବା ବେଳେ ପାଣିରେ ତାହା ବୁଡ଼ିଯାଇଥିବାରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଏପରିକି ଗଛ ଉଠିଥିବା ଜମିରେ ପାଣି ବୁଡ଼ି ରହିବାରୁ ପଚିବାକୁ ବସିଲାଣି। ନିଜର ବର୍ଷକ ଧାନକୁ ବିକ୍ରିକରି ଚିନାବାଦାମ ଫସଲରେ ଲଗାଇଥିବା ଅର୍ଥ ନଷ୍ଟ ହେବା ପରେ ଚିନ୍ତାରେ ଚାଷୀକୁଳ। ଲଗାଣବର୍ଷାରେ ଅଲଣ୍ଡା ପଞ୍ଚାୟତ, ସିଆଣ୍ଡି, ମାଲୁଦ, ବୁଦ୍ଧିବର, ବଜ୍ରକୋଟ, ରାମଲେଙ୍କା, ଗୁମୁଣ୍ଡିଆ, ବଡଖାଡ଼, ତିତିପ, ଚିଲିକା ନୂଆପଡ଼ା ପଞ୍ଚାୟତରେ ଚାଷଜମି ବୁଡ଼ି ବ୍ୟାପକ କ୍ଷତି ହୋଇଥିବା ଜଣାପଡ଼ିଛି। ଫସଲର କ୍ଷତିପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସାମାଜିକ କର୍ମୀ ଦୀପକ କୁମାର ଜେନା, ମାଲୁଦ ସରପଞ୍ଚ ପ୍ରତିନିଧି ମୁନା ଜେନା, ସାମାଜିକ କର୍ମୀ ବିଷ୍ଣୁ ଚରଣ ବେହେରା ପ୍ରମୁଖ କହିଛନ୍ତି।

## ଛାତ୍ରୀଛାତ୍ର ସ୍ୱାବଲମ୍ବୀ ହେବାକୁ ପରାମର୍ଶ

**ଟାଙ୍ଗୀ,୨୧।୧୨(ରଘୁନାଥ ସାହୁ)**

**ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ**

ଟାଙ୍ଗୀ ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶମ୍ଭୁନାଥ ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଡିଓ ରୁମାନା ଜାଫ୍ରି, ସମ୍ମାନିତ ଅତିଥି ନିରାକାରପୁର କେବିଡିଏଭି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରତିଭାମୟୀ ମିତ୍ର, ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁ, କୁହୁଡ଼ି ଜନତା ମହାବିଦ୍ୟାଳୟର ପ୍ରାଣୀ ବିଭାଗ ଅଧ୍ୟାପକ ଗଙ୍ଗାଧର ଦାଶ, ଡା.ମଧୁସୂଦନ ସେନାପତି, ଚିଲିକା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବାବୁଲା ବେହେରା ପ୍ରମୁଖ ଯୋଗଦେଇ କେବଳ ଚାକିରି ପଛରେ ନ ଗୋଡ଼ାଇ ସ୍ୱାବଲମ୍ବୀ ହେବା ସହ ରାଜ୍ୟ ଓ ଦେଶର ବିକାଶ କରିବା ପାଇଁ ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ର ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ, ଯାହାକି ଉପସ୍ଥିତ ଦର୍ଶକ ସହ ଅଭିଭାବକଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ନର୍ମଦା ନାୟକ, ବିପାଶା ମିଶ୍ର, ପ୍ରୀତିରଞ୍ଜନ ସ୍ୱାଇଁ, ପୁଣ୍ୟବ୍ରତ ମହାପାତ୍ର, ଝରଣା ଚାନ୍ଦ, ଦୀପ୍ତିମୟୀ ସାହୁ, ପ୍ରତିମା ସାହୁ, ସିତୁ ବେହେରା, ପ୍ରମୋଦ ସେଠୀ, ସନ୍ତୋଷ ମହାରଣା ପ୍ରମୁଖ ସହଯୋଗ କରିଥିଲେ।




# ୨୨ତମ ଲୋକମେଳା, ୧୫ତମ କୃଷିମେଳା ଆରମ୍ଭ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)



ଲୋକମେଳା ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଅନ୍ୟ ଅତିଥିମାନେ ।

ଶ୍ରୀଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ୨୨ତମ ଜାତୀୟ ଲୋକ ମେଳା ଓ ୧୫ତମ କୃଷି ମେଳା ଶନିବାର ସ୍ଥାନୀୟ ପୌରସଦନଠାରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା, ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, ପ୍ରଶାସନିକ କମିଟି ଅଧ୍ୟକ୍ଷ ବଦ୍ରି ମିଶ୍ର, ଉପାଧ୍ୟକ୍ଷ ଭରତ ନାୟକ, ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ସାଂସ୍କୃତିକ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ହରେକୃଷ୍ଣ ଶତପଥୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ପରେ ସାଧାରଣ ସମ୍ପାଦକ ରାଜେଶ ମହାନ୍ତି ବିବରଣୀ ଉପସ୍ଥାପନ କରିଥିଲେ। ଲୋକମେଳା ଓ କୃଷିମେଳା ଆୟୋଜନକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏଭଳି ମେଳା ଜନସାଧାରଣଙ୍କୁ ବିଭିନ୍ନ ରାଜ୍ୟର ଲୋକକଳା, ସଂସ୍କୃତି ସମେତ କୃଷି ବିଷୟରେ ଜାଣିବାର ସୁଯୋଗ ଦେଇଥାଏ ବୋଲି ସେମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ରାଜ୍ୟରୁ ଆସିଥିବା ସାଂସ୍କୃତିକ ଅନୁଷ୍ଠାନର ମୁଖ୍ୟ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଚନ୍ଦ୍ରବିଜୟୀ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ହରିୟାଣାର କଳାକାରମାନେ ଶିବସ୍ତୁତି ପରିବେଷଣ କରିଥିଲେ। ସେହିପରି ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରମାନେ ନିଜ ରାଜ୍ୟର ଲୋକନୃତ୍ୟ ପରିବେଷଣ କରିଥିଲେ। ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ମୁଖ୍ୟ ସଂଯୋଜକ ବିଶ୍ୱନାଥ ମିଶ୍ର, ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ଦାସ, ସାଂସ୍କୃତିକ କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଗଣମାଧ୍ୟମ ସମ୍ପାଦକ ପ୍ରଦ୍ୟୁମ୍ନ ସାଥୁଆ, ଦେବେନ୍ଦ୍ର ମହାପାତ୍ର, ସୌମ୍ୟ ରଞ୍ଜନ ମିଶ୍ର, ସଭ୍ୟ ସତ୍ୟନାରାୟଣ ମହାରଣା, ପୁଷ୍କର ସାହୁ, ପ୍ରଶାନ୍ତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମେଳାରେ ନୃତ୍ୟ ପରିବେଷଣ କରାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ତୀର୍ଥଯାତ୍ରାରେ ଯିବେ ୧୨୭ ବରିଷ୍ଠ ନାଗରିକ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

**ଜାନୁଆରୀ ୧୭ରୁ ଶିରିଡ଼ି ଓ ନାସିକ ଯାତ୍ରା**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲାର ୧୨୭ ଜଣ ଯାତ୍ରୀ ଶିରିଡ଼ି ଓ ନାସିକ ଗସ୍ତରେ ଯିବେ। ସେମାନଙ୍କୁ ସହଯୋଗ ପାଇଁ ୪ ଜଣ ସହାୟକ ଅଧିକାରୀ ମଧ୍ୟ ସେମାନଙ୍କ ସହ ଯିବେ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଶନିବାର ଅପରାହ୍ନରେ ସର୍କିଟ ହାଉସରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ତୀର୍ଥଯାତ୍ରାରେ ଯିବା ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ସମସ୍ତଙ୍କୁ ସ୍ୱାଗତ କରି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ କହିଥିଲେ, ଅନ୍‌ଲାଇନ ମାଧ୍ୟମରେ କେବଳ ଆବେଦନ ଆହ୍ୱାନ କରାଯାଇଥିଲା। ୪୭୫ ଜଣ ଏକକ ଓ ଦମ୍ପତି ଆବେଦନ କରିଥିଲେ। ଏହି ଆବେଦନକାରୀଙ୍କୁ ଇ–ରାଣ୍ଡୋମାଇଜେଶନ ବା କମ୍ପ୍ୟୁଟର ଲଟେରି ପ୍ରକ୍ରିୟା ଅନୁସାରେ ଚିହ୍ନଟ କରାଯାଇ ପ୍ରଥମ ପର୍ଯ୍ୟାୟରେ ଶିରିଡ଼ି ଓ ନାସିକକୁ ଜାନୁଆରୀ ୧୭ରୁ ୨୨ତାରିଖ ପଠାଯିବ। ରାଣ୍ଡୋମାଇଜେଶନରେ ଯୋଗ୍ୟ ତୀର୍ଥଯାତ୍ରୀଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ। ଜାନୁଆରୀ ୧୬ରେ ତୀର୍ଥଯାତ୍ରୀମାନେ ପର୍ଯ୍ୟଟନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱର ପଠାଯିବ। ଭୁବନେଶ୍ୱରରୁ ସେମାନେ ୧୭ ତାରିଖରୁ ଯାତ୍ରା ଆରମ୍ଭ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ରାଣ୍ଡୋମାଇଜେଶନ କରାଯାଇ ୧୨୭ ଜଣଙ୍କୁ ଅଯୋଧ୍ୟା ଓ ବନାରସ ପଠାଯିବ। ପ୍ରଥମ ପର୍ଯ୍ୟାୟରେ ଯାଇଥିବା ବ୍ୟକ୍ତିଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରାଯିବ ନାହିଁ ବୋଲି ପର୍ଯ୍ୟଟନ ଅଧିକାରୀ ସ୍ପଷ୍ଟ କରିଛନ୍ତି। ବୈଠକରେ ଏସ୍‌ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଶରତ ଚନ୍ଦ୍ର ବେହେରା ଏବଂ ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଆର୍‌ଟିଓ ରବିନ ପଟ୍ଟନାୟକ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପେନସନ୍‌ଭୋଗୀ ଶିକ୍ଷକ କର୍ମଚାରୀଙ୍କ ବହୁଦିନର ଦାବି ଯଥା ୬୫ବର୍ଷରୁ ୫ପ୍ରତିଶତ କରି ପେନ୍‌ସନ୍ ପ୍ରଦାନ ଓ କମ୍ୟୁଟେଡ୍ ପେନ୍‌ସନ୍ ୧୫ ବର୍ଷ ପରିବର୍ତ୍ତେ ପୂର୍ବଭଳି ୧୨ ବର୍ଷ କରିବା ସହ ୧୨ବର୍ଷ ପରେ ଅସୁଲ କରାଯାଇଥିବା ଅର୍ଥକୁ ପେନ୍‌ସନଭୋଗୀଙ୍କୁ ଫେରାଇବାକୁ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ସରକାରଙ୍କ ନିକଟରେ ଦାବି କରିଛନ୍ତି। ଷ୍ଟେଟ୍ ସିଲେକ୍ସନ୍ ବୋର୍ଡଦ୍ୱାରା ଶିକ୍ଷକ ନିଯୁକ୍ତି କରିବାକୁ ବେହେରା ଦାବି କରିଛନ୍ତି। ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନାକୁ କଦର୍ଥ କରି ବକ୍ତବ୍ୟ ରଖିଥିବାରୁ ଏହାକୁ ସଂଗଠନ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ବୈଠକରେ ପ୍ୟାରୀମୋହନ ପଟ୍ଟନାୟକ, ଲକ୍ଷ୍ମୀଧର ମିଶ୍ର, ବ୍ରହ୍ମାନନ୍ଦ ଦାସ, ବାଇଧର ଜେନା, ସନ୍ତୋଷ କୁମାର ମହାନ୍ତି, ଆଶାଲତା ପ୍ରଧାନ, ଅଞ୍ଜଳି ରଥ, ମିନତି ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଗଣେଶ୍ୱର ମହାପାତ୍ର ସଭା ପରିଚାଳନା କରିଥିଲେ। ମନୋଜ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ ପ୍ରସ୍ତୁତିର ସମୀକ୍ଷା

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ଜାନୁଆରୀ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଆୟୋଜନ କରିବାକୁ ଯାଉଛି ପ୍ରବାସୀ ଭାରତୀୟ ଦିବସ। ଭୁବନେଶ୍ୱରରେ ଏହା ଆୟୋଜନ ହେବାକୁ ଯାଉଥିଲେ ମଧ୍ୟ ସଂଖ୍ୟାଧିକ ପ୍ରବାସୀ ଭାରତୀୟଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ପାଲଟିବ। ତେଣୁ ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଏ ନେଇ ଶନିବାର ସର୍କିଟହାଉସରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀ ଭାରତୀୟ ଅତିଥିମାନଙ୍କୁ ସ୍ୱାଗତ, ସ୍ୱଚ୍ଛନ୍ଦ ରହଣୀ ସହ ସେମାନଙ୍କୁ ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ କୋଣାର୍କ ସୂର୍ଯ୍ୟ ମନ୍ଦିର, ରାମଚଣ୍ଡୀ, ଚନ୍ଦ୍ରଭାଗା, ରଘୁରାଜପୁର ଓ ସାତପଡ଼ା ପ୍ରଭୃତି ଅଞ୍ଚଳ ସେମାନେ ପରିଦର୍ଶନ କରିବେ। ସେମାନଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ, ପାର୍କିଂ, ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛତା ରକ୍ଷା ଇତ୍ୟାଦି ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଥିଲା ତାହାର ଅଗ୍ରଗତି ସମ୍ପର୍କରେ ଜିଲାପାଳ ସ୍ୱାଇଁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ସମୀକ୍ଷା କରିଥିଲେ। ପ୍ରବାସୀ ଭାରତୀୟଙ୍କ ସହଯୋଗ ପାଇଁ ଓଟିଡିସି ପକ୍ଷରୁ ସହାୟତା କେନ୍ଦ୍ର ସହ ନିୟନ୍ତ୍ରଣ କକ୍ଷ, ଆମ୍ବୁଲାନ୍ସ ବ୍ୟବସ୍ଥା ଇତ୍ୟାଦି କରାଯାଉଛି ବୋଲି ଜିଲାପାଳ କହିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।




# ନୂତନ ଧାନ ସଂଗ୍ରହ ବ୍ୟବସ୍ଥାରେ ଚାଷୀ ସଚେତନ ହୁଅନ୍ତୁ

**କଟକ,୨୧।୧୨(କାର୍ତ୍ତିକ ସାହୁ)**

କଟକ ଜିଲାରେ ଚଳିତ ଖରିଫ ଧାନ ସଂଗ୍ରହରେ ସ୍ୱଚ୍ଛତା ନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଥିଲେ, ନୂତନ ଧାନ ସଂଗ୍ରହ ବ୍ୟବସ୍ଥାରେ ଚାଷୀ ସଚେତନ ହୁଅନ୍ତୁ। ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କର ସମସ୍ତ ସୁବିଧାକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ପର୍ଯ୍ୟବେକ୍ଷକ ତଥା ନିୟୋଜିତ ନୋଡାଲ ଅଧିକାରୀ ମଣ୍ଡିଗୁଡ଼ିକୁ ବାରମ୍ବାର ଗସ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ। ଚଳିତବର୍ଷ ନୂତନ ବ୍ୟବସ୍ଥା ଅବଲମ୍ବନ ହେଉଥିବାରୁ ମଣ୍ଡିଗୁଡ଼ିକରେ ସମାନତା ରକ୍ଷାପୂର୍ବକ ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ, ଅସାଧୁ ବେପାରୀଙ୍କ କବଳରୁ ଚାଷୀଙ୍କୁ ମୁକ୍ତ କରି ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ମନ୍ତ୍ରୀ କହିଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଧାନ ସଂଗ୍ରହ ଓ କ୍ରୟ ପ୍ରକ୍ରିୟାରେ ସମାନତା ପୂର୍ବକ କ୍ଷୁଦ୍ରଚାଷୀଙ୍କୁ ବିଶେଷ ଗୁରୁତ୍ୱ ଦେବା ଉପରେ ଆଲୋଚନା କରିଥିଲେ।



ବୈଠକରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ଅନ୍ୟମାନେ।

### ସମବାୟ ମନ୍ତ୍ରୀଙ୍କ ଧାନମଣ୍ଡି ପରିଦର୍ଶନ ଓ ସମୀକ୍ଷା ବୈଠକ

ଜିଲାପାଳ ସିନ୍ଦେ କହିଛନ୍ତି, ଜିଲାରେ ସ୍ୱଚ୍ଛତାର ସହ ଧାନ ସଂଗ୍ରହ ଓ କ୍ରୟ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିସହ ମଣ୍ଡିଗୁଡ଼ିକରେ ଆବଶ୍ୟକ ନୋଡାଲ ଅଧିକାରୀ ନିୟୋଜିତ ହେବା ସମ୍ବନ୍ଧରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଆସନ୍ତା ୨୪ ତାରିଖ ସୁଦ୍ଧା ମଣ୍ଡିଗୁଡିକରେ ଧାନ କ୍ରୟ ନିମନ୍ତେ ସମସ୍ତ ସୁବ୍ୟବସ୍ଥା କରାଯାଇ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ୧୨ ଜଣ ମିଲରଙ୍କ ମାଧ୍ୟମରେ ୨୧୫ଟି ପ୍ରାଥମିକ କୃଷି ସମବାୟ ସମିତି, ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ୨୧ଟି ପ୍ରାଥମିକ କୃଷି ସମବାୟ ସମିତି ଉପକେନ୍ଦ୍ର ଦ୍ୱାରା ଧାନ ସଂଗ୍ରହ କରାଯିବା ନେଇ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ, ଆଠଗଡ଼ ଉପ-ଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲାପାଳ ଦେବୀପ୍ରସାଦ ମହାନ୍ତି, ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କ ସମେତ କୃଷି ଅଧିକାରୀ ଓ କର୍ମଚାରୀ, ସମସ୍ତ ଉପଖଣ୍ଡର ଡିଆରସିଏସ୍, ଏଆର୍‌ସିଏସ୍, ନିୟନ୍ତ୍ରଣ ବଜାର କମିଟିର ସମ୍ପାଦକମାନେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ବଳସାମନ୍ତ ଜିଲାର ବାରଙ୍ଗ, କଣ୍ଟାପଡ଼ା ବ୍ଲକସ୍ଥିତ ପ୍ରମୁଖ ମଣ୍ଡିଗୁଡ଼ିକ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ ୨୦୨୪-୨୫ ବର୍ଷ ପାଇଁ ୧୫,୧୦,୪୪୧.୧୭ କି.ଗ୍ରା. ଧାନ ସଂଗ୍ରହ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏପର୍ଯ୍ୟନ୍ତ ୬୬,୫୦୫ ଜଣ ପଞ୍ଜୀକୃତ ଚାଷୀଙ୍କର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି।

# କରଦାତାଙ୍କ ସୁବ୍ୟବସ୍ଥା କରିବା କରଗ୍ରହୀତାଙ୍କ ପାଇଁ ବିଧେୟ

**କଟକ,୨୧।୧୨(କାର୍ତ୍ତିକ ସାହୁ)**

କଟକ ଟ୍ୟାକ୍ସ ବାର୍ ଆସୋସିଏଶନ୍ ପକ୍ଷରୁ ଅଲ୍ ଇଣ୍ଡିଆ ଫେଡେରେଶନ ଅଫ୍ ଟ୍ୟାକ୍ସ ପ୍ରାକ୍ଟିସନର୍ସ ଆସୋସିଏଶନ୍ ପୂର୍ବ ଜୋନ୍ ସହଯୋଗରେ ଦିନିକିଆ ଜୋନାଲ ଟ୍ୟାକ୍ସ ସମ୍ମିଳନୀ କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ କହିଛନ୍ତି, କର ଦେବା ଲୋକଙ୍କର ସାମାଜିକ ଓ ନୈତିକ ଦାୟିତ୍ୱ। ଅନୁରୂପ ଭାବେ କର ଗ୍ରହୀତା ମଧ୍ୟ କରଦାତାଙ୍କ ନିମନ୍ତେ ସମସ୍ତ ସୁବ୍ୟବସ୍ଥା କରିବା ଓ ସୁଯୋଗ ଦେବା ବିଧେୟ। ଏଥିରେ ସମ୍ମାନିତ ଅତିଥି ଭାବେ ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ହାଇକୋର୍ଟର ବିଚାରପତି ଏମ୍. ଏସ୍. ରମଣ ଯୋଗଦେଇଥିଲେ। ଦିବସ ବ୍ୟାପୀ ଅନୁଷ୍ଠିତ ବିଭିନ୍ନ ଅଧିବେଶନରେ ଆଇନଜୀବୀ ଯତୀନ ହରଜାଇ, ରାଜେନ୍ଦ୍ର ଅରୋରା, ସୁଶୀଲ କୁମାର ପ୍ରାଣସୁଖକା ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ଦାସ, ତରୁଣ ଅଗ୍ରୱାଲ, ନଟବର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଆଶିଷ କୁମାର ସାମଲ, ଶ୍ରୀମନ୍ ଅର୍ପିତ ମହାନ୍ତି, ସିଦ୍ଧାର୍ଥ ପାଢ଼ୀ ଓ ବୈଦ୍ୟନାଥ ବେହେରା ଧନ୍ୟବାଦ ଦେଇଥିଲେ। ପୂର୍ବାଞ୍ଚଳ ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଜୋନ୍ ସମ୍ପାଦକ ଅରୁଣ କୁମାର ଦାଶ, କଟକ ଟାକ୍ସ ବାର୍ ଆସୋସିଏଶନର ସଭାପତି ପ୍ରଶାନ୍ତ କୁମାର ମିଶ୍ର, ସମ୍ପାଦକ ସୌମ୍ୟଶିବ ମହାନ୍ତି, ଉପସଭାପତି କୌସ୍ତୁଭ ଚୌଧୁରୀ, କୋଷାଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଓ ନଟବର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜୋନାଲ ଟ୍ୟାକ୍ସ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

### ଜୋନାଲ ଟ୍ୟାକ୍ସ ସମ୍ମିଳନୀ

# ବିଚାରପତି ଭୟଭୀତ ନ ହୋଇ ଦାୟିତ୍ୱ ନିର୍ବାହ କରନ୍ତୁ




ସମ୍ମିଳନୀରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ବକ୍ତବ୍ୟ ଦେଉଛନ୍ତି।

**କଟକ,୨୧।୧୨(କାର୍ତ୍ତିକ ସାହୁ)**

ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏଶନ ଫର୍ ଜଷ୍ଟିସ୍ ପକ୍ଷରୁ ଜାତୀୟ ସମ୍ମିଳନୀ କଟକ କଳାବିକାଶ କେନ୍ଦ୍ରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଦେଶର ସମ୍ବିଧାନ ଜଣେ ବିଚାରପତିଙ୍କୁ ଯଥେଷ୍ଟ ସୁରକ୍ଷା ଯୋଗାଇ ଦେଇଛି। ବିଚାରପତିମାନେ ଭୟଭୀତ ନ ହୋଇ ଦାୟିତ୍ୱ ନିର୍ବାହ କରିବା ଉଚିତ୍। ମୁଖ୍ୟବକ୍ତା ମାଡ୍ରାସ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି କେ. ଚନ୍ଦ୍ରୁ ବିଚାର ବ୍ୟବସ୍ଥାରେ ସ୍ୱାଧୀନତା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଆଇନଜୀବୀ ଗୁରୁ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏଶନ୍ ସଦସ୍ୟ ଅଗସ୍ତି କାନୁନ୍‌ଗୋ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପ୍ରଶାନ୍ତ ଜେନା, ବିଜୟ କୁମାର ବେହେରାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ଅଲ୍ ଇଣ୍ଡିଆ ଲୟର୍ସ ଆସୋସିଏଶନ ଫର୍ ଜଷ୍ଟିସ୍ ସମ୍ମିଳନୀ

# 'ସାଇବର ନିରାପତ୍ତା ପ୍ରତି ସଚେତନତା ଲୋଡ଼ା'

**କଟକ,୨୧।୧୨(କାର୍ତ୍ତିକ ସାହୁ)**

ରୋଟାରୀ କ୍ଲବ୍ ଅଫ୍ କଟକ ମିଡ୍‌ଟାଉନ ଓ ଇନରହୁଇଲ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ସାଇବର ନିରାପତ୍ତା ଶୀର୍ଷକ କର୍ମଶାଳା ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ବକ୍ତା ଭାବେ ସାଇବର ଥାନା ଆଇଆଇସି ରଶ୍ମିତା ଜେନା ଯୋଗଦେଇ ସାଇବର ନିରାପତ୍ତା ପ୍ରତି ସଚେତନତା ଲୋଡ଼ା ବୋଲି କହିଥିଲେ। ସାଇବର ଅପରାଧରୁ ସୁରକ୍ଷିତ ରହିବା, ସୋସିଆଲ ମିଡିଆ ବ୍ୟବହାର, ଅନ୍‌ଲାଇନ୍ ଶପିଂ, ଅଜଣା କଲ୍, ସିମ୍ ଠକେଇ, ଅନ୍‌ଲାଇନ୍ ଆର୍ଥିକ କାରବାର, କେୱାଇସି ଅପ୍‌ଡେଟ୍, ଲୋନ୍ ଆପ୍, ଚାକିରି, ମାଟ୍ରିମୋନିଆଲ ଠକେଇ, ସର୍ଚ୍ଚ ଇଞ୍ଜିନ ବ୍ୟବହାର ସମୟରେ ସତର୍କତା ଆଦି ଉପରେ ଆଇଆଇସି ଜେନା ବିସ୍ତୃତ ଭାବେ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରିଥିଲେ। କ୍ଲବ୍ ସଭାପତି ଡ. ଆଶୁତୋଷ ଦେବତାଙ୍କ ପୌରୋହିତ୍ୟ ଏବଂ ଇନରହୁଇଲ କ୍ଲବ୍‌ର ଉପାଧ୍ୟକ୍ଷା ପ୍ରଭାତୀ ମହାନ୍ତି ଓ ସମ୍ପାଦିକା ସଂଯୁକ୍ତା ମଲ୍ଲିକଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଡ. ଦୁଷ୍ମନ୍ତ ବିଶ୍ୱାଳ, ଶୁଭ୍ରାଂଶୁ ସାମନ୍ତରାୟ, ନନ୍ଦକିଶୋର ଶତପଥୀ, ରମେଶ ଚନ୍ଦ୍ର ସିଂ, ସମ୍ବିତ୍ କର, ପଙ୍କଜ ରାଜଗୁରୁ, ବିଭୂତି ଭୂଷଣ ରାଉତ, ରାମା ରାଓ, ଦିଲୀପ କୁମାର ସାହୁ, ଡ. ରଜନୀକାନ୍ତ ଶତପଥୀ, କୈଳାସ ଚନ୍ଦ୍ର ପାଢ଼ୀ, ଅନସୂୟା ସ୍ୱାଇଁ, ରୂପେଶ ରାଉତ, ସାଇବର ଥାନାର ପ୍ରଶାନ୍ତ ବେଉରା, ବିଶ୍ୱଜିତ୍ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ଖୁଣ୍ଟୁଣୀ,୨୧।୧୨(ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀ ଥାନା ଅଧୀନ ରାଜା ଆଠଗଡ଼ ଷ୍ଟେଶନ ନିକଟ ରେଳଧାରଣାରୁ ଶନିବାର ଜଣେ ଯୁବକଙ୍କ ମୃତଦେହକୁ କଟକ ଜିଆରପି ଜବତ କରିଛି। ମୃତକ ହେଲେ ଖୁଣ୍ଟୁଣୀ ଥାନା ରାଧାକୃଷ୍ଣପୁର ପଞ୍ଚାୟତ ଅଧୀନ ନୂଆସାହିର ପ୍ରଶାନ୍ତ ବଳ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୦୫/୨୪) ରୁଜୁ କରି ତଦନ୍ତ ଚଳାଇଛି। ଏଏସ୍‌ଆଇ ପରମାନନ୍ଦ ବେହେରା କହିଛନ୍ତି, ଯୁବକ ଜଣଙ୍କ ମାନସିକ ଦୁଶ୍ଚିନ୍ତାରେ ରହି ଅନେକ ସମୟ ବାହାରେ ବୁଲୁଥିଲେ। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ସନ୍ଧ୍ୟା ହୋଇଯାଇଥିବାରୁ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।



ବିଦାୟ ନେଉଛି ବର୍ଷ ୨୦୨୪। ପଶ୍ଚିମ ଓଡ଼ିଶା ପାଇଁ ଅନେକ ଘଟଣା, ଦୁର୍ଘଟଣାର ସାକ୍ଷୀ ପାଲଟିଥିଲା ଏହି ବର୍ଷ। ବର୍ଷ ଆରମ୍ଭରୁ ଉଦ୍‌ଘାଟିତ ହୋଇଥିଲା ବହୁ ପ୍ରତୀକ୍ଷିତ ବଲାଙ୍ଗୀର ଲୋୟର ସୁକତେଲ ଜଳ ପ୍ରକଳ୍ପ। ସାଧାରଣ ନିର୍ବାଚନରେ ପଟ୍ଟ ପରିବର୍ତ୍ତନ ପରେ ପଶ୍ଚିମ ଓଡ଼ିଶା ପାଇଥିଲା ଉପମୁଖ୍ୟମନ୍ତ୍ରୀ ପଦ। ବକ୍ସାଇଟ ଭରା ଐତିହ୍ୟସମ୍ପନ୍ନ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ଅଞ୍ଚଳରେ ଆଦାନୀ ଗ୍ରୁପ୍‌ର ଶତାଧିକ ଏକର ଜମିକିଣାକୁ ନେଇ ସୃଷ୍ଟି ହୋଇଥିଲା ଘୂର୍ଣ୍ଣିତୋଫାନ। ହାତୀ-ମଣିଷ ଲଢ଼େଇ ବି ପହଞ୍ଚିଥିଲା ଚରମ ସୀମାରେ। ୨୦ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରତି ଆକ୍ରମଣରେ ଯାଇଛି ୪୩ ମଣିଷଙ୍କ ଜୀବନ। ବାଘ ମୃତ୍ୟୁ ବି ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିଲା ଏହି ବର୍ଷ। ଏପରିକି ମଣିଷ ବାଘକୁ ମାରି ଖାଇବା ପରି ଘଟଣା ଘଟିଥିଲା। ଡେବ୍ରିଗଡ଼ ପ୍ରାଣୀ ଉଦ୍ୟାନରେ ବାଘୁଣୀ-ବାଘଙ୍କ ମିଳନ ବ୍ୟାଘ୍ର ବଂଶ ବୃଦ୍ଧି ନେଇ ସମ୍ଭାବନା ସୃଷ୍ଟି କରିଥିଲା। ହେଲେ ବର୍ଷର ଶେଷଆଡ଼କୁ ବାଘୁଣୀ ରାଣୀର ମୃତ୍ୟୁ ବନ୍ୟପ୍ରାଣୀଙ୍କ ମଧ୍ୟରେ ସୃଷ୍ଟି କରିଥିଲା ନୈରାଶ୍ୟଭାବ। ଏସବୁକୁ ନେଇ ଏଥରର ବର୍ଷଶେଷ ବିଶେଷ।

## ୩୧୦୦ ଟଙ୍କାରେ ଚାଷୀ ବିକିଲେ ଧାନ



୨୦୨୪ ନିର୍ବାଚନ ବୈତରଣୀ ପାରି ହେବାରେ ଓଡ଼ିଶାରେ ଭାଜପାକୁ ସହାୟକ ହୋଇଥିଲା ଚାଷୀକୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ପ୍ରତିଶ୍ରୁତି। ନିର୍ବାଚନ ଜିତିବା ପରେ ମୋହନ ମାଝୀ ସରକାର ପ୍ରଥମ କ୍ୟାବିନେଟ୍ ବୈଠକରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଧାନ ଦର ଦିଆଯିବ ବୋଲି ଘୋଷଣା କରିଥିଲେ। ଡିସେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀ ବରଗଡ ଜିଲା ସୋହେଲାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚାଷୀଙ୍କୁ ଖରିଫ ଧାନକ୍ରୟ ବାବଦ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ୍ ସହାୟତା ମିଶାଇ ୩୧୦୦ ଦର ପ୍ରଦାନ କରିଥିଲେ। ତେବେ ଏଫ୍‌ଏକ୍ୟୁ ମାନର ଧାନ ଓ ଗ୍ରେନ ଏନାଲାଇଜର ମେଶିନ୍ ନାଁରେ ଚାଷୀଙ୍କ ଉପରେ ଚାପ ପ୍ରସଙ୍ଗକୁ କେତେକ ଚାଷୀ, ଚାଷୀନେତା ଓ ବିରୋଧୀ ରାଜନୈତିକ ଦଳ ସମାଲୋଚନା କରୁଛନ୍ତି।



## ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟିତ

ଦୀର୍ଘ ୨୩ବର୍ଷର ପ୍ରତୀକ୍ଷା ଏବଂ ବହୁ ବାଦବିବାଦ ପରେ ବଲାଙ୍ଗୀର ଜିଲା ମାଗୁରବେଡାଠାରେ ନିର୍ମିତ ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ଜାନୁୟାରୀ ୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ୨୭୨୩ କୋଟି ଟଙ୍କାରେ ତିଆରି ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୨୦୦ରୁ ଅଧିକ ଗାଁର ୧ଲକ୍ଷ ଏକର ଚାଷ ଜମିକୁ ପାଣି ମାଡିବ ଓ ଉଭୟ ଜିଲାର ୮୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ। ୭୦ହଜାରରୁ ଅଧିକ ଲୋକେ ପିଇବା ପାଣି ପାଇବା ଲକ୍ଷ୍ୟ ରଖାଯାଇଛି।

## ସମଲେଶ୍ୱରୀ ରୂପାନ୍ତରିତ ପୀଠ ଲୋକାର୍ପିତ

ସମ୍ବଲପୁର ମା' ସମଲେଶ୍ୱରୀ ମନ୍ଦିର ରୂପାନ୍ତରିତ ପ୍ରକଳ୍ପ ଜାନୁୟାରୀରେ ଭକ୍ତଙ୍କ ଉଦ୍ଦେଶ୍ୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଦ୍ୱାରା ଲୋକାର୍ପିତ ହୋଇଥିଲା। ଶତାଧିକ ପଣ୍ଡିତ, ସାଧୁ, ସନ୍ଥଙ୍କ ଗହଣରେ ଯଜ୍ଞ ଓ ଚଣ୍ଡିପାଠ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୁଖ୍ୟ ଯଜ୍ଞ ମଣ୍ଡପରେ ଆହୁତି ପ୍ରଦାନ କରିଥିଲେ। ପ୍ରାୟ ୪୪ ଏକର ପରିଧିରେ ହୋଇଥିବା ପ୍ରକଳ୍ପ ସକାଶେ ରାଜ୍ୟ ସରକାର ପ୍ରାୟ ୪୫୦ କୋଟି ଟଙ୍କାର ବଜେଟ କରିଥିଲେ । ଏଥିଲେ ରୂପାନ୍ତରୀକରଣ ସହ ବିଭିନ୍ନ ଆନୁସାଙ୍ଗିକ କାର୍ଯ୍ୟ ରହିଥିଲା ।



## ବିନୋଦ ପଶାୟତଙ୍କୁ ପଦ୍ମଶ୍ରୀ



ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ସମ୍ବଲପୁର ସହର ସେନପାର୍କ ବାସୀନ୍ଦା ବିନୋଦ ପଶାୟତ ପଦ୍ମଶ୍ରୀ ସମ୍ମାନରେ ଭୂଷିତ ହେବା ବର୍ଷର ଅନ୍ୟତମ ଚର୍ଚ୍ଚିତ ଘଟଣା। ବିନୋଦ ଏକାଧାରରେ ଜଣେ ନାଟ୍ୟକାର ଓ ଗୀତିକାର। ତାଙ୍କ ରଚିତ ସମ୍ବଲପୁରୀ ନାଟକ ଉଭୟ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଆକାଶବାଣୀ ସମ୍ବଲପୁରରୁ ତାଙ୍କ ରଚିତ ନାଟକ ଓ ଗୀତଗୁଡ଼ିକ ବେଶ୍ ଆଦୃତି ଲାଭ କରିଥିଲା। ସଂପ୍ରତି ୮୯ ବର୍ଷରେ ମଧ୍ୟ ସେ ସାହିତ୍ୟ ସର୍ଜ୍ଜନାରେ ନିଜକୁ ନିମଗ୍ନ ରଖିଛନ୍ତି।

## ପୁନଶ୍ଚ ଗନ୍ଧମାର୍ଦ୍ଦନ

୧୯୮୦ ଦଶକରେ ବାଲ୍‌କୋ ହଟାଅ ଆନ୍ଦୋଳନକୁ ନେଇ ସାରା ଦେଶରେ ଚର୍ଚ୍ଚିତ ହୋଇଥିବା ବଲାଙ୍ଗୀର-ବରଗଡ଼ ଜିଲା ସୀମାସ୍ଥିତ ଗନ୍ଧମାର୍ଦ୍ଦନ ୨୦୨୪ ଶେଷଭାଗରେ ପୁଣିଥରେ ଚର୍ଚ୍ଚାରେ ରହିଛି। କିଛିଦିନ ତଳେ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଆଦାନୀ କମ୍ପାନୀ ପକ୍ଷରୁ ଜମି କିଣାଯାଇଥିବା ଜଣାପଡ଼ିବା ପରେ ପୁଣିଥରେ ଗନ୍ଧମାର୍ଦ୍ଦନରେ ଖଣିଖନନ ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ରାଜ୍ୟର ପରିବେଶବିତ୍, ବୁଦ୍ଧିଜୀବୀ, ରାଜନୈତିକ ସଙ୍ଗଠନ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଓ ଅନ୍ୟାନ୍ୟ ସଙ୍ଗଠନ ପ୍ରତିନିଧି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ଶାସକ ଓ ବିରୋଧୀ ମଧ୍ୟ ମୁହାଁମୁହିଁ ହୋଇଥିଲେ। ଶାସକ ଦଳ ଆଦାନୀ ଜମିକିଣା ଘଟଣା ଖଣିଖନନ ପାଇଁ ନୁହେଁ ବରଂ ପରିପୂରକ ବନୀକରଣ ଲାଗି ଉଦ୍ଦିଷ୍ଟ ବୋଲି ସ୍ପଷ୍ଟୀକରଣ ଦେଇଥିଲେ। ତେବେ ସରକାରୀ ପକ୍ଷଙ୍କ ଏଭଳି ସ୍ପଷ୍ଟୀକରଣକୁ ବିଶ୍ୱାସ ନ କରି ଧାରଣା ଓ ବିକ୍ଷୋଭ ଆରମ୍ଭ ହୋଇଥିଲା।





# ହାତୀ-ମଣିଷ ଲଢ଼େଇ

## ୨୦ ହାତୀ, ୪୩ ମଣିଷ ମୃତ

ଚଳିତବର୍ଷ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ହାତୀ-ମଣିଷ ଲଢ଼େଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିଲା। ଜଙ୍ଗଲକ୍ଷୟ ଯୋଗୁ ଖାଦ୍ୟ ପାଇଁ ଜନବସତି ଆଡ଼କୁ ମାଡ଼ିଆସୁଥିବା ଗଜରାଜର ଜୀବନ ଯାଉଛି। ବିଭିନ୍ନ ଜିଲାରୁ ମିଳିଥିବା ସୂତ୍ର ଅନୁସାରେ ଏହି ବର୍ଷ ୨୦ହାତୀଙ୍କର ମୃତ୍ୟୁ ଘଟିଛି। ପ୍ରମୁଖ ଘଟଣାକ୍ରମରେ ନଭେମ୍ବର ୧୮ରେ ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ବୁରୋମାଳ ଜଙ୍ଗଲ ସଂଲଗ୍ନ ଚାଷଜମି ନିକଟରେ ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଲାଗି ଶାବକ ସହ ୨ଟି ମାଈ ହାତୀଙ୍କର ମୃତ୍ୟୁ ଘଟିଥିଲା। ସେହିପରି ସୁନ୍ଦରଗଡ଼ ଜିଲା ରାଉରକେଲା ନିକଟରେ ହାତୀପଲ ରେଳପଥ ପାରିହେବା ବେଳେ ଟ୍ରେନ୍‌ରେ କଟି ୨ଟି ହାତୀର ମୃତ୍ୟୁ ଘଟିବା ବନ୍ୟପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି। ଅପରପକ୍ଷରେ ହାତୀ ଆକ୍ରମଣରେ ବି ଯାଇଛି ୪୩ଜଣ ମଣିଷଙ୍କ ଜୀବନ ଯାଇଛି। ସୁନ୍ଦରଗଡ ଜିଲାରେ ସର୍ବାଧିକ ୨୮ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସମ୍ବଲପୁରରେ ୧୧, ବଲାଙ୍ଗୀର ଜିଲାରେ ୩ ଓ ଦେବଗଡ଼ରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି।

## ରହସ୍ୟରେ ରହିଲା ରୁକ୍ସାନାଙ୍କ ମୃତ୍ୟୁ

କଳାହାଣ୍ଡି ଜିଲା ଭବାନୀପାଟଣାର ଜଣାଶୁଣା ସମ୍ବଲପୁରୀ ଗାୟିକା ରୁକ୍ସାନା ବାନୋ (୨୭)ଙ୍କ ସେପ୍ଟେମ୍ବର ୧୯ରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ବଲାଙ୍ଗୀରରେ ଶୁଟିଂ ବେଳେ ରୁକ୍ସାନା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଭବାନୀପାଟଣା ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବରଗଡ଼ସ୍ଥିତ ଏକ ଘରୋଇ ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।



## ବାଘକୁ ଖାଇଲା ମଣିଷ

ହିଂସ୍ରପ୍ରାଣୀ ବାଘର ଆହାର ମାଂସ। ହେଲେ ସେହି ବାଘକୁ ଶିକାର କରି ତା'ର ମାଂସକୁ ଶିକାରୀମାନେ ରାନ୍ଧି ଖାଇବା ପରି ଅଭାବନୀୟ ଘଟଣା ଘଟିଥିଲା ଏହି ବର୍ଷ ସମ୍ବଲପୁର ଓ ନୂଆପଡ଼ା ଜିଲାରେ। ଅଗଷ୍ଟ ୧୯ରେ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଗିରିଶଚନ୍ଦ୍ରପୁର ବନାଞ୍ଚଳ ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରୁ କଲରାପତରିଆ ବାଘ ଶିକାର ପରେ ଏହାର ମାଂସ ରାନ୍ଧି ଖାଇବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବନ ବିଭାଗ ୪ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଶିକାରରେ ବ୍ୟବହୃତ ବନ୍ଧୁକ, ଗୁଳି, ରନ୍ଧାମାଂସ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଅନୁରୂପ ଭାବେ ନୂଆପଡ଼ା ଜିଲା କୋମନା ରେଞ୍ଜ ରଜନା ସେକ୍ସନ ସୁନାବେଡା ଅଭୟାରଣ୍ୟ ପାଦଦେଶରେ ଥିବା ଦେଓଦର୍ହା-ମାଳପଡ଼ା ଜଙ୍ଗଲରେ ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ନଭେମ୍ବର ୧୯ରେ ସେହି ବାଘର ମାଂସ ରାନ୍ଧି ଖାଇବା ଅଭିଯୋଗ ହୋଇଥିଲା। ବନ ବିଭାଗ ବାଘମୁଣ୍ଡ, ମାଂସ ଜବତ କରିବା ସହ ୨ଜଣଙ୍କୁ ବାନ୍ଧିଥିଲା। ଏହି ଘଟଣାରେ ଅନ୍ୟ ୨ଜଣ ଏବେ ବି ଫେରାର ଅଛନ୍ତି। ବାଘଠାରୁ ମଣିଷ କେତେ ଯେ କ୍ରୂର ତାହା ଉପରୋକ୍ତ ଘଟଣା ଦର୍ଶାଇଥିଲା।

## ବାଘୁଣୀ-ବାଘ ପ୍ରେମ କାହାଣୀର ଦୁଃଖଦ ଅନ୍ତ

ବାଘୁଣୀ ରାଣୀ ଓ ବାଘ ରାଜାର ପ୍ରେମ ବେଶ୍ ଚର୍ଚ୍ଚିତ ଥିଲା। କେହି କାହାରିକୁ ମୁହୂର୍ତ୍ତେ ନ ଦେଖିଲେ ରହିପାରୁ ନ ଥିଲେ। ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ସ୍ୱତନ୍ତ୍ରଭାବେ ନିର୍ମିତ ପ୍ରଶସ୍ତ ଗ୍ଲାସ୍-ଭ୍ୟୁ ଏନକ୍ଲୋଜର(କାଚ ପଞ୍ଜୁରି)ରେ ସେମାନଙ୍କ ଭିତରେ ବଢି ଚାଲିଥିଲା ପ୍ରେମ ସମ୍ପର୍କ। ବନ୍ୟପ୍ରାଣୀପ୍ରେମୀ ଆଶା କରିଥିଲେ ସେମାନଙ୍କ ସମ୍ପର୍କରୁ ଓଡ଼ିଶାରେ ବୃଦ୍ଧି ହେବ କଲରାପତରିଆ ବାଘ ସଂଖ୍ୟା। ହେଲେ ଡିସେମ୍ବର ୪ତାରିଖ ରାତିରେ ଗର୍ଭାଶୟ ସଂକ୍ରମଣ ଜନିତ ବ୍ୟାଧିରେ ବାଘୁଣୀ ରାଣୀର ମୃତ୍ୟୁ ପରେ ସବୁ ଆଶା ମଉଳିଗଲା, ଅଧାରେ ରହିଗଲା ସେମାନଙ୍କ ପ୍ରେମ କାହାଣୀ। ରାଣୀକୁ ହରାଇ ଏବେ ଏନକ୍ଲୋଜରରେ ବାଘ ରାଜା ବିତାଉଛି ନିଃସଙ୍ଗ ଜୀବନ।

## ଏସିଆ କପ୍ ହକିରେ ଚମକିଲେ ସୁନ୍ଦରଗଡ଼ର ୩ ଝିଅ



ବିଶ୍ୱ କ୍ରୀଡା ମାନଚିତ୍ରରେ ସୁନ୍ଦରଗଡ ଜିଲାର ସ୍ଥାନ ସ୍ୱତନ୍ତ୍ର। ଏହି ମାଟିର ଖେଳାଳି ମାନେ ବିଭିନ୍ନ ଜାତୀୟ, ଅନ୍ତର୍ଜାତୀୟ ଓ ଅଲିମ୍ପିକ କ୍ରୀଡ଼ାରେ ଭାଗ ନେଇ ଗୌରବ ଆଣିଛନ୍ତି। ଏହି କ୍ରମରେ ଚଳିତବର୍ଷ ସୁନ୍ଦରଗଡ଼ ଜିଲାର ଖେଳାଳି ପୂଜା ସାହୁ, ସୁନେଲିତା ଟପ୍ପୋ ଓ ମମିତା ଓରାମ ଜାତୀୟ ମହିଳା ହକି ଦଳରେ ସାମିଲ ହେବାର ଗୌରବ ହାସଲ କରିଛନ୍ତି। ଓମାନଠାରେ ଅନୁଷ୍ଠିତ କନିଷ୍ଠ ଏସିଆ କପ୍ ହକିର ଦଶମ ସଂସ୍କରଣର ଫାଇନାଲ ମ୍ୟାଚ୍‌ରେ ଚାଇନାକୁ ପରାସ୍ତ କରି ଭାରତ ଏସିଆ କପ୍ ଟ୍ରଫି ବିଜେତା ହୋଇଛି। ଭାରତୀୟ ଦଳରେ ଓଡ଼ିଶାର ସୁନ୍ଦରଗଡ ଜିଲାର ଏହି ତିନି ଖେଳାଳି ସାମିଲ ହୋଇ ଭାରତକୁ ବିଜୟ ମୁକୁଟ ପିନ୍ଧାଇଛନ୍ତି। ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ କୁକୁଡା ଗ୍ରାମର ପୂଜା, ସୁନେଲିତା ଓ ନୂଆଗାଁର ମମିତାଙ୍କ ଏଭଳି କୃତିତ୍ୱକୁ ନେଇ ଜିଲାବାସୀ ଗର୍ବିତ।

## ନବାନ୍ନ ଖାଇଲେ ମୁଖ୍ୟମନ୍ତ୍ରୀ

ଗଣପର୍ବ ନୂଆଁଖାଇରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସାମିଲ ହୋଇଥିଲେ ମୋହନ ଚରଣ ମାଝୀ। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ମନ୍ଦିର ପରିସରରେ ନୂଆଁଖାଇ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନବାନ୍ନ ଭକ୍ଷଣ ପାଇଁ ମନ୍ଦିର ପରିସରସ୍ଥ ଦୀପଘରଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ନବାନ୍ନ ଭକ୍ଷଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନି ଡ. ପ୍ରିୟଙ୍କା ମାର୍ଣ୍ଣୀ ବି ଉପସ୍ଥିତ ଥିଲେ।



## ଡଙ୍ଗା ବୁଡ଼ିରେ ଚାଲିଗଲା ୮ ଜୀବନ

ଝାରସୁଗୁଡ଼ା ଜିଲା ଦେଇ ବହିଯାଇଥିବା ମହାନଦୀରେ ଏପ୍ରିଲ ୧୯ରେ ଡଙ୍ଗାବୁଡ଼ି ୮ଜଣଙ୍କ ଦୁଃଖଦ ମୃତ୍ୟୁ ହୋଇଥିଲା। ଛତିଶଗଡ଼ ରାଜ୍ୟ ଅର୍ଡାଲିଆ ଗ୍ରାମର ପ୍ରାୟ ୫୦ଜଣ ଯାତ୍ରୀ ଏକ ମିନିବସ୍ ଯୋଗେ ବରଗଡ଼ ଜିଲା ଆମ୍ବାଭୋନାସ୍ଥିତ ପଥରସେନିକୁ ପିକ୍‌ନିକ୍ କରିବାକୁ ବାହାରିଥିଲେ। ସେମାନେ ଅର୍ଡାଲିଆରୁ ରାୟଗଡ ଦେଇ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ମହାନଦୀର ଶରଧା ଡଙ୍ଗାଘାଟରେ ପହଞ୍ଚିଥିଲେ। ସେଠାରୁ ଏକ ଡଙ୍ଗା ଯୋଗେ ବରଗଡ଼ ଜିଲା ବାଞ୍ଜିପାଲି ଘାଟରେ ପହଞ୍ଚି ପିକ୍‌ନିକ୍ ସ୍ପଟ୍ ପଥରସେନି ଯାଇଥିଲେ। ସେମାନେ ପିକ୍‌ନିକ୍ ସାରି ପୁଣି ଏକ ଡଙ୍ଗା ଯୋଗେ ଶରଧା ଘାଟକୁ ବାହାରିଥିଲେ। ଶରଧା ଘାଟରେ ପହଞ୍ଚିବା ପୂର୍ବରୁ ଅଳ୍ପକିଛି ଦୂରରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡିଯାଇଥିଲା। ଫଳରେ ଏଥିରେ ବସିଥିବା ୫୦ଜଣ ଯାତ୍ରୀ ପାଣିରେ ବୁଡ଼ିଯାଇଥିଲେ। ମତ୍ସ୍ୟଜୀବୀମାନେ ଖୋଜାଖୋଜି କରି ୪୦ ଜଣଙ୍କୁ ଜୀବନ୍ତ ଓ ୨ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହାସହ ୭ଜଣ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ପରଦିନ ଅର୍ଥାତ୍ ଏପ୍ରିଲ ୨୦ରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ କର୍ମଚାରୀ ଆଉ ୬ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତକଙ୍କ ମଧ୍ୟରେ ୫ ମହିଳା ଓ ୩ ନାବାଳକ ରହିଛନ୍ତି।



## ଆଇଆଇଏମ୍ ପାଇଲା ସ୍ଥାୟୀ କ୍ୟାମ୍ପସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀ ୩ରେ ଧନକଉଡ଼ା ବ୍ଲକ ବସନ୍ତପୁରଠାରେ ଆଇଆଇଏମ୍ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ତତ୍କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପାର ଏବଂ ଜଳଶକ୍ତି ରାଜ୍ୟମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସମ୍ବଲପୁରର ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ଉପସ୍ଥିତ ଥିଲେ।

## ପଶ୍ଚିମ ଓଡ଼ିଶା ପାଇଲା ଉପମୁଖ୍ୟମନ୍ତ୍ରୀ



୨୦୨୪ ସାଧାରଣ ନିର୍ବାଚନରେ ୨୪ ବର୍ଷର ବିଜେଡି ସରକାରର ପତନ ପରେ ରାଜ୍ୟରେ ପ୍ରଥମ ଥର ସରକାର ଗଢ଼ିଲା ଭାରତୀୟ ଜନତା ପାର୍ଟି। ପାଟଣାଗଡ଼ରୁ ଷଷ୍ଠଥର ପାଇଁ ବିଧାୟକ ହୋଇଥିଲେ ବରିଷ୍ଠ ନେତା କନକବର୍ଦ୍ଧନ ସିଂଦେଓ। ନବଗଠିତ ମନ୍ତ୍ରୀମଣ୍ଡଳରେ ତାଙ୍କୁ ମିଳିଥିଲା ଉପମୁଖ୍ୟମନ୍ତ୍ରୀ ପଦ। କୃଷି, କୃଷକ ସଶକ୍ତୀକରଣ ଓ ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ତାଙ୍କ ହାତରେ ରହିଛି।

## ଅପରାଜେୟ ନବୀନଙ୍କ ପରାଜୟ



୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଅନେକ କିଛି ଓଲଟପାଲଟ କରିଦେଇଥିଲା। ନିର୍ବାଚନ ରାଜନୀତିରେ ପାଦ ଦେବା ଦିନଠାରୁ ଅପରାଜେୟ ରହି ୨୪ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଆସିଥିବା ନବୀନ ପଟ୍ଟନାୟକ କଣ୍ଟାବାଞ୍ଜି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜୟର ସ୍ୱାଦ ଚାଖିଥିଲେ। ଭାଜପାର ଲକ୍ଷ୍ମଣ ବାଗ ତାଙ୍କୁ ୧୬ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଥିଲେ।

## ମୋଦିଙ୍କ ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ର, ଜୁଏଲ





ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନଡିଏର ତୃତୀୟ ପାଳି ସରକାରରେ ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ ଓ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମଙ୍କୁ ମିଳିଛି ମନ୍ତ୍ରୀ ପଦ। ଧର୍ମେନ୍ଦ୍ରଙ୍କୁ ଶିକ୍ଷା ଏବଂ ଦକ୍ଷତା ବିକାଶ ଏବଂ ଜୁଏଲଙ୍କୁ ଆଦିବାସୀ ବ୍ୟାପାର ପରି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର କ୍ୟାବିନେଟ ମନ୍ତ୍ରୀଭାବେ ସ୍ଥାନ ମିଳିବା ଚଳିତବର୍ଷର ଅନ୍ୟତମ ପ୍ରମୁଖ ରାଜନୈତିକ ଘଟଣା। ପୂର୍ବରୁ ଅବଶ୍ୟ ପଶ୍ଚିମ ଓଡ଼ିଶାର ଏହି ଦୁଇ ତୁଙ୍ଗ ଭାଜପା ନେତା ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ।



## ବଦଳିଲେ ବରଗଡ଼ କଂସ

ଗତ ୨ ବର୍ଷ ହେଲା ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଭୂମିକାରେ ଅଭିନୟ କରିଆସୁଥିବା ହୃଷୀକେଶ ଭୋଇ ଲାଞ୍ଚ ମାମଲାରେ ବିବାଦୀୟ ହେବା ପରେ ତାଙ୍କୁ ଏଥର ଧନୁଯାତ୍ରାରୁ ବାଦ୍ ଦିଆଯାଇଛି। ଫଳରେ ୨୦୨୫ ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ବରଗଡ଼ ବ୍ଲକ ସର୍ଲା ଗ୍ରାମର କଳାକାର ଭୁବନେଶ୍ୱର ପ୍ରଧାନଙ୍କୁ ଚୟନ କରାଯାଇଛି। ଭୁବନେଶ୍ୱର ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ନୂଆ ନୁହନ୍ତି। ସେ ଏହାପୂର୍ବରୁ ୫ଥର କଂସ ଭୂମିକାରେ ଅଭିନୟ କରିସାରିଛନ୍ତି। ସେହିପରି ଏହି ମହୋତ୍ସବର ପ୍ରମୁଖ ଶିଶୁ କଳାକାରମାନେ ମଧ୍ୟ ବଦଳିଛନ୍ତି। ଏହି କ୍ରମରେ ସ୍ୱପ୍ନିଲ ମହାପାତ୍ରଙ୍କୁ ଶ୍ରୀକୃଷ୍ଣ, ଦିବ୍ୟାଂଶୁ ବିର୍ତ୍ତିଆଙ୍କୁ ବଳରାମ ଏବଂ ସାଇନା ପ୍ରଧାନଙ୍କୁ ଶ୍ରୀରାଧା ଭୂମିକାରେ ଅଭିନୟ ପାଇଁ ମନୋନୀତ କରାଯାଇଛି।

## ହୀରାକୁଦରେ ଇକୋ ରିଟ୍ରିଟ



ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ହୀରାକୁଦ ଜଳଭଣ୍ଡାରର ନିକଟ ଜମାଦାରପାଲିଠାରେ ଶୀତଦିନିଆ ପର୍ଯ୍ୟଟନର ଆକର୍ଷଣୀୟ ପର୍ବ ଇକୋ-ରିଟ୍ରିଟ୍‌ର ଇକୋ ରିଟ୍ରିଟ ଡିସେମ୍ବର ୧ରେ ଶୁଭାରମ୍ଭ ହୋଇଥିଲା। ସକାଳ ଜଳଖିଆଠାରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ମେନ୍ୟୁରେ ସୁସ୍ୱାଦ ଖାଦ୍ୟ, ନୃତ୍ୟ, ଗୀତ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଲବ୍ଧ ଅଛି। ଜଳକ୍ରୀଡା, ବୋଟରେ ହୀରାକୁଦ ଜଳରାଶିରେ ବୁଲିବାର ମଜା, ଦୁଃସାହସିକ ଖେଳ ସହ ପ୍ରକୃତି କୋଳରେ ଅପୂର୍ବ ଅନୁଭୂତି ପର୍ଯ୍ୟଟକମାନେ ସାଉଁଟି ପାରିବେ। ଇକୋ ରିଟ୍ରିଟ ଆସିଥିବା ପର୍ଯ୍ୟଟକମାନେ ଐତିହାସିକ ସମଲେଇ ମନ୍ଦିର, ହୀରାକୁଦ ଡ୍ୟାମ, ଡେବ୍ରିଗଡ଼ ଅଭୟାରଣ୍ୟ ଇତ୍ୟାଦି ବୁଲିବା ସହିତ ମଜା ନେବେ। ପର୍ଯ୍ୟଟକଙ୍କ ପାଇଁ ୨୫ଟି ବିଳାସପୂର୍ଣ୍ଣ କଟେଜ ସହିତ ଷ୍ଟାର ହୋଟେଲ ସୁବିଧା ରହିଛି ।

## ସଂକ୍ଷେପରେ

### ମହିଳାଙ୍କୁ ସୁପରଭାଇଜରଙ୍କ ଅସଦାଚରଣ ଅଭିଯୋଗ

ଭୁବନେଶ୍ୱର,୨୧।୧୨(ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସୈନିକସ୍କୁଲସ୍ଥିତ ଟିଁଏସ୍‌ରେ କାମ କରୁଥିବା ଜଣେ ମହିଳାଙ୍କୁ ସେଠାକାର ସୁପରଭାଇଜର ଅସଦାଚରଣ କରିବା ସହ ହଇରାଣ କରିଛନ୍ତି। ଏନେଇ ମହିଳା ଜଣଙ୍କ ଶନିବାର ମଞ୍ଚେଶ୍ୱର ଥାନାରେ ଉକ୍ତ ସୁପରଭାଇଜରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଅଭିଯୋଗକାରିଣୀ ମହିଳା ଓ ସୁପରଭାଇଜରଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଯିବାରୁ ପୋଲିସ ସୁପରଭାଇଜରଙ୍କୁ ନୋଟିସ ଦେଇ ଛାଡ଼ି ଦେଇଥିବା ଜଣାପଡ଼ିଛି।

### ସାମାଜିକ କର୍ମୀ ପ୍ରକାଶଙ୍କ ପରଲୋକ

ପୁରୁଣା ଭୁବନେଶ୍ୱର,୨୧।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

ଆଞ୍ଚଳିକ ବିକାଶ ପରିଷଦର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ନାଥପୁରର ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୪୦ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପରିଷଦ ସଭାପତି ବୃନ୍ଦାବନ ସାହୁଙ୍କ ସମେତ ବହୁ ଜନପ୍ରତିନିଧି ତାଙ୍କ ଶେଷଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଲିଙ୍ଗରାଜ ମଣ୍ଡଳ ସଭାପତି ଅରୁଣ ପୁରୋହିତ ଉପସ୍ଥିତ ଥିଲେ। ପ୍ରକାଶ ଯେ, ସୋମବାର ବାଥରୁମରେ ମୁଣ୍ଡ ବୁଲାଇବାରୁ ପ୍ରକାଶ ତଳେ ପଡ଼ିଯାଇଥିଲେ। ଘର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଶନିବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# 'ବିବିଧତା ମଧ୍ୟରେ ଏକତା ଆମ ସଂସ୍କୃତିର ମହାନ୍ ବୈଶିଷ୍ଟ୍ୟ'

## ୬ଷ୍ଠ ଡିଏଭି ୟୁନାଇଟେଡ୍ ଫେଷ୍ଟିଭାଲ ଉଦ୍‌ଘାଟିତ

ଭୁବନେଶ୍ୱର,୨୧।୧୨
(ଅନୁରାଧା ମହାରଣା)

୬ଷ୍ଠ ଡିଏଭି ୟୁନାଇଟେଡ୍ ଫେଷ୍ଟିଭାଲ୍ ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ପୂର୍ଣ୍ଣାଙ୍ଗ ଶିକ୍ଷାମାଧ୍ୟମରେ ଆଦର୍ଶ ବିଦ୍ୟାର୍ଥୀ ଗଢ଼ିବାରେ ଡିଏଭି ସମର୍ଥ ହୋଇପାରିଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଡିଏଭିର ପୁରାତନ ଛାତ୍ର ଭାବରେ ନିଜକୁ ଗୌରବାନ୍ୱିତ ମନେକରିବା ସହ ଶିକ୍ଷାନୁଷ୍ଠାନ ସମୂହ ଜାତିଗଠନରେ ପୂର୍ଣ୍ଣ ପ୍ରାଣରେ ନିୟୋଜିତ ବୋଲି ମତ ପ୍ରକାଶ କରିଥିଲେ। ଡିଏଭିର ସର୍ବଭାରତୀୟ ସଭାପତି ପଦ୍ମଶ୍ରୀ ଡ. ପୁନମ ସୁରୀ ବିବିଧତା ମଧ୍ୟରେ ଏକତା ଆମ ସଂସ୍କୃତିର ମହାନ ବୈଶିଷ୍ଟ୍ୟ ବୋଲି କହିଥିଲେ। ନିର୍ଦ୍ଦେଶିକା ଡ. ନିଶା ପେଶିନ୍ ଏହି ମହୋତ୍ସବ ବନ୍ଧୁତ୍ୱ ଓ ଭ୍ରାତୃତ୍ୱବୋଧର ନୂତନ ଦିଗବାରଣୀ ସୃଷ୍ଟି କରିବ ବୋଲି କହିଥିଲେ। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ, ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା। ଅଭିନେତା ସୁନୀଲ ଗ୍ରୋଭର, ଇନ୍ଦର ସାହାଣୀ, ଏମ୍‌ସି ସ୍କୋୟାର, ଗୁରୁକୃପା ମିଶ୍ର, ଶାଶ୍ୱତ ଜୋଷୀ ପ୍ରମୁଖଙ୍କ ଆକର୍ଷଣୀୟ ପ୍ରଦର୍ଶନ ଆକର୍ଷଣ ସାଜିଥିଲା। ସନ୍ଧ୍ୟା ଉତ୍ସବରେ ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିରୂପେ ଯୋଗଦେଇ ଜାତି ନିର୍ମାଣରେ ଡିଏଭି ଶିକ୍ଷାନୁଷ୍ଠାନ ସମୂହର ଭୂମିକା ସ୍ମରଣୀୟ ବୋଲି କହିଥିଲେ। ମହୋତ୍ସବରେ ଦେଶର ୨୨ଟି ରାଜ୍ୟର ପ୍ରସଙ୍ଗଭିତ୍ତିକ ଷ୍ଟଲ, ବହୁବିଧ ଖାଦ୍ୟପସରା, ସର୍ଜନାତ୍ମକ କଳା ଓ ହସ୍ତଶିଳ୍ପ, ନବନୃଜନ, ଗେମ୍ ଜୋନ୍, ବିପଣନ କେନ୍ଦ୍ର ଆଦି ପ୍ରଦର୍ଶିତ ହୋଇଛି। ତିନୋଟି ମଞ୍ଚରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।


ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ଅତିଥିମାନେ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# ୨୨ ବାର୍, ହୋଟେଲକୁ ରାତି ସାଢ଼େ ୧ଟା ପର୍ଯ୍ୟନ୍ତ ମିଳିଲା ଅନୁମତି

## ନିୟମ ଉଲ୍ଲଂଘନ କଲେ ୩ ମାସ ପର୍ଯ୍ୟନ୍ତ ଲାଇସେନ୍ସ ବାତିଲ ହେବ

ଭୁବନେଶ୍ୱର,୨୧।୧୨
(ସୂର୍ଯ୍ୟକାନ୍ତ ବେହେରା)

ନୂଆବର୍ଷ ଆସୁଛି। ପୁରୁଣା ବର୍ଷର ସ୍ମୃତିକୁ ସାଉଁଟି ଲୋକେ ବଡ଼ଦିନ ଏବଂ ନୂଆ ବର୍ଷର ଖୁସି ମନାଇବେ। ନୂଆ ବର୍ଷକୁ ସ୍ୱାଗତ ପାଇଁ ଜିରୋ ନାଇଟ୍ ସେଲିବ୍ରେଶନ କରିବାକୁ ଲୋକମାନେ ଏବେଠାରୁ ପ୍ରସ୍ତୁତ ମଧ୍ୟ ହେଲେଣି। ଏପରି କି ଏଥିପାଇଁ ବିଭିନ୍ନ ହୋଟେଲ ଏବଂ ବାର୍ ମାଲିକମାନେ ଅନୁମତି ପାଇଁ ଆବେଦନ ପ୍ରକ୍ରିୟା ଜାରି ରଖିଥିବାବେଳେ ଭୁବନେଶ୍ୱରର ୨୨ଟି ବାର୍ ଓ ହୋଟେଲକୁ ରାତି ସାଢେ ଗୋଟେ ପର୍ଯ୍ୟନ୍ତ ସେଲିବ୍ରେଶନ କରିବାକୁ ଅନୁମତି ମିଳିଥିବା ଜଣାପଡିଛି। ଜିଲାପାଳଙ୍କ ସୁପାରିସକ୍ରମେ ଏହି ଅନୁମତି ଦିଆଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡିସେମ୍ବର ୨୫, ୨୬, ୨୭ ଏବଂ ୩୧ ତାରିଖ ପାଇଁ ଅନୁମତି ପାଇଥିବା ବାର ହୋଟେଲର ମାଲିକମାନେ ରାତି ସାଢ଼େ ଗୋଟେ ପର୍ଯ୍ୟନ୍ତ ଖୋଲି ପାରିବେ। ଯଦି କୌଣସି ବାର କିମ୍ବା ହୋଟେଲ ଏହି ନିୟମ ଉଲ୍ଲଂଘନ କରୁଥିବା ଜଣାପଡ଼େ ତାହାଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣସ୍ୱରୂପ ୩ ମାସ ପର୍ଯ୍ୟନ୍ତ ଲାଇସେନ୍ସ ବାତିଲ ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିବାକୁ ଅନୁମତି ଦିଆଯିବ ନାହିଁ। ଏହାସହ ଜରିମାନା ଆଦାୟ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବାରରେ ଯେମିତି କୌଣସି ବିଶୃଙ୍ଖଳା ନ ଘଟିବ ତାକୁ ନଜର ରଖିବାକୁ ୨ଟି ସ୍କ୍ୱାଡ୍ ଟିମ ଗଠନ କରାଯାଇଛି। ଉକ୍ତ ଟିମ୍ ସହରସାରା ପାଟ୍ରୋଲିଂ କରିବା ସହ ବାର୍‌କୁ ଯାଞ୍ଚ କରିବ। ଅନ୍ୟପଟେ ପଟିଆ ରାସ୍ତା ଅଞ୍ଚଳରେ ଅଧିକାଂଶ ବାର ହୋଟେଲରେ ବିଶୃଙ୍ଖଳା ଘଟୁଥିବାରୁ ସ୍କ୍ୱାଡ୍ ଅଧିକ ନଜର ରଖିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ସିଟି ଆକ୍ଲିମେଶନରେ ସାମିଲ ହେଲେ ବିଦ୍ୟାଳୟ ଛାତ୍ରୀଛାତ୍ର


ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

ଭୁବନେଶ୍ୱରରେ ହେବାକୁ ଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ଉପଲକ୍ଷେ ବିଏମ୍‌ସି ପକ୍ଷରୁ ସିଟି ଆକ୍ଲିମେଶନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଥିରେ ଭୁବନେଶ୍ୱରର ବିଦ୍ୟାଳୟସମୂହ ସାମିଲ ହୋଇଛି। ମହାନଗର ନିଗମ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକୁ ୧୫ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଥିଲା। ଏଥିରେ ୧୯୩ଟି ବିଦ୍ୟାଳୟର ୧ହଜାର ୧୨୩ଜଣ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ସିନିୟର ଓ ଜୁନିୟର ବର୍ଗରେ ବିଭକ୍ତ କରାଯାଇ ନୃତ୍ୟ, ସଙ୍ଗୀତ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ବରିଷ୍ଠ ଓ କନିଷ୍ଠ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏହିସବୁ ପ୍ରତିଯୋଗିତାକୁ କ୍ଲଷ୍ଟର ଅଧିକାରୀମାନେ ପରିଚାଳନା କରିଥିବାବେଳେ ବିଦ୍ୟାଳୟଗୁଡିକର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ବିଏମ୍‌ସି ପକ୍ଷରୁ ଏହି କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଡେପୁଟି କମିଶନର ଅଶୋକ କୁମାର ଲେଙ୍କା ସଂଯୋଜନା କରିଥିଲେ।

# ଘରେ ପଶି ଯୁବତୀଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୨୧।୧୨(ସୂର୍ଯ୍ୟକାନ୍ତ ବେହେରା): ଯୁବତୀଙ୍କୁ ଏକତରଫା ପ୍ରେମ କଲେ। ହେଲେ ଏଥିରେ ବିଫଳ ହେବାରୁ ଯୁବତୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ଘରର ଆସବାବପତ୍ର ଭାଙ୍ଗି ନଷ୍ଟ କରିବା ଘଟଣାରେ ତମାଣ୍ଡୋ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ନୟାଗଡ଼ ଅଞ୍ଚଳର ବିକାଶ ନାୟକ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ଅଭିଯୁକ୍ତ ଗତ ୧ବର୍ଷ ଧରି ପୀଡ଼ିତାଙ୍କୁ ଅନୁସରଣ କରୁଥିଲେ। ଶୁକ୍ରବାର ପୀଡ଼ିତା ଜଣେ ବନ୍ଧୁଙ୍କ ସହିତ ନିଜ ଘରେ ଉପସ୍ଥିତ ଥିବା ସମୟରେ ଅଭିଯୁକ୍ତ ବିକାଶ ବଳପୂର୍ବକ ତାଙ୍କ ଘରଭିତରକୁ ପଶି ତାଙ୍କୁ ଗାଳିଗୁଲଜ କରିଥିଲେ। ପୀଡ଼ିତା ଏହାର ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିବା ସହ ଘରର ଆସବାବପତ୍ରଗୁଡ଼ିକୁ ଭାଙ୍ଗି ଧମକ୍ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# କବିତା ସଂକଳନ 'ସ୍ମୃତିର ସ୍ୱାକ୍ଷର' ଉନ୍ମୋଚିତ



ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

କବି ଅଶୋକ କୁମାର ବେହେରାଙ୍କ କବିତା ସଂକଳନ 'ସ୍ମୃତିର ସ୍ୱାକ୍ଷର' ଗୀତଗୋବିନ୍ଦ ସଦନଠାରେ ଉନ୍ମୋଚିତ ହୋଇଯାଇଛି। ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ଅବସରପ୍ରାପ୍ତ ପ୍ରଶାସକ ଡ. ରବି ନାରାୟଣ ସେନାପତି ଉନ୍ମୋଚନ କରିଥିଲେ। କବିତା ସଂକଳନରେ ମୋଟ୍ ୬୭ଟି କବିତା ରହିଛି। କବି ନିଜର ବୃତ୍ତିଗତ ଜୀବନରେ ଘଟିଥିବା ଅନେକ ମୁହୂର୍ତ୍ତ ଓ ଅଭିଜ୍ଞତାକୁ କବିତାରେ ଅଳଙ୍କୃତ କରିଛନ୍ତି। ଜୀବନରେ ଘଟି ଯାଇଥିବା ଘଟଣାବଳୀଗୁଡିକରେ ତାଙ୍କ ଚିନ୍ତନ, ଚେତନା ଓ ବିଚାର କ୍ଷମତାର ଏକ ନିଚ୍ଛକ ଚିତ୍ର ପୁସ୍ତକରେ ଉପସ୍ଥାପନ ହୋଇଛି। ଏହି କବିତାଗୁଡ଼ିକ ଅତି ସରଳ ଭାଷାରେ ରଚିତ ହୋଇଛି, ଯାହା ସବୁବର୍ଗର ପାଠକମାନଙ୍କୁ ଆଦୃତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସକ ତଥା ସାହିତ୍ୟିକ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ କବି ଡ. ରାମଚନ୍ଦ୍ର ପଲାଇ ଯୋଗଦେଇଥିବାବେଳେ ପକ୍ଷୀଘର ପ୍ରକାଶନୀର ସମ୍ପାଦକ ବନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହକୁ ବରିଷ୍ଠ ଗୀତିକାର ପୀତାମ୍ବର ମିଶ୍ର ପରିଚାଳନା କରିଥିଲେ।

# ଝୁମ୍ ଇଣ୍ଟରନ୍ୟାଶନାଲ ପୁରସ୍କାର ଉତ୍ସବ




ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

ଶାନ୍ତିଧାମ ଫାଉଣ୍ଡେଶନ ପକ୍ଷରୁ 'ଝୁମ ଇଣ୍ଟରନ୍ୟାଶନାଲ ପୁରସ୍କାର' ଉତ୍ସବର ଅଷ୍ଟମ ସଂସ୍କରଣ ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗଙ୍କ ପାଇଁ ଆୟୋଜିତ ଏହି ଉତ୍ସବରେ ପ୍ରାୟ ୧୫୬୮ଜଣ ପ୍ରତିଯୋଗୀଙ୍କ ପ୍ରତିଭା ଅନ୍ୱେଷେଣ କାର୍ଯ୍ୟକ୍ରମ ହୋଇଥିଲା। ନୃତ୍ୟ, ଗୀତ, ସ୍କିଡ୍‌ପେଣ୍ଟି, ଅଭିନୟ, ମିମିକ୍ରି, ଆଙ୍କରିଂ ଏବଂ ଅନ୍ୟାନ୍ୟ ବର୍ଗରେ ରୁଚିଥିବା ପିଲାଙ୍କ ପ୍ରତିଭା ପ୍ରଦର୍ଶିତ ହେବାସହ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ 'ସମର୍ଥ' ନାମକ ଏକ ପତ୍ରିକା ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରାମଚନ୍ଦ୍ର ତେଜାଉଥ, ଡ. ବଦ୍ରିନାଥ ପଟ୍ଟନାୟକ, ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ସୌଭାଗ୍ୟ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁହାନି ପଣ୍ଡା ଓ ଗିରିଶ ଚନ୍ଦ୍ର ବେହେରା। ପ୍ରତିଯୋଗୀମାନଙ୍କୁ ସର୍ବଭାରତୀୟସ୍ତରରେ ସମକକ୍ଷ କରାଇବା ସହ ବିଭିନ୍ନ ସୋସିଆଲ୍ ମିଡିଆରେ ପ୍ରତିଭାର ପ୍ରସାରଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ୟୁନିଟ-୧ ହାଇସ୍କୁଲ ୧୯୭୪ ବ୍ୟାଚ୍ ଛାତ୍ରଙ୍କ ୫୦ବର୍ଷ ପୂର୍ତ୍ତି ଉତ୍ସବ

## ବିଦ୍ୟାଳୟ ପରିସରରେ ଉଦ୍ୟାନ କରିବାକୁ ଯୋଜନା

ଭୁବନେଶ୍ୱର,୨୧।୧୨(ସୁଚିସ୍ମିତା ସାହୁ)

ଭୁବନେଶ୍ୱର ୟୁନିଟ-୧ ଉଚ୍ଚ ବିଦ୍ୟାଳୟର ୧୯୭୪ ମାଟ୍ରିକ ବ୍ୟାଚ୍ ଛାତ୍ର ଗୋଷ୍ଠୀର ୫୦ବର୍ଷ ପୂର୍ତ୍ତି ଅବସରରେ ଗୋଲ୍‌ଡେନ ଜୁବିଲି ଉତ୍ସବ ଶନିବାର ବିଦ୍ୟାଳୟ ଅଡିଟୋରିୟମରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ସମାରୋହରେ ତତ୍କାଳୀନ ଶିକ୍ଷକ ବାନାମ୍ବର ନନ୍ଦ, ଶ୍ରୀନିବାସ ମିଶ୍ର, ମଦନ ମୋହନ ରଥ ଓ ବୈରାଗୀ ଚରଣ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତା ଦାସ ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ଭାରତର ଡିଜି ଅଫ୍ କଷ୍ଟମ୍ସ ଦେବୀପ୍ରସାଦ ଦାସ ଉଦ୍‌ଘାଟନୀ ସମାରୋହକୁ ପରିଚାଳନା କରିଥିଲେ। ଅତିଥିମାନେ 'ସ୍ମୃତିରେ ଚଉସ୍ତରି' ନାମକ ଏକ କଫି ଟେବୁଲ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସାହିତ୍ୟିକ ଅଜୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ୧୯୭୪ ବ୍ୟାଚ୍ ମାଟ୍ରିକ ଛାତ୍ରଙ୍କ ପକ୍ଷରୁ ବିଦ୍ୟାଳୟ ପାଇଁ ସାଉଣ୍ଡ ସିଷ୍ଟମ, ସ୍କୁଲର ସମସ୍ତ ଛାତ୍ରଙ୍କ ପାଇଁ ୱାଟର୍ ଫିଲ୍‌ଟର, ସ୍କୁଲର ସ୍ଥାୟୀ ନାମଫଳକ ବୋର୍ଡ ଓ ପାଞ୍ଚ ଶହ ଛାତ୍ରଙ୍କ ପାଇଁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହି ବ୍ୟାଚ ପକ୍ଷରୁ ସ୍କୁଲରେ ବ୍ୟାପକ ଚାରାରୋପଣ ଓ ଏକ ଉଦ୍ୟାନ ନିର୍ମାଣ କରିବା ପାଇଁ ଘୋଷଣା କରାଯାଇଛି।


୫୦ବର୍ଷ ପୂର୍ତ୍ତି ଉତ୍ସବରେ ଅତିଥିଙ୍କ ସହ ୟୁନିଟ୍-୧ ହାଇସ୍କୁଲ ୧୯୭୪ ବ୍ୟାଚ୍ ଛାତ୍ରମାନେ।

# ବାପୁଜୀ ଉ.ପ୍ରା. ବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ




ଭୁବନେଶ୍ୱର,୨୧।୧୨(ସୁଚିସ୍ମିତା ସାହୁ)

ଗାଡକଣସ୍ଥିତ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଧନ କେନ୍ଦ୍ରସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ଶୁକ୍ରବାର ଚନ୍ଦ୍ରଶେଖରପୁର ପର୍ଯ୍ୟାୟ-୨ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ପ୍ରାୟ ୨୨ଟି ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଜୁନିୟର ଓ ସିନିୟର ବିଭାଗର ସଙ୍ଗୀତ, ନାଚ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସଭାପତି ରବିନାରରାୟଣ ଦାସଙ୍କ ସଭାପତିତ୍ୱରେ ପ୍ରଧାନଶିକ୍ଷୟିତ୍ରୀ ଲିଜା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଧନେଶ୍ୱର ବରାଡ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶୁକାନ୍ତ କୁମାର ପାଢ଼ୀ, ସ୍ୱାଗତିକା ରାଉତ, ମନସ୍ୱନୀ ଗିରି ଓ ସୁମନ୍ତ କୁମାର ଲେଙ୍କା ସହଯୋଗ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରଷ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଅନିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଆଇଆଇଟିଏମ୍ ପକ୍ଷରୁ 'ଗ୍ରାଣ୍ଡ ମିଟ୍'

ଭୁବନେଶ୍ୱର,୨୧।୧୨
(ଅନୁରାଧା ମହାରଣା)

ବିଆଇଆଇଟିଏମ୍ ପକ୍ଷରୁ 'ଗ୍ରାଣ୍ଡ ମିଟ୍-୨୦୨୪' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଆଇଆଇଟିଏମର ପ୍ରିନ୍ସିପାଲ ଡ. ମିହିର ରଞ୍ଜନ ନାୟକ ଉପସ୍ଥିତ ରହି ଅତିଥି ଓ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିବାବେଳେ ଡିନ୍ ପ୍ରଫେସର ଚିନ୍ମୟ କୁମାର ଦାଶ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ ଓ ସମ୍ମାନିତ ଅତିଥି ଭାବେ ରୁସ୍ମିନା ରଥ ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଆଇଆଇଟିଏମ୍‌ର ଆଡ୍‌ଭାଇଜର(ଏକାଡେମିକ୍) ପ୍ରଫେସର ପିଆର୍ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ରଖିଥିଲେ। ସଂଯୋଜିକା ସାଗରିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଭିଡିଓ ମେକିଂ, ପୋଷ୍ଟର ମେକିଂ, ଟ୍ରେଜର୍ ହଣ୍ଟ, ଫେସ୍ ପେଣ୍ଟିଂ, ପ୍ରବନ୍ଧ ଲିଖନ, କୁଇଜ୍ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ସ୍କୁଲ୍ ଓ କଲେଜର ୨୧୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।



ବିଆଇଆଇଟିମ୍ ଗ୍ରାଣ୍ଡ ମିଟ୍‌ରେ ଯୋଗଦେଇଥିବା ଅତିଥିମାନେ।

# ଓଡ଼ିଶା ହେଉଛି ପାଣ୍ଡୁଲିପିର ଆତ୍ମା

ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

ଓଡ଼ିଶା ହେଉଛି ତାଳପତ୍ର ପୋଥି ବା ପାଣ୍ଡୁଲିପିର ଆତ୍ମା। ଗୀତଗୋବିନ୍ଦ ହେଉଛି ଏକ ଏଭଳି ଅବଦାନ, ଯାହା ଦ୍ୱାଦଶ ଶତାବ୍ଦୀରେ ଜୟଦେବଙ୍କ ଦ୍ୱାରା ରଚନା କରାଯାଇଥିଲା। ସେଥିରେ କୃଷ୍ଣ, ରାଧା ଓ ଗୋପୀଙ୍କ ସ୍ନେହକୁ କେବଳ ବର୍ଣ୍ଣନା କରାଯାଇ ନାହିଁ, ବରଂ ସେସମୟରେ ସାମାଜିକ ସ୍ଥିତିରେ କଳା ଓ ସଂସ୍କୃତିକୁ ଆଧାର କରି ଜ୍ଞାନର କିପରି ପରିବ୍ୟାପ୍ତ ହେଉଥିଲା ତାହା ରହିଛି। ଏଥିରେ ଅଷ୍ଟ ନାୟିକାଙ୍କ ୮ଟି ମନୋବଳ ବର୍ଣ୍ଣନା କରି ଜୟଦେବ ଭାରତୀୟ ଶାସ୍ତ୍ରୀୟ ନୃତ୍ୟରେ ଅନେକ ରଚନା ଓ ପ୍ରେରଣା ଉତ୍ସ ଦେଇଛନ୍ତି ବୋଲି ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଜାତୀୟ ପାଣ୍ଡୁଲିପି ମିଶନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି। ଭାରତୀୟ ଜାତୀୟ ଅଭିଲେଖାଗାରର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ନବମ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ 'ଓଡିଶାରେ ଉଲ୍ଲେଖନୀୟ ପାଣ୍ଡୁଲିପି: ଗୀତଗୋବିନ୍ଦ ସହ ବିଶେଷ ଦୃଷ୍ଟିକୋଣ' ଉପରେ ପ୍ରଫେସର ମିଶ୍ର କହିଲେ, ଜୟଦେବଙ୍କ ଗୀତଗୋବିନ୍ଦ ଭଜନ ଶିଖ୍‌ମାନଙ୍କ ଗୁରୁ 'ଗ୍ରନ୍ଥ ସାହେବ'ରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି, ଯାହା ଉତ୍କଳର ସଂସ୍କାର ଓ ସଂସ୍କୃତିକୁ ସୂଚିତ କରେ। ଇତିହାସ ଆମ ନିଜଠାରେ ରହିଛି ଓ ତାହାର ତଥ୍ୟକୁ ଲୋକଲୋଚନକୁ ଆଣିବା ଆବଶ୍ୟକ, ଯାହା ସମ୍ପ୍ରତି ପୃଥିବୀର ବିଭିନ୍ନ ଭାଷାରେ ଗୀତଗୋବିନ୍ଦ ବ୍ୟବହାରରୁ ଜଣାଯାଏ। ଜାତୀୟ ଅଭିଲେଖାଗାରରେ ୫୦୦ରୁ ଊର୍ଦ୍ଧ୍ୱ ତାଳପତ୍ର ପୋଥି ବା ପାଣ୍ଡୁଲିପି ସଂରକ୍ଷିତ ହୋଇ ରହିଛି, ଯାହା ଅନେକ ତଥ୍ୟ ଓ ସତ୍ୟକୁ ଆଲୋକିତ କରିଥାଏ। ଜାତୀୟ ଅଭିଲେଖାଗାରରେ ଛାମୁ ଚିଟାଉ, ସେବାକର୍ମାଣି, ମହାଭାରତର ବିଭିନ୍ନ ପର୍ବ, ଗୀତଗୋବିନ୍ଦ, ଶ୍ରୀଜଗନ୍ନାଥ ମନ୍ଦିରର ଅନେକ ପାଣ୍ଡୁଲିପି ରଖାଯାଇଛି, ଯାହା ବର୍ତ୍ତମାନର ଗବେଷକଙ୍କ ଦ୍ୱାରା ଅଧିକ ଗବେଷଣା କଲେ ସେଥିରୁ ଅନେକ ଉଲ୍ଲେଖନୀୟ ତଥ୍ୟ ଉପଲବ୍ଧି ହୋଇପାରିବ ବୋଲି ସେ ଗବେଷକମାନଙ୍କୁ ନିବେଦନ କରିଥିଲେ। ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।



ଆଲୋଚନାଚକ୍ରରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସହ ଅନ୍ୟମାନେ।

## ସଂକ୍ଷେପରେ

### ଅଦିନିଆ ବର୍ଷା: କ୍ଷୟକ୍ଷତି ଆକଳନ ପାଇଁ ହେଲ୍ପଲାଇନ୍ ନମ୍ବର ଜାରି

କଟକ ସଦର,୨୧।୧୨(ସୁଶାନ୍ତ କୁମାର ଜେନା)– ଅଦିନିଆ ବର୍ଷା ଯୋଗୁ କଟକ ସଦର ବ୍ଲକ ଅଞ୍ଚଳର ଚାଷଜମିରେ ପାଣି ଜମିରହି ଧାନ ଫସଲ କ୍ଷତି ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। ଫସଲ ବୀମା କରିଥିବା ଚାଷୀଙ୍କ ପାଇଁ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର(୧୪୪୪୭) ଜାରି କରାଯାଇଛି। କଟକ ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ଶନିବାର ଏହି ସୂଚନା ଚାଷୀମାନଙ୍କ ଅବଗତ ପାଇଁ ଜାରି କରାଯାଇଛି। ଏହି ନମ୍ବରରେ ସମସ୍ୟା ସମ୍ପର୍କରେ ଜଣାଇଲେ କ୍ଷୟକ୍ଷତି ଆକଳନ ପାଇଁ ବ୍ୟବସ୍ଥା କରାଯିବ ବୋଲି ବ୍ଲକ କୃଷି ଅଧିକାରିଣୀ ଯାଜ୍ଞସେନୀ ରାୟ କହିଛନ୍ତି।

### ୨ୟ ଦିନରେ ଦଳିତ ଆଦିବାସୀ ମଞ୍ଚର ମୌନଧାରଣା

ଆଠଗଡ,୨୧।୧୨(ସତ୍ୟ ପ୍ରସାଦ ରଥ):

ସଂସଦରେ ବିତର୍କ ସମୟରେ ଗୃହମନ୍ତ୍ରୀ ଅମିତ ଶାହା ସମ୍ବିଧାନ ପ୍ରଣେତା ବି.ଆର. ଆମ୍ବେଡ୍କରଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ବିରୋଧରେ ଆଠଗଡ–ତିଗିରିଆ ଦଳିତ ଆଦିବାସୀ ମଞ୍ଚ ପକ୍ଷରମୌନଧାରଣା ଶନିବାର ୨ୟ ଦିନରେ ପହଞ୍ଚିଛି। ଏହି ଅବସରରେ ମଞ୍ଚ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧ ଘଣ୍ଟିଆ ମୌନ ପ୍ରତିବାଦ କରାଯାଇଥିଲା। ବର୍ଷା ଓ ପ୍ରତିକୂଳ ପାଗସତ୍ତ୍ୱେ ମଞ୍ଚର ସଦସ୍ୟମାନେ ମୁହଁରେ କଳାପଟି ବାନ୍ଧି ଏହାର ପ୍ରତିବାଦ କରିବା ସହ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମଞ୍ଚ ଆବାହକ ପ୍ରଫୁଲ୍ଲ ନାଏକ, ସମିତି ସଭ୍ୟ ମାନସ ରଞ୍ଜନ ମଲ୍ଲିକ, ଶ୍ୟାମ ବେଲଗାଛି, ବିଶ୍ୱନାଥ ପୂର୍ତ୍ତି , ବସୁମତୀ ଦିଗି, ପୂର୍ବତନ ଜିଲାପରିଷଦ ସଭ୍ୟା ଜାନକୀଲତା ନାଏକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ବାସନ୍ତୀ ରାଉଳ, ଦୁଷ୍ମନ୍ତ ନାଏକ, ପ୍ରଶାନ୍ତ ନାଏକଙ୍କ ସମେତ ୨୦୦ରୁ ଊର୍ଦ୍ଧ ସଭ୍ୟାସଭ୍ୟ ଭାଗ ନେଇଥିଲେ।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଲୋକାର୍ପଣ

ନିଶ୍ଚିନ୍ତକୋଇଲି,୨୧।୧୨(ଅଶୋକ କୁମାର ମହାପାତ୍ର) :ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଶନିବାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ ଅସୁରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ହେବାକୁ ଥିବା ଆରୋଗ୍ୟ କେନ୍ଦ୍ରର ଶିଳାନ୍ୟାସ, ଦଧିବାମନ ଜୀଉ ମନ୍ଦିର ଭିତ୍ତିଭୂମିର ବିକାଶ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟବରାଦ କରିବା ସହ ଏହାର ଶିଳାନ୍ୟାସ କରିଥିଲେ। ସେହିଭଳି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୃହକୁ ଲୋକାର୍ପଣ କରିବା ସହ ଦଧିବାମନ ଜୀଉ ମାର୍କେଟ କମ୍ପ୍ଲେକ୍ସର ଲୋକାର୍ପଣ କରିଥିଲେ।

# ନିରାମୟ କେନ୍ଦ୍ରରେ ମିଳୁନି ଅଧାରୁ ଅଧିକ ଔଷଧ

**ଏସ୍‌ସିବି ମେଡିକାଲ**
- ହୃଦ୍‌ରୋଗ ଭଳି ଜୀବନ ରକ୍ଷାକାରୀ ଔଷଧ ନାହିଁ
- ନିରାଶ ହୋଇ ଫେରୁଛନ୍ତି ରୋଗୀ

କଟକ,୨୧।୧୨(ଶିଲ୍ପା ପ୍ରିୟଦର୍ଶିନୀ)


ଏସ୍‌ସିବି ମେଡିକାଲ ନିରାମୟ କେନ୍ଦ୍ରରେ ଔଷଧ ନେବା ପାଇଁ ରୋଗୀ ସମ୍ପର୍କୀୟଙ୍କ ଲମ୍ବା ଧାଡ଼ି।

ରାଜ୍ୟ ସରକାର ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ମେଡିକାଲର ଭିତ୍ତିଭୂମି ସୁଦୃଢ଼ କରିବା ସହ ରୋଗୀଙ୍କୁ ବିନା ମୂଲ୍ୟରେ ନିରାମୟ କେନ୍ଦ୍ର ଜରିଆରେ ଔଷଧ ଯୋଗାଇ ଦେଉଛନ୍ତି। ହେଲେ କଟକ ଏସ୍‌ସିବି ମେଡିକାଲର ନିରାମୟ କେନ୍ଦ୍ରରେ ପ୍ରାୟ ଏକ ମାସ ହେବ କେତେକ ରୋଗ ପାଇଁ ଅଧାରୁ ଅଧିକ ଔଷଧ ମିଳୁ ନ ଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲ୍‌ଟି ସମ୍ମୁଖ, ହୃଦ୍‌ରୋଗ ବିଭାଗ, ମାନସିକ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଇଏନ୍‌ଟି ବିଭାଗ ନିକଟ ଏବଂ ରାଣୀହାଟ ପାର୍ଶ୍ୱ ଫାଟକ ନିକଟ ଆଦି ୬ଟି ସ୍ଥାନରେ ନିରାମୟ କେନ୍ଦ୍ର ରହିଛି। ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍(ଓଏସ୍‌ଏମ୍‌ସିଏଲ୍)ରୁ ଏସ୍‌ସିବିକୁ ଔଷଧ ଯୋଗାଣ ହେଉଛି। ହେଲେ ନିରାମୟ କେନ୍ଦ୍ରରେ ହୃଦ୍‌ରୋଗ, ଥାଇରଏଡ୍ ଓ କାନ ରୋଗ ପାଇଁ ଔଷଧ ନାହିଁ। ଫଳରେ ଶନିବାର ବହୁସଂଖ୍ୟକ ରୋଗୀ ନିରାମୟ କେନ୍ଦ୍ର ନିକଟରେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ାହେବା ପରେ ମଧ୍ୟ ଔଷଧ ନ ପାଇ ଫେରିଛନ୍ତି। ଏଭଳି ଅବ୍ୟବସ୍ଥା ଅଧିକାଂଶ ଦିନ ଲାଗିରହୁଥିବାବେଳେ ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ରୋଗୀ ସମ୍ପର୍କୀୟ ରାଜେଶ ନାୟକ କହିଛନ୍ତି, ମେଡିକାଲରେ ନିଃଶୁଳ୍କ ଔଷଧ ଯୋଗାଇଦେବାର ଯେଉଁ ପ୍ରଚାର ହେଉଛି ତାହା କେବଳ ପ୍ରହସନ। ଇଏନ୍‌ଟି ବିଭାଗ ଡାକ୍ତର ଲେଖିଥିବା ୪ଟି ଔଷଧ ମଧ୍ୟରୁ ୩ଟି ଔଷଧ ନିରାମୟ କେନ୍ଦ୍ରରେ ନାହିଁ। ଫଳରେ ବାଧ୍ୟହୋଇ ଦୋକାନରୁ ଔଷଧ କିଣିବାକୁ ପଡୁଛି। ସେହିପରି ଅନ୍ୟ ଜଣେ ସମ୍ପର୍କୀୟ ମାଣିଆବନ୍ଧ ଅଞ୍ଚଳର ସୁଜିତ୍ ମହାପାତ୍ର କହିଛନ୍ତି, ହୃଦ୍‌ରୋଗ ବିଭାଗରେ ଏକ ମାସ ପୂର୍ବରୁ ଡାକ୍ତର ଦେଖେଇଛୁ। ହେଲେ ଡାକ୍ତର ଲେଖିଥିବା ଔଷଧ ମେଡିକାଲର ନିରାମୟ କେନ୍ଦ୍ରରେ ନାହିଁ। ଫଳରେ ବାହାର ଦୋକାନରୁ ଔଷଧ କିଣିବାକୁ ପଡ଼ିଥିଲା। ହେଲେ ଶନିବାର ମଧ୍ୟ ନିରାମୟ କେନ୍ଦ୍ରକୁ ଆସି ଔଷଧ ନ ପାଇ ନିରାଶରେ ଫେରିବାକୁ ପଡ଼ିଛି। ଏସ୍‌ସିବି ମେଡିକାଲରେ ଏଭଳି ଅବ୍ୟବସ୍ଥା ଆଦୌ ଗ୍ରହଣୀୟ ନୁହେଁ ବୋଲି ମହାପାତ୍ର କହିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ କହିଛନ୍ତି, ନିରାମୟ କେନ୍ଦ୍ରରେ ଔଷଧ ଅଭାବ ସମ୍ପର୍କରେ ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ।

# ଉତ୍ତମ ଶିକ୍ଷା ପାଇଁ ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କର

**ପି.ପି.କଲେଜର ୪୧ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ**

ନିଶ୍ଚିନ୍ତକୋଇଲି,୨୧।୧୨ (ଅଶୋକ କୁମାର ମହାପାତ୍ର) :

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ଶିକ୍ଷା ଓ ଶୈକ୍ଷିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ଉଚ୍ଚ ଶିକ୍ଷା ବିଭାଗକୁ କ୍ରୀୟାଶୀଳକରିଅଧ୍ୟୟନରତଛାତ୍ରୀଛାତ୍ରଙ୍କୁ କର୍ମ ନିଯୁକ୍ତି ଦେବାପାଇଁ ପଦକ୍ଷେପ ନେଉଛନ୍ତି। ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଦେବା ପାଇଁ ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଶନିବାର ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ସୁଚିତ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ମୁଖ୍ୟ ବକ୍ତାଭାବେ ଚଳଚ୍ଚିତ୍ର ତାରକା ଅରିନ୍ଦମ ରାୟ, ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାପତି ପ୍ରଫେସର ପଲ୍ଲବ ଚକ୍ରବର୍ତୀ ଯୋଗଦେଇ ମହାବିଦ୍ୟାଳୟକୁ ଆଗକୁ ନେବାପାଇଁ ଉଦ୍ୟମ ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ଡ.ତରୁଲତା ଦେବୀ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଶେଷରେ ଡ.ଦେବଜାନୀ ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ପଦ୍ମଲୋଚନ ରାଉତଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ର ସଂସଦର ଉପଦେଷ୍ଟା ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କାର ଦିଆଯାଇଥିଲା।ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର ‘ବନପ୍ରିୟ’ ଲୋକାର୍ପିତ ହୋଇଥିଲା।


ପ୍ରହଲ୍ଲାଦ ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ‘ନିୟନ୍ତ୍ରିତ ଜୀବନ ମଣିଷକୁ ଆଦର୍ଶମୁଖୀ କରାଏ’


ସିଡିଏ ସେକ୍ଟର–୧୩ ଦୁର୍ଗାମଣ୍ଡପ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଚାର୍ଯ୍ୟଦେବ ଅର୍କଦ୍ୟୁତି ଚକ୍ରବର୍ତ୍ତୀ।

କଟକ,୨୧।୧୨ (କାର୍ତ୍ତିକ ସାହୁ)

ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରତିଷ୍ଠିତ ସତ୍‌ସଙ୍ଗର ଆଚାର୍ଯ୍ୟଦେବ ଅର୍କଦ୍ୟୁତି ଚକ୍ରବର୍ତ୍ତୀ(ବାବାଇଦା)ଙ୍କ କଟକ ଶୁଭାଗମନରେ ସିଡିଏ ସେକ୍ଟର–୧୩ ଦୁର୍ଗାମଣ୍ଡପ ପଡ଼ିଆରେ ଶନିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାବାଇଦା କହିଛନ୍ତି, ନିୟନ୍ତ୍ରିତ ଜୀବନ ମଣିଷକୁ ଆଦର୍ଶମୁଖୀ କରାଏ। ପ୍ରତିଟି ମଣିଷ ବ୍ୟକ୍ତିଗତ ଜୀବନରୁ ସଫଳ ଦାମ୍ପତ୍ୟ ଓ ପାରିବାରିକ ଜୀବନ ଜିଇବାର କୌଶଳ ଆପଣାଇବା ଆବଶ୍ୟକ। ତା’ହେଲେ ସମାଜ, ରାଷ୍ଟ୍ର ଓ ଜୀବନ ସୁଦୃଢ଼ ହୋଇପାରିବ ବୋଲି ବାବାଇଦା ମତବ୍ୟକ୍ତ କରିଛନ୍ତି। ଦିନତମାମ୍ ବର୍ଷା ଲାଗି ରହିଥିଲେ ବି ଆଚାର୍ଯ୍ୟଦେବଙ୍କ ଦର୍ଶନ ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭଜନ, କୀର୍ତ୍ତନର ରସାମୃତରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଚୌଦ୍ୱାର,୨୧।୧୨(ଆଶୁତୋଷ ଦାସ):

ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଖେଳପଡ଼ିଆରେ ସ୍ଥାନୀୟ ଇମ୍ଫା କମ୍ପାନୀ ସହଯୋଗରେ ୩ ଦିନ ବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଚୌଦ୍ୱାର ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ, ଟାଙ୍ଗୀ–ଚୌଦ୍ୱାର ବିଇଓ କୁନ୍ତଳା ଖଟୁଆ, ସାଲେପୁର ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଇମ୍ଫାର ବରିଷ୍ଠ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ, ସୁନୀଲ ଦାଶ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସମ୍ପାଦକ ଭାସ୍କର ଚନ୍ଦ୍ର ପ୍ରଧାନ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ବିକାଶ କୁମାର ଦାଶ, ସୁଚିତ୍ରା ବେଉରା, କାଉନ୍‌ସିଲର ବିଜୟ କୁମାର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ଗୌତମ କୁମାର ଆଚାର୍ଯ୍ୟ, ଡା. ଜୟନ୍ତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପାଠପଢ଼ା ସହ କ୍ରୀଡ଼ା ଜରୁରୀ। ଛାତ୍ରୀଛାତ୍ର ସଂସ୍କାରୀ ହେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ହୀମାଦ୍ରି ଦାଶଙ୍କ ସମେତ ଅନ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ପ୍ରଦୀପ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପ୍ରବଳ ବର୍ଷାସତ୍ତ୍ୱେ ୭୦୩ ପଞ୍ଜୀକରଣ

**ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ସାଲେପୁର,୨୧।୧୨(ଅରବିନ୍ଦ ଭୂୟାଁ)

ଲଘୁଚାପ ଜନିତ ଲଗାଣ ବର୍ଷାରେ ମଧ୍ୟ ଲୋକମାନେ ଓଦା ହୋଇ ସାଲେପୁର ପଞ୍ଚାୟତ ସମିତି ପକ୍ଷରୁ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେଉଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନରେ ଯୋଗଦେଇଥିଲେ। ଏହିଅବସରରେ୭୦୩ ଜଣଙ୍କ ନାମ ପଞ୍ଜୀକରଣ ହୋଇଥିଲା। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ସାଲେପୁର ପଞ୍ଚାୟତ ସମିତି ଆନୁକୁଲ୍ୟରେ ଅନୁଷ୍ଠିତ ଏହି ସାମର୍ଥ୍ୟ ଅଭିଯାନ ଶିବିରକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାଲେପୁର ବିଡିଓ ଖଗେଶ୍ୱର ପାତ୍ରଙ୍କ ତତ୍ତ୍ୱାଧାନରେ ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୨୪୪, ସ୍ନାୟୁ ବିଭାଗରେ ୮୫, ମାନସିକ ଭିନ୍ନକ୍ଷମ, କର୍ଣ୍ଣ, ନାକ ଓ ଗଳାବିଭାଗର ୮୭, ଦୃଷ୍ଟିବାଧିତ ଭିନ୍ନକ୍ଷମଭାବେ ୯୫ଜଣ ଯୋଗଦେଇଥିଲେ। ଶିବିରରେ ୫୦୭ଜଣ ଯୋଗ୍ୟ ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଛି। କାର୍ଯ୍ୟକ୍ରମରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ଅତିରିକ୍ତ ବିଡିଓ ସୂର୍ଯ୍ୟକାନ୍ତ ରାଉତ, ପ୍ରମୁଖ ଯୋଗଦେଇଥିଲେ।

# ରେଭେନ୍‌ଶା କଲିଜିଏଟ୍ ସ୍କୁଲ ୧୯୭୪ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହ

କଟକ,୨୧।୧୨ (କାର୍ତ୍ତିକ ସାହୁ):

ରେଭେନ୍‌ଶା କଲିଜିଏଟ୍ ସ୍କୁଲ ୧୯୭୪ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ସ୍କୁଲର ନେତାଜୀ ଅଡିଟୋରିୟମରେ ଶନିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଣିପୁର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ, ସମ୍ମାନିତ ଅତିଥି ଶିକ୍ଷାବିତ୍ ସତ୍ୟକାମ ମିଶ୍ର, ସାମାଜିକ କର୍ମୀ ସରୋଜ ସିଂ ଓ ସ୍ୱତନ୍ତ୍ର ଅତିଥି ଭାବେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା ଯୋଗଦେଇ ସ୍କୁଲର ଗୌରବମୟ ଇତିହାସ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଗୋକୁଳାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁଭାଷ ଚନ୍ଦ୍ର ବୋଷ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସିଦ୍ଧାର୍ଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବଂଗତ ବନ୍ଧୁ ଓ ଶିକ୍ଷକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସ୍କୁଲର ପୂର୍ବତନ ଶିକ୍ଷକ ପ୍ରେମାନନ୍ଦ ତ୍ରିପାଠୀ ଓ ବିଦ୍ୟାଧର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକ୍ରମ କେଶରୀ ମିଶ୍ର ଓ ସୁଶାନ୍ତ କୁମାର ମହାପାତ୍ର ମାନପତ୍ର ପାଠ କରିଥିଲେ। ଅତିଥିମାନେ ଅନ୍ତରଙ୍ଗ ନାମକ ସ୍ମରଣିକା ଉନ୍ମୋଚନ କରିଥିଲେ। ଲକି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଣବ ଦାସ, ଦିଲୀପ ସାହୁ, ବିକ୍ରମ କେଶରୀ ମିଶ୍ର, ଅନୁପ ମହାନ୍ତି, ଗୌରୀ ଦାସଗୁପ୍ତ, ସଂଘମିତ୍ରା ମିତ୍ର, ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ସକାରାତ୍ମକ ଚିନ୍ତାର ବାର୍ତ୍ତାବହ ପ୍ରଦ୍ୟୁମ୍ନ ବଳ

**ଜନନେତା ପ୍ରଦ୍ୟୁମ୍ନ ବଳଙ୍କ ସ୍ମୃତି ଉତ୍ସବ**

କଟକ,୨୧।୧୨ (କାର୍ତ୍ତିକ ସାହୁ)

ପୂର୍ବତନ ଏମ୍‌ପି ତଥା ଜନନେତା ପ୍ରଦ୍ୟୁମ୍ନ ବଳ ପ୍ରତିକୂଳ ଅବସ୍ଥାରେ ସମାଜର ବିକାଶ ପାଇଁ ନିଷ୍ଠାପର ଉଦ୍ୟମ କରିଯାଇଛନ୍ତି। ସେ ଥିଲେ ସକାରାତ୍ମକ ଚିନ୍ତାର ବାର୍ତ୍ତାବହ। ସତ୍ୟନିଷ୍ଠ ଓ ନିର୍ଭୀକ ଖବର ପରିବେଷଣ ଦ୍ୱାରା ସମାଜର ପରିବର୍ତ୍ତନ ପାଇଁ ସେ ସର୍ବଦା ଉଦ୍ୟମ କରୁଥିଲେ ବୋଲି ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଛନ୍ତି। କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ପ୍ରଦ୍ୟୁମ୍ନ ବଳଙ୍କ ୨୫ତମ ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଡା. ଷଡ଼ଙ୍ଗୀ ଯୋଗଦେଇ ଉପରୋକ୍ତ ବିଷୟରେ କହିଛନ୍ତି। ମୁଖ୍ୟବକ୍ତା ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ କହିଛନ୍ତି, ପ୍ରଦ୍ୟୁମ୍ନ ବଳ ଥିଲେ ସାଲିସ୍‌ବିହୀନ ନେତା। କିସ୍ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ଦାସ ରିସର୍ଚ୍ଚ ଚେୟାର ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ଏଥିରେ ଅଧ୍ୟକ୍ଷତା କରି ପ୍ରଦ୍ୟୁମ୍ନ ବଳଙ୍କୁ ନୂତନ ଚେତନାର ବାର୍ତ୍ତାବହ ବୋଲି କହିଛନ୍ତି। ଏଥିରେ ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଯୁବ ସାମ୍ବାଦିକ ମନୋରଞ୍ଜନ ମହାନ୍ତିଙ୍କୁ ପ୍ରଦ୍ୟୁମ୍ନ ବଳ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଆଡ୍‌ଭୋକେଟ୍ ଦୀପକ କୁମାର ମହାନ୍ତି ସ୍ୱାଗତ ଭାଷଣ, ସଂଗ୍ରାମ ସାମଲ ପ୍ରାରମ୍ଭିକ ସୂଚନା, ସୁକାନ୍ତ ପ୍ରସାଦ ନନ୍ଦ ମାନପତ୍ର ପାଠ ଓ ସ୍ମୃତି ସଂସଦର ସମ୍ପାଦକ ସେକ୍ ମସୁଦ ଅଲି ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ସାମ୍ବାଦିକ ମନୋରଞ୍ଜନ ମହାନ୍ତି।

# ପାଣିରେ ବୁଡ଼ିଛି ଧାନ, ପରିବା ଫସଲ


ବାଙ୍କୀର ଏକ ଖଳାରେ ଧାନକୁ ଚାଷୀମାନେ ଘୋଡ଼ାଉଛନ୍ତି।


ସାଲେପୁରରେ ବର୍ଷା ପାଣିରେ ଭିଜୁଛି ଧାନ କଚଡ଼ା।

ବାଙ୍କୀ /ସାଲେପୁର,୨୧।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର /ଅରବିନ୍ଦ ଭୂୟାଁ):

ଧାନ ଅମଳ ସମୟରେ ୨ଦିନ ହେବ ଲଘୁଚାପଜନିତ ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ବିଲରୁ କଟା ହୋଇଥିବା ଧାନକୁ କିପରି ଖଳାରେ ସଂରକ୍ଷଣ କରିବ ସେ ଚିନ୍ତା ଘାରିଛି । ଅନ୍ୟପଟେ କଟା ହୋଇ ନ ଥିବା ପାଚିଲା ଧାନ କ୍ଷେତରେ ବର୍ଷା ପାଣିରେ ପଡି ରହିଛି। ଉକ୍ତ ଧାନ ଗଜା ହେବାର ସମ୍ଭାବନା ଅଛି ବୋଲି କୃଷି ବିଶେଷଜ୍ଞ ମତ ଦେଇଛନ୍ତି। ଏହାଦ୍ୱାରା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ ବୋଲି କେତେଜଣ ମତବ୍ୟକ୍ତ କରିଛନ୍ତି। ପାଗ ଅନୁକୂଳ ନ ଥିବାରୁ ବିଲରେ ପାଚିଲା ଧାନ କଟାଯାଇପାରି ନ ଥିଲା। ଏପର୍ଯ୍ୟନ୍ତ ବାଙ୍କୀରେ ଧାନ ମଣ୍ଡି ଖୋଲି ନଥିବାବେଳେ ଆଉ ଅଳ୍ପ ଦିନ ପରେ ଏହା ଖୋଲିବ ବୋଲି ଆଶା କରାଯାଉଛି। ଏଭଳିସ୍ଥିତିରେ ଖଳାରେ ଖୋଲା ଆକାଶ ତଳେ ଅମଳ ଧାନ ପଡ଼ିରହିଛି। କେଉଁଠି ପଲିଥିନ ତ ଆଉ କେଉଁଠି ପାଲ ଘୋଡ଼ାଯାଇଛି। ଅପରପକ୍ଷେ ବିଲରେ ପଡିରହିଥିବା ପାଚିଲା ଧାନ ବର୍ଷା ପାଣିରେ ଓଦା ହୋଇ ଗଜା ହେବାର ଆଶଙ୍କା ସୃଷ୍ଟି ହୋଇଛି।

ସେହିପରି ସାଲେପୁର ବ୍ଲକରେ ଲଗାଣ ବର୍ଷାଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଛି। ବିଶେଷ କରି ଧାନଫସଲ ଅଧିକ ମାତ୍ରାରେ ନଷ୍ଟ ହେବାର ଆଶଙ୍କା ରହିଛି । ଏନେଇ ଚାଷୀଙ୍କ ମଧ୍ୟରେ ଏକ ପ୍ରକାର ଭାଳେଣି ପଡିଛି। ଲଗାଣ ବର୍ଷା ଯୋଗୁ ବହୁ ପରିବା ଫସଲ ପାଣିରେ ବୁଡ଼ିରହିଛି। ବିଶେଷ କରି ଚିତ୍ରୋତ୍ପଳା ନଦୀ ପଠା ବାଲିସାହି ଓ ବିରୂପା ନଦୀପଠାରେ ହରିପୁର ସମେତ ବିଭିନ୍ନ ସ୍ଥାନର ଖାଲୁଆ ଅଞ୍ଚଳରେ ହୋଇଥିବା ପରିବା ଫସଲ ଯଥା କାକୁଡ଼ି, କଲରା, କୋବି, ଲଙ୍କା, ଶାଗ ସବୁ ପାଣିରେ ବୁଡ଼ି ରହିଛି। ବିଶେଷକରି କୋବି ଫସଲରେ ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ସେହିପରି ବହୁ ଚାଷୀ ଧାନ କାଟି ବିଲରେ ପକାଇଥିବାବେଳେ ବର୍ଷା ଯୋଗୁ ଖାଲୁଆ ଜମିରେ ଥିବା କଟା ଧାନ ଉପରେ ପାଣି ଜମି ରହିଛି। ଫଳରେ ଧାନ ଗଜା ହେବାର ଆଶଙ୍କା ରହିଛି। ସାଲେପୁର ବ୍ଲକର ରାମେଶ୍ୱର, ଛାଣିପୁର, ଭୀମଦାସପୁର, ମିର୍ଜାପୁର, ରାଇସୁଙ୍ଗୁଡ଼ା, ନଇଗୁଆଁ, ଶିଶୁଆ, ପିକୋଳ, ବାରିଗୋଳ, ବୋଦାମୁଣ୍ଡାଇ, ଚନ୍ଦ୍ରାଦେଇପୁର, ଲୁଣାହାର, ରୋଧପୁର, ବଟେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ଅଧିକାଂଶ ବିଲରେ ଧାନ କଟାହୋଇ ବିଲରେ ପଡିରହିଛି। ଏନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଅଦିନିଆ ବର୍ଷା ଯୋଗୁ ଚାଷୀମାନେ ଚିନ୍ତାରେ ପଡିଥିବାବେଳେ କେତେଜଣ ଚାଷୀ ବର୍ଷାରେ ଭିଜି ଧାନ ଫସଲ ନିଜ ବିଲରୁ ଉଠାଇ ଘରକୁ ନେଉଥିବା ଦେଖିବାକୁ ମିଳିଛି।




୨୧।୧୨।୨୦୨୪

୪,୦୧,୫୭୬ ଟଙ୍କା

## ସଂକ୍ଷେପରେ

### ମହିଳା ଗୋଷ୍ଠୀର ବିବାଦ ସମାଧାନ କଲେ ବିଡିଓ, ସରପଞ୍ଚ

ଯୋଗେଶ୍ୱରପୁର,୨୧।୧୨(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅଧୀନ ନୟାହାଟ ଧୂମାଳ ଗ୍ରାମ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ଦୀର୍ଘ ୧୪ ମାସ ଧରି ଲାଗି ରହିଥିବା ବିବାଦ ଶନିବାର ସମାଧାନ ହୋଇଛି। ନୟାହାଟର ଧୂମାଳ ପଞ୍ଚାୟତରେ ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ ଓ ଧୂମାଳ ସରପଞ୍ଚ ମୋନାଲିସା ସିଂହ ଉପସ୍ଥିତିରେ ଏହାର ଆପୋସ ସମାଧାନ କରାଯାଇଥିଲା। ପ୍ରକାଶ ଯେ, ଅନନ୍ତ ବାସୁଦେବ ମହିଳା ଗୋଷ୍ଠୀର ଦୀର୍ଘ ୮ ମାସ ଧରି ବନ୍ଦ ଥିବା ଆକାଉଣ୍ଟକୁ ଖୋଲିବାକୁ କାନାରା ବ୍ୟାଙ୍କ ପରିଚାଳନାକୁ ବିଡିଓ ସାହୁ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ମହିଳା ଗୋଷ୍ଠୀର ବିଏଲ୍‌ସି ରୁବିଲତା ଓଝା ଓ ମଞ୍ଜୁଲତା ପ୍ରଧାନ ଉପସ୍ଥିତ ଥିଲେ। ଏହି ସମସ୍ୟାର ସମାଧାନ କରିଥିବାରୁ ଧୂମାଳ ପଞ୍ଚାୟତ ପକ୍ଷରୁ ଯୁବ ନେତା ଅଭିମନ୍ୟୁ ସିଂହ, ସହଦେବ ମାଣିକ, ନାଏବ ସରପଞ୍ଚ ଅଶୋକ କୁମାର ସାହୁ, ଦିଲୀପ ରାୟ ପ୍ରମୁଖ ସାଧୁବାଦ ଜଣାଇଥିଲେ।

### ବେଳାଭୂମି ସୁରକ୍ଷା ପାଇଁ ଲାଗିଲା ଗୁଡ଼କଙ୍କ

ପୁରୀ, ୨୧।୧୨(ଅଜିତ୍ କୁମାର ମହାନ୍ତି)

ବେଳାଭୂମି ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡ଼ିଶା ଯୁବଚେତନା ସଙ୍ଗଠନ ପକ୍ଷରୁ ବେଳାଭୂମିରେ ଗୁଡ଼କଙ୍କ ଲତା ରୋପଣ କରାଯାଉଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ପର୍ଯ୍ୟଟନ ବିକାଶ ନାମରେ ପୁରୀ ଜିଲାର ଅଧିକାଂଶ ବେଳାଭୂମି ଏବେ ଅସୁରକ୍ଷିତ ହେବାକୁ ଯାଉଛି। ନିର୍ମାଣ ବର୍ଜ୍ୟବସ୍ତୁରୁ ବେଳାଭୂମିକୁ ସୁରକ୍ଷା ଦେଉଥିବା ଗୁଡ଼କଙ୍କ ଲତା ଏବେ ନଷ୍ଟପ୍ରାୟ ହୋଇପଡ଼ିଛି। ଏଥିଯୋଗୁ ସମୁଦ୍ର ଏବେ କୂଳ ଲଂଘୁଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ଦୁଇଦିନ ହେଲା ବାଲିଗୁଆଲିଠାରୁ ବେଲେଶ୍ୱର ମନ୍ଦିର ନିକଟ ବେଳାଭୂମି ସଂଲଗ୍ନ ଅଞ୍ଚଳରେ ଗୁଡ଼କଙ୍କ ଲତା ରୋପଣ ଆରମ୍ଭ ହୋଇଛି। ସଂଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଜ୍ୟୋତିପ୍ରକାଶ ମହାପାତ୍ର, ଶିବରାମ ପ୍ରଧାନ, ସୌମ୍ୟରଞ୍ଜନ ପାତ୍ର, ଗୋବିନ୍ଦ ପାତ୍ର, କେଦାରନାଥ ମହାପାତ୍ର ଏବଂ ସତ୍ୟ ପାତ୍ରଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ ଏଥିରେ ସାମିଲ୍ ହୋଇଛନ୍ତି।

### ନୂତନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଭା

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ ମହାବିଦ୍ୟାଳୟର ନୂତନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଭା ପୌରସଦନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ଅନିମା ଦାସ, ଅଧକ୍ଷ ଡ. ଅମିୟକାନ୍ତ ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାପାତ୍ର ଓ ଉପାଧକ୍ଷ ସଞ୍ଜୟ କୁମାର ନାୟକ ଉପସ୍ଥିତ ଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ଓ ଓୟୁଏଚ୍‌ଏସ୍‌ର ଡିନ୍ ପ୍ର. ଅରୁଣ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପରିଚାଳନା କମିଟି ସଭ୍ୟ ଲୋକନାଥ ପାଣି ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ପରେ ପରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାକୁ ଅନୁଷ୍ଠାନର ଅଧ୍ୟାପିକା ସଞ୍ଚୟିତା ମଣ୍ଡଳ, ପ୍ରଜ୍ଞା ପରିମିତା ପ୍ରିୟଦର୍ଶିନୀ, ଦୀପ୍ତିପ୍ରଜ୍ଞା ଦାସ, ସ୍ୱଦେସ୍ନା ମହାନ୍ତି, ଶୁଚିସ୍ମିତା ସ୍ୱାଇଁ, ସୁନିସ୍ମିତା ସାହୁ, ଅର୍ଚ୍ଚନା ଭଞ୍ଜ, ଅଧ୍ୟାପକ ଅସିତ୍ କୁମାର ଷଡ଼ଙ୍ଗୀ, ବିଶ୍ୱଜିତ୍ ପାଇକରାୟ, ତୃପ୍ତି ରଞ୍ଜନ ପାଢ଼ୀ ଓ ଅନୁପ କୁମାର ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଧାନ, ପରିବା ଫସଲ ନଷ୍ଟ: ଚିନ୍ତାରେ ଚାଷୀ

## ସରକାରୀ ସହାୟତା ଦାବି

କୋଣାର୍କ/ ବଲଙ୍ଗା/ ଡେଲାଙ୍ଗ/ କଣାସ/ ନିମାପଡ଼ା, ୨୧।୧୨ (ଜ୍ୟୋତିରାଜ ମହାନ୍ତି/ କେଦାରେଶ୍ୱର ନନ୍ଦ/ରଶ୍ମିରଞ୍ଜନ ପ୍ରଧାନ/ବିଭୁତି ଭୂଷଣ ତ୍ରିପାଠୀ/ରଞ୍ଜନ ପଟ୍ଟନାୟକ)

ଦୁଇଦିନ ଧରି ଅଦିନିଆ ଲଘୁଚାପଜନିତ ଲଗାଣ ବର୍ଷାରେ କୋଣାର୍କ ନିକଟସ୍ଥ କାଦୁଆ ନୂଆଗାଁ, କୁରୁଜଙ୍ଗ, ଅବଦାନ, ସିମିଳି, ବନାଖଣ୍ଡି, ମହଲପଡ଼ା, ଅଚ୍ୟୁତପୁର, ସୋରଭା, ସୁତନ, ତରକୋର ଓ ବଉଲାଙ୍ଗ ସମେତ ଏକାଧିକ ଗ୍ରାମପଞ୍ଚାୟତର ହଜାର ହଜାର ହେକ୍ଟର ଧାନ ଫସଲ କ୍ଷୟକ୍ଷତି ହୋଇଛି। ଶୁକ୍ରବାର ପୂର୍ବାହ୍ନ ସମୟରୁ ଲଗାଣ ବର୍ଷାରେ କୃଷକଙ୍କ ପରିଶ୍ରମରେ ହସି ଉଠିଥିବା ଧାନ ଫସଲରେ ଏବେ ଲହଡ଼ି ଖେଳୁଛି। ଧାନ ପାଣିରେ ବୁଡ଼ି ନଷ୍ଟ ହେବା ସହ ଗଜା ହେବା ପରିସ୍ଥିତି ସୃଷ୍ଟି ହୋଇଛି। କୋଣାର୍କ ନିକଟସ୍ଥ ଏକାଧିକ ଗ୍ରାମପଞ୍ଚାୟତର ଚାଷୀମାନେ ଚିନ୍ତାଗ୍ରସ୍ତ ଅବସ୍ଥାରେ ରହିଥିବାବେଳେ ଫସଲ ହାନି ପରିସ୍ଥିତି ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ସେହିପରି ବଲଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ଝିପିଝିପି ବର୍ଷା ଜାରି ରହିଛି। ଏହି ଅଞ୍ଚଳରେ ବ୍ୟାପକ ପରିମାଣରେ ଆଳୁ, ଫୁଲକୋବି, ପତ୍ରକୋବି, ବାଇଗଣ, ଝୁଡ଼ଙ୍ଗ, ଶାଗ, ମୂଳା ଇତ୍ୟାଦି ପରିବା ଫସଲ ଉଜୁଡ଼ି ଯାଇଛି। ଏହି ଅଞ୍ଚଳର ଚାଷୀ ଫସଲ ଉତ୍ପାଦନ କରି ପୁରୀ, ଭୁବନେଶ୍ୱର, ନିମାପଡ଼ା, ପିପିଲି ପ୍ରଭୃତି ଅଞ୍ଚଳକୁ ନେଇ ବେପାର କରି ଦୁଇପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ଏହି ଲଘୁଚାପ ବର୍ଷା ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ବିଲରେ ପଡ଼ିଥିବା କଟାଧାନ ଏହି ବର୍ଷାରେ ନଷ୍ଟ ହେବା ପ୍ରାୟ ସୁନିଶ୍ଚିତ ହୋଇଯାଇଛି। ଏହାକୁ ନେଇ ଚାଷୀ ଚିନ୍ତା ବଢ଼ିଯାଇଛି।

ଚଳିତ ବର୍ଷ ଭଲ ଫସଲ ହୋଇଥିବା ବେଳେ ଧାନ ଅମଳ କରିବାରେ ଏହି ଲଘୁଚାପଜନିତ ବର୍ଷା କାଳ ସାଜିଛି। କେତେଜଣ ଚାଷୀ ତରବର ହୋଇ ଲଘୁଚାପକୁ ଆଖିଆଗରେ ରଖି ଧାନକଟା ମେଶିନ ଦ୍ୱାରା ଧାନ କାଟି ଅମଳ କରିଥିଲେ ମଧ୍ୟ ଧାନକୁ ଖରାରେ ଶୁଖାଇ ପାରି ନ ଥିବା ସୂଚନା ମିଳିଛି। ବର୍ଷା ଯୋଗୁ ଜମିରେ ପାଣି ଜମିରହିବା ଫଳରେ ଧାନ ଗଜା ହୋଇପାରେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି ଓ ପନିପରିବା ଗଛଗୁଡ଼ିକ ମାଟିରେ ମିଶିଯାଇଛି। ବିଭିନ୍ନ ସୂତ୍ରରୁ ଧାରକରଜ କରି ପରିବା ଚାଷ କରିଥିବା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ଏହି ଲଘୁଚାପ ପ୍ରତିକୂଳ ପ୍ରଭାବ ପକାଇଛି। ବର୍ଷା ଯୋଗୁ ବଲଙ୍ଗା ହାଟରେ ମଧ୍ୟ ବ୍ୟବସାୟୀ, ଚାଷୀ ଓ ଗ୍ରାହକଙ୍କ ଅଭାବ ପରିଲକ୍ଷିତ ହୋଇଛି।

ବର୍ଷା ଓ କୋହଲା ପାଗ ଯୋଗୁ ଚାଷୀଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି। ପାଚିଲା ଧାନ କ୍ଷେତ ବର୍ଷା ପାଣିରେ ଭାସୁଛି। ଡେଲାଙ୍ଗ ବ୍ଲକ୍‌ର ୨୧ ପଞ୍ଚାୟତରେ ପ୍ରାୟ ୧୨ ହଜାର ହେକ୍ଟର ଖରିଫ ଧାନ ଚାଷ ହୋଇଥିଲା। ବର୍ଷାରେ ଅଧିକାଂଶ ଧାନକ୍ଷେତ ଉଜୁଡ଼ିଯିବା ଭଳି ସ୍ଥିତି ସୃଷ୍ଟି ହୋଇଛି। କେତେକ ଜମିରେ ଧାନକଟା ହୋଇ ବିଲରେ ଶୁଖୁଥିଲା। ଏହି ଧାନ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। କେତେଜଣ ଚାଷୀ ଧାନ ଅମଳ ଯନ୍ତ୍ରରେ ଧାନ ଅମଳ କରି ବିଲରେ ଖରାଦେବା ପାଇଁ ରଖିଥିଲେ। ଏହି ଧାନ ବର୍ଷା ପାଣିରେ ଭିଜିଯାଇଛି। ଧାନ ଫସଲ ସହ ଡାଲି ଜାତୀୟ ଶସ୍ୟ, ପନିପରିବା କ୍ଷେତ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ବର୍ଷା ଓ କୋହଲା ପାଗ ଯୋଗୁ ଲୋକମାନେ ଘରୁ ବାହାରି ପାରୁନାହାନ୍ତି। କଟା ନ ହୋଇଥିବା ଧାନଗଛ ଭାଙ୍ଗି ଜମି ରହିଥିବା ପାଣିରେ ବୁଡ଼ିଯାଇଛି।

କଣାସ ଅଞ୍ଚଳର ଦୟା, ରାଜୁଆ, ମକରା, ମଲାଗୁଣୀ ନଦୀ ପଠାଗୁଡ଼ିକରେ ଅଧିକାଂଶଚାଷୀ ଫୁଲକୋବି, ପତ୍ରକୋବି, କଲରା, ଟମାଟ, ମୂଳା, ଶାଗ, ଧନିଆପତ୍ର, ଲଙ୍କା, ଜହ୍ନି, ପୋଟଳ, ବିନ୍ସ ପରିବା ଫସଲ କରିଥିବାବେଳେ ସେଗୁଡ଼ିକ ନଷ୍ଟହେବା ସମ୍ଭାବନା ରହିଛି। ଗଡ଼ସାନପୁଟ, ଅଁଳାଯୋଡ଼ି, ଗଡ଼ବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ପଞ୍ଚାୟତର ଚାଷୀମାନେ ଚିନାବାଦାମ ଚାଷ ଉପରେ ନିର୍ଭର କରିଥାନ୍ତି। ଏହିସବୁ ଚାଷୀ ବର୍ତ୍ତମାନ ଚିନାବାଦାମ ମଞ୍ଜି ଜମିରେ ପକାଉଥିବାବେଳେ ବର୍ଷା ଯୋଗୁ ସେଗୁଡ଼ିକ ନଷ୍ଟହେବାର ସମ୍ଭାବନା ରହିଛି। ଅନେକ ଚାଷୀ ବିରି ଏବଂ ମୁଗ ନିଜ ନିଜ ଜମିରେ ବୁଣିଥିବାରୁ ସେଗୁଡ଼ିକ ଛୋଟ ଛୋଟ ଗଛ ହୋଇଥିବାବେଳେ ଜମିରେ ବର୍ଷା ଜଳ ଜମି ରହିଥିବାରୁ ଗଛଗୁଡ଼ିକ ଶଢ଼ିଯିବା ସମ୍ଭାବନା ରହିଛି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗ୍ରାମ ମହାଜନଙ୍କଠାରୁ ସୁଧକୁ ଆଣି ଚାଷରେ ଲଗାଇଥିଲେ। ଚାଷୀମାନେ କିପରି ଋଣ ପରିଶୋଧ କରିବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ରାଜ୍ୟ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଫସଲର ତଦନ୍ତକରି ଚାଷୀମାନଙ୍କୁ ସହାୟତା ଯୋଗାଇଦେବା ପାଇଁ ଦେଇପୁର ସରପଞ୍ଚ ସ୍ୱାଗତିକା ପ୍ରଧାନ, ଗଡ଼ଖାରଦ ସରପଞ୍ଚ ମହେଶ୍ୱର ସେଠୀ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଏବଂ ଚାଷୀମାନେ ଦାବି କରିଛନ୍ତି।

ନିମାପଡ଼ା କୃଷି ଜିଲା ଅଧୀନରେ ଥିବା ନିମାପଡ଼ା ବ୍ଲକରେ କୃଷି ବିଭାଗ ତଥ୍ୟ ଅନୁଯାୟୀ ଚଳିତବର୍ଷ ୧୯, ୫୦୦ ହେକ୍ଟର ଧାନ ଫସଲ କରାଯାଇଥିବାବେଳେ ଶତକଡ଼ା ୯୦ ଭାଗ ଜମି ଏହି ଅଦିନିଆ ବର୍ଷାରେ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଧାନ କେମିତି ଅମଳ ହେବ ଚିନ୍ତାରେ ଚାଷୀ। ଏହି ବର୍ଷା ଫଳରେ ଶହ ଶହ ହେକ୍ଟର ଜମିରେ ହୋଇଥିବା ପରିବା ଫସଲ ଫୁଲ କୋବି, ବନ୍ଧାକୋବି, ଆଳୁ,ପୋଟଳ, ବାଇଗଣ ଆଦି ପନିପରିବା ଚାଷ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଏଭଳି ଦୁର୍ଦ୍ଦଶା ସମୟରେ ସରକାର ସହଯୋଗ କରିବା ନିମନ୍ତେ ଚାଷୀ ହରିହର ପ୍ରଧାନ, ନକୁଳ ବେହେରା, ସବ୍ୟସାଚୀ ରାଉତ, ଭ୍ରମରବର ରାଉତ ପ୍ରମୁଖ ଅନୁରୋଧ କରିଛନ୍ତି।



କୋଣାର୍କ ଅଞ୍ଚଳରେ ଚାଷଜମିରେ ଧାନ ଫସଲ ପାଣିରେ ବୁଡି ରହିଛି ।

# ଦୁର୍ଦ୍ଦଶା ବଢ଼ାଇଲା ଅଦିନିଆ ବର୍ଷା

ପିପିଲି, ୨୧।୧୨(ପ୍ରଭାତ କୁମାର ମହାପାତ୍ର)

ଅଦିନିଆ ବର୍ଷା ଚାଷୀର ଖୁସିକୁ ଛଡ଼ାଇ ନେଇଛି। ଲଗାଣ ବର୍ଷା ଯୋଗୁ କଟାଧାନ ଏବେ ବିଲରେ ଭାସୁଛି। ପିପିଲି ବ୍ଲକର ୭ହଜାର ହେକ୍ଟର ଜମିରୁ ଧାନ କଟାଯାଇନାହିଁ। ୨ଦିନ ହେବ ବର୍ଷା ମାଡ଼ରେ ଧାନଫସଲ ନଷ୍ଟ ହୋଇଯିବାର ଆଶଙ୍କା ଦେଖାଦେଇଛି। ସେହିଭଳି ବିଲରେ କଟାହୋଇ ପଡ଼ିଥିବା ଧାନ ବର୍ଷାପାଣିରେ ଭିଜି ନଷ୍ଟ ହେବା ଦେଖାଦେଇଛି। ଆସନ୍ତା ଜାନୁଆରୀ ୭ରେ ପିପିଲି ବ୍ଲକରେ ଧାନମଣ୍ଡି ଖୋଲିବାକୁ ଥିଲା ବେଳେ ଓଦା ଧାନର ଏଫ୍‌ଏକ୍ୟୁମାନ ରହିବା ନେଇ ଅନିଶ୍ଚିତତା ଦେଖାଦେଇଛି।

ପିପିଲି ବ୍ଲକ କୃଷି ବିଭାଗର ସୂଚନା ଅନୁଯାୟୀ, ଚଳିତ ବର୍ଷ ପିପିଲି ବ୍ଲକରେ ୧୫ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଇଥିଲା। ଶତକଡ଼ା ୮୦ଭାଗ ଧାନ କଟାଯାଇଥିବାର କୁହାଯାଉଛି। ଆଇଏସ୍‌ଟି ମିଶନ ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ। ବାସ୍ତବ କ୍ଷେତ୍ରରେ ଅଧିକାଂଶ ପଞ୍ଚାୟତରେ ଶତକଡ଼ା ୨୦ଭାଗ ଧାନ କଟାଯାଇଛି। ଦୁର୍ଗାଦାସପୁର, ସଂପୁର, ମଙ୍ଗଳପୁର, ନୂଆଶାସନ, ଦାଣ୍ଡମୁକୁନ୍ଦପୁର, ପାଣିଦୋଳ, କଣ୍ଟି, ଲକ୍ଷ୍ମୀନାରାୟଣପୁର, ଗୋବିନ୍ଦପୁର, ଜଗନ୍ନାଥପୁର ଆଦି ପଞ୍ଚାୟତରେ ମାତ୍ର ଶତକଡ଼ା ୨୦ରୁ ୩୦ଭାଗ ଧାନ କଟାଯାଇ ଅମଳ କରାଯାଇଛି। ଅମଳ ସମୟରେ ଅଦିନିଆ ବର୍ଷାରେ ଧାନ ଫସଲ ପ୍ରଭାବିତ ହୋଇଛି। ଧାନ ଫସଲ ସନ୍ତସନ୍ତିଆ ପରିବେଶ ମଧ୍ୟରେ ଥିଲାବେଳେ ଜମିରୁ ଜଳ ନିଷ୍କାସନ ହୋଇପାରୁନି। ଅନେକ ସ୍ଥାନରେ ଧାନ ଶୋଇ ରହିଥିବାର ଦେଖାଦେଇଛି। ଶୋଇ ରହିଥିବା ଧାନଗୁଡ଼ିକ ବର୍ଷାପାଣିରେ ଭିଜି ଗଜା ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଠିଆ ହୋଇଥିବା ଗଛର ଧାନ କେଣ୍ଡାରୁ ଖଣ୍ଡ ଶିଶା ଛିଡ଼ି ପଡ଼ିଛି। ଚାଷୀ ଧାରକରଜ କରି ଚାଷରେ ଖର୍ଚ୍ଚ କରିଥିବା ବେଳେ ଏହି ଲଗାଣ ବର୍ଷା ସେମାନଙ୍କ ଦୁର୍ଦ୍ଦଶାକୁ ବଢ଼ାଇଛି। ହତାସ ହୋଇ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ସମବାୟ ସମିତି, ବ୍ୟାଙ୍କ ତଥା ବିଭିନ୍ନ ଆର୍ଥିକ ସଂସ୍ଥାରୁ ଚାଷୀ ଋଣ କରଜ କରି ଚାଷକାର୍ଯ୍ୟରେ ଲଗାଇଛନ୍ତି। ଏକର ପିଛା ୪୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଚାଷୀ ଖର୍ଚ୍ଚ କରିଥିବା କହିଛନ୍ତି। ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥିବାରୁ ଭଲ ଅମଳ ନେଇ ଚାଷୀ ଆଶାବାଦୀ ଥିଲେ। ଏଥିରୁ ଧାର କରଜ ଶୁଝିବା ସହିତ ଖାଦ୍ୟପେୟ, ପିଲାଙ୍କ ପାଠପଢ଼ା, ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ କରିବ ବୋଲି ଚାଷୀ ମନରେ ଆଶା ବାନ୍ଧି ଥିଲା। ହେଲେ ଅଦିନିଆ ବର୍ଷା ଚାଷୀର ସବୁ ସ୍ୱପ୍ନ ଧୂଳିସାତ୍ କରିଦେଇଛି।

# କ୍ଷେତରେ ଭାସୁଛି ପାଚିଲା ଧାନ

ଯୋଗେଶ୍ୱରପୁର,୨୧।୧୨(ରଶ୍ମିରଞ୍ଜନ ସାହୁ)

ଲଘୁଚାପଜନିତ ଲଗାଣ ବର୍ଷାରେ ନୟାହାଟ ଅଞ୍ଚଳରେ ପାଚିଲା ଧାନ କିଆରିରେ ଆଣ୍ଠୁଏ ଲେଖା ପାଣି ଜମି ରହିଛି। ଚାଷୀମାନେ ଘରକୁ ଧାନ କାଟି କଚଡ଼ା ବିଲରେ ପକାଇଥିବାବେଳେ ତାହା ଏବେ ପାଣିରେ ଭାସୁଛି। ଧାନ ଫସଲ ନଷ୍ଟ ହୋଇଯାଇଥିବା ନେଇ ଚାଷୀ ଏବେ ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛି। ଏଥିସହ ବାଇଗଣ, କୋବି, ମୂଳା, ଶାଗ, ବିଲାତି ବାଇଗଣ ଭଳି ପନିପରିବା ଫସଲ ମଧ୍ୟ ପାଣିରେ ବୁଡ଼ି ନଷ୍ଟ ହେବାକୁ ବସିଛି। ଧୂମାଳ, ଜଙ୍ଗଲ ବୋରୀ, ବଉଲାଙ୍ଗ, ଦେଓ୍ୱଳି, ଇସାଣପୁର, ଶୋରବା ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ଧାନ ଓ ପରିବା ଚାଷୀଙ୍କୁ ସରପଞ୍ଚ ମୋନାଲିସା ସିଂହ, ସରପଞ୍ଚ ରିସ୍ମା ସ୍ୱାଇଁ, ସରପଞ୍ଚ ପ୍ରତିମା ସାହୁ, ସରପଞ୍ଚ କିଶୋର ଚନ୍ଦ୍ର ସେଠୀ, ସରପଞ୍ଚ ବିନୋଦିନୀ ପାଳ ଓ ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର ପ୍ରମୁଖ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।



# ଗୋଟିପୁଅ ନୃତ୍ୟରେ ଦୁଲୁକିଲା ମଞ୍ଚ

## ୨ ଦିନିଆ ଶିଶୁ ମେଳା ଉଦ୍‌ଯାପିତ

କୋଣାର୍କ,୨୧।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ଆୟୋଜିତ ୨ ଦିନିଆ ଶିଶୁ ମେଳା ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପୁରୀ ଜିଲା ଓଷ୍ଟା ସଭାପତି ବିଜୟ କୁମାର ବରାଳ ଏଥିରେ ଅଧକ୍ଷତା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ଶିଶୁ ମେଳା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇପାରିଛି ବୋଲି ମୁଖ୍ୟ ଅତିଥି ବେହେରା ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ପୁରୀ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ, ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୃଷ୍ଟି, ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଲ କୁମାର ବ୍ରହ୍ମା, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀହାର ପ୍ରସାଦ ଲେଙ୍କା, ପୁରୀ ଓଷ୍ଟା ସମ୍ପାଦକ ବିଭୂଦତ୍ତ ନାୟକ, ସାମାଜିକ କର୍ମୀ ରଶ୍ମିରଞ୍ଜନ ବିଶ୍ୱାଳ ଓ ରତିକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିଶୁ ମେଳାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ଛାତ୍ରଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ ଅତିଥି ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ପୁରୀ ଓଷ୍ଟାର ପ୍ରାକ୍ତନ ସଭାପତି ଅଶୋକ କୁମାର ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ଅଭୟ ମଲ୍ଲଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଜିଲା, ବ୍ଲକ କର୍ମକର୍ତ୍ତା ଓ ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁରୀ ଓଷ୍ଟା ଉପସଭାପତି ରୂପଶ୍ରୀ ଛୋଟରାୟ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ଗୋପ ବ୍ଲକ ସମ୍ପାଦକ ରାମକୃଷ୍ଣ ମହାନ୍ତି, ଉପସଭାପତି ଲକ୍ଷ୍ମୀଧର ଉପାଧ୍ୟାୟ, ତରୁଣ କୁମାର ନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ସସ୍ମିତା ରାଉତରାୟ, କୃପାସିନ୍ଧୁ ବିଶ୍ୱାଳ, ମହେନ୍ଦ୍ର କୁମାର ପାଢୀ ପ୍ରମୁଖ ପରିଚାଳନା କରିଥିଲେ।




ଅତିଥିଙ୍କ ସହ କଳାକାରମାନେ ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ

ଗୋପ,୨୦।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ ଏଥିରେ ଯୋଗଦେଇ ଶୀତଋତୁରେ ଖେଳକୁଦ କଲେ ଶରୀର ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ସ୍କୁଲ ସମ୍ପାଦକ କାଳୁରାମ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଶ୍ରୀକାନ୍ତ ପାଣ୍ଡେ, ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଭୋଇ ଯୋଗଦେଇଥିଲେ। ଭଲ ମଣିଷଟିଏ ହେବାକୁ ହେଲେ ଆମକୁ କଠୋର ପରିଶ୍ରମ କରିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ବାର୍ଷିକ କ୍ରୀଡ଼ାର ପ୍ରଥମ ଦିବସରେ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ଡିସ୍କସ, ଜାଭେଲିନ ଥ୍ରୋ ସହିତ ଅନ୍ୟାନ୍ୟ ଖେଳ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବିଷ୍ଣୁପ୍ରିୟା ସେନାପତି, ଚିତ୍ରଲେଖା ସେନ, ବିଷ୍ଣୁପ୍ରିୟା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

କାକଟପୁର, ଅସ୍ତରଙ୍ଗ,୨୧।୧୨ (ଶୁଭଦର୍ଶନ ମିଶ୍ର/ମମତା ଜେନା)

ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ କାକଟପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତ ହେଲେ କାକଟପୁର ମହାନ୍ତିସାହି ଅଞ୍ଚଳର ମଙ୍ଗରାଜ ମହାନ୍ତି। ପୋଲିସ ତାଙ୍କଠାରୁ ୧୦ ଗ୍ରାମ୍ ୫ ମିଲିଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ କରିଛି। ବିଶେଷ ସୂତ୍ରରୁ ଖବରପାଇ କାକଟପୁର ଥାନା ପୋଲିସର ଏକ ସ୍ୱତନ୍ତ୍ର ଦଳ କାକଟପୁର ଦେଉଳି ମଠ ନିକଟରେ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତ ମଙ୍ଗରାଜ ମହାନ୍ତିଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର ଜବତ କରିଥିଲେ। ମଙ୍ଗରାଜଙ୍କ ନିକଟରୁ ପୋଲିସ ଏକ କଳାରଙ୍ଗର ପଲ୍‌ସର, ୨୦ ହଜାର ଟଙ୍କା, ଏକ ମୋବାଇଲ ଫୋନ୍ ଜବତ କରିଛି। ଏନେଇ ପୋଲିସ କେସ୍ ନଂ.୨୫୪/୨୪ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଉମେଶ କୁମାର ସାହୁ। ଏହି କାରବାର ସହ ଆନ୍ତଃରାଜ୍ୟ ରାକେଟ୍ କାମ କରୁଥିବା ଚର୍ଚ୍ଚା ହେଉଛି।

# ପ୍ରଥମ ବର୍ଷ କଳା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ନୂଆପାଟଣା, ଗୋରୁଆଳସ୍ଥିତ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ନୂତନ ପରିସରରେ ନବାଗତ ପ୍ରଥମବର୍ଷ କଳା ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ୨୫ଜଣ କଳା ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ଓ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ସଭାପତି ଚକ୍ରଧର ମହାପାତ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଦୁର୍ଗାମାଧବ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିରଞ୍ଜନ ମିଶ୍ର ଯୋଗଦେଇଥିଲେ। ନୂଆପାଟଣା ସ୍କୁଲଠାରୁ ଚାରୁକଳା ମହାବିଦ୍ୟାଳୟ ପରିସର ପର୍ଯ୍ୟନ୍ତ କଚ୍ଚାରାସ୍ତାକୁ ଖୁବ୍‌ଶୀଘ୍ର ପକ୍କାରାସ୍ତା କରିବେ ଓ ନୂଆପାଟଣା ସ୍କୁଲ ନିକଟ ଏବଂ ଆର୍ଟ କଲେଜ ସମ୍ମୁଖ ଖୁଣ୍ଟରେ ଦୁଇଟି ମର୍କ୍ୟୁରି ଲାଇଟ୍ ସଂଯୋଗ କରାଇବେ ବୋଲି ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ସାଂସ୍କୃତିକ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଅଧ୍ୟାପିକା ତୃପ୍ତିରେଖା ମିଶ୍ର, କଳ୍ପନା ବେହେରା, ଅଧ୍ୟାପକ ଜଗବନ୍ଧୁ ଦାଶ, ଭବାନୀ ଶଙ୍କର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଶେଷରେ ସଭାପତି ଚକ୍ରଧର ମହାପାତ୍ର ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# 'ଓଡ଼ିଶାରେ ଔଷଧ ଶିଳ୍ପ ପ୍ରତିଷ୍ଠା ହାର ନଗଣ୍ୟ'

## ଭେଷଜ ବିଜ୍ଞାନର ୧୪ତମ ଜାତୀୟ ସଂଗୋଷ୍ଠୀ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସି କଲେଜର ୧୪ତମ ଜାତୀୟ ସଂଗୋଷ୍ଠୀ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ସଭାକକ୍ଷରେ 'ଗୁଣବତ୍ତାପୂର୍ଣ୍ଣ ଜୀବନ ପାଇଁ ଦୃଢ ଓ ନୂତନ ପ୍ରଚେଷ୍ଟା ବର୍ତ୍ତମାନ ସମୟରେ ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ ଓ ସମ୍ମାନିତ ଅତିଥିଭାବେ ସାଇପେନ୍ ବାୟୋଲୋଜିକ୍ସ ପ୍ରା. ଲି.ର ସଭାପତି ରଜତ କୁମାର ମହାପାତ୍ର ଯୋଗଦେଇ ଓଡ଼ିଶାରେ ଔଷଧ ତିଆରି ଶିଳ୍ପ ପ୍ରତିଷ୍ଠା ହାର ଅତ୍ୟନ୍ତ ନଗଣ୍ୟ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଓଡ଼ିଶାରେ ଅଧିକରୁ ଅଧିକ ଔଷଧ କମ୍ପାନୀ ପ୍ରତିଷ୍ଠା ହେଲେ ଫାର୍ମାସି ଛାତ୍ରୀଛାତ୍ର ନିଜ ରାଜ୍ୟରେ ନିଯୁକ୍ତିର ସୁଯୋଗ ପାଇବେ ବୋଲି ଅତିଥି ଦ୍ୱୟ କହିଥିଲେ। ଅନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ମନୋଜ ରଥଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଡ. ଅଗ୍ନିମିତ୍ର ଓଡ଼ା ସ୍ୱାଗତ ଅଭିଭାଷଣ ଏବଂ ନିର୍ଦ୍ଦେଶକ ଡ. ଅନ୍ନଦା ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରରେ ସିଆର୍‌ଆର୍‌ଏସ୍- ଆଇଏମ୍‌ଏମ୍‌ଟିର ମୁଖ୍ୟ ବୈଜ୍ଞାନିକ ଡ. ଶିଶିର ମନ୍ତ୍ରୀ, କୋଲକାତାସ୍ଥିତ ନାଇପରର ପ୍ରାଧ୍ୟାପକ ତଥା ବିଭାଗ ମୁଖ୍ୟ ଡ. ସାରଦା ପ୍ରସାଦ ସ୍ୱାଇଁ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍‌ସେସ୍ ଭୁବନେଶ୍ୱରର ବୈଜ୍ଞାନିକ ଡ. ଶାନ୍ତିଭୂଷଣ ସେନାପତି ଏବଂ ନାଇଜର ପ୍ରାଧ୍ୟାପକ ଭି. ବଦ୍ରୀନାଥ କୋଙ୍କିମାଲା ପ୍ରମୁଖ ଯୋଗଦେଇ ୪ଟି ବୈଜ୍ଞାନିକ ସୂତ୍ରରେ ଔଷଧ ତିଆରି, ପାର୍ଶ୍ୱ ପ୍ରତିକ୍ରିୟା ଓ ବିଶ୍ୱ ବଜାରରେ ଭାରତୀୟ ଔଷଧର ପ୍ରସାର ସମ୍ବନ୍ଧରେ ସାରଗର୍ଭକ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ଜଗନ୍ନାଥ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ଅଧ୍ୟାପକ ଦେବାଶିଷ ଦାସ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଔଷଧ ଓ ରୋଗ ସମ୍ବନ୍ଧୀୟ ପୋଷ୍ଟର ପ୍ରଦର୍ଶନୀ ସହ ବିଭିନ୍ନ ସୂଚନା ଦିଆଯାଇଥିଲା। ପ୍ରଦର୍ଶନରେ ଶ୍ରେଷ୍ଠ ୩ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ବିଶ୍ୱନାଥ ରଥ, ନିର୍ଦ୍ଦେଶିକା ଦେବସ୍ମିତା ରଥ, ନିର୍ଦ୍ଦେଶକ ଡ. ପ୍ରକାଶ ସେନାପତି, ଉପାଧକ୍ଷ ଦେବାଶିଷ ମିଶ୍ର, ବିଭାଗ ମୁଖ୍ୟ ସମୀର ପାତ୍ର, ଅଳକା ପ୍ରିୟଦର୍ଶିନୀ କର, ଅଧ୍ୟାପକ ଦେବଦତ୍ତ ସାହୁ, ଶାରଦା ପ୍ରସାଦ ଷଡ଼ଙ୍ଗୀ, ସ୍ମିତିକ ଦାଶ, ସ୍ନେହାଶିଷ ତ୍ରିପାଠୀ, ସୁଜିତ ହରିଚନ୍ଦନ, ଜ୍ୟୋତିର୍ମୟୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ସଂକ୍ଷେପରେ

### ଡାକଘର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,୨୧।୧୨(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଡାକଘର ପକ୍ଷରୁ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଡାକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଡିଭିଜନର ଉପଅଧୀକ୍ଷକ ମୋହନ ସୁନା ମୁଖ୍ୟ ଅତିଥି, ସରପଞ୍ଚ ଅସିତ କୁମାର ତ୍ରିପାଠୀ ମୁଖ୍ୟବକ୍ତା, ଖୋର୍ଦ୍ଧା ଜିଲା ସହକାରୀ ଉପଅଧୀକ୍ଷକ ଦେବବ୍ରତ ଜେନା, ଆଇପିପିବି ସିନିୟର ମ୍ୟାନେଜର ସିମନ୍ତିକା ପ୍ରିୟଦର୍ଶିନୀ ଏବଂ ଖୋର୍ଦ୍ଧା ଜିଲା ସହକାରୀ ପୋଷ୍ଟ ମାଷ୍ଟର ଭାସ୍କର ଚନ୍ଦ୍ର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଡାକଘର କାର୍ଯ୍ୟାଳୟରେ ଜନସାଧାରଣ ପାଇଁ ଉପଲବ୍ଧ ଥିବା ଯୋଜନା ଉପରେ ଆଲୋକପାତ କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ଶେଷରେ ଯୋଶେଫ ନାୟକ ଧନ୍ୟବାଦ ଦେଇଥିଲେ।

### ୨୭ରେ ନାଟକ ଉତ୍ସବ

ଝାଁଳା,୨୧।୧୨(ବୁଲା ବାରିକ): ଜଟଣୀ ବ୍ଲକ ଅଧୀନ ଝାଁଳା ଗ୍ରାମରେ ଆସନ୍ତା ୨୭ ଏବଂ ୨୮ ତାରିଖରେ ଦୁଇଦିନିଆ ନାଟକ ଉତ୍ସବ ଅନୁଷ୍ଠିତ ହେବ। ବିଚ୍ଛନ୍ଦ ଚରଣ ଯୁବ ପରିଷଦ ପକ୍ଷରୁ ଦୁଇଟି ନାଟକ ପରିବେଷଣ କରାଯିବ। ପ୍ରଥମ ଦିବସରେ 'ମଝି ନଈରେ ମୋ ଜୀବନ ଡଙ୍ଗା' ଏବଂ ଦ୍ୱିତୀୟ ଦିବସରେ 'ପାପ ଲୁଚାଇଛି ପଣତକାନି' ନାଟକ ପରିବେଷଣ ହେବ। ଏଥିପାଇଁ ଯୁବ ପରିଷଦର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ନାଟକ ଉତ୍ସବରେ ଜଟଣୀ ବିଧାୟକ ଓ କଟକ ବାରବାଟୀ ବିଧାୟକଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ଦେଶୀମଦ ଜବତ, ଅଭିଯୁକ୍ତ ଫେରାର



ବୋଲଗଡ଼/ବେଗୁନିଆ,୨୧।୧୨ ଦେବବ୍ରତ ହୋତା/ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ଦେଶୀମଦ ପ୍ରସ୍ତୁତି କିମ୍ବା ବେପାର ଥମିବାର ନାଁ ଧରୁନି। ପ୍ରାୟ ପ୍ରତ୍ୟେକ ସପ୍ତାହରେ ବିପୁଳ ପରିମାଣର ରନ୍ଧା ଦେଶୀମଦ ଓ ଆନୁଷଙ୍ଗିକ ସାମଗ୍ରୀ ଜବତ ହେଉଥିଲେ ମଧ୍ୟ ଅଧିକାଂଶ ସମୟରେ ମଦ ମାଫିଆମାନେ ଖସିଯାଇ ପୁଣି ମଦ ପ୍ରସ୍ତୁତିରେ ଲାଗିପଡୁଛନ୍ତି। ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ୍ ଅଧିକାରୀ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ ଥାନା ପୋଲିସ କର୍ମଚାରୀ ଶନିବାର ଚଢ଼ାଉ କରି ୮୦୦ କେଜି ପୋଚ ଏବଂ ୯୦ ଲିଟର ଦେଶୀମଦ ସହ ବ୍ୟବହୃତ ସାମଗ୍ରୀ ଜବତକରି ନଷ୍ଟ କରିଛନ୍ତି। ବେଗୁନିଆ ଅବକାରୀ ବିଭାଗ ଏସ୍ଆଇ ରାଜେନ୍ଦ୍ର ଖେସ୍‌ଙ୍କ ସୂଚନା ଅନୁଯାୟୀ, ବୋଲଗଡ଼ ପଞ୍ଚାୟତ ସମିତି ସିଉଳା ଜଙ୍ଗଲରେ ଦେଶୀମଦ ପ୍ରସ୍ତୁତ ହେଉଥିବା ନେଇ ଖବର ମିଳିଥିଲା। ତେବେ କୌଣସି ସୂତ୍ରରୁ ଖବରପାଇ ମଦ ପ୍ରସ୍ତୁତକାରୀ ସମସ୍ତ ସାମଗ୍ରୀ ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

### ବର୍ଷା ପାଇଁ ମ୍ୟାଚ୍ ବାତିଲ

ଟାଙ୍ଗୀ,୨୧।୧୨(ରଘୁନାଥ ସାହୁ): କୁହୁଡ଼ି ଜନତା ଷ୍ଟାଡିୟମରେ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ତେବେ ଶୁକ୍ରବାର କୋଲ୍‌କାତା ଏବଂ ଭଦ୍ରକ ଟିମ୍ ମଧ୍ୟରେ ହେବାକୁଥିବା ମ୍ୟାଚ୍ ବର୍ଷା ଯୋଗୁ ବାତିଲ କରାଯାଇଛି। ସେହିପରି ଶନିବାର ଚକ୍ରଧରପୁର ଏବଂ ଛତିଶଗଡ଼ ମଧ୍ୟରେ ହେବାକୁଥିବା ମ୍ୟାଚ୍ ମଧ୍ୟ ବାତିଲ ହୋଇଛି। ମହାବୀର ଆଥ୍‌ଲେଟିକ୍ ଆସୋସିଏଶନର ସମ୍ପାଦକ ମନୋଜ କୁମାର ମାନସିଂହ, ବରିଷ୍ଠ ସଭ୍ୟ, ମ୍ୟାଚ୍ ରେଫରି ଏବଂ ଉଭୟ ଟିମ୍‌ର କୋଚ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତିକ୍ରମେ ରବିବାର ଦୁଇଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ଚକ୍ରଧରପୁର ଏବଂ ଛତିଶଗଡ଼, ଦ୍ୱିତୀୟ ମ୍ୟାଚ୍ ମଣିପୁର ଏବଂ କୋଲ୍‌କାତା ମଧ୍ୟରେ ଖେଳାଯିବ। ଏହି ବୈଠକରେ କେଦାର ଦାସ, ରତ୍ନାକର ସାମନ୍ତରାୟ, ରାଜ ବୈରିଗଞ୍ଜନ, ରମେଶ ନାଇଡୁ, ହରିବନ୍ଧୁ ସାମନ୍ତରାୟ, ଆନନ୍ଦ ରାଓ, ଅପର୍ତ୍ତି ବେହେରା, କେଦାର ପାତାଳସିଂହ, ଗୋପାଳ ସାମନ୍ତରାୟ, ବିଶ୍ୱଜିତ୍ ସାହୁ, ସିଲୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସବ୍ ରେଜିଷ୍ଟ୍ରାର ନାହାନ୍ତି, କାର୍ଯ୍ୟ ବାଧାପ୍ରାପ୍ତ

ବୋଲଗଡ଼,୨୧।୧୨(ଦେବବ୍ରତ ହୋତା)



- ତହସିଲଦାର ତୁଲାଇଥାନ୍ତି ଅତିରିକ୍ତ ଦାୟିତ୍ୱ
- ରେଜିଷ୍ଟ୍ରୀକରଣ କାର୍ଯ୍ୟ ଠପ୍, ଲୋକେ ହଇରାଣ

ଖୋର୍ଦ୍ଧା ଜିଲା ବୋଲଗଡ଼ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସ୍ଥାୟୀ ସବ୍ ରେଜିଷ୍ଟ୍ରାର ପଦବୀ ଖାଲିପଡ଼ିଛି। ଫଳରେ ସ୍ଥାନୀୟ ତହସିଲଦାର ଏହାର ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି। କର୍ମଚାରୀମାନେ ମଧ୍ୟ ଅନ୍ୟସ୍ଥାନରୁ ଡେପୁଟେଶନରେ ଆସି କାର୍ଯ୍ୟ କରୁଛନ୍ତି। ତହସିଲଦାର କୌଣସି କାରଣରୁ ଛୁଟିରେ ରହିଲେ କିମ୍ବା ଜରୁରୀ କାମରେ ବ୍ୟସ୍ତ ରହିଲେ ଏଠାରେ ସବୁ କାମ ଠପ୍ ହୋଇଯାଏ। ଅନ୍ୟପଟେ ଏହି କାର୍ଯ୍ୟାଳୟ ବୋଲଗଡ଼ରେ ଥିଲେ ମଧ୍ୟ ଏହା ଆରମ୍ଭ ହେବା ଦିନରୁ ବେଗୁନିଆ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଅଧୀନରେ କାମ କରିଆସୁଛି। ଅଧିକାଂଶ ନିଷ୍ପତ୍ତି ବେଗୁନିଆ କାର୍ଯ୍ୟାଳୟରେ ନିଆଯାଇଥାଏ ବୋଲି ସାଧାରଣରେ ଅଭିଯୋଗ ହେଉଛି।

୧୯୯୫ରୁ କାର୍ଯ୍ୟକ୍ଷମ ଥିବା ଏହି କାର୍ଯ୍ୟାଳୟରେ ସ୍ଥାୟୀ ସବ୍ ରେଜିଷ୍ଟ୍ରାର କିମ୍ବା କର୍ମଚାରୀ ନାହାନ୍ତି। କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ଦିନରୁ ସ୍ଥାନୀୟ ତହସିଲଦାର ଏହାର ଅତିରିକ୍ତ ଦାୟିତ୍ୱ ନେଉଛନ୍ତି। ତେବେ ତହସିଲଦାର ପୂର୍ଣ୍ଣ ସମୟ ଦେଇ ନ ପାରିବାରୁ ଜମିବାଡ଼ି କିଣାବିକା ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ଅପେକ୍ଷା କରିବା ସହ ଶେଷରେ ନିରାଶ ହୋଇ ଫେରୁଛନ୍ତି। ଏଠାକୁ ଦୁଇଜଣ କିରାଣି ବେଗୁନିଆ କାର୍ଯ୍ୟାଳୟରୁ ଡେପୁଟେଶନରେ ଆସି କାର୍ଯ୍ୟ କରୁଥିବା ବେଳେ ଦରମା ମଧ୍ୟ ସେଠାରୁ ପାଉଛନ୍ତି। ସବ୍ ରେଜିଷ୍ଟ୍ରାର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ତହସିଲଦାର ନିବେଦିତା ପରିଡ଼ାଙ୍କ ବଦଳି ପରେ ଗତ ୯ ତାରିଖରେ ସେ ଏଠାରୁ ରିଲିଭ୍ ହୋଇଛନ୍ତି। ଏଠାରୁ ଯିବା ପରେ ପୁନର୍ବାର ତହସିଲଦାରଭାବେ ଡେପୁଟେଶନରେ ସେ ନିଯୁକ୍ତ ହୋଇଥିଲେ ମଧ୍ୟ ସବ୍-ରେଜିଷ୍ଟ୍ରାର ପଦବୀ ଖାଲିପଡ଼ିଛି। ଫଳରେ ଏହି କାର୍ଯ୍ୟାଳୟର ସମସ୍ତ ରେଜିଷ୍ଟ୍ରୀକରଣ କାର୍ଯ୍ୟ ଏକପ୍ରକାର ଠପ୍ ହୋଇପଡିଛି। ବୋଲଗଡ଼ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ପୂର୍ଣ୍ଣ କ୍ଷମତା ପ୍ରଦାନ, ସ୍ଥାୟୀ ସବ୍ ରେଜିଷ୍ଟ୍ରାର ନିଯୁକ୍ତି, ପରିଚାଳନାଗତ ଅବ୍ୟବସ୍ଥା ଦୂର କରିବା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ଲାଗି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟିଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ନବନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲ ପରିସରରେ ଚାଲିଥିବା ଜିଲାସ୍ତରୀୟ ନୂତନ ନିଯୁକ୍ତିପ୍ରାପ୍ତ ମାଧ୍ୟମିକ ଶିକ୍ଷକ, ଶିକ୍ଷୟିତ୍ରୀ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୨୦୧୯ରୁ ୨୦୨୪ ମସିହା ମଧ୍ୟରେ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ନିଯୁକ୍ତି ପାଇଥିବା ନୂତନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷାଦାନ ପ୍ରଣାଳୀ, ଶ୍ରେଣୀଗୃହ ପରିଚାଳନା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ନିୟମାବଳୀ କାର୍ଯ୍ୟକାରିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନେତୃତ୍ୱ ଗୁଣର ବିକାଶ ତଥା ସାମଗ୍ରିକ ଶୈକ୍ଷିକ ବାତାବରଣ ସୃଷ୍ଟି, କୌଶଳ ଉପରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଲିମ ଦିଆଯାଇଥିଲା। ନଭେମ୍ବର ୭ରୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ୬ଟି ପର୍ଯ୍ୟାୟରେ ଉପରୋକ୍ତ ବିଷୟ ଆଧାରିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଦକ୍ଷ ସମ୍ବଳ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବେହେରା, କାଦମ୍ବିନୀ ନାୟକ, ଜିନାଶ୍ରୀ ରାଉତରାୟ, ପ୍ରଜ୍ଞାଶ୍ରୀ ଦାସ ପ୍ରମୁଖ ତାଲିମ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ବିଜେବି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ସରୋଜ ସିଂ, ଶିକ୍ଷା ତତ୍ତ୍ୱ ସଂଯୋଜିକା ରାଜଶ୍ରୀ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ବହୁବିଧ ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ।

# ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ଜ୍ଞାନ ପରିସୀମା ବୃଦ୍ଧିକର



ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)

**ମହିଳା ମହାବିଦ୍ୟାଳୟର ୪୪ତମ ସାମ୍ବତ୍ସରିକ ଉତ୍ସବ**

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ୪୪ତମ ସାମ୍ବତ୍ସରିକ ଉତ୍ସବ ଶନିବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ମମତା ଦେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ସମ୍ମାନିତ ଅତିଥି ଏବଂ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ପଟ୍ଟନାୟକ କହିଥିଲେ, ବିଭିନ୍ନ କ୍ଷେତ୍ରରେ ମହିଳାମାନେ ବେଶ୍ ପାରଦର୍ଶିତା ଅର୍ଜନ କରିଛନ୍ତି। ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ଜ୍ଞାନର ପରିସୀମା ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। ପ୍ରତିଦିନ ସକାଳେ ନୂଆ ଆଶା ନେଇ ଆଗକୁ ବଢ଼ିବାକୁ କହିଥିଲେ। ଆତ୍ମବିଶ୍ୱାସ ଏବଂ ମନୋବଳ ଦୃଢ଼ ରହିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବ ବୋଲି କହିଥିଲେ। ବିଧାୟକ ଜଗଦ୍ଦେବ କହିଥିଲେ, ଶୃଙ୍ଖଳିତ ସମାଜ, ରାଷ୍ଟ୍ର ଗଠନରେ ଛାତ୍ରୀମାନଙ୍କ ପ୍ରମୁଖ ଭୂମିକା ରହିଛି। ଭଲ ପାଠ ପଢ଼ି ମହାବିଦ୍ୟାଳୟର ଗୌରବ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। ସଭାପତିତ୍ୱ ଭାଷଣରେ ପରିଚାଳନା କମିଟି ସଭାପତି ମମତା ଦେ ମହାବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ କହିଥିବା ବେଳେ ଅଧ୍ୟକ୍ଷା ଡ. ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ବାର୍ଷିକ ବିବରଣୀ ପାଠ ସହ ମହାବିଦ୍ୟାଳୟର ବହୁବିଧ ସମସ୍ୟାର ସମାଧାନ ପାଇଁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପିକା କବିତା ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପିକା ସୋହାନି ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି, ଗାଁ ଅନ୍ଧାର

ବୋଲଗଡ଼,୨୧।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତ ଚମ୍ପାଇଲୋ ଗ୍ରାମରୁ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଶୁକ୍ରବାର ରାତିରେ ଚୋରି ହୋଇଛି। ଫଳରେ ସ୍ଥାନୀୟ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର କୋହଲା ପାଗ ସହ ବର୍ଷା ହେବାରୁ ଲୋକେ ଘରୁ ବାହାରି ନ ଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଦାମୋଦର ମଧ୍ୟଇଂରାଜୀ ବିଦ୍ୟାଳୟ ନିକଟରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲି ସେଥିରେ ଥିବା ତମ୍ବାତାରକୁ ନେଇଯାଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବିଭାଗ କର୍ମଚାରୀ କହିଛନ୍ତି। ଫଳରେ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ଉକ୍ତ ଟ୍ରାନ୍ସଫର୍ମର ଗ୍ରାମର ଗରିବ ଶ୍ରେଣୀର ଲୋକ(ବିପିଏଲ୍)ଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ବିଦ୍ୟୁତ୍ ସଂଯୋଗ ଯୋଜନା ଅନ୍ତର୍ଗତ ଥିଲା। ଏନେଇ ଉପଭୋକ୍ତା କିମ୍ବା ବିଦ୍ୟୁତ୍ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ନୂତନ ଟ୍ରାନ୍ସଫର୍ମର ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ସୁନ୍ଦରପୁର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ



ଟାଙ୍ଗୀ,୨୧।୧୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡ଼ି ପଞ୍ଚାୟତର କାରଟିଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁନ୍ଦରପୁର କ୍ଲଷ୍ଟରସ୍ତରୀୟ ସପ୍ତମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତୋଫାନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଆର୍‌ସିସି ସତ୍ୟନାରାୟଣ ପ୍ରଧାନ, ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ସଙ୍ଗଠନର ବ୍ଲକ ସଂଯୋଜକ ସିଆଇଏମ୍ ଅଭୟ ଦାଶ, ରାଜ୍ୟ ସଂଯୋଜକ ହିମାଂଶୁ ପତି, ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର , ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟମ୍ବଦା ଜେନା, କାଟିଲାଗୋଠ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ବେହେରା, ରାଉଳସାହି ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନତୀ ଦେଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଭୌତିକ ପରିବେଶ, ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ, ସମସ୍ୟା ଓ ଏହାର ସମାଧାନ, ଟ୍ରାକର, ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଟାବ୍‌ଲେଟ୍‌ର ବ୍ୟବହାର ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ, ମାନିନୀ ସେନାପତି ଏଫ୍ଏଲ୍ଏନ୍ ଆଦର୍ଶ ଶିକ୍ଷାଦାନ ଦେଇଥିଲେ। କୁନ୍ତଳା ସାହୁ ଏଫ୍ଏଲ୍ଏନ୍ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁକ୍ତେଶ୍ୱର କ୍ଲଷ୍ଟର ଅନ୍ତର୍ଗତ ୧୨ଟି ସରକାରୀ ବିଦ୍ୟାଳୟରୁ ଆସିଥିବା ଏଫ୍ଏଲ୍ଏନ୍ ଶିକ୍ଷକଙ୍କ ସହ ପ୍ରଧାନ ଶିକ୍ଷକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସିଆଇଏମ୍ ଅଭୟ ଦାଶ ଏବଂ ହିମାଂଶୁ ପତି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ସିଆର୍‌ସିସି ସତ୍ୟ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରମେଶ ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପିକା ମଣ୍ଡଳ, ସ୍ମିତା ନାୟକ, ସଞ୍ଜୁକ୍ତା ବେହେରା, ମନୋରମା ସାହୁ, ସ୍ୱାଗତିକା ରାଜ, ମୋନାଲିସା ବେହେରା, ବିଜୟାନନ୍ଦ ସାହୁ, ଯାମିନୀ ବେହେରା, ଶ୍ରେୟା ଦେଇ, ଦେବେନ୍ଦ୍ର ଜେନା, ରାମଚନ୍ଦ୍ର ପ୍ରଧାନ, ଶୈଳଜା ସେଠୀ, ମମତା ନାୟକ, ବିଷ୍ଣୁପ୍ରିୟା ସେଠୀ, ଟିଙ୍କିନା ବାରିକ, ସନ୍ଧ୍ୟାରାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୩ରେ ଜିଲାସ୍ତରୀୟ ଯୁବ ଉତ୍ସବ

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଜିଲାସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତା ଆସନ୍ତା ୨୩ ତାରିଖରେ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏଥିରେ ୧୫ ବର୍ଷ ବୟସରୁ ୨୯ ବର୍ଷ ପର୍ଯ୍ୟନ୍ତ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୧୧ଟି ବିଭାଗ ପଦ୍ୟ ଲିଖନ (ହିନ୍ଦୀ/ଇଂଲିଶ), ଲୋକ ସଙ୍ଗୀତ(ଦଳଗତ), ଲୋକ ସଙ୍ଗୀତ (ଏକାକୀ), ଲୋକନୃତ୍ୟ (ଦଳଗତ), ଲୋକନୃତ୍ୟ(ଏକାକୀ), ଗଳ୍ପ ଲିଖନ(ହିନ୍ଦୀ ଏବଂ ଇଂଲିଶ), ଚିତ୍ରାଙ୍କନ, ବକ୍ତୃତା (ହିନ୍ଦୀ ଓ ଇଂଲିଶ) ଆଦି ଅନୁଷ୍ଠିତ ହେବ। ପ୍ରତି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଖୋର୍ଦ୍ଧା ଜିଲାରୁ ପ୍ରତିନିଧିତ୍ୱ କରିବେ। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଦଳଗତ ଯଥାକ୍ରମେ ୭ହଜାର, ୫ହଜାର ଏବଂ ୩ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବ। ଅନ୍ୟ ୯ଟି ଏକକ ପ୍ରତିଯୋଗିତା ପାଇଁ ୨୫୦୦, ୧୫୦୦ ଏବଂ ୧୦୦୦ ଟଙ୍କା ପୁରସ୍କାର ଦିଆଯିବ। ଏହି ଉତ୍ସବ ଆୟୋଜନ ନେଇ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରିବାଳା ଜେନା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅତିରିକ୍ତ ଜିଲାପାଳ ଯୁବବର୍ଗ ମଧ୍ୟରେ ଥିବା ପ୍ରତିଭାର ବିକାଶ ଲାଗି ଏହା ଏକ ଉପଯୁକ୍ତ ମାଧ୍ୟମ ହୋଇଥିବାରୁ ଜିଲାର ଅଧିକରୁ ଅଧିକ ଯୁବବର୍ଗଙ୍କୁ ସାମିଲ ଲାଗି ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି କବିରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗବତ ପାଠ ଜୀବନକୁ ଶୃଙ୍ଖଳିତ କରେ

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)

ଗୀତା ଗବେଷଣା ପରିଷଦ ଆନୁକୂଲ୍ୟରେ ନବଦିନ ବ୍ୟାପୀ ଚାଲିଥିବା ଗୀତା ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପରିଷଦ ସଭାପତି ମହନ୍ତ ଅନନ୍ତରାମ ଦେବାଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଗୀତାର ମାହାତ୍ମ୍ୟ ଏବଂ ଦୈନନ୍ଦିନ ଜୀବନରେ ଗୀତାପାଠ ଗଭୀର ରେଖାପାତ କରିଥାଏ। ପରିବାରରେ ଆଧ୍ୟାତ୍ମିକ ବାତାବରଣ ରହିଥାଏ। ପରିଷଦ ସମ୍ପାଦକ ଶକ୍ତିଶଙ୍କର ମିଶ୍ର ପରିଷଦର ବିବରଣୀ ପାଠ ସହ ପରିବର୍ଦ୍ଧିତ କାର୍ଯ୍ୟକ୍ରମ ପାଇଁ ଖୋର୍ଦ୍ଧାବାସୀଙ୍କ ସହଯୋଗ କାମନା କରିଥିଲେ। ତ୍ରିଦଣ୍ଡୀ ସ୍ୱାମୀ ସଚ୍ଚିଦାନନ୍ଦ ମହାରାଜ ଭାଗବତ ଗୀତାର ସାରତତ୍ତ୍ୱ ବର୍ଣ୍ଣନା କରିଥିଲେ। ଘରେ ଘରେ ଗୀତାପାଠ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ଗୀତା ଆବୃତ୍ତି ପ୍ରତିଯୋଗିତାରେ ବାଜପୁର ସରକାରୀ ହାଇସ୍କୁଲର ସେବାନନ୍ଦ ପୃଷ୍ଟି ୧ମ ଓ ଶୁଭାଶିଷ ଦାସ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଗୁରୁଜଙ୍ଗର ବାସନ୍ତୀ ପୃଷ୍ଟି ୨ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପରିଷଦ ଉପସଭାପତି ବିମଳ ପ୍ରସାଦ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ନିର୍ମଳ ଚନ୍ଦ୍ର ଦାଶ, ଦୟାନିଧି ରାଉତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଚୈତନ୍ୟ ବିହାରରେ ଆଲୋଚନାଚକ୍ର

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାରରେ ଜଗଦ୍‌ଗୁରୁ ଶ୍ରୀଲ ସରସ୍ୱତୀ ପ୍ରଭୁପାଦଙ୍କ ୧୩୮ ବର୍ଷ ପୂର୍ତ୍ତି ତିରୋଭାବ ତିଥି ଉପଲକ୍ଷେ ତାଙ୍କର ଜୀବନୀ ଓ ବାଣୀ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅତିଥି ଏବଂ ବକ୍ତାମାନେ ତାଙ୍କ ଭକ୍ତି, ସେବା, ସମର୍ପଣଭାବ ସ୍ମୃତିଚାରଣ କରିଥିଲେ। ଓଡ଼ିଶାର ପ୍ରଭୁପାଦ ସାରାବିଶ୍ୱରେ ଶ୍ରୀଚୈତନ୍ୟ ବାଣୀ ପ୍ରଚାର କରିଥିଲେ। ଅପରାହ୍ନରେ ଓଡ଼ିଶାର ବୈଷ୍ଣବ କବି ଗୌର ଚରଣ ଅଧିକାରୀଙ୍କ ଲିଖିତ ପୁସ୍ତିକା 'ଲକ୍ଷ୍ମୀନାରାୟଣ କଳି'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ପରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ମହିମା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନନ୍ତ ହରି ବାବା, ବ୍ରଜ ବାବା, ବୋଧାୟନ ମହାରାଜ, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜାନକୀ ବଲ୍ଲଭ ପଟ୍ଟନାୟକ, ଡା. ଆଶୁତୋଷ ପ୍ରସାଦ ମିଶ୍ର, ଅଧ୍ୟାପକ ହେମନ୍ତ କୁମାର ଦାଶ, ଶିକ୍ଷାବିତ୍ ଯୁଧିଷ୍ଠିର ଛୁଆଳସିଂ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ଯୋଗେଶ୍ୱର ସିଂହ, ଶିଶିର ରାଉତ, ଅଶୋକ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଜୟନାରାୟଣ ପଟ୍ଟନାୟକ ମହୋତ୍ସବ ପରିଚାଳନା କରିଥିଲେ।



# ରାମଦୋଳି, ମିନାବଜାରରେ ଆଣ୍ଠୁଏ ପାଣି

**ଦୋକାନୀଙ୍କୁ ଧମକ ନେଇ ଭିଡିଓ ଭାଇରାଲ**

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)



ଲଘୁଚାପ ପ୍ରଭାବରେ ଖୋର୍ଦ୍ଧାରେ ଦୁଇଦିନ ହେବ ବର୍ଷା ଲାଗି ରହିଛି। କାଁ ଭାଁ ଲୋକଙ୍କୁ ଛାଡ଼ିଦେଲେ ବଜାର ପ୍ରାୟ ଶୂନଶାନ ରହିଛି। ବର୍ଷା ଯୋଗୁ ହାବେଳି ପଡ଼ିଆରେ ଅନୁଷ୍ଠିତ ଖୋର୍ଦ୍ଧା ମହୋତ୍ସବ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି ବୋଲି ଆୟୋଜକ କମିଟି କାର୍ଯ୍ୟକାରୀ ସଭାପତି ସଞ୍ଜୟ ପଟ୍ଟନାୟକ କହିଛନ୍ତି। ବର୍ଷା ପ୍ରଭାବରେ ହାବେଳି ପଡ଼ିଆ ଏବଂ ନିକଟ ପୋଖରୀକୁ ପୋତାଯାଇ ପଡିଥିବା ରାମଦୋଳି, ମୌତା କା କୁଆଁ, ମୀନାବଜାର ଆଦି ଅଞ୍ଚଳରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହିଛି। ଦୋକାନରେ ପାଣି ପଶି ସାମଗ୍ରୀ ନଷ୍ଟ ହୋଇଯାଇଥିବା ବେଳେ ଦୁଇଦିନ ହେବ ବାହାରୁ ଆସିଥିବା ବେପାରୀମାନେ ଉପବାସରେ ରହିଥିବା ଜଣାପଡ଼ିଛି। ଶୁକ୍ରବାର ରାତିରୁ ମୋଟର ପମ୍ପରେ ପାଣି ନିଷ୍କାସନ କରାଯାଉଛି। ତେବେ ସର୍ଟ ସର୍କିଟ ସମ୍ଭାବନାକୁ ଏଡ଼ାଇବା ପାଇଁ ବିଦ୍ୟୁତ୍ କାଟ କରାଯାଇଥିବାରୁ ବେପାରୀମାନେ ହଇରାଣ ହେଉଛନ୍ତି। ବର୍ଷା ପାଗକୁ ଦେଖି ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ପଟ୍ଟନାୟକ କହିଛନ୍ତି। ଅନ୍ୟପଟେ ବର୍ଷା ଲାଗି ରହିଥିବାରୁ କେତେଜଣ ବେପାରୀ ପଳାଇଯିବାକୁ ବାହାରିଥିବା ବେଳେ କେତେଜଣ ଯୁବକ ନିଜକୁ ମହୋତ୍ସବ କମିଟିର ସ୍ୱେଚ୍ଛାସେବୀ ବୋଲି ପରିଚୟ ଦେଇ ଚୁକ୍ତି ଅନୁସାରେ ଟଙ୍କା ନ ଦେଇ ଏଠାରୁ ଯାଇପାରିବ ନାହିଁ ବୋଲି ସମ୍ପୃକ୍ତ ବେପାରୀଙ୍କୁ ଧମକ ଦେଉଥିବା ନେଇ ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଛି।

ପ୍ରକାଶ ଯେ, ହାବେଳି ପଡ଼ିଆ ନିକଟ ପୋଖରୀକୁ ପୋତି ଏହା ଉପରେ ଦୋଳି ପକାଯାଇଥିବାକୁ ବିଭିନ୍ନ ମହଲରେ ଅସନ୍ତୋଷ ପରେ ପ୍ରଶାସନ ପକ୍ଷରୁ ଆୟୋଜକ କମିଟି ଉପରେ ୫୦ହଜାର ଟଙ୍କା ଜରିମାନା କରାଯାଇଛି। କେବଳ ହାବେଳି ପଡିଆରେ ମହୋତ୍ସବ ଆୟୋଜନ ପାଇଁ ଆୟୋଜକ କମିଟିକୁ ଅନୁମତି ଦିଆଯାଇଥିବା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଥିବା ବେଳେ ତହସିଲଦାରଙ୍କ ବିନା ଅନୁମତିରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ହାବେଳି ପଡିଆ ନିକଟ ପ୍ଲଟ ୨୬୮୬ ପୋଖରୀ ଉପରେ ପାର୍କିଂ ଏବଂ ରାମଦୋଳି, ମୀନାବଜାର ପକାଇବାକୁ ରସିଦ କାଟିଥିବା ଜଣାପଡିଛି। ଅନ୍ୟପଟେ ଏ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି ତହସିଲଦାର କହିଛନ୍ତି।

# ଜିଏସ୍‌ଟି ପରିଷଦର ୫୫ତମ ବୈଠକ

ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)




ଜିଏସ୍‌ଟି ପରିଷଦର ୫୫ ତମ ବୈଠକ ରାଜସ୍ଥାନର ଜୈସାଲମେରରେ ଶେଷ ହୋଇଛି। ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କେଉଁ ଜିନିଷ ଉପରେ ଜିଏସ୍‌ଟି କେତେ ବୃଦ୍ଧି ପାଇଛି ଏବଂ ହ୍ରାସ ପାଇଛି ତାହା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସେନେଇ ସୂଚନା ଦେଇଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି ପରିଷଦ ଫର୍ଟିଫାଏଡ୍ ଚାଉଳ କର୍ନଲ ଉପରେ ଜିଏସ୍‌ଟି ହାରକୁ ୫% କୁ ହ୍ରାସ କରାଯାଇଛି। ଅନ୍ୟପଟେ ଫୁଡ୍ ଡେଲିଭରି ଆପ୍ ଉପରେ ଜିଏସ୍‌ଟି ହାର ନିଷ୍ପତ୍ତି ସ୍ଥଗିତ ରଖାଯାଇଛି। ସେ କହିଛନ୍ତି , ଫୁଡ୍ ଡେଲିଭରି ଶୁଳ୍କ ଏବଂ ଖାଦ୍ୟ ଉପରେ ଜିଏସ୍‌ଟି ପୃଥକ୍ ଭାବରେ ଲାଗୁ କରାଯିବା ଉଚିତ କି ନୁହେଁ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଏହା ବ୍ୟତୀତ ଅର୍ଥମନ୍ତ୍ରୀ ସୀତାରାମନ୍ କହିଛନ୍ତି, କ୍ଷୁଦ୍ର କମ୍ପାନୀ ନୂତନ ପଞ୍ଜୀକରଣ ବ୍ୟବସ୍ଥା ପାଇଁ ଜିଏସ୍‌ଟିରେ ସଂଶୋଧନ ଆଣିବା ପାଇଁ ଜିଏସ୍‌ଟି ପରିଷଦ କନ୍‌ସେପ୍ଟ ନୋଟ୍‌କୁ ନୀତିଗତ ଅନୁମୋଦନ ଦେଇଛି। ଏହାଦ୍ୱାରା ଛୋଟ କମ୍ପାନୀଗୁଡ଼ିକ କମ୍ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ପାଇବା ସହଜ ହେବ। ସେହିପରି ପପ୍‌କର୍ନ ବିଷୟରେ ଅର୍ଥମନ୍ତ୍ରୀ କହିଛନ୍ତି, ସଲ୍ଟି କାରାମେଲାଇଜଡ, ସାଦା ପପ୍‌କର୍ନକୁ କେତେକ ରାଜ୍ୟରେ ନମ୍‌କିନ୍ ଭାବରେ ବିକ୍ରି କରାଯାଉଛି। କାରାମେଲାଇଜଡ ପପ୍‌କର୍ନରେ ଚିନି ମିଶାଯାଇଛି। ତେଣୁ ନମ୍‌କିନ୍‌ଠାରୁ ଭିନ୍ନ ହାରରେ ଟିକସ ଦିଆଯାଉଛି। ଅତିରିକ୍ତ ଚିନି ବ୍ୟବହାର ସହ ବିକ୍ରି ହେଉଥିବା ଯେକୌଣସି ଖାଦ୍ୟ ପଦାର୍ଥ ଏକ ଭିନ୍ନ ଟିକସ ହାର ଅନ୍ତର୍ଭୁକ୍ତ ହେବ। କାରାମେଲାଇଜଡ ପପ୍‌କର୍ନରେ ଅତିରିକ୍ତ ଚିନି ରହୁଥିବାରୁ ଏହାକୁ ମଧ ଭିନ୍ନ ଟିକସ ହାର ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପଟେ ନୂତନ ଇଭି ଗାଡ଼ିରେ ୫% ଜିଏସ୍‌ଟି ରହିଛି। ତେବେ କୌଣସି ବ୍ୟକ୍ତିଗତ ପୁରୁଣା ଇଭି କାର୍ ବିକ୍ରି କ୍ଷେତ୍ରରେ ଜିଏସ୍‌ଟି ଲାଗୁ ହେବନାହିଁ। ମାତ୍ର ଯଦି କୌଣସ କମ୍ପାନୀ ପୁରୁଣା ଇଭି, ପେଟ୍ରୋଲ, ଡିଜେଲ ଯାନ ବିକ୍ରୟକରେ, ତେବେ ପରିଷଦ ମାର୍ଜନରେ ଜିଏସଟି ହାରକୁ ୧୮% କୁ ବୃଦ୍ଧି କରିଛି। ତେବେ ଏହି ବୈଠକରେ ଫ୍ଲୋର ସ୍ପେସ୍ ଇଣ୍ଡେକ୍ସ ଉପରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

ସୂଚନା ଥାଉକି, ଜିଏସ୍‌ଟି ପରିଷଦର ଏହି ୫୫ତମ ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଜମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ, ଗୋଆ, ହରିୟାଣା, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ତେଲଙ୍ଗାନାର ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ଅନେକ ରାଜ୍ୟର ଅର୍ଥମନ୍ତ୍ରୀ, ରାଜସ୍ୱ ସଚିବ ଏବଂ ସିବିଆଇସିର ଚେୟାରମ୍ୟାନ ମଧ ଏହି ବୈଠକରେ ଉପସ୍ଥିତ ଥିଲେ। ଏଥିସହ ଅର୍ଥ ମନ୍ତ୍ରଣାଳୟର ବହୁ ବରିଷ୍ଠ ଅଧିକାରୀ ମଧ ଏହି ବୈଠକରେ ଯୋଗଦେଇଥିଲେ।

# ଜିଓ ସହ ଏୟାରଟେଲର ବୁଝାମଣା

ନୂଆଦିଲ୍ଲୀ,୨୧।୧୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଓଟିଟି ପ୍ଲାଟ୍‌ଫର୍ମ ଜିଓ ସହ ଭାରତୀ ଏୟାରଟେଲ (ଏୟାରଟେଲ)ର ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏହି ବୁଝାମଣା ଜରିଆରେ ଜି ୫ ଏୟାରଟେଲର ୱାଇଫାଇ ଗ୍ରାହକଙ୍କୁ ଆକର୍ଷଣୀୟ ଡିଜିଟାଲ ବିଷୟବସ୍ତୁ ପ୍ରଦାନ କରିବ। ସେହିଭଳି ୬୯୯ଟଙ୍କା କିମ୍ୱା ତା'ଠାରୁ ଅଧିକ ମୂଲ୍ୟର ପ୍ଲାନ୍ ଉପରେ ରହିଥିବା ସମସ୍ତ ଗ୍ରାହକ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ଉପରୋକ୍ତ ସୁବିଧା ଲାଭ କରିପାରିବେ। ଏପରିକି ଏୟାରଟେଲ ୱାଇଫାଇ ପ୍ଲାନ୍‌ର ଅଂଶ ବିଶେଷ ଭାବେ ଜିଓକୁ ସେମାନଙ୍କର ମନୋରଞ୍ଜନରେ ସାମିଲ କରିବେ। ଏ ସମ୍ପର୍କରେ ଭାରତୀ ଏୟାରଟେଲର ସିଏମ୍‌ଓ ତଥା ଇଭିପି ଗ୍ରାହକ ଅନୁଭବ ଅମିତ ତ୍ରିପାଠୀ କହିଛନ୍ତି, ଜିଓ ସହ ବୁଝାମଣା (ଭାଗୀଦାରି) କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏୟାରଟେଲର ଡିଏନ୍‌ଏ ମୂଳରେ ଭାଗୀଦାରି ରହିଛି। ଏକ ବିଶ୍ୱସ୍ତରୀୟ ଡିଜିଟାଲ ବିଷୟବସ୍ତୁ ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଆମର ପ୍ରୟାସ ଜାରି ରହିଛି, ଜିଓର ସମୃଦ୍ଧ ଲାଇବେରି ଆମ ବିଷୟବସ୍ତୁ ପୋର୍ଟଫୋଲିଓରେ ବହୁତ ଗଭୀରତା ଯୋଗକରିଥାଏ।


## ପୂର୍ବ ତଟ ରେଳପଥ

ସଂ.SDCM/KUR/E-Auction/NFR/ Press Clippings/Dec/2024-25/6763, ତା.17.12.2024ରିଖ

କ୍ରମ ସଂ.1: ସମ୍ପତ୍ତିର ବିବରଣୀ: ଟ୍ରେନ୍ ନଂ.20841/42 ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ଭିନାଇଲ ଷ୍ଟିକର ରାପିଙ୍ଗ୍ (Vinyl sticker wrapping) ଜରିଆରେ ବିଜ୍ଞାପନ। ବିଜ୍ଞାପନ କେବଳ ଟ୍ରେନ୍ ଭିତର ଭାଗରେ ପ୍ରଦାନ କରାଯିବ। ବିଜ୍ଞାପନ ନିମନ୍ତେ ମୋଟ୍ ପ୍ରଦାନଯୋଗ୍ୟ ଏରିଆ ହେଉଛି 1693 ବର୍ଗ ଫୁଟ।

କ୍ରମ ସଂ.2: ସମ୍ପତ୍ତିର ବିବରଣୀ: ପୁରୀ ରେଳ ଷ୍ଟେସନଠାରେ 02 ଗୋଟି ମଲ୍ଟି ବ୍ରାଣ୍ଡେଡ୍ ରେଳ କୋଚ୍ ରେଷ୍ଟୁରାଣ୍ଟର ସ୍ଥାପନ।

ନିଲାମ ତାରିଖ/ସମୟ: ତା.03.01.2025ରିଖ 1100-1130 ଘଟିକା (କ୍ରମ ସଂ.1 ପାଇଁ) ଏବଂ ତା.03.01.2025ରିଖ 1100-1140 ଘଟିକା( କ୍ରମ ସଂ.2 ପାଇଁ) ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-821/P/24-25


# ଲାଲ୍‌ଚାନ୍ଦ୍‌ର ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୧।୧୨ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷର ବଡ଼ଦିନ ଏବଂ ଆଗାମୀ ନବବର୍ଷକୁ ସ୍ମରଣୀୟ କରିବା ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଆକର୍ଷଣୀୟ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ସମସ୍ତ ଏଚ୍‌ୟୁଆଇଡି ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଗ୍ରାମ୍ ପ୍ରତି ଫ୍ଲାଟ୍ ୮୯୯ ଟଙ୍କା ରହିଥିବାବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିହାତି ରହିଛି। ଏହା ସହ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ରିହାତି ଏବଂ ସିଲ୍‌ଭର ଆଇଟମ୍ ଏମ୍‌ଆର୍‌ପି ଉପରେ ଫ୍ଲାଟ୍ ୧୫% ରିହାତି ରହିଛି। ଏହା ସହ ଲାଲ୍‌ଚନ୍ଦ୍‌ର ବହୁ ପ୍ରତୀକ୍ଷିତ 'କୌନ୍ ବନେଗା ଲଖ୍‌ପତି'ମେଗା ଲକିଡ୍ରର ମଧ ଆୟୋଜନ କରାଯାଇଛି। ଏଥିରେ ପ୍ରତିମାସରେ ଲାଲ୍‌ଚାନ୍ଦ୍‌ର ଯେକୌଣସି ଷ୍ଟୋର୍‌ରୁ ଜଣେ ବିଜେତା ଲକ୍ଷପତି ହେବେ। ଜଣେ ବିଜେତା ମେଗା ଲକିଡ୍ରରେ ମୋଷ୍ଟ ଲକ୍‌ଜୁରିଅସ୍ 'ଏମ୍‌ଜିୱିଣ୍ଡସର' କାର୍ ଜିତିବେ। ଗ୍ରାହକମାନେ ପ୍ରତି ୨୫ ହଜାର ଟଙ୍କା ମୂଲ୍ୟର କ୍ରୟ ଉପରେ ଗୋଟିଏ ଲକ୍ଷପତି କୁପନ ଏବଂ ୧ ଲକ୍ଷ ଟଙ୍କା ମୂଲ୍ୟର କ୍ରୟ ଉପରେ ଗୋଟିଏ ମେଗା ଲକି ଡ୍ର କୁପନ ହାସଲ କରିପାରିବେ। ବଡ଼ଦିନ ଏବଂ ନୂଆବର୍ଷ ଉପଲକ୍ଷେ ଲକ୍‌ଜୁରି ହାତଘଣ୍ଟା ଉପରେ ଲାଲ୍‌ଚାନ୍ଦ୍ ଏକ ନୂଆ ଅଫର ଆଣିଛି। ଗୋଟିଏ ଘଣ୍ଟା କିଣିଲେ ଗ୍ରାହକ ଆଉ ଗୋଟିଏ ଘଣ୍ଟା ସମ୍ପୂର୍ଣ୍ଣ ମାଗଣା ପାଇପାରିବେ। ହାତଘଣ୍ଟା ଉପରେ ଥିବା ଏହି ସ୍ୱତନ୍ତ୍ର ଅଫର କେବଳ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଷ୍ଟୋର୍‌ରେ ଉପଲବ୍ଧ। ଗ୍ରାହକମାନଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ ସେମାନଙ୍କ ବିଶ୍ୱାସକୁ ବଜାୟ ରଖିବା ଉପରେ ଲାଲ୍‌ଚନ୍ଦ୍ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛି। ଗ୍ରାହକମାନଙ୍କ ସହ ସମ୍ପର୍କ ସୁଦୃଢ଼ କରିବା ପାଇଁ ବଡ଼ଦିନ ଓ ନୂଆବର୍ଷ ଆମକୁ ଏକ ସୁଯୋଗ ଦେଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଗ୍ରାହକମାନେ ଅଧିକ ସେଲିବ୍ରେଟ୍ କରିବେ। ସବୁଥର ଭଳିଏଥର ମଧ ଆମେ ଗ୍ରାହକମାନଙ୍କ ହୃଦୟ ଜିତିପାରିବୁ ବୋଲି ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ସିଓଓ ସଞ୍ଜୟ ହଂସ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

# ଟାଟା ଷ୍ଟିଲ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୨୧।୧୨

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍) ପକ୍ଷରୁ ଆୟୋଜିତ ଜାତୀୟ ସୁରକ୍ଷା ସମ୍ମିଳନୀ-୨୦୨୪ ଅବସରରେ ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ପ୍ଲାଣ୍ଟ (ଏଫ୍‌ଏପି)ର ଲୁହାପଥର, ମାଙ୍ଗାନିଜ୍ ଓ କ୍ରୋମାଇଟ୍ ଖଣିକୁ ପ୍ଲାଟିନମ୍ ଓ ଗୋଲ୍ଡ ବର୍ଗରେ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନୀର ଉପରୋକ୍ତ କାରଖାନା ଏବଂ ଖଣିଗୁଡ଼ିକ ୨୦୨୩ ବର୍ଷର ପ୍ରଦର୍ଶନ ପାଇଁ ପୁରସ୍କାର ପାଇଛନ୍ତି। ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏମ୍‌ଡି) ଅଧୀନରେ କାର୍ଯ୍ୟ କରୁଥିବା ଏଫ୍‌ଏପି ଆଠଗଡ଼ ଓ ଏଫ୍‌ଏପି ଯାଜପୁର ପ୍ଲାଟିନମ୍ ବର୍ଗରେ ପୁରସ୍କୃତ ହୋଇଥିବାବେଳେ ଏଫ୍‌ଏପି ବ୍ରାହ୍ମଣୀପାଲ ଓ ଏଫ୍‌ଏପି ଯାଜପୁର ଗୋଲ୍ଡ ବର୍ଗରେ ପୁରସ୍କୃତ ହୋଇଛନ୍ତି।। ସେହିପରି ପ୍ଲାଟିନମ୍ ବର୍ଗରେ ଯୋଡ଼ା ୱେଷ୍ଟ ଆଇରନ୍ ଓ ମାଙ୍ଗାନିଜ୍ ଖଣି ଏବଂ ଗୋଲ୍ଡ ବର୍ଗରେ ସାରୁଆବିଲ କ୍ରୋମାଇଟ୍ ଖଣି ପୁରସ୍କାର ପାଇଛି। କାରଖାନା ଓ ଖଣିଗୁଡ଼ିକ ସୁରକ୍ଷା ଓ ପରିଚାଳନାରେ ଉଚ୍ଚତର ମାନ ବଜାୟ ରଖିଥିବାରୁ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଲେସୋଥୋର ହାଇ କମିଶନର ଲେବୋହାଙ୍ଗ ଭାଲେଣ୍ଟାଇନ୍ ମୋକାବାଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହି ପୁରସ୍କାର ପ୍ରଦାନ କରିଥିଲେ। ସୁରକ୍ଷା ମୁଖ୍ୟ (ଖଣି) ଠାକୁର ଅଜୟ କୁମାର ବିଶ୍ୱମ୍ଭରନାଥ, ସୁରକ୍ଷା ମୁଖ୍ୟ (ଏଫ୍‌ଏପି ଓ ଷ୍ଟେନ୍‌ଲେସ୍‌ଷ୍ଟିଲ୍ ପ୍ଲାଣ୍ଟ) କିଶୋର ବରଣ ମାଇତି, ଏଫ୍‌ଏପି ଆଠଗଡ଼ ମୁଖ୍ୟ ସର୍ବେଶ୍ୱର ନାୟକ, ଏରିଆ ମ୍ୟାନେଜର ସୁରକ୍ଷା (ଯାଜପୁର ଓ ବିଷ୍ଣୁପୁର) ଜଗଦୀଶ ପାଢ଼ୀ, ଯୋଡ଼ାୱେଷ୍ଟ ଆଇରନ ଆଣ୍ଡ ମାଙ୍ଗାନିଜ ମାଇନର ଏରିଆ ମ୍ୟାନେଜର (ଖଣି) ସପ୍ତର୍ଷିଦତ୍ତ, ଖଣ୍ଡବନ୍ଧର ସୁରକ୍ଷା ବିଭାଗ ସିନିୟର ମ୍ୟାନେଜର ଅଙ୍କିତ ଶର୍ମା, ଏଫ୍‌ଏମ୍‌ଡିର ସାରୁଅବିଲ କ୍ରୋମାଇଟ୍ ଖଣିର ସିନିୟର ଏରିଆ ମ୍ୟାନେଜର (ଖନନ) ନିରଞ୍ଜନ କୁମାର ପ୍ରମୁଖ କମ୍ପାନୀ ପକ୍ଷରୁ ପୁରସ୍କାର ଗ୍ରହଣ ଥିଲେ। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ଭାରପ୍ରାପ୍ତ ଅଧିକାରୀ (ଏଫ୍‌ଏମ୍‌ଡି) ପଙ୍କଜ ସତିଜା କହିଛନ୍ତି, ଠିକା କର୍ମଚାରୀଙ୍କ ସମେତ ଆମ କାର୍ଯ୍ୟସ୍ଥଳୀ ପରିସରରେ ସମସ୍ତଙ୍କ ପାଇଁ ସୁରକ୍ଷା ବଜାୟ ରଖିବାରେ ଆମେ ସର୍ବଦା ବିଶ୍ୱାସ କରୁଛୁ। ଏହି ପୁରସ୍କାର ଆମ ସମସ୍ତଙ୍କୁ ଅଧିକ ଦାୟିତ୍ୱ ପ୍ରଦାନ କରିଛି, ଯାହାଫଳରେ ଆମେ ଲୋକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଦିଗରେ ଅଧିକ ଯୋଗଦାନ କରିପାରିବୁ।


## ୟୁକୋ ବ୍ୟାଙ୍କ UCO BANK

(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର — Honours Your Trust

ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର, ଓଟି ରୋଡ୍, ପୋଲିସ୍ ଲାଇନ୍ ଛକ ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

### ତାଲିକାଭୁକ୍ତିକରଣ ବିଜ୍ଞପ୍ତି

ୟୁକୋ ବ୍ୟାଙ୍କ, ଏହାର ଆଞ୍ଚଳିକ କାର୍ଯ୍ୟାଳୟ, ବାଲେଶ୍ୱର, ସା: ଓ.ଟି. ରୋଡ୍, ପୋଲିସ୍ ଲାଇନ୍, ଛକ, ବାଲେଶ୍ୱର-୭୫୬୦୦୧, ଅଧିନରେ ଓଡିଶାର ୭ଟି ଜିଲ୍ଲା (ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ) ନିମନ୍ତେ ରିକଭରୀ ଏଜେଣ୍ଟ/ ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ/ ଡିଟେକ୍ଟିଭ୍ ଏଜେଣ୍ଟ ମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଉତ୍ତମ ଟ୍ରାକ ରେକର୍ଡ ଥିବା ଯୋଗ୍ୟ ସଂସ୍ଥା (ପକ୍ଷ) ମାନଙ୍କଠାରୁ ଆଗ୍ରହର ପରିପ୍ରକାଶ ଆହ୍ୱାନ କରାଯାଉଛି। ସମ୍ପୂର୍ଣ୍ଣଭାବେ ପୁରଣ ହୋଇଥିବା ଦରଖାସ୍ତ ଫର୍ମ ସହିତ ଆବଶ୍ୟକୀୟ କାଗଜପତ୍ର ତା. ୩୧.୧୨.୨୦୨୪ରିଖ ସୁଦ୍ଧା ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ କୁ ପଠାଇ ପାରିବେ। ଦରଖାସ୍ତ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ଆଗ୍ରହୀ ପକ୍ଷମାନେ zobalasore.rec@ucobank.co.in କୁ ମେଲ କରିପାରିବେ।

ତାରିଖ: ୨୧.୧୨.୨୦୨୪ — ଆଞ୍ଚଳିକ ପ୍ରବନ୍ଧକ, ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର



kotak — Kotak Mahindra Bank — कोटक महिंद्रा बैंक

## ନୋଟିସ୍

କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡିଶା-751001 ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ପ୍ରଥମ ଧାରକ ନଳିନୀ ପ୍ରଭା ମିଶ୍ର ଏବଂ ଅରୁଣ ପ୍ରସାଦ ମିଶ୍ର, ଠିକଣା- 48 ଅଶୋକନଗର, ଜନପଥ, ୟୁନିଟ୍-II, ଭୁବନେଶ୍ୱର-751009, ଓଡିଶା, ଭାରତଙ୍କ ଦ୍ୱାରା ଭଡାରେ ନିଆଯାଇଥିବା ଲକର୍ ବିଗତ 5ଟି ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24 ଧରି ବ୍ଲକ୍ ହୋଇ ରହିଛି । ଲକର୍ ଭଡା ପଇଠ କରିବାର ନିର୍ଦ୍ଦେଶ ସହିତ ନଳିନୀ ପ୍ରଭା ମିଶ୍ର ଏବଂ ଅରୁଣ ପ୍ରସାଦ ମିଶ୍ରଙ୍କୁ ପଠାଯାଇଥିବା ସମସ୍ତ 3ଟି ଚିଠି ସେମାନଙ୍କ ଦ୍ୱାରା ପ୍ରାପ୍ତ ନ ହୋଇ ଫେରିଆସିଛି ଏବଂ ସେମାନଙ୍କ ସହିତ ଯୋଗାଯୋଗ କରାଯାଇପାରୁ ନାହିଁ । ଏତଦ୍ୱାରା ସୂଚିତ କରିଦିଆଯାଉଅଛି କି, ଏହି ନୋଟିସ୍ ସତ୍ତ୍ୱେ ଯଦି ସମସ୍ତ ଆର୍ଥିକବର୍ଷ 2020-21, 2021-22, 2022-23, 2023-24 ଏବଂ 2024-25 ପାଇଁ ଉକ୍ତ ଲକର୍‌ର ଭଡାକୁ ଏହି ନୋଟିସ୍ ତାରିଖରୁ 3 ମାସ ମଧରେ ନଳିନୀ ପ୍ରଭା ମିଶ୍ର, ଏବଂ ଅରୁଣ ପ୍ରସାଦ ମିଶ୍ରଙ୍କ ଦ୍ୱାରା ପଇଠ କରା ନ ଯାଏ, ତେବେ ଉକ୍ତ ଲକର୍‌କୁ 25 ଫେବୃଆରୀ, 2025 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଭାଙ୍ଗି ଖୋଲିଦିଆଯିବ ।

କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠାରେ ଅବସ୍ଥିତ ଭୁବନେଶ୍ୱର ଶାଖାରେ ପ୍ରଥମ ଧାରକ ହରି କିଶନ କେଡ଼ିଆ ଏବଂ ଉର୍ମିଳା କେଡ଼ିଆ, ଠିକଣା- ଡ଼ାଉନଟାଉନ୍ 1, ୟୁନିୱାର୍ଲଡ଼ ସିଟି ଆକ୍ସନ୍ 3, ଫ୍ଲାଟ୍ ନଂ 1901, ଟାଟା ମେମୋରିଆଲ୍ ହସ୍ପିଟାଲ ପାଖ, କୋଲକାତା-700156, ପଶ୍ଚିମବଙ୍ଗ, ଭାରତଙ୍କ ଦ୍ୱାରା ଭଡ଼ାରେ ନିଆଯାଇଥିବା ଲକର୍‌କୁ ବିଗତ 5ଟି ଆର୍ଥିକବର୍ଷ 2020-21, 2021-22, 2022-23, 2023-24 ଏବଂ 2024-25 ଧରି ବ୍ଲକ୍ ହୋଇ ରହିଛି । ଲକର୍ ଭଡ଼ା ପଇଠ କରିବାର ନିର୍ଦ୍ଦେଶ ସହିତ ହରି କିଶନ କେଡ଼ିଆ ଏବଂ ଉର୍ମିଳା କେଡ଼ିଆଙ୍କୁ ପଠାଯାଇଥିବା ସମସ୍ତ 3ଟି ଚିଠି ସେମାନଙ୍କ ଦ୍ୱାରା ପ୍ରାପ୍ତ ନ ହୋଇ ଫେରିଆସିଛି ଏବଂ ସେମାନଙ୍କ ସହିତ ଯୋଗାଯୋଗ କରାଯାଇପାରୁନାହିଁ । ଏତଦ୍ୱାରା ସୂଚିତ କରିଦିଆଯାଉଅଛି କି,ଏହି ନୋଟିସ୍ ସତ୍ତ୍ୱେ ଯଦି ସମସ୍ତ ଆର୍ଥିକବର୍ଷ 2020-21, 2021-22, 2022-23 ଏବଂ 2023-24 ପାଇଁ ଉକ୍ତ ଲକର୍‌ର ଭଡ଼ାକୁ ଏହି ନୋଟିସ୍ ତାରିଖରୁ 3 ମାସ ମଧରେ ହରି କିଶନ କେଡ଼ିଆ ଏବଂ ଉର୍ମିଳା କେଡ଼ିଆଙ୍କ ଦ୍ୱାରା ପଇଠ କରା ନ ଯାଏ, ତେବେ ଉକ୍ତ ଲକର୍‌କୁ 25 ଫେବୃଆରୀ, 2025 ଦିନ ପୂର୍ବାହ୍ନ ପ୍ରାୟ 11.00 ଘଟିକାରେ ଭାଙ୍ଗି ଖୋଲିଦିଆଯିବ ।


# ସୁଲଭ ମୂଲ୍ୟରେ ଗୁଣାତ୍ମକ ଜେନେରିକ୍ ମେଡିସିନ



ନୂଆଦିଲ୍ଲୀ,୨୧।୧୨

ବର୍ତ୍ତମାନ ସମୟରେ ପ୍ରତ୍ୟେକ ଭାରତୀୟଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଜେନେରିକ୍ ମେଡିସିନ ଭାରତ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ଏହି ଯୋଜନା ଓ ସୁବିଧା ସାରା ଦେଶରେ ଉପଲବ୍ଧ ହେଉଥିଲାବେଳେ ଲକ୍ଷାଧିକ ଲୋକ ପ୍ରତିଦିନ ଏହି ଔଷଧ ସେବନକରି ଉପକୃତ ହେଉଛନ୍ତି। ଏହି ଯୋଜନା ଓ ଏହାର ବ୍ୟବସ୍ଥା ସୁବିଧା ସମ୍ପର୍କରେ ଅବଗତ ହେବା ଲାଗି ନିକଟରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ଦିଲ୍ଲୀ ଏମ୍ସ ପରିସରରେ ଥିବା ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ କେନ୍ଦ୍ର (ପିଏମ୍‌ବିଜେପି) ପରିଦର୍ଶନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଡିଓପି ସଚିବ ଡା. ଅରୁନିଶ ଚାୱାଲଙ୍କ ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡା. ଏମ୍.ଶ୍ରୀନିବାସ,ପିଏମ୍‌ବିଆଇ ସିଇଓ ରବି ଦଧୀଚି ପ୍ରମୁଖ ଉପସ୍ଥିତ ରହି ଦିସାନାୟକେଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ ମଧ କରିଥିଲେ। ସେହିଭଳି ପିଏମ୍‌ବିଜେପି ମଡେଲ ସମ୍ପର୍କରେ ଦିସାନାୟକେଙ୍କୁ ଏହି ପରିପ୍ରେକ୍ଷୀରେ ବିସ୍ତୃତ ଭାବେ ଅବଗତ କରାଇଥିଲେ।

# ଡିଏଲ୍‌ଆଇ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ




ଭୁବନେଶ୍ୱର,୨୧।୧୨

ବର୍ତ୍ତମାନ ସମୟରେ ଘରୋଇ ସଂସ୍ଥା(କମ୍ପାନୀ)ଗୁଡିକ ପାଇଁ ପରିବହନ ଏକ ବଡ଼ ସମସ୍ୟା ପାଲଟିଥିବାବେଳେ ବେଦାନ୍ତ ଆଲୁମିନିୟମ ଡିଜିଟାଲ ଲଜିଷ୍ଟିକ୍ ଇନୋଭେଶନ (ଡିଏଲଆଇ) କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏପରିକି କମ୍ପାନୀ କ୍ରିଷକା ଷ୍ଟ୍ରାପିଙ୍ଗ ସଲ୍ୟୁଶନ ସହଯୋଗରେ ବିକଶିତ ଏକ ମାଲିକାନା ଲଜିଷ୍ଟିକ୍ ଆପ୍‌କୁ ସଫଳତାର ସହ ପ୍ରସ୍ତୁତ କରିଛି। ସେହିଭଳି ଡିଜିଟାଲ ଟ୍ରାନ୍ସଫର୍ମେଶନ ଯାତ୍ରାରେ ଏହି ନୂଆ ମାଇଲଖୁଣ୍ଟ କମ୍ପାନୀର ପରିବହନ ଲୋଡିଂ ଏବଂ ଲାଶିଂ ଅପରେଶନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ଅଧିକ କାର୍ଯ୍ୟକ୍ଷମ ଦକ୍ଷତା, ମାନକକରଣ ସହ ସମାପ୍ତ ସାମଗ୍ରୀ ପରିଚାଳନା ପାଇଁ ବିଶ୍ୱ ଶିଳ୍ପ ମାନକକୁ ପାଳନ କରିବ ବୋଲି ବେଦାନ୍ତ ଆଲୁମିନିମ ପ୍ରତିଶ୍ରୁତି ଦେଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତ ଆଲୁମିନିୟମ୍‌ର ଡିଜିଟାଲ ରୂପାନ୍ତରଣରେ ଲଜିଷ୍ଟିକ୍ ଆପ୍‌ର ଶୁଭାରମ୍ଭ ହେଉଛି ଏକ ପ୍ରମୁଖ ମୁହୂର୍ତ୍ତ। ଏହି ନବସୃଜନ ଆମର ଲଜିଷ୍ଟିକ୍ ପ୍ରକ୍ରିୟାଗୁଡ଼ିକୁ ମୌଳିକ ଭାବେ ପୁନଃ ରୂପାନ୍ତର କରିବ, ବୋର୍ଡରେ ଅଧିକ ଦକ୍ଷତା ଏବଂ ନିରବଚ୍ଛିନ୍ନ କାର୍ଯ୍ୟ ଚଳାଇବ। ଏହା କାର୍ଯ୍ୟକ୍ଷମ ଉତ୍କର୍ଷ, ନବସୃଜନ ଏବଂ ନିରନ୍ତର ଉନ୍ନତି ପାଇଁ ଆମର ପ୍ରତିବଦ୍ଧତାର ଏକ ପ୍ରମାଣ ପାଲଟିଛି। ସେହିଭଳି କ୍ରିଷକା ଷ୍ଟ୍ରାପିଙ୍ଗ୍ ସଲ୍ୟୁଶନର ଏମ୍‌ଡି ରାଜେଶ ଗୁପ୍ତା କହିଛନ୍ତି, ଏହି ପରିବର୍ତ୍ତନଶୀଳ ପ୍ରକଳ୍ପରେ ବେଦାନ୍ତ ଆଲୁମିନିୟମ ସହ ସହଭାଗୀ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ।


## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR

No. A-744 — 'e' Procurement Notice No. ACECIC-08/2024-25

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid Documents (Rs.) | Class of Contractor | Bid documents available online for bidding: From | To | Date of Opening of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | NGR-01/ 2024-25 | Construction of C.C. Lining in Nandighore & Panchirida Distributary under Budhabudhiani Irrigation Project | 820.17 | 820200/- (Online) | 10000/- (Online) | "A" & "Special" Class | 24.12.2024 at 10.00 hours | 07.01.2025 at 17.00 hours | 08.01.2025 at 11.00 hours | 18 (Eighteen Calendar Months) |

e-mail ID: secic_dowr@yahoo.com
Further details conditions can be seen from Govt. website www.tenderorissa.gov.in.
OIPR-32160/11/0008/2425 — Sd./- Additional Chief Engineer, Central Irrigation Circle



## Zilla Swasthya Samiti, Boudh
NO.E-614
### Office of the Chief District Medical & Public Health Officer, Boudh

Advt No. : 2774 — Date : 20.12.2024

### ADVERTISEMENT

Walk-in-Interview will be conducted as scheduled below for filling up the following posts under NHM in Boudh district. The following posts are purely contractual basis for a period of 11 months. The post wise monthly remuneration is mentioned against each and subject to renewal as per Society norms basing on the performance and subject to continuance of the programme.

| Sl. No. | Name of the Post | Vacancy | Remuneration per Month | Date of Walk-in-Interview |
|---|---|---|---|---|
| 1 | Medical Officer - SNCU | 1 | 67122/- + (Increment + PI) | 03.01.2025 |
| 2 | Pediatrician-DEIC | 1 | 83903 + (Increment + PI) | 03.01.2025 |
| 3 | MO-MBBS-DEIC | 1 | 67122/- + (Increment + PI) | 03.01.2025 |
| 4 | Medical Officer - NUHM | 1 | 67540/- + (Increment & PI) | 03.01.2025 |
| 5 | Ayush MO Ayurvedic | 1 (ST) | 28765/- + (Increment + PI) | 07.01.2025 |
| 6 | Ayush MO Hom. | 2 (UR - 1 & ST - 1) | 28765/- + (Increment + PI) | 07.01.2025 |
| 7 | Ayush MO MHU | 1 (ST) | 28765/- + (Increment + PI) | 07.01.2025 |
| 8 | Ayush MO Female Ayurvedic (RBSK) | 1 (UR) | 28765/- + (Increment + PI) | 07.01.2025 |
| 9 | RMNCHA Counsellor | 1 | 21223/- + (Increment + PI) | 09.01.2025 |

Interested eligible candidates can log on to www.boudh.Odisha.gov.in for detailed post wise vacancy, terms and conditions, application format & selection procedure etc. Candidates fulfilling the eligibility criteria may register him/herself in between 10.00 A.M. to 11.00 A.M. as per date mentioned above with all testimonials in the prescribed format at the Office of the undersigned. No registration will be received beyond the scheduled date/time. The undersigned reserves the right to cancel any or all the applications / positions at any stage without assigning any reason thereof. Candidates who have been disengaged earlier from the OSH & FW Society on administrative ground such as disobedience/poor performance/misbehavior/criminal activities etc. are not eligible to apply. The panel list of selected candidates of above mention posts shall remain valid for one year and may be used as per further requirement. The undersigned reserve the right to cancel any or all the notifications without assigning any reason thereof.

OIPR-10107/11/0013/2425 — Sd./- CDM&PHO-cum-District Mission Director, Boudh



## OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR

At: Khandagiri, Near B.K. Art College, Bhubaneswar
E-mail: eebbsrrwss@gmail.com

### QUOTATION CALL NOTICE No. 11 of 2024-25

No. O-928: The Executive Engineer, RWS&S Division, Bhubaneswar on behalf of Governor of Odisha invites sealed quotations from interested reputed Travel Agencies/Tour Operators/Private individuals for providing one No. of AC Petrol driven vehicle (Zest/Tigor/Swift Dzire/Xcent/Etion (Petrol)/equivalent) having seating capacity 5 Nos. including Driver which shall confirm to the terms and conditions (Appendix-A & Annexure-II) for official use in Office of EIC, RWS&(O), Bhubaneswar on monthly basis as per the following details.

| Sl. No. | Nature of Work | Hiring of Vehicle for Office use of the Engineer-in-Chief, RWS&S (O), Bhubaneswar |
|---|---|---|
| 1. | No. of Works | 01 (One) |
| 2. | Time for Deployment | Two Years |
| 3. | Cost of Bidding Document | Rs.1000/- |
| 4. | Class of Contractors eligible | Reputed Travel Agencies/Tour Operators/Private Individuals |
| 5. | Availability of bids in the Office Superintending Engineer, RWS&S Division, Bhubaneswar/Odisha Govt. website www.khordha.nic.in | From Dt.21.12.2024 (10.00 A.M.) to Dt.30.12.2024 (1.00 P.M.) |
| 6. | Last date and time for submission of quotation papers in the quotation box kept in the Office of the Superintending Engineer, RWS&S Division, Bhubaneswar | Dt.30.12.2024 (1.00 P.M.) |
| 7. | Date & time of opening of bids | On Dt.30.12.2024 (3.00 P.M.) in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.
Sd./- Executive Engineer RWS&S Division, Bhubaneswar
OIPR-25011/11/0006/2425



## कार्यालय नगर पंचायत,हुसैनाबाद(पलामू)
Email: - nphussainabad@gmail.com

पत्रांक................/दिनांक....................

Very Short Tender Notice for E-Procurement
IMPORTANT INFORMATION
NIT No: NPH/10/SBD/2022-23 (5th Call)

| Sr. No. | Particulars | Details |
|---|---|---|
| 1 | Name of Work | Construction & Commissioning of Fecal Sludge Treatment Plant of Capacity 10 KLD at Hussainabad town (Jharkhand) followed by Operation and Maintenance including desludging operations for 5 years |
| 2 | Estimated Cost (INR) | Construction Cost: 2,19,36,142.00 Operation & Maintenance Cost: 1,21,77,720.00 Total: 3,41,13,862.00 |
| 3 | Bid Security (INR) | 3,41,140.00/- (Rupees Three Lakhs Forty One thousand one hundred forty.) |
| 4 | Cost of Bid Document (INR) | 10,000.00/- (Rupees Ten Thousand Only); non- refundable |
| 5 | Time of Completion | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP |
| 6 | Date of e-publication of tender | 21.12.2024 at 10:00 AM |
| 7 | Document downloading start Date | 21.12.2024 at 5:00 PM |
| 8 | Start date for seeking clarification | 21.12.2024 |
| 9 | End date for seeking clarification | 23.12.2024 |
| 10 | Pre bid meeting date, Time & Venue | 23.12.2024 at 03:00 PM, e-Procurement Cell, Nagar PANCHAYAT HU SSAINABAD. |
| 11 | Bid submission Start date | 21.12.2024 at 10:00 AM |
| 12 | Bid submission end date | 28.12..2024 at 05:00 PM |
| 13 | Bid opening date (online) | 30.12.2024 at 4.00 PM |
| 14 | Mode of Submission of Bids | e-tendering (https://Jharkhandtenders.gov.in) |
| 15 | Name & Address of office Inviting Tender | Administrator, Nagar PANCHAYAT HUSSAINABAD |
| 16 | Helpline Number | e-tendering (https://Jharkhandtenders.gov.in) Mobile No-9835206770 |

I. Complete bid document is available on website http://Jharkhandtenders .gov.in
ii. Other details can be seen in the bidding SBD document
iii. For clarification regarding e tender and document you may contact to nodal officer Mobile no- 9835206770
iv. Only e tender will be accepted

Administrator Hussainabad Nagar Panchyat
PR 342609 District(24-25).D

# ମହିଳାଙ୍କୁ ବ୍ଲାକ୍‌ମେଲ କରି ୪.୯୬ ଲକ୍ଷ ଲୁଟିନେଲେ

ଭୁବନେଶ୍ୱର,୨୧।୧୨(ସତ୍ୟଜିତ୍ ରାଉତ)

ସମ୍ପର୍କରେ ବିଷ ଦେଲେ ଯୁବକ। ମହିଳାଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରାଲ କରିବାର ଧମକ ଦେବା ସହ ବ୍ଲାକମେଲ୍ କରି ନେଇଗଲେ ୪.୯୬ ଲକ୍ଷ। ତେବେ ଅଧିକ ଟଙ୍କା ନ ପାଇବାରୁ ତାଙ୍କ ଫଟୋ ଓ ଭିଡିଓ ଭାଇରାଲ କରିଦେଲେ। ଏହି ମାମଲାରେ ଭୁବନେଶ୍ୱର ମହିଳା ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ଯୁବକଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁର ଅଞ୍ଚଳର ମନୋରଞ୍ଜନ ଖଟେଇ (୨୯)। ତାଙ୍କଠାରୁ ସିମ୍ କାର୍ଡ ସମେତ ଅଶ୍ଳୀଳ ଫଟୋ ଓ ଭିଡିଓ ଥିବା ମୋବାଇଲ ଜବତ ହୋଇଛି। ଅଭିଯୁକ୍ତ ମନୋରଞ୍ଜନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମଲା ଅନୁଯାୟୀ, ମନୋରଞ୍ଜନ ଏକ କୋରିଅର୍ ସଂସ୍ଥାରେ କାମ କରନ୍ତି। ପୀଡିତା ଜଣକ ମନୋରଞ୍ଜନଙ୍କ ଦୂର ସମ୍ପର୍କୀୟ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳରେ ରହି ଏକ ଘରୋଇ ସଂସ୍ଥାରେ କାମ କରନ୍ତି। ତେଣୁ ଉଭୟଙ୍କ ମଧ୍ୟରେ ଭଲ ବନ୍ଧୁତା ଥିଲା। ଏହାର ଫାଇଦା ଉଠାଇ ପୀଡ଼ିତାଙ୍କ ଅଜାଣତରେ ତାଙ୍କର କିଛି ଆପତ୍ତିଜନକ ଫଟୋ ଓ

## ଅଶ୍ଳୀଳ ଭିଡିଓ, ଫଟୋ ଭାଇରାଲ: ଅଭିଯୁକ୍ତ ଗିରଫ



ଗିରଫ ଅଭିଯୁକ୍ତ ମନୋରଞ୍ଜନ ଖଟେଇ।

ଭିଡିଓକୁ ମନୋରଞ୍ଜନ ନିଜ ପାଖରେ ରଖିଥିଲେ। ତେବେ କିଛିମାସ ତଳେ ଉକ୍ତ ଫଟୋ ଏବଂ ଭିଡିଓକୁ ଭାଇରାଲ୍ କରିବାର ଧମକ ଦେଇ ମହିଳାଙ୍କୁ ଟଙ୍କା ମାଗିଥିଲେ ମନୋରଞ୍ଜନ। ଫଳରେ ବିଭିନ୍ନ ପର୍ଯ୍ୟାୟରେ ପୀଡିତା ଜଣକ ତାଙ୍କୁ ୟୁପିଆଇ ଜରିଆରେ ୯୬ ହଜାର ୫୦୦ ଟଙ୍କା ଓ ନଗଦ ଆକାରରେ ୪ ଲକ୍ଷ ଟଙ୍କା ଦେଇଥିଲେ। ଏହାପରେ ବି ମନୋରଞ୍ଜନ ବାରମ୍ବାର ଧମକ ଦେଇ ଟଙ୍କା ମାଗିଥିଲେ। ହେଲେ ମହିଳା ଜଣକ ଟଙ୍କା ଦେବାକୁ ମନା କରିଦେବାରୁ କିଛିଦିନ ତଳେ ମନୋରଞ୍ଜନ ଫଟୋ ଓ ଭିଡିଓକୁ ପୀଡିତାଙ୍କ ପରିବାର ଲୋକଙ୍କୁ ଶେୟାର କରିବା ସହ ନାନା ଧମକ ଦେଇଥିଲେ। ଏନେଇ ପୀଡିତାଙ୍କ ଏତଲାକ୍ରମେ ମହିଳା ଥାନା ପୋଲିସ ଡିସେମ୍ବର ୧୩ରେ ଏକ ମାମଲା (ନଂ.୨୦୬/୨୦୨୪) ରୁଜୁ କରିଥିଲା। ତେବେ ଏହି ମାମଲାରେ ମନୋରଞ୍ଜନଙ୍କର ଜଣେ ବନ୍ଧୁଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବାରୁ ତାଙ୍କୁ ଧରିବାକୁ ପୋଲିସ ପ୍ରୟାସ କରୁଛି। ମନୋରଞ୍ଜନଙ୍କ ନାଁରେ ବାଲିଅନ୍ତା ଥାନାରେ ଏକ ଆପରାଧିକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ତ୍ରୀଙ୍କ ଗଳାକାଟି ହତ୍ୟା, ସ୍ୱାମୀ ଫେରାର

ଗାଇସିଲେଟ୍,୨୧।୧୨
(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ୍ ଥାନା ତାଲପାଲି ପଞ୍ଚାୟତ ଅନ୍ତର୍ଗତ ଜେନକେଡା ଗ୍ରାମରେ ଶନିବାର ଭୋର ସମୟରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଭୁସକା ଓରଫ୍ ରାମଚନ୍ଦ୍ର ସାହୁ(୫୫) ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀ ଚନ୍ଦ୍ରକାନ୍ତି(୫୦)ଙ୍କ ଗଳାକାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଅନ୍ୟପଟେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଏ ନେଇ ଗାଇସିଲେଟ୍ ଥାନା ପୋଲିସ ଏକ ମାମଲା (ନଂ.୨୪୪/୨୪) ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ରାମଚନ୍ଦ୍ର ଏବଂ ଚନ୍ଦ୍ରକାନ୍ତିଙ୍କ ମଧ୍ୟରେ ଦୀର୍ଘଦିନରୁ କଳିଗୋଳ ଲାଗି ରହିଥିଲା। ଫଳରେ ଚନ୍ଦ୍ରକାନ୍ତି ତାଙ୍କ ବାପଘରେ ରହୁଥିଲେ। ଗତ ୧୯ତାରିଖରେ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉଦ୍ୟମରେ ସେ ଶାଶୁଘରକୁ ଆସିଥିଲେ। ତେବେ ଶନିବାର ସକାଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚନ୍ଦ୍ରକାନ୍ତିଙ୍କ ମୃତଦେହ ତାଙ୍କ ଘରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ତାଙ୍କ ବାପଘର ଲୋକେ ସେଠାରେ ପହଞ୍ଚିଥିଲେ ଏବଂ ଚନ୍ଦ୍ରକାନ୍ତିଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଦ୍ମପୁର ଏସ୍‌ଡ଼ିପିଓ ଅମ୍ରିତ ପାଲ କୌର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ନବରଙ୍ଗପୁରର ୯ ନାବାଳିକା, ୨ ଯୁବତୀ ବିଶାଖାପାଟଣାରୁ ଉଦ୍ଧାର

ନବରଙ୍ଗପୁର,୨୧।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ବାରିପଦର ପଞ୍ଚାୟତର ୯ ଜଣ ନାବାଳିକା ଓ ୨ ଜଣ ଯୁବତୀଙ୍କୁ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ରେଲୱେ ପୋଲିସ ଉଦ୍ଧାର କରିଛି। ସେମାନଙ୍କୁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିବା ସହ ଘଟଣାରେ ସମ୍ପୃକ୍ତ ଜଣେ ଦଲାଲଙ୍କୁ ଅଟକ ରଖାଯାଇଛି। ଆଧାର କାର୍ଡରେ ବୟସ ପରିବର୍ତ୍ତନକରି ସେମାନଙ୍କୁ ନିଆଯାଉଥିବା ସୂଚନା ମିଳିଛି।

ସୂଚନାନୁଯାୟୀ ଦଲାଲ ଜଣକ ୫ ଦିନ ତଳେ ଏକ ବସ୍‌ରେ ନାବାଳିକା ଓ ଯୁବତୀମାନଙ୍କୁ ନବରଙ୍ଗପୁରରୁ ବିଶାଖାପାଟଣା ନେଇଥିଲେ। ସେଠାରେ ରହିବା ପରେ ଶୁକ୍ରବାର ଟ୍ରେନ୍‌ରେ ତିରିପୁରା ଯାଉଥିଲେ। ଏହି ସମୟରେ ରେଲୱେ ପୋଲିସ ଯାଞ୍ଚ କରିଥିଲା। ନାବାଳିକାମାନଙ୍କ ବ୍ୟାଗ୍‌ରୁ ଆଳୁ ପିଆଜ ଆଦି ପାଇବା ପରେ କେଉଁଠିକୁ ଯାଉଛ ବୋଲି ପଚାରିଥିଲେ। ସେମାନେ ତିରିପୁରା କାମ କରିବାକୁ ଯାଉଥିବା ବୋଲି କହିଥିଲେ। ଏହାପରେ ରେଲୱେ ପୋଲିସ ନାବାଳିକାମାନଙ୍କୁ ଆଧାର କାର୍ଡ ମାଗିଥିଲେ। ଆଧାର

## ଆଧାର କାର୍ଡରେ ବୟସ ପରିବର୍ତ୍ତନକରି ନିଆଯାଉଥିଲା ତିରିପୁରା

କାର୍ଡରେ ବୟସ ପରିବର୍ତ୍ତନ ହୋଇଛି। ଏପରି କଲେ ଚାକିରି ମିଳିବ ବୋଲି ଦଲାଲ କହିଥିବା ନେଇ ନାବାଳିକାମାନେ ରେଲୱେ ପୋଲିସକୁ ଜଣାଇଥିଲେ। ଜିଆର୍‌ପି ସମସ୍ତଙ୍କ ପରିବାର ଲୋକଙ୍କୁ ଖବର ଦେବା ସହ ସେଠାକାର ଶିଶୁ ମଙ୍ଗଳ କମିଟି, ନବରଙ୍ଗପୁର ଜିଲା ଶିଶୁ ମଙ୍ଗଳ କମିଟିକୁ ଜଣାଇଛନ୍ତି। ୯ଜଣ ନାବାଳିକାଙ୍କୁ ଶିଶୁ ରହଣି କେନ୍ଦ୍ର ଓ ୨ ଜଣ ଯୁବତୀଙ୍କୁ ସ୍ୱଳ୍ପ ରହଣି କେନ୍ଦ୍ରରେ ରଖାଯାଇଛି। ପରିବାର ଲୋକେ ସେଠାରେ ପହଞ୍ଚି ସମସ୍ତ ତଥ୍ୟ ରଖିବା ପରେ ବିଶାଖାପାଟଣା ପ୍ରଶାସନ ନବରଙ୍ଗପୁରକୁ ପଠାଇବ। ଏନେଇ ନବରଙ୍ଗପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ଜିଲା ଶ୍ରମ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଶ୍ରମ ବିଭାଗ ପକ୍ଷରୁ ସେଠାକାର ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଛି।

# ଋଣ ପାଇଁ ଲାଞ୍ଚ: ଭିଜିଲାନ୍ସ ଜାଲରେ ଡିଆଇସି ମ୍ୟାନେଜର

ସୋନପୁର,୨୧।୧୨(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ(ପିଏମ୍‌ଇଜିପି)ରେ ଋଣ ଆବେଦନକୁ ମଞ୍ଜୁର ପାଇଁ ଲାଞ୍ଚ ନେଉଥିବା ବେଳେ ଶନିବାର ସୁବର୍ଣ୍ଣପୁର ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ(ଜିଏମ୍ ଡିଆଇସି) ବିପିନ କୁମାର ଦେହୁରୀ ଭିଜିଲାନ୍ସ ଜାଲରେ ପଡିଛନ୍ତି। ଦେହୁରୀ ତାଙ୍କ ସୁବର୍ଣ୍ଣପୁର ସହରସ୍ଥିତ ଅଫିସ ପ୍ରକୋଷ୍ଠରେ ଲାଞ୍ଚ ନେଉଥିବା ବେଳେ ସମ୍ବଲପୁର ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଏଥିସହ ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ସହର ପ୍ରେସ କଲୋନିସ୍ଥିତ ଭଡାଘର ଓ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜୟରାମପୁରସ୍ଥିତ ପୈତୃକ ଘରେ ଏକକାଳୀନ ଚଢାଉ କରାଯାଇଛି। ସୁବର୍ଣ୍ଣପୁର, ବରଗଡ ଓ ବାଲେଶ୍ୱର ଭିଜିଲାନ୍ସ ବିଭାଗର ୩ଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି।

## ୩ ସ୍ଥାନରେ ଏକକାଳୀନ ଚଢ଼ାଉ



ବିପିନ କୁମାର ଦେହୁରୀ।

ଏହା ସହ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା(ନଂ. ୩୨/୨୪) ରୁଜୁ କରାଯାଇଛି।

ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ତରଭା ଅଞ୍ଚଳର ସୁନୀଲ ମିଶ୍ର ଭାରତ ସରକାରଙ୍କ ପିଏମ୍‌ଇଜିପିରେ ବ୍ୟାଙ୍କ୍‌ରୁ ଋଣ ନେଇ ରୋଜଗାରକ୍ଷମ ହେବା ପାଇଁ ଅନ୍‌ଲାଇନରେ ଆବେଦନ କରିଥିଲେ। ଋଣ ମଞ୍ଜୁର ପାଇଁ ତାଙ୍କ ଦରଖାସ୍ତକୁ ଜିଏମ୍ ଡିଆଇସି ଦେହୁରୀ ବ୍ୟାଙ୍କକୁ ପଠାଇବାର ଥିଲା। ତେବେ ଋଣ ଆବେଦନକୁ ବ୍ୟାଙ୍କକୁ ପଠାଇବା ପାଇଁ ଦେହୁରୀ ୫ହଜାର ଟଙ୍କା ଦାବି କରିଥିଲେ। ସୁନୀଲ ଏ ସମ୍ପର୍କରେ ଶୁକ୍ରବାର ସୁବର୍ଣ୍ଣପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁସାରେ ସେ ଶନିବାର ସାଧାରଣ ପରିଚାଳକଙ୍କ ପ୍ରକୋଷ୍ଠକୁ ଆସି ଦାବି ମୁତାବକ ଟଙ୍କା ପ୍ରଦାନ କରିଥିଲେ। ଦେହୁରୀ ଉକ୍ତ ଟଙ୍କାକୁ ଏକ ପେପରରେ ଗୁଡ଼ାଇ ରଖିଥିଲେ। ଏହି ସମୟରେ ସେଠାରେ ଜଗି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଦେହୁରୀଙ୍କୁ କାବୁ କରି ନେଇଥିଲେ। ତାଙ୍କ ନିକଟରୁ ୧୦ଟି ୫୦୦ଟଙ୍କିଆ ନୋଟ ଭିଜିଲାନ୍ସ ଟିମ୍ ଜବତ କରିଛି। ସୁବର୍ଣ୍ଣପୁର ଭିଜିଲାନ୍ସ ଡିଏସ୍‌ପି ରୀତାଞ୍ଜଳି ପଧାନଙ୍କ ନେତୃତ୍ୱରେ ଟିମ୍ ସୁବର୍ଣ୍ଣପୁର ଅଫିସ ଓ ଭଡାଘରେ ଚଢାଉ କରିଛି।

# ଯୁବତୀଙ୍କ ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ

ସୋର, ୨୧।୧୨(ଜନ୍ମେଜୟ ମିଶ୍ର)

## ହାଇଦ୍ରାବାଦରୁ ଯୁବକ ଗିରଫ

ବାଲେଶ୍ୱର ଜିଲ ସୋର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋ ଓ ଭିଡିଓ ଭାଇରାଲ୍ ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ହାଇଦ୍ରାବାଦ୍‌ରୁ ଗିରଫ କରି କୋର୍ଟଚାଲାଣ କରିଛି।

ଭଦ୍ରକ ଜିଲା ବାଂଶଡା ଥାନା ବଳଭଦ୍ରପ୍ରସାଦ ଗ୍ରାମର ସରୋଜ ମହାନ୍ତି (୨୫) ସୋର କଲେଜରେ ପାଠ ପଢୁଥିବା ବେଳେ ଖୁଣ୍ଟା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ପ୍ରେମସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଉତ୍ତୋଳନ କରି ସରୋଜ ତାଙ୍କ ମୋବାଇଲରେ ରଖିଥିଲେ। ପରେ ଉଭୟଙ୍କ ମଧ୍ୟରେ ମତାନ୍ତର ହେବାରୁ ସରୋଜ ଉଭୟଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଫେକ ଆକାଉଣ୍ଟ ଖୋଲି ଭାଇରାଲ କରିଦେଇଥିଲେ। ଯୁବତୀ ଜଣଙ୍କ ଅନ୍ୟ ଉପାୟ ନ ଶେଷରେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୧୦୨୯/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସରୋଜ ଫେରାର ହୋଇଯାଇଥିଲେ। ପୋଲିସ ଯୁବକଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଶୁକ୍ରବାର ରାତିରେ ହାଇଦ୍ରାବାଦରୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି।

# ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ମାଡ଼, ୮ ଗିରଫ

ବାଲକାଟୀ/ ଭୁବନେଶ୍ୱର,୨୧।୧୨
(ମନୋଜ ମଣ୍ଡଳ/ ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ନିସ୍ଥୁକ ମାଡ଼ ମାରିଛନ୍ତି। ଆହତ ଜଣଙ୍କ ହେଲେ ରାୟଗଡ଼ା ଜିଲା ଶେଷଖାଲ ଥାନା ମୀରାବାଲି ପଞ୍ଚାୟତ ଯୋଡ଼ି ଗାଁର ଦେବେନ୍ଦ୍ର। ଏହି ଘଟଣାରେ ବାଲିଅନ୍ତା ପୋଲିସ ରଥିଜେମା ଅଞ୍ଚଳର ୮ଜଣ ଯୁବକଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅତିରିକ୍ତ ଡିସିପି କୃଷ୍ଣପ୍ରସାଦ ଦାଶ କହିଛନ୍ତି। ଏହି ମାମଲାରେ ଅଧିକ ତଦନ୍ତ ଚାଲୁରହିଛି। ଆଦିବାସୀ ଶ୍ରମିକଙ୍କୁ ଧର୍ମାନ୍ତରୀକରଣ ସନ୍ଦେହରେ ସ୍ଥାନୀୟ ଯୁବକମାନେ ପୀଡ଼ିତଙ୍କୁ ମାଡ଼ ମାରିଥିବା କୁହାଯାଉଥିବାବେଳେ ଏନେଇ ପୋଲିସ ପାଖରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଅତିରିକ୍ତ ଡିସିପି ଦାଶ କହିଛନ୍ତି।

ସୂଚନା ଅନୁଯାୟୀ, ଆହତ ଦେବେନ୍ଦ୍ର ୧୧ ବର୍ଷ ଧରି ସ୍ଥାନୀୟ ଅଞ୍ଚଳରେ ଭଡ଼ାରେ ରହୁଛନ୍ତି। ଗତ ୧୬ତାରିଖ ପୂର୍ବାହ୍ନ ୧୧ଟାରେ ଦେବେନ୍ଦ୍ର ସ୍ତ୍ରୀଙ୍କ ସହ ରଥିଜେମା ଭାର୍ଗବୀ ନଦୀପଠାସ୍ଥିତ ଇଟାଭାଟିରେ କାମ କରୁଥିବା ଜଣେ ଶ୍ରମିକଙ୍କ ଘରକୁ ଯାଇ ତାଙ୍କ ଝିଅଙ୍କ ସହ କଥା ହେଉଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ସେଠାକୁ ଆସି ଦେବେନ୍ଦ୍ରଙ୍କୁ ହଠାତ୍ ଗାଳିଗୁଲଜ କରିଥିଲେ। ଧର୍ମ ପରିବର୍ତ୍ତନ ପାଇଁ ଚାପ ପକାଇବା ଅଭିଯୋଗରେ ଦେବେନ୍ଦ୍ରଙ୍କୁ ସେମାନେ ମାଡ଼ ମାରିଥିଲେ। ଏସଂକ୍ରାନ୍ତରେ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୬୧୬/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତମାନଙ୍କୁ ଉଠାଇ ଆଣିଥିଲା। ଆହତ ଦେବେନ୍ଦ୍ର ଏବେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଦେବେନ୍ଦ୍ରଙ୍କ ମୋବାଇଲକୁ ଯୋଗାଯୋଗ କରିବାରୁ ତାଙ୍କ ସ୍ତ୍ରୀ ଫୋନ୍ ଉଠାଇ ଧର୍ମାନ୍ତରୀକରଣ ଅଭିଯୋଗକୁ ଖଣ୍ଡନ କରିଥିଲେ। ସେ କହିଛନ୍ତି, ଉକ୍ତ ଶ୍ରମିକଙ୍କ ଘରକୁ କଞ୍ଚା ହଳଦୀ ଆଣିବାକୁ ଯାଇ ତାଙ୍କ ଝିଅ ସହ କଥା ହେଉଥିଲୁ। ଏହି ସମୟରେ ଯୁବକମାନେ ଦେବେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ ବୋଲି ସେ କହିଛନ୍ତି।

# ୨.୬୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ।

ବାଲୁଗାଁ,୨୧।୧୨
(ସଂଗ୍ରାମ ପାଇକରାୟ)

## ଦୁଇ ମହିଳାଙ୍କ ସମେତ ୩ ଗିରଫ

୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତାର ସରନଇ ଛକଠାରେ ଶନିବାର ବାଲୁଗାଁ ଅବକାରୀ ବିଭାଗ ଚଢ଼ାଉ କରି ୨୬ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଦୁଇ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମଧ୍ୟପ୍ରଦେଶ ଛିନ୍ଦ୍‌ୱାଡ଼ା ଜିଲାର ସରିତା ଯାଦବ(୨୧), ଓଡ଼ିଶା ଗଞ୍ଜାମ ଜିଲା କୋଦଳା ଥାନା ଅଧୀନ ଦାନପୁର ଗ୍ରାମର ଖତୀ ଦାଶ (୨୬) ଏବଂ ଟୁନା ବେହେରା (୩୮)। ବିଭାଗୀୟ କେସ୍ ନଂ.୨୦୮/୨୪ ଅନୁଯାୟୀ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଜବତ ଗଞ୍ଜେଇର ମୂଲ୍ୟ ୨ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସୂଚନା ମୁତାବକ, ଶନିବାର ଅପରାହ୍ନ ୧ଟାରେ ଉପରୋକ୍ତ ଅଭିଯୁକ୍ତମାନେ ଏକ ଗଞ୍ଜେଇ ବସ୍ତା ଧରି ସରନଇ ଛକଠାରେ ବସ୍‌କୁ ଅପେକ୍ଷା କରିଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଖୋର୍ଦ୍ଧା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇ ଏବଂ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ସଦଳବଳ ଚଢ଼ାଉ କରି ଉକ୍ତ ବସ୍ତାକୁ ତାଲାସିବାରେ ସେଥିରୁ ୨୬ କେଜି ଗଞ୍ଜେଇ ଜବତ କରିବା ସହ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଆଇ ସଞ୍ଜୟ କୁମାର ସୁବୁଦ୍ଧି, କନ୍‌ଷ୍ଟେବଲ ଆଶିଷ ପ୍ରଧାନ, ତୁଷାରକାନ୍ତି ଚମ୍ପତି, ଚିନ୍ମୟୀ ଦାଶ, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ଛୁରିରେ ତଣ୍ଟି କାଟିଦେଲେ, ଯୁବକ ଗୁରୁତର

ବଇଣ୍ଡା,୨୧।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ମିଣ୍ଡୋଳ ଗ୍ରାମର ମଦନ ନାୟକଙ୍କ ତଣ୍ଟିକୁ ସେହି ଗ୍ରାମର ରଞ୍ଜନ ଜେନା ଛୁରିରେ କାଟି ଦେବାରୁ ମଦନ ଗୁରୁତର ହୋଇଛନ୍ତି। ଏ ନେଇ ମଦନଙ୍କ ଭାଉଜ ପୁଷ୍ପାଞ୍ଜଳି ନାୟକ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୦୯/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ମଦନ ଶୁକ୍ରବାର ରାତିରେ ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ ରଞ୍ଜନ ଆସି ତାଙ୍କ ଝରକାରେ ହାତ ପୂରାଇଥିଲେ। ସମ୍ପର୍କୀୟମାନେ ପାଟି କରିବାରୁ ରଞ୍ଜନ ଏକ ଛୁରିରେ ମଦନଙ୍କ ତଣ୍ଟି କାଟି ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ମଦନଙ୍କୁ ପ୍ରଥମେ ଆଠମଲ୍ଲିକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଡ଼ର ଜୋତା କାହାକୁ ଦେଲ**
**ଗୋଡ଼ ଖାଇଗଲା ଜନ୍ଦା**
**କେଉଁ ନାରୀ ସଙ୍ଗେ ପୀରତି କଲ**
**କାନନୋଳି ଦେଲ ବନ୍ଧା ?**

ପ୍ରେମ ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ, ତାହାକୁ ସମ୍ପର୍କ ନୁହେଁ, ପାପ ସମ୍ପର୍କ ବୋଲି କୁହାଯାଇଥାଏ। ପରକୀୟା ପ୍ରୀତିର ପରିଣତି ଅନେକ ସମୟରେ ସୁଖଦ ହୋଇ ନ ଥାଏ। ଏହା ଜାଣି ମଧ୍ୟ କେତେଜଣ ବ୍ୟକ୍ତି କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ ଏଭଳି ପାପ ସମ୍ପର୍କରେ ଲିପ୍ତ ରହୁଥିବା ଦେଖିବାକୁ ମିଳିଥାଏ। ଅବୈଧ ସମ୍ପର୍କରେ ମାତି ଅର୍ଥ ଓ ସମ୍ମାନ ହରାଇ ବସିଥିବା ବ୍ୟକ୍ତି ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଗୋଦରୀ ଲୋ,**
**ଗୋଡ଼ ତଳକୁ ଅନା।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ୍ୟ ସେମାନେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏଭଳି ଦୋଷଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡ୍ସ ପବ୍ଲିଶର୍ସ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସରକାରୀ ଅର୍ଥ ଦୁରୁପଯୋଗ: କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

ନିଶ୍ଚିନ୍ତକୋଇଲି,୨୧।୧୨
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ନିଲମ୍ବନ କରିଛନ୍ତି। ସରକାରୀ ଅର୍ଥର ଦୁରୁପଯୋଗ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବିଜୟଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ଜିଲାର ବରିଷ୍ଠ ଅଧିକାରୀ ତଦନ୍ତ କରିଥିଲେ। ଏହାପରେ ବିଜୟ ଟଙ୍କା ଫେରସ୍ତ କରିଥିଲେ। ଏନେଇ କଟକ ଜିଲାପାଳଙ୍କ ସୁପାରିସ କ୍ରମେ ପଞ୍ଚାୟତିରାଜ ବିଭାଗ ଆଦେଶ ନଂ. ୩୦୪୮୯/୨୧।୧୨।୨୦୨୪ ଅନୁଯାୟୀ ବିଭାଗୀୟ ନିର୍ଦ୍ଦେଶକ ଶନିବାର ଯନ୍ତ୍ରୀ ବିଜୟଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବାକୁ ଆଦେଶ ଦେଇଛନ୍ତି। ଏହି ଆଦେଶ ବ୍ଲକ ପ୍ରଶାସନ ପାଖରେ ପହଞ୍ଚିବା ପରେ ବିଭିନ୍ନ ପଞ୍ଚାୟତ ଦାୟିତ୍ୱରୁ ତାଙ୍କୁ ଅବ୍ୟାହତି ଦିଆଯାଇଛି। ଏଥିସହ ଜିଲା ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେବାକୁ ଆଦେଶ ଦିଆଯାଇଛି। ପଞ୍ଚାୟତର ଅନ୍ୟ ଯନ୍ତ୍ରୀମାନଙ୍କୁ ବିଜୟ କରୁଥିବା କାର୍ଯ୍ୟ ବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ, ନେମାଳ ପଞ୍ଚାୟତର ଏକ ରାସ୍ତା କାମ ନ ହୋଇ ବିଲ୍ କରାଯାଇଥିଲା। ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଚର୍ଚ୍ଚା ହେଉଛି।

# ୩୭୮ ଗ୍ରାମ ହେରୋଇନ୍ ଜବତ, ୩ ଗିରଫ

ପୁରୀ/ପିପିଲି,୨୧।୧୨(ଅଜିତ୍ କୁମାର ମହାନ୍ତି/ ଦୁର୍ଗା ମାଧବ ମିଶ୍ର)

ହେରାଇନ୍ ବିକ୍ରି ଅଭିଯୋଗରେ ପୁରୀ ଜିଲା ପୋଲିସର ମୋବାଇଲ୍ ଟିମ୍ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି। ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ମୁସଲିମ୍‌ପଡ଼ାର ଇମାମ ଅହମ୍ମଦ ରାଜା, ସୁନ୍ଦରଗଡ଼ ଥାନା ଅନ୍ତର୍ଗତ ନେତାଜୀ ମାର୍ଗର ଏମ୍‌ଡି ଅବୁ ତଲ୍ହା ଓ ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ କୁରେଶୀ ମହଲା। ତାଙ୍କଠାରୁ ପୋଲିସ ୩୭୮ ଗ୍ରାମ୍ ହେରାଇନ ଜବତ କରିଛି।




ଜବତ କାର୍ ସହ ଗିରଫ ୩ ଅଭିଯୁକ୍ତ।

ସୂଚନାଯୋଗ୍ୟ, ପିପିଲି ଥାନା ଅନ୍ତର୍ଗତ ନିମାପଡ଼ା ବାଇପାସ୍ ଛକଠାରେ ଶନିବାର ଜିଲା ପୋଲିସର ମୋବାଇଲ ଟିମ୍ ସନ୍ଦେହଜନକ ଭାବେ ଏକ ମାରୁତି ସୁଜୁକି ସ୍ୱିଫ୍ଟକୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡ଼ିରୁ ୩୭୮ ଗ୍ରାମ ହେରୋଇନ୍ ପୋଲିସ ଜବତ କରିଥିଲା। ଏଥିସହ ନିଶା କାରବାରରେ ସମ୍ପୃକ୍ତ ୩ ବ୍ୟବସାୟୀଙ୍କୁ ଗିରଫ କରିଛି। ଏହି କାର୍‌ର ମାଲିକ ବ୍ୟବସାୟର ମୁଖ୍ୟ କିଙ୍ଗ୍‌ପିନ୍ ହୋଇଥିବା ପୋଲିସ ସୂଚନା ଦେଇଛି। ଏନେଇ ଅବକାରୀ କେସ୍ ନଂ ୨୮୦/୨୦୨୪-୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## ଜଷ୍ଟିସ୍ ଲୋକୁର ହେବେ ୟୁଏନ୍ ଆଇଜେସି ଅଧ୍ୟକ୍ଷ



ନୂଆଦିଲ୍ଲୀ, ୨୧।୧୨

ସୁପ୍ରିମକୋର୍ଟଙ୍କ ପୂର୍ବତନ ବିଚାରପତି ମଦନ ବି ଲୋକୁରଙ୍କୁ ଶନିବାର ଜାତିସଂଘର ଆଭ୍ୟନ୍ତରୀଣ ନ୍ୟାୟ ପରିଷଦ(ୟୁଏନ୍ ଆଇଜେସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଆସନ୍ତା ୨୦୨୮ ନଭେମ୍ବର ୧୨ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ନିଭାଇବେ। ଜାତିସଂଘର ସେକ୍ରେଟାରୀ ଜେନେରାଲ ଆଣ୍ଟୋନିଓ ଗୁଟେରସ ଶନିବାର ଏହି ସୂଚନା ଦେଇଛନ୍ତି। ଲୋକୁର ୨୦୧୨ ଜୁନ୍ ୪ରୁ ୨୦୧୮ ଡିସେମ୍ବର ୩୦ ପର୍ଯ୍ୟନ୍ତ ସୁପ୍ରିମକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଜଷ୍ଟିସ୍ ଲୋକୁରଙ୍କ ଆଇନଗତ କ୍ୟାରିୟରରେ ଏହି ସମ୍ମାନଜନକ ନିଯୁକ୍ତିକୁ ଏକ ମାଇଲଖୁଣ୍ଟ ଭାବେ ବିବେଚନା କରାଯାଉଛି।

## ମୋହାଲିରେ ବହୁତଳ ଅଟ୍ଟାଳିକା ଭୁଶୁଡ଼ିଲା

**ଅନେକେ ଫସିଥିବା ଆଶଙ୍କା**

ଚଣ୍ଡିଗଡ଼, ୨୧।୧୨

ପଞ୍ଜାବର ମୋହାଲି ଜିଲାର ସୋହାନା ଗ୍ରାମରେ ଏକ ବହୁତଳ ବିଲ୍ଡିଂ ଶନିବାର ଭୁଶୁଡ଼ି ପଡ଼ିଛି। ଭଗ୍ନାବଶେଷ ତଳେ କେତେଜଣ ଫସିରହିଥିବା ଆଶଙ୍କା କରାଯାଉଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲା ପ୍ରଶାସନ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବାବେଳେ ଅଗ୍ନିଶମ କର୍ମଚାରୀ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଏକ ଟିମ୍ ଏଥିରେ ସାମିଲ ହୋଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ସମଗ୍ର ପ୍ରଶାସନ ଏବଂ ଉଦ୍ଧାରକାରୀ ଟିମ୍‌କୁ ନିୟୋଜିତ କରାଯାଇଥିବା ସେ କହିଛନ୍ତି। ଏହି ଦୁର୍ଘଟଣାରେ କାହାର ଜୀବନ ନ ଯାଉ, ସେଥିପାଇଁ ସେ ପ୍ରାର୍ଥନା କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବାକୁ ମାନ୍ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ଜର୍ମାନୀ କ୍ରିସ୍‌ମସ୍ ମାର୍କେଟରେ ଆକ୍ରମଣ

**୫ ମୃତ, ୭ ଭାରତୀୟଙ୍କ ସମେତ ୨୦୦ ଆହତ**

**ସାଉଦି ଡାକ୍ତର ଗିରଫ**

ମାଗ୍‌ଡେବର୍ଗ, ୨୧।୧୨



ଜର୍ମାନୀର ମାଗ୍‌ଡେବର୍ଗ ସହରରେ ଥିବା ଜନଗହଳି କ୍ରିସ୍‌ମସ୍ ମାର୍କେଟରେ କାର୍ ମାଡ଼ିଯିବା ପରେ ସୁରକ୍ଷା କର୍ମୀମାନେ ଜଗି ରହିଛନ୍ତି।

ଜର୍ମାନୀର ମାଗ୍‌ଡେବର୍ଗ ସହରରେ ଥିବା ଏକ ଜନଗହଳିପୂର୍ଣ୍ଣ କ୍ରିସ୍‌ମାସ୍ ମାର୍କେଟ ମଧ୍ୟକୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି କାର୍ ମଡ଼ାଇଦେବାରୁ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦୦ ଲୋକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୪୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜର୍ମାନ ଚାନ୍‌ସେଲର ଓଲଫ୍ ସ୍କୋଲ୍‌ଜ କହିଛନ୍ତି। ଏହି ଆକ୍ରମଣରେ ୭ ଜଣ ଭାରତୀୟ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୩ ଜଣ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିଥିବାବେଳେ ସମସ୍ତ ଆହତଙ୍କ ସହ ଭାରତୀୟ ଦୂତାବାସ ଯୋଗାଯୋଗରେ ରହିଛି। କ୍ରିସ୍‌ମାସ୍ ମାର୍କେଟ ଆକ୍ରମଣ ଘଟଣାକୁ ଭାରତ ନିନ୍ଦା କରିଛି।

କାର୍ ମଡ଼ାଇଥିବା ସାଉଦି ଆରବର ଜଣେ ଡାକ୍ତରଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଛି। ଛୁଟିଦିନ ପାଇଁ ଲୋକେ ମାର୍କେଟରେ କିଣାକିଣିରେ ବ୍ୟସ୍ତ ଥିବାବେଳେ ୫୦ ବର୍ଷୀୟ ଡାକ୍ତର ଜଣକ ଉଦ୍ଦେଶ୍ୟମୂଳକ ଭାବେ ଗହଳି ଭିତରକୁ କାର୍ ମଡ଼ାଇ ଦେଇଥିଲେ ବୋଲି କୁହାଯାଉଛି।

ଅଭିଯୁକ୍ତ ଡାକ୍ତର ଟାଲେବ୍ ଏ. ୨ ଦଶନ୍ଧି ହେଲା ଜର୍ମାନୀରେ ରହି ବର୍ନବର୍ଗରେ ରୋଗୀ ଚିକିତ୍ସା କରୁଥିଲେ। ସେ ମାନସିକ ରୋଗ ଏବଂ ମନୋଚିକିତ୍ସା ବିଶେଷଜ୍ଞ। ମୃତକମାନଙ୍କ ପାଇଁ ଶନିବାର ମାର୍କେଟ ନିକଟ ଚର୍ଚ୍ଚ ବାହାରେ ଲୋକେ କ୍ୟାଣ୍ଡେଲ ଜାଳି ଶୋକବ୍ୟକ୍ତ କରିଛନ୍ତି। ତେବେ ଡାକ୍ତର ଜଣକ କ'ଣ ପାଇଁ ଏଭଳି କାର୍ଯ୍ୟ କଲେ ତାହା ଜଣାପଡ଼ିନାହିଁ। ଡାକ୍ତର ଜଣକ ପୂର୍ବରୁ ମୁସଲମାନ ଥିଲେ। ତେବେ ସେ ଇସ୍‌ଲାମ ଧର୍ମକୁ ସମାଲୋଚନା କରି ଏହା ବିରୋଧରେ ପ୍ରତିଦିନ ଟୁଇଟ୍ ଏବଂ ରିଟୁଇଟ୍ କରିଥାନ୍ତି।

## ଟ୍ରୁଡୋଙ୍କୁ କ୍ଷମତାଚ୍ୟୁତ କରିବାକୁ ମୁଖ୍ୟ ସହଯୋଗୀଙ୍କ ସଂକଳ୍ପ

ଟରଣ୍ଟୋ, ୨୧।୧୨(ପି.ଟି.)

କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କ ନେତୃତ୍ୱର ଭବିଷ୍ୟତକୁ ନେଇ ଅନିଶ୍ଚିତତା ବଢ଼ିବାରେ ଲାଗିଛି। ସଂଖ୍ୟାଲଘୁ ଲିବେରାଲ ସରକାରକୁ ଭାଙ୍ଗିବା ପାଇଁ ପ୍ରସ୍ତାବ ଆଗତ କରିବେ ବୋଲି ଟ୍ରୁଡୋଙ୍କ ମୁଖ୍ୟ ସହଯୋଗୀ ନ୍ୟୁ ଡେମୋକ୍ରାଟିକ୍ ପାର୍ଟି (ଏନ୍‌ଡିପି) ନେତା ଜଗମିତ୍ ସିଂ କହିଛନ୍ତି। ସିଂଙ୍କ ଦଳ ଟ୍ରୁଡୋଙ୍କୁ ପ୍ରଧାନମନ୍ତ୍ରୀ ପଦରେ ରଖିବା ଲାଗି ସମର୍ଥନ ଦେଇ ଆସିଥିଲା। ତେବେ ସେ ଟ୍ରୁଡୋଙ୍କ ନେତୃତ୍ୱାଧୀନ ସରକାର ପ୍ରତି ଆସ୍ଥା ହରାଇଥିବା ସାମାଜିକ ଗଣମାଧ୍ୟମରେ ଏକ ଖୋଲା ଚିଠି ଜରିଆରେ ଘୋଷଣା କରିଛନ୍ତି। ଯଦି ବିରୋଧୀ ଦଳଗୁଡ଼ିକ ଏହି ପ୍ରସ୍ତାବକୁ ସମର୍ଥନ କରନ୍ତି, ତେବେ କାନାଡାରେ ଆଗୁଆ ନିର୍ବାଚନ ହୋଇପାରେ। ଆସନ୍ତା ବର୍ଷ ଅକ୍ଟୋବର ସୁଦ୍ଧା ନିର୍ବାଚନ ହେବ ବୋଲି କୁହାଯାଉଛି। ପୂର୍ବରୁ ଅନ୍ୟ ଦୁଇ ମୁଖ୍ୟ ବିରୋଧୀ ଟ୍ରୁଡୋଙ୍କୁ ବିରୋଧ କରିଥିବାବେଳେ ସିଂ ଶେଷରେ ତାଙ୍କ ପ୍ରତି ଅନାସ୍ଥା ହରାଇଥିବା କହିଛନ୍ତି। ଲିବେରାଲ ଦଳ ଆଉ ଏକ ସୁଯୋଗ ପାଇବାକୁ ହକ୍‌ଦାର ନୁହେଁ। ସେଥିପାଇଁ ଟ୍ରୁଡୋ ସରକାର ଭାଙ୍ଗିବାକୁ ଅନାସ୍ଥା ପ୍ରସ୍ତାବ ଆଣିବେ ବୋଲି ସିଂ କହିଛନ୍ତି।

## ନୂଆ କୁଏଟ୍ ପାଇଁ ଭାରତର ଦକ୍ଷତା, ପ୍ରଯୁକ୍ତି ରହିଛି: ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କୁଏଟ୍‌ରେ ୧୦୧ ବର୍ଷୀୟ ପୂର୍ବତନ ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଫିସର ମଙ୍ଗଲ ସୈନ ହାନ୍ଦାଙ୍କୁ ଭେଟୁଛନ୍ତି।

କୁଏଟ୍ ସିଟି, ୨୧।୧୨

ଦୁଇଦିନିଆ କୁଏଟ୍ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର 'ହାଲା ମୋଦି' ଡାଏସ୍‌ପୋରା କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟଙ୍କୁ ଭେଟି ଆଲୋଚନା କରିଛନ୍ତି। 'ନୂଆ କୁଏଟ୍' ନିର୍ମାଣ ପାଇଁ ଭାରତ ପାଖରେ ଆବଶ୍ୟକ ମାନବ ସମ୍ବଳ, ଦକ୍ଷତା ଓ ପ୍ରଯୁକ୍ତି ରହିଥିବା ସେ କହିଛନ୍ତି। କୁଏଟ୍ ଅମିର ଶେଖ୍ ମେଶାଲ ଅଲ୍-ଅହମଦ ଅଲ୍-ଜାବେର ଅଲ୍-ସବାହଙ୍କ ଆମନ୍ତ୍ରଣକ୍ରମେ ୪୩ ବର୍ଷ ପରେ ପ୍ରଥମ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ସେଠାକୁ ଯାଇଛନ୍ତି। ତାଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସମ୍ପର୍କକୁ ମଜଭୁତ କରିବ ବୋଲି ଆଶା କରାଯାଉଛି। ଗସ୍ତ ଅବସରରେ ମୋଦି ସେଠାରେ ୧୦୧ ବର୍ଷୀୟ ପୂର୍ବତନ ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଫିସର ମଙ୍ଗଲ ସୈନ ହାନ୍ଦାଙ୍କୁ ଭେଟିଛନ୍ତି। ମଙ୍ଗଲଙ୍କୁ ଭେଟିବା ପାଇଁ ତାଙ୍କ ନାତୁଣୀ ଶ୍ରେୟା ଜୁନେଜା ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଥିଲେ। କୁଏଟ୍‌ର ଉପସାଗରୀୟ ଲେବର କ୍ୟାମ୍ପକୁ ମଧ୍ୟ ମୋଦି ଶ୍ରମିକମାନଙ୍କ ସହ ଆଲୋଚନା କରିଛନ୍ତି।

## ଅମିତ୍ ଶାହାଙ୍କ ଇସ୍ତଫା ଦାବିରେ ସପ୍ତାହବ୍ୟାପୀ ଅଭିଯାନ କରିବ କଂଗ୍ରେସ

**ଆମ୍ବେଡକର ବିରୋଧୀ ମନ୍ତବ୍ୟ**

ନୂଆଦିଲ୍ଲୀ, ୨୧।୧୨

ସମ୍ବିଧାନ ନିର୍ମାତା ବାବା ସାହେବ ଆମ୍ବେଡକରଙ୍କୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କର ମନ୍ତବ୍ୟକୁ ବିରୋଧ କରି କଂଗ୍ରେସ ଦେଶବ୍ୟାପୀ ସପ୍ତାହେ ଧରି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଶନିବାର ଏକ ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ପଓ୍ୱନ ଖେରା ଏହି ସୂଚନା ଦେଇଛନ୍ତି। କଂଗ୍ରେସ ୨୨ ଓ ୨୩ରେ ୧୫୦ଟି ସହରରେ ଖବରଦାତା ସମ୍ମିଳନୀ କରି ଶାହାଙ୍କ ଇସ୍ତଫା ଦାବି କରିବ। ସେହିପରି ଦଳ ଆସନ୍ତା ୨୪ରେ ଦେଶବ୍ୟାପୀ ବାବା ସାହେବ ଆମ୍ବେଡକର ସମ୍ମାନ ଯାତ୍ରା ବାହାର କରି ଦେଶବ୍ୟାପୀ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବ। ଆସନ୍ତା ୨୬ରେ କର୍ଣ୍ଣାଟକର ବେଲଗାଭିରେ ଆୟୋଜନ ହେବାକୁ ଥିବା କଂଗ୍ରେସ ଓ୍ୱାର୍କିଂ କମିଟି (ସିଡବ୍ଲ୍ୟୁସି) ବୈଠକରେ ଏନେଇ ବିସ୍ତୃତ ଆଲୋଚନା ହେବ ଏବଂ ଆଗାମୀ ପଦକ୍ଷେପ ସ୍ଥିର ହେବ। ସେହିପରି ଆସନ୍ତା ୨୭ରେ ଦଳ ଶାହାଙ୍କ ଇସ୍ତଫା ଦାବି କରି ବେଲଗାଭିରେ ଏକ ବିଶାଳ ରାଲିର ଆୟୋଜନ କରିବ।

## କେଜ୍‌ରିଓ୍ୱାଲଙ୍କ ବିରୋଧରେ ଆଇନଗତ ମକଦ୍ଦମା ଚାଲିବ

**■ଇଡିକୁ ମଞ୍ଜୁରି ଦେଲେ ଉପ ରାଜ୍ୟପାଳ**

**■ମଞ୍ଜୁରିର ନକଲ ମାଗିଲା ଆପ୍**

ନୂଆଦିଲ୍ଲୀ, ୨୧।୧୨

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କୁ ଝଟକା ଲାଗିଛି। ତଥାକଥିତ ଅବକାରୀ ଦୁର୍ନୀତି ମାମଲାରେ କେଜ୍‌ରିଓ୍ୱାଲଙ୍କ ବିରୋଧରେ ଆଇନଗତ ମକଦ୍ଦମା ଚଳାଇବାକୁ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନା ଶନିବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଅନୁମତି ପ୍ରଦାନ କରିଛନ୍ତି। ଏନେଇ ଗତ ୫ରେ ଇଡି ପକ୍ଷରୁ ଦିଲ୍ଲୀ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖାଯାଇଥିଲା। ତେବେ ଏହି ଘଟଣାକୁ ଆପ୍ ପକ୍ଷରୁ ଅସ୍ୱୀକାର କରାଯାଇଛି। ଯଦି କେଜ୍‌ରିଓ୍ୱାଲଙ୍କ ବିରୋଧରେ ଆଇନଗତ ମକଦ୍ଦମା ରୁଜୁ କରିବାକୁ ଉପରାଜ୍ୟପାଳ ଅନୁମୋଦନ ପ୍ରଦାନ କରିଛନ୍ତି, ତେବେ ଏହାର ନିର୍ଦ୍ଦେଶନାମାକୁ ସାର୍ବଜନୀନ କରାଯାଉ ବୋଲି ଆପ୍ ମୁଖପାତ୍ର ପ୍ରିୟଙ୍କା କକ୍କଡ଼ କହିଛନ୍ତି।

## ଅଜିତଙ୍କୁ ଅର୍ଥ, ଶିନ୍ଦେଙ୍କୁ ସହରାଞ୍ଚଳ ବିକାଶ

**ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳରେ ବିଭାଗ ବଣ୍ଟନ**

ମୁମ୍ବାଇ, ୨୧।୧୨

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଶନିବାର ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ପାଖରେ ଗୃହ ସହ ଆଇନ ଓ ନ୍ୟାୟ ବିଭାଗ ରଖିଥିବାବେଳେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ସହରାଞ୍ଚଳ ବିକାଶ, ଗୃହ ନିର୍ମାଣ ଏବଂ ପୂର୍ତ୍ତ ବିଭାଗ ଦେଇଛନ୍ତି। ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାରଙ୍କୁ ଅର୍ଥ ସହିତ ଯୋଜନା ଓ ଅବକାରୀ ବିଭାଗ ମିଳିଛି। ଫଡ୍‌ନବିସ୍‌ଙ୍କ ପାଖରେ ଶକ୍ତି, ସାଧାରଣ ପ୍ରଶାସନ, ସୂଚନା ଓ ପ୍ରଚାର ପ୍ରସାର ବିଭାଗ ମଧ୍ୟ ରହିଛି। ବିଭାଗ ଘୋଷଣା ପରେ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଲାଗିରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ଶିବସେନା ପୂର୍ବରୁ ଗୃହ ବିଭାଗ ଦାବି କରୁଥିବାବେଳେ ଭାଜପା ଏହାକୁ ଅଗ୍ରାହ୍ୟ କରିଦେଇଥିଲା। ଡିସେମ୍ବର ୧୫ରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇ ଭାଜପାରୁ ୧୯, ଶିବସେନାରୁ ୧୧ ଏବଂ ଏନ୍‌ସିପିରୁ ୯ ଜଣଙ୍କୁ ମନ୍ତ୍ରୀ କରାଯାଇଥିଲା।

## ଜଙ୍ଗଲରୁ ୫୨ କେ.ଜି. ସୁନା, ୧୦ କୋଟି ଟଙ୍କା ଜବତ

ଭୋପାଳ, ୨୧।୧୨

**ଚଢ଼ାଉ ଡରରେ ଫିଙ୍ଗିଦେଲେ**

ଚଢ଼ାଉ ଭୟରେ ମଧ୍ୟପ୍ରଦେଶର ଭୋପାଳ ସହର ଉପକଣ୍ଠ ମେଣ୍ଡୋରି ଜଙ୍ଗଲ ମଧ୍ୟରେ ଏକ ପରିତ୍ୟକ୍ତ କାର୍‌ରେ ୫୨ କେ.ଜି. ସୁନା ଏବଂ ୧୦ କୋଟି ଟଙ୍କା ରଖିଦେଇଯାଇଥିଲେ। ଆୟକର ବିଭାଗ ଏବଂ ଭୋପାଳ ଲୋକାୟୁକ୍ତ ପୋଲିସ ଚଢ଼ାଉ ବେଳେ ସେଗୁଡ଼ିକୁ ଜବତ କରିଛି। ଫଳରେ ରାଜନେତା, ସରକାରୀ ଅଧିକାରୀ ଏବଂ ରିଅଲ ଇଷ୍ଟେଟ୍ ସଂସ୍ଥାଗୁଡ଼ିକ ମିଳିମିଶି ଦୁର୍ନୀତିରେ ଲିପ୍ତଥିବା ଅଭିଯୋଗ ସ୍ପଷ୍ଟ ହୋଇଛି। ପରିତ୍ୟକ୍ତ ଇନୋଭା କାର୍‌ରୁ ଜବତ ହୋଇଥିବା ୫୨ କେ.ଜି. ସୁନା ବିସ୍କୁଟ୍‌ର ଦାମ୍ ୪୦ କୋଟି ଟଙ୍କାରୁ ଅଧିକ ହୋଇଥିବାବେଳେ ନଗଦ ୧୦ କୋଟି ଟଙ୍କା ଜବତ ହୋଇଛି। ଜଙ୍ଗଲ ରାସ୍ତା ଦେଇ ଏହି ସୁନା ଚାଲାଣ ହେଉଥିବା ସୂଚନା ପାଇ ପୋଲିସ ଓ ଆୟକର ବିଭାଗ ଅଧିକାରୀମାନେ ଚଢ଼ାଉ କରିଥିଲେ। କାର୍‌ଟି ଯେପରି ଖସିଯାଇ ନ ପାରିବ ସେଥିପାଇଁ ୧୦୦ ପୋଲିସ କର୍ମଚାରୀ ଓ ୩୦ ଗାଡ଼ି ଏହାକୁ ଘେରିଯାଇଥିଲେ। ତେବେ କାର୍ ଭିତରୁ ସୁନା ଓ ଟଙ୍କା ଭର୍ତ୍ତି ୨ଟି ବ୍ୟାଗ୍ ମିଳିଥିବାବେଳେ ସେଥିରେ କେହି ନ ଥିଲେ। ଜବତ କାର୍‌ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ଜଣେ ପୂର୍ବତନ କନ୍‌ଷ୍ଟେବଲ ସୌରଭ ଶର୍ମାଙ୍କ ସହଯୋଗୀ ଏବଂ ଗ୍ୱାଲିୟର ବାସିନ୍ଦା ଚେତନ ଗୌରଙ୍କର ବୋଲି ଜଣାପଡ଼ିଛି। ଶର୍ମା ଓ କେତେଜଣ ବିଲ୍ଡରଙ୍କ ବିରୋଧରେ ତଦନ୍ତ ଚାଲିଥିବାବେଳେ ଜବତ ସୁନା ଓ ନଗଦ ଅର୍ଥ ସେମାନଙ୍କର ହୋଇଥିବା ସନ୍ଦେହ କରାଯାଉଛି। ଟଙ୍କା ଓ ସୁନାର କେହି ଦାବିଦାର ନ ଥିବାରୁ ସେଗୁଡ଼ିକ କାହାର ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି।

## ଧ୍ୟାନ ସାରା ବିଶ୍ୱର ଆବଶ୍ୟକତା ପାଲଟିଛି

ଜାତିସଂଘ, ୨୧।୧୨



**ପ୍ରଥମ ବିଶ୍ୱ ଧ୍ୟାନ ଦିବସରେ ଜାତିସଂଘକୁ ସମ୍ବୋଧିତ କଲେ ଶ୍ରୀଶ୍ରୀ ରବିଶଙ୍କର**

ପ୍ରଥମ ବିଶ୍ୱ ଧ୍ୟାନ ଦିବସ ଅବସରରେ ଆଧ୍ୟାତ୍ମିକ ଗୁରୁ ତଥା ମାନବବାଦୀ ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କର ଶନିବାର ଜାତିସଂଘକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ ବିଶ୍ୱକୁ ଧ୍ୟାନର ମହତ୍ତ୍ୱ ବୁଝାଇଛନ୍ତି। ସମ୍ପ୍ରତି ବଢ଼ୁଥିବା ଦ୍ୱନ୍ଦ୍ୱ ଏବଂ ପରସ୍ପର ପ୍ରତି ଗଭୀର ଅବିଶ୍ୱାସ ମଧ୍ୟରେ ସମଗ୍ର ବିଶ୍ୱ ପାଇଁ ଧ୍ୟାନ ଏକ ଜରୁରୀ ଆବଶ୍ୟକତା ପାଲଟିଥିବା ଶ୍ରୀ ଶ୍ରୀ ରବିଶଙ୍କର କହିଛନ୍ତି। ସେ କହିଛନ୍ତି, ଧର୍ମ ହେଉଛି ଏପରି ଏକ ମନ୍ତ୍ର ଯାହା ଧର୍ମ, ଜାତି ଏବଂ ସମ୍ପ୍ରଦାୟକୁ ଅତିକ୍ରମ କରି ମଣିଷକୁ ସାହାଯ୍ୟ କରିଥାଏ। ଧ୍ୟାନ କେବଳ ମଣିଷ ଜୀବନରେ ଶାନ୍ତି ଆଣି ଥାଏ ତାହା ନୁହେଁ ବରଂ ଏହା ସମସ୍ତଙ୍କଠାରେ ବୈଶ୍ୱିକ ଶାନ୍ତି ଏବଂ କଲ୍ୟାଣର ଭାବନାକୁ ଜାଗ୍ରତ କରିଥାଏ। ଧ୍ୟାନ ହେଉଛି ଏପରି ଏକ କ୍ରିୟା ଯାହାକୁ ଯେକୌଣସି ସ୍ଥାନରେ କୌଣସି ସମୟରେ କରାଯାଇପାରିବ ବୋଲି ଶ୍ରୀ ଶ୍ରୀ ରବିଶଙ୍କର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାତିସଂଘର ରାଷ୍ଟ୍ରଦୂତ, ଅଧିକାରୀ, ବିଭିନ୍ନ ଆଧ୍ୟାତ୍ମିକ ସଙ୍ଗଠନର ସଦସ୍ୟ ଓ ବହୁ ସଂଖ୍ୟାରେ ଭାରତୀୟ-ଆମେରିକୀୟ ଯୋଗ ଦେଇଥିଲେ। ଚଳିତ ମାସର ପ୍ରାରମ୍ଭରେ ଜାତିସଂଘ ସର୍ବସମ୍ମତି କ୍ରମେ ୨୧ ଡିସେମ୍ବରକୁ ବିଶ୍ୱ ଧ୍ୟାନ ଦିବସ ଭାବେ ପାଳନ କରିବା ପାଇଁ ସଂକଳ୍ପନାମା ପାରିତ କରିଥିଲା। ପ୍ରଥମ ବିଶ୍ୱ ଧ୍ୟାନ ଦିବସର ବିଷୟବସ୍ତୁ ରହିଛି, 'ମେଡିଟେଶନ୍ ଫର୍ ଗ୍ଲୋବାଲ ପିସ୍ ଆଣ୍ଡ ହାର୍‌ମୋନି'।

**ଫୁରସତ୍**

## ପାୟଲଙ୍କ ଫିଲ୍ମକୁ ଓବାମାଙ୍କ ପ୍ରଶଂସା



ବାରାକ୍ ଓବାମା



ପାୟଲ କପାଡିଆ

ୱାଶିଂଟନ

ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରକ୍ ଓବାମା ଚଳଚ୍ଚିତ୍ର ଦେଖିବାକୁ ବେଶ୍ ପସନ୍ଦ କରନ୍ତି। ପ୍ରତ୍ୟେକ ବର୍ଷ ଶେଷରେ ସେ ତାଙ୍କ ପ୍ରିୟ ଚଳଚ୍ଚିତ୍ରଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଶେୟାର କରନ୍ତି ଏବଂ ସେଗୁଡ଼ିକୁ ଦେଖିବା ପାଇଁ ପ୍ରଶଂସକମାନଙ୍କୁ ପରାମର୍ଶ ଦିଅନ୍ତି। ୨୦୨୪ରେ ସେ ତାଙ୍କ ପ୍ରିୟ ଚଳଚ୍ଚିତ୍ରଗୁଡ଼ିକର ତାଲିକାକୁ ଶୁକ୍ରବାର ଶେୟାର କରିଛନ୍ତି। ଏହି ତାଲିକାରେ ନିର୍ଦ୍ଦେଶିକା ପାୟଲ କାପାଡିଆଙ୍କ ଫିଲ୍ମ 'ଅଲ୍ ୱି ଇମାଜିନ ଆଜ୍ ଲାଇଟ୍' ରହିଛି। ସେହିପରି ଓବାମାଙ୍କ ଦ୍ୱାରା ଜାରି ହୋଇଥିବା ଶ୍ରେଷ୍ଠ ଫିଲ୍ମ ତାଲିକାରେ, 'ଅଲ୍ ୱି ଇମାଜିନ ଆଜ୍ ଲାଇଟ୍' ସହ ''କନକ୍ଲେଭ୍', 'ଦି ପିଆନୋ ଲେଶନ', 'ଦି ପ୍ରମିସ୍‌ଡ ଲ୍ୟାଣ୍ଡ', 'ଦି ସେଣ୍ଡ ଅଫ୍ ଦି ସାକରେଡ୍ ଫିଗ୍', 'ଡ୍ୟୁନ୍ ପାର୍ଟ ୨', 'ଆନୋରା', 'ଡିଡି', 'ସୁଗାର କେନ୍', 'ଏ କମ୍ପ୍ଲିଟ୍ ଅନ୍‌ନୋନ' ରହିଛି। ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଓବାମା ଲେଖିଛନ୍ତି, ୨୦୨୪ରେ ରିଲିଜ୍ ହୋଇଥିବା କିଛି ଉତ୍କୃଷ୍ଟ ଚଳଚ୍ଚିତ୍ର, ଯାହା ଆପଣମାନେ ଦେଖିବା ଉଚିତ। ଓବାମାଙ୍କ ହୃଦୟ ଜିତିପାରିଥିବା ପାୟଲଙ୍କ ଫିଲ୍ମ 'ଅଲ୍ ୱି ଇମାଜିନ ଆଜ୍ ଲାଇଟ୍' ପୂର୍ବରୁ ମଧ୍ୟ ଅନ୍ତର୍ଜାତୀୟସ୍ତରରେ ବହୁ ପ୍ରଶଂସା ଗ୍ରହଣ କରିଛି। ୨୦୨୪ ମେ'ରେ ହୋଇଥିବା କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ସମ୍ମାନଜନକ ଉତ୍ସବର ମୁଖ୍ୟ ପ୍ରତିଯୋଗିତାରେ ମଧ୍ୟ 'ଅଲ୍ ୱି ଇମାଜିନ ଆଜ୍ ଲାଇଟ୍' ସାମିଲ ହୋଇପାରିଥିଲା। ସେହିପରି ଏହି ଚଳଚ୍ଚିତ୍ର କାନ୍ସର ଦ୍ୱିତୀୟ ଶ୍ରେଷ୍ଠ ପୁରସ୍କାର 'ଗ୍ରାଣ୍ଡ ପ୍ରିକ୍ସ' ମଧ୍ୟ ଲାଭ କରିଥିଲା। ଗତ ୩୦ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ଭାବେ 'ଅଲ୍ ୱି ଇମାଜିନ ଆଜ୍ ଲାଇଟ୍' କାନ୍ସର ମୁଖ୍ୟ ପ୍ରତିଯୋଗିତାରେ ପହଞ୍ଚିଥିଲା। ସେହିପରି ୭୦ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ଭାବେ ଏହା ଗ୍ରାଣ୍ଡ ପ୍ରିକ୍ସ ପୁରସ୍କାର ଜିତିବାକୁ ସକ୍ଷମ ହୋଇଥିଲା।

## ଡିଭର୍ସ ମେହେନ୍ଦି




ନୂଆଦିଲ୍ଲୀ

ଉର୍ବଶୀ ବୋହରା ଶର୍ମା ନାମ୍ନୀ ଜଣେ ମହିଳା ହାତରେ ଏକ ସ୍ୱତନ୍ତ୍ର ମେହେନ୍ଦି ଡିଜାଇନ୍ କରିଛନ୍ତି। ସେ ଏହି ମେହେନ୍ଦିରେ ନିଜ ଛାଡ଼ପତ୍ରର ପ୍ରକୃତ କାରଣକୁ ଦର୍ଶାଇଛନ୍ତି। ଏହି ଡିଜାଇନ'ର ମେହେନ୍ଦିକୁ ଉର୍ବଶୀ ଡିଭର୍ସ ମେହେନ୍ଦି ଭାବେ ନାମିତ କରିଛନ୍ତି। ଉକ୍ତ ମେହେନ୍ଦି ମାଧ୍ୟମରେ ସେ ଅତୀତରେ ଶାଶୁଘରେ ସହିଥିବା ସମସ୍ତ ନିର୍ଯାତନାକୁ ଦର୍ଶାଇଛନ୍ତି।

## ୮ ଲକ୍ଷ ଖର୍ଚ୍ଚକରି ଫୁଡ୍ ବ୍ଲଗର ବିଫଳ

**ୟୁଟ୍ୟୁବ୍ ଛାଡ଼ି ଚର୍ଚ୍ଚାରେ**

ନୂଆଦିଲ୍ଲୀ



ନଳିନୀ ଉନାଗର

ସମ୍ପ୍ରତି ୟୁଟ୍ୟୁବ୍ ରୋଜଗାରର ଏକ ମାଧ୍ୟମ ପାଲଟିଯାଇଛି। ସେଥିପାଇଁ ଅଧିକାଂଶ ଯୁବପିଢ଼ିଙ୍କ ମଧ୍ୟରେ ୟୁଟ୍ୟୁବର ହେବା ପାଇଁ କ୍ରେଜ୍ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ବେଳେବେଳେ ଅନ୍‌ଲାଇନ ପ୍ଲାଟ୍‌ଫର୍ମଗୁଡ଼ିକ ଜରିଆରେ ପରିଶ୍ରମ ଅନୁଯାୟୀ ଫଳ ମିଳି ନ ଥାଏ। ଫଳରେ ୟୁଟ୍ୟୁବର ଭାବେ ସଫଳ ହେବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କୁ ହତୋତ୍ସାହିତ ହେବାକୁ ପଡ଼ିଥାଏ। ନିକଟରେ ଏଭଳି ଏକ ମାମଲା ସାମ୍ନାକୁ ଆସିଛି, ଯେଉଁଥିରେ ଫୁଡ୍ ବ୍ଲଗର ନଳିନୀ ଉନାଗର ନିଜ ୟୁଟ୍ୟୁବ ଚ୍ୟାନେଲ 'ନଳିନିଜ୍ କିଚେନ୍' ପାଇଁ ୮ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ସତ୍ତ୍ୱେ ମଧ୍ୟ ଅସଫଳ ହୋଇଛନ୍ତି।

ଜଣେ ସଫଳ ଫୁଡ୍ ବ୍ଲଗର ହେବା ପାଇଁ ନଳିନୀ ଗତ ୩ ବର୍ଷରେ ୮ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ସେ ଏହାରି ମଧ୍ୟରେ ୨୫୦ଟି ଭିଡିଓ ଅପଲୋଡ୍ କରିଥିବା ବେଳେ ତାଙ୍କର ପ୍ରାୟ ୨୫୦୦ ସବ୍‌ସ୍କ୍ରାଇବର୍ସ ଥିଲେ। ଏତେ ଟଙ୍କା ଖର୍ଚ୍ଚ କରି ମଧ୍ୟ ୟୁଟ୍ୟୁବ୍‌ରେ ବିଶେଷ ସଫଳତା ମିଳୁ ନ ଥିବାରୁ ସେ ନିରାଶ ହୋଇଥିଲେ। ଶେଷରେ ନଳିନୀ ୟୁଟ୍ୟୁବ୍ ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେ ତାଙ୍କର ସମସ୍ତ ରୋଷେଇ ଉପକରଣ ଓ ଷ୍ଟୁଡିଓ ସାମଗ୍ରୀଗୁଡ଼ିକୁ ବିକ୍ରି କରିବେ ବୋଲି ମଧ୍ୟ କହିଛନ୍ତି। ନଳିନୀ କହିଛନ୍ତି, ୟୁଟ୍ୟୁବ୍ ପରି ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକୁ ଭାଗ୍ୟର ସହଯୋଗ ମଧ୍ୟ ଦରକାର କରିଥାଏ। ଆୟର ପ୍ରାଥମିକ ଉତ୍ସ ଭାବରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ନିର୍ଭରଶୀଳ ରହିବା ଉଚିତ ନୁହେଁ। ୟୁଟ୍ୟୁବର ଭାବେ ଆଉ ଭିଡିଓ କରିବେ ନାହିଁ ବୋଲି ନଳିନୀ କରିଥିବା ପୋଷ୍ଟ ସମ୍ପ୍ରତି ଏକ୍ସ'ରେ ଭାଇରାଲ ହେବାରେ ଲାଗିଛି ଏବଂ ତାଙ୍କୁ ନେଇ ଚର୍ଚ୍ଚା ଜାରି ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଦ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏମ୍.ଭି. ଦେବୀ ଜାହାଜରୁ ମୁକୁଳିବେ ୨୧ ଭିଏଟ୍‌ନାମ ନାବିକ

**ପାରାଦୀପ,୨୧।୧୨(ଶରତ ରାଉତ)**

ପାରାଦୀପରେ ୨୦୨୩ ନଭେମ୍ବର ୩୦ରୁ ଅଟକ ଥିବା ଏମ.ଭି. ଦେବୀ ଜାହାଜର ୨୧ ଜଣ ନାବିକ ସୋମବାର ମୁକୁଳିବେ ବୋଲି ଜଣାପଡ଼ିଛି। ଏହାପରେ ସେମାନେ ସ୍ୱଦେଶ ଫେରିବେ। ଏ ନେଇ ହାଇକୋର୍ଟ ଓ ତଦନ୍ତକାରୀ ସଂସ୍ଥା କଷ୍ଟମ୍ସ ପକ୍ଷରୁ ଶନିବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପ୍ରକାର କ୍ଲିୟରାନ୍ସ ଦିଆଯାଇଛି। ତେବେ ହାଇକୋର୍ଟ ପକ୍ଷରୁ ଦିଆଯାଇଥିବା ଚୁକ୍ତି ଅନୁଯାୟୀ, ଭିଏଟ୍‌ନାମର ଅନ୍ୟ ୨୧ ଜଣ ନାବିକ ଉକ୍ତ ଜାହାଜରେ ଚଢ଼ିବେ। ସେମାନଙ୍କ ମଧ୍ୟରୁ ୧୧ ଜଣ ନାବିକ ଜାହାଜରେ ଚଢ଼ିବା ପାଇଁ ପାରାଦୀପରେ ପହଞ୍ଚିଥିବାବେଳେ ଆଉ ୧୦ ଜଣ ଏକ ସପ୍ତାହ ପରେ ଚଢ଼ିବେ। ପାରାଦୀପରେ ପହଞ୍ଚିଥିବା ନୂତନ ନାବିକମାନଙ୍କ ମେଡିକାଲ ପରୀକ୍ଷା, କଷ୍ଟମ୍ସ ଯାଞ୍ଚ, ଇମିଗ୍ରେଶନ ଯାଞ୍ଚ ଆଦି କାମ ଶନିବାର ଶେଷ ହୋଇଛି। ରବିବାର ଅପରାହ୍ନ କିମ୍ବା ସୋମବାର ସକାଳୁ ସେହି ନୂତନ କ୍ରିୟୁ ମେମ୍ବର ଜାହାଜରେ ପ୍ରବେଶ କରିବେ ଏବଂ ପୁରୁଣା ୨୧ ନାବିକ ମୁକୁଳିବେ। କିନ୍ତୁ ଜାହାଜ ପୂର୍ବବତ୍ ଅଟକ ରହିବ।

# ‘ଗଣିତ : ନବୋଭାବନ ଓ ପ୍ରଗତିର ସେତୁ’




ଆମ ଦେଶରେ ପ୍ରତିବର୍ଷ ଡିସେମ୍ବର ୨୨ ତାରିଖକୁ ଜାତୀୟ ଗଣିତ ଦିବସ (ନ୍ୟାଶନାଲ ମ୍ୟାଥ୍‌ମେଟିକ୍ସ ଡେ) ଭାବରେ ପାଳନ କରାଯାଉଛି। ଏହା ହେଉଛି ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସନ୍ ରାମନୁଜନଙ୍କର ପବିତ୍ର ଜନ୍ମ ଦିବସ। ସେ ୧୮୮୭ ମସିହାର ଏହି ଦିନରେ ତାମିଲନାଡୁର ଇରୋଡ଼ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ସମ୍ମାନାର୍ଥେ ଭାରତ ସରକାର ୨୦୧୨ ମସିହାରେ ଡିସେମ୍ବର ୨୨ ତାରିଖକୁ ଜାତୀୟ ଗଣିତ ଦିବସ ପାଳନ କରିବା ପାଇଁ ଘୋଷଣା କରିଥିଲେ। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି- ‘ଗଣିତ : ନବୋଭାବନ ଓ ପ୍ରଗତିର ସେତୁ’ (Mathmatics : the Bridge to innovation and progress) ରାମନୁଜନ ଗରିବ ପରିବାରରେ ଜନ୍ମଗ୍ରହଣ କରି ଅନେକ ଅସୁବିଧା ଓ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ନିଜକୁ ଜଣେ ଶ୍ରେଷ୍ଠ ଗଣିତଜ୍ଞ ଭାବରେ ପ୍ରତିଷ୍ଠିତ କରାଇ ପାରିଥିଲେ। ସେ କୁମ୍ଭକୋଣମ୍ କଲେଜରେ ଅଧ୍ୟୟନ କରିଥିଲେ। ଗଣିତ ପ୍ରତି ତାଙ୍କର ଏତେ ମାତ୍ରାରେ ଆସକ୍ତି ଥିଲା ଯେ, ସେ ସର୍ବଦା ଗଣିତ ପଢୁଥିଲେ ଏବଂ ଅନ୍ୟ ବିଷୟ ପ୍ରତି ହେଳା କରୁଥିଲେ। ଫଳରେ ତିନି ଥର ପରୀକ୍ଷା ଦେଇ ମଧ୍ୟ ସେ ଏଫ୍.ଏ. (ଆଜିକାର ଯୁକ୍ତ ୨) ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନ ଥିଲେ। କିନ୍ତୁ ସେ ନିଜେ ନିଜେ ଗଣିତ ପଢ଼ି ଗଣିତର ଅନେକ ସୂତ୍ର ଓ ଉପପାଦ୍ୟ ଆବିଷ୍କାର କରିଥିଲେ। ସେଗୁଡ଼ିକୁ ଗୋଟିଏ ଟିପା ଖାତାରେ ଲେଖି ରଖିଥିଲେ। ଜୀବିକାର୍ଜନ ପାଇଁ ସେ ସ୍ୱଳ୍ପ ଦରମାରେ ମାନ୍ଦ୍ରାଜ ବନ୍ଦରରେ କିରାଣି ଚାକିରି କରି ମଧ୍ୟ ଗଣିତ ଉପରେ ଗବେଷଣା କରୁଥିଲେ। ରାମାନୁଜନ ୧୯୧୩ ମସିହାରେ ନିଜର କିଛି ସୂତ୍ର ଓ ଉପପାଦ୍ୟ ସହ ଏକ ଚିଠି ଲେଖି ଇଂଲଣ୍ଡ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଗଣିତଜ୍ଞ ଜି.ଏଚ. ହାର୍ଡିଙ୍କ ପାଖକୁ ପଠାଇଥିଲେ। ଗୁଣ ଚିହ୍ନେ ଗୁଣିଆ। ତେଣୁ ହାର୍ଡି ତାଙ୍କର ପ୍ରତିଭାକୁ ଜାଣିପାରି ଚେଷ୍ଟା କରି ଉଚ୍ଚତର ଅଧ୍ୟୟନ ପାଇଁ ତାଙ୍କୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟକୁ ନେଲେ। ରାମାନୁଜନ ସେଠାରେ କେତେଗୁଡିଏ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ପୃଥିବୀରେ ଖ୍ୟାତି ଲାଭ କରିଥିଲେ। ସେହି ସମୟରେ ସେ ଲଣ୍ଡନର ରୟାଲ ସୋସାଇଟିକୁ ନିର୍ବାଚିତ ହେଲେ, ମାତ୍ର ଇଂଲଣ୍ଡର ଥଣ୍ଡା ଜଳବାୟୁରେ ସେ ଅସୁସ୍ଥ ହୋଇ ଯକ୍ଷ୍ମାରେ ଆକ୍ରାନ୍ତ ହୋଇ ଭାରତ ଫେରି ଆସିଲେ। ୧୯୨୦ ମସିହାରେ ସେ ମୃତ୍ୟୁବରଣ କରିଥିଲେ। ମାତ୍ର ୩୩ ବର୍ଷର ଆୟୁକାଳ ମଧ୍ୟରେ ସେ ଗଣିତର ଯେତିକି ସୂତ୍ର ଓ ତତ୍ତ୍ୱ ଆବିଷ୍କାର କରିଥିଲେ, ସେଗୁଡିକୁ ପ୍ରମାଣ କରିବା ପାଇଁ ଗଣିତଜ୍ଞଙ୍କୁ ପ୍ରାୟ ଶହେ ବର୍ଷ ଲାଗିଯାଇଥିଲା। ଉଲ୍ଲେଖନୀୟ ଯେ, ପ୍ରାଚୀନ ଭାରତରେ ଗଣିତ ଅତି ଉଚ୍ଚ ସ୍ତରରେ ଥିଲା। ଦଶମିକ ସଂଖ୍ୟା ପଦ୍ଧତି ହେଉଛି ହିନ୍ଦୁ ଗଣିତଜ୍ଞମାନଙ୍କର ବିଶ୍ୱ ଗଣିତକୁ ଏକ ଶ୍ରେଷ୍ଠ ଅବଦାନ। ପ୍ରାଚୀନ ଭାରତରେ ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ, ଭାସ୍କରାଚାର୍ଯ୍ୟ, ମାଧବାଚାର୍ଯ୍ୟ ପ୍ରମୁଖ ଗଣିତଜ୍ଞମାନେ ଯେଉଁ ସବୁ ଆବିଷ୍କାର କରିଥିଲେ, ତାହାର ଅନେକ ବର୍ଷ ପରେ ୟୁରୋପୀୟ ଗଣିତଜ୍ଞମାନେ ସେସବୁକୁ ପୁନଃ ଆବିଷ୍କାର କରି ଗଣିତ ଇତିହାସରେ ଗୌରବ ନେଇଛନ୍ତି। ଆମ ଦେଶର ପ୍ରାଚୀନ ଗଣିତ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଏବଂ ଗଣିତ ପ୍ରତି ଛାତ୍ରୀଛାତ୍ରମାନଙ୍କୁ ଆକୃଷ୍ଟ କରିବା ହେଉଛି ଜାତୀୟ ଗଣିତ ଦିବସର ଉଦ୍ଦେଶ୍ୟ।

**- ଇଂ.ମାୟାଧର ସ୍ୱାଇଁ,**
୭୦, ଲକ୍ଷ୍ମୀବିହାର,, ଫେଜ୍-୧, ଭୁବନେଶ୍ୱର-୧୮

# ପ୍ରବାସୀ ଭାରତୀୟ ଦିବସ: ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୨୧।୧୨(ଅନିଲ ଦାସ)**

ଜାନୁଆରୀ ୮ରୁ୧୦ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ୭ରୁ ୧୧ ପର୍ଯ୍ୟନ୍ତ ରାଜାରାଣୀ ମ୍ୟୁଜିକ ଫେଷ୍ଟିଭାଲ, ମୁକ୍ତେଶ୍ୱର ନୃତ୍ୟୋତ୍ସବ, ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟୋତ୍ସବ ଏବଂ ଏକାମ୍ରକାନନଠାରେ ପୁଷ୍ପପ୍ରଦର୍ଶନୀ ହେବ। ୮ରେ ସାଂସ୍କୃତିକ ଫ୍ୟୁଜନ ନୃତ୍ୟ ପରିବେଷଣ, ୫ରୁ୧୫ ଜାନୁଆରୀ ପର୍ଯ୍ୟନ୍ତ ଆଦିବାସୀ ମେଳା, ୬ରୁ ୧୨ଜାନୁଆରୀ ପର୍ଯ୍ୟନ୍ତ ଚିଲିକାପକ୍ଷୀ ଉତ୍ସବ, ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଖାଦ୍ୟମେଳା, ପଥ ଉତ୍ସବ ଏବଂ ରାତ୍ରିକାଳୀନ ବଜାର(ନାଇଟ୍ ମାର୍କେଟ୍)ଅନୁଷ୍ଠିତ ହେବ। ପ୍ରାଚୀନରୁ ଆଧୁନିକ ପର୍ଯ୍ୟନ୍ତ ଓଡ଼ିଶାର ଗୌରବ ଉପରେ ଆଧାରିତ ଓଡ଼ିଶା ଥିମ୍ପାଲିଅନ ଆୟୋଜନର ରୂପରେଖ କିପରି ରହିବ, ସେଥିପାଇଁ ପ୍ରସ୍ତୁତି ଜାରିରହିଛି। ଆୟୋଜନର ପ୍ରସ୍ତୁତି ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଉପକମିଟିରେ ସଦସ୍ୟ ଥିବା ସମ୍ପୃକ୍ତ ବିଭାଗୀୟ ସଚିବମାନେ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ସହରର ୫୫ଟି ରାସ୍ତାର ସୌନ୍ଦର୍ଯ୍ୟକରଣ ଜାରି ରହିଛି। ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା, ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତି ଜାରିରହିଛି। ଅତିଥି, ପ୍ରବାସୀ ଭାରତୀୟ ଏବଂ ବୈଦେଶିକ ବ୍ୟାପାର ବିଭାଗ ଅଧିକାରୀମାନଙ୍କ ଏହି ସମ୍ମିଳନୀରେ ଯୋଗଦାନ କରିବାକୁ ଥିବା ପରିପ୍ରେକ୍ଷୀରେ ବିଭିନ୍ନ ହୋଟେଲରେ ରହଣି ପାଇଁ ପ୍ରକୋଷ୍ଠ ବୁକିଂ କରାଯାଇଛି ଏବଂ ଯୋଗଦେବାକୁ ଥିବା ପ୍ରବାସୀ ଭାରତୀୟମାନଙ୍କ ତରଫରୁ ପଞ୍ଜୀକରଣ ଜାରିରହିଛି। ଏହି ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ(ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କ ସମେତ ବିଭିନ୍ନ କମିଟିରେ ଥିବା ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବ, ବିଏମ୍‌ସି କମିଶନର, ଡିସିପି, ଭୁବନେଶ୍ୱର ଯୋଗଦେଇଥିଲେ।


# Classified Everyday
**0674-2580101, 9692975378**



MATRIMONIAL

GROOM WANTED

Beautiful Brahmin Girl, 26+, M.Sc./Ph.D./Govt. Lecturer / Bhubaneswar-9938199964. D-2299

BRIDE WANTED

Handsome Karan Boy, 1995, 5'10", B.Tech., Serving Manager Nationalized Bank, Bhubaneswar. 'Sunasansar' - 9937512659. D-76226



REAL ESTATE

SALE

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2310

**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - **9437581914.** D-76223

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925. D-2287

**ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ। 9658562429.** D-76224

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834. D-76225

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.** D-2319

See Career Appointment on every Wednesday & Saturday

**Gharabari converted plots available near Hitech Square, Sundarpada, Bhubaneswar. For more details contact-9437226965, 9778832554.** D-2342




Newly open health benefits spa by expert therapist. Contact: 8280961126. D-76180

Newly open health benefits spa by experience lady therapist. 7750040475. D-76179

AFFIDAVIT

By virtue of an affidavit sworn before Executive Magistrate, Keonjhar, dated 21.12.2024, I, Bishnu Charan Naik, Address: Village- Basudevpur, P.O.- Rangamatia, P.S.- Barla, Dist.- Keonjhar, Odisha-758044 declare that I have changed my son's name from Clashik Naik to Chinmay Kumar Naik. Henceforth, he shall be known as Chinmay Kumar Naik for all purposes. (Bishnu Charan Naik) D-2345

By virtue of an affidavit sworn before Executive Magistrate, Odagaon dated 17.12.2024, I Mili Dakua, Address: Village- Dalak, P.O.- Odagaon, P.S.- Odagaon, Dist.- Nayagarh, Odisha-752081 declare that I have changed my name from Laxmipriya Dakua to Mili Dakua. Henceforth, I shall be known as Mili Dakua for all purposes. (Mili Dakua) D-2344

I, Twinkle Agrawal, W/o Aditya Bansal, D/o. Mukesh Agrawal, R/o. At.- AIR Colony Road, VSS Marg, PS.- Dhanupali, P.O./Tahasil/ Dist.- Sambalpur, Pin-768001, Odisha declare by this affidavit No.9726 dt. 20.12.24 that now onwards I shall be known as Twinkle Bansal for all future purposes. D-2343

I, Barnali Pattanaik, D/o Arun Kumar Patnaik, resident of Plot No. 1662/A, Nilakantheswar Mandir, Baramunda Village, Bhubaneswar, Khordha- 751003, Odisha declare by this affidavit No. 547, dtd. 11.11.2024 that now onwards I shall be known as **BARNALI PATNAIK** for all future purposes. D-2350

By virtue of an affidavit sworn before Suresh Kumar Meher, age about 27 years, S/o Late Kapil Meher, Village- Duajhar, P.O.- Duajhar, P.S.- Khariar, Dist.- Nuapada, declare that I have changed my son's name from Baudaraj Meher to Sunil Kumar Meher. Henceforth, he shall be known as Sunil Kumar Meher for all purposes. D-2351

I, Navin Kumar, at present R/o Sakhipada, P.O./ P.S.- Dhanupali, Dist.- Sambalpur, Odisha- 768001 declare that in Aadhaar card my daughter's name is wrongly mentioned as Sonali Kumari instead of Akankhya Kumari. My name also wrongly mentioned as Bipin Das. That by this affidavit No.1906, dt.19.12.2024 now onwards she will be known as Akankhya Kumari, D/o Navin Kumar for all future purposes. D-2353

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



D-2352

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**



# ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ନୀଳିମା ଜେନା**
ଜନ୍ମ: ୦୪।୦୨।୧୯୬୯
ତିରୋଧାନ: ୦୪।୦୧।୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
୧୨ ବର୍ଷ ବିତି ଗଲାଣି। ଯେତେ ବର୍ଷ ବିତୁଛି ସେତେ ବେଶି ମନେପଡୁଛ। ତୁମର ସ୍ନେହ ଏବଂ ଅବଦାନ ଜୀବନସାରା ଭୁଲିପାରିବୁ ନାହୁଁ।
ତୁମର: ସ୍ୱାମୀ: ମାନଗୋବିନ୍ଦ, ପୁଅ: ବାପ୍ଲୁ ଓ ବୋହୂ: ମୋନା
ଧ-୨୩୪୯

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି**
ତା୨୨.୧୨.୨୦୨୪ରିଖ



**√ଫକୀର ଚରଣ ଜେନା**
ପଞ୍ଚୁପୁର, ଅସନପୁର, ଯାଜପୁର
ଆବିର୍ଭାବ: ୦୫.୦୪.୧୯୪୨
ତିରୋଧାନ:୨୨.୧୨.୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
:: ଶୋକସନ୍ତପ୍ତ ::
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୨୩୫୪

**୧୭ତମ ଶ୍ରାଦ୍ଧବାର୍ଷିକୀ**



**√ ରତ୍ନପ୍ରଭା ଧଳ**
ଜଗନ୍ନାଥରୋଡ, ଢେଙ୍କାନାଳ
ସ୍ୱାମୀ - ସୁଧାକର ଧଳ
ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କର ଭାଇ, ଭାଉଜ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୭୫୪୭୪

**ଏକାଦଶାହ ଉପଲକ୍ଷେ**



**√ ନଳିନକାନ୍ତ ପ୍ରଧାନ**
ମୂଳବସନ୍ତ, ପୁରୀ
ତିରୋଧାନ : ତା ୧୨.୧୨.୨୦୨୪ (ଗୁରୁବାର)
ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ହତଭାଗ୍ୟ ପୁତ୍ର - ଜିତୁ, ଗୁମା (ସନ୍ଧ୍ୟା), ଦେବେନ୍ଦ୍ର, ଭାଇ, ପୁତୁରା, ଝିଆରୀ, ନାତିନାତୁଣୀ, ଭଣଜା, ଭଣଜାବୋହୂ ଏବଂ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୫୬୧୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**√ ହେମନ୍ତ କୁମାର ସେନାପତି**
ରାମେଶ୍ୱରପୁର, ଢେଙ୍କାନାଳ
ଆବିର୍ଭାବ - ୧୪.୦୬.୧୯୪୧
ତିରୋଧାନ - ୧୫.୧୨.୨୦୨୨
ବାପା ତୁମ ସ୍ନେହ, ସ୍ୱାଭିମାନ ଓ ପ୍ରେରଣା ଆମର ସଦାସର୍ବଦା ମାର୍ଗଦର୍ଶକ ହୋଇ ରହୁ। ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ଆମ ନିକଟରେ ରହିଛ ଓ ରହିଥିବ। ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ପାଦତଳେ ପ୍ରାର୍ଥନା।
ରେଣୁବାଳା ସେନାପତି, ମାମୀ, ବାବୁନୀ, କୁନ୍ନ, ଲିବୁ, ମୋନା, ଲିଟିଲି, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୫୪୭୫

**ମନେ ପଡ଼ନ୍ତି**
**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√ ବିଷ୍ଣୁପ୍ରିୟା ସିଂହ**
ଶାସନ ପଡ଼ିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ୧୭.୦୪.୧୯୫୨
ତିରୋଧାନ : ୨୯.୧୨.୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ
D-2165

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**√ ଭାଗୀରଥି ସାହୁ**
ଆବିର୍ଭାବ : ୦୨.୦୨.୧୯୫୫
ତିରୋଧାନ : ୧୫.୧୨.୨୦୨୨
ଆପଣଙ୍କୁ ଆମ୍ଭେମାନେ ବହୁତ ମନେ ପକାଉଛୁ। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁଙ୍କ ପାଦରେ ଚିରଶାନ୍ତି ଲାଭକରୁ। ଏତିକି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ତ୍ରୀ - ପୁଷ୍ପଲତା, ପୁତ୍ର - ରଣଜିତ, ଝିଅ - ମମତା, ସୁଜାତା, ଜ୍ୱାଇଁ - ଅଜୟ, ହରମୋହନ, ନାତି-ନାତୁଣୀ ଓ ସାହୁ ପରିବାରବର୍ଗ
D-2341

# କୋକେନ୍ ନିଶା ଓ ଯୁବପିଢ଼ି

କେବେ କୁସଙ୍ଗରେ ପଡ଼ି ତ କେବେ ବୟସର ଉଦ୍ଦାମତାରେ ଆଉ କେବେ ମିଛ ଷ୍ଟାଟସ୍‌ର ସିମ୍ବଲ ଭାବେ ନିଶାକୁ ଆପଣେଇ ନେଇଥା'ନ୍ତି ଯୁବପିଢ଼ି। ଥରେ ନିଶା କବଳିତ ହୋଇଗଲେ ବିପଥଗାମୀ ରାସ୍ତାରେ ଆଗେଇ ଚାଲନ୍ତି ଏମାନେ। ଆଉ ଏମାନଙ୍କୁ କବଳିତ କରି ରଖୁଥିବା ଭୟଙ୍କର ନିଶା ରାକ୍ଷସ ମଧ୍ୟରୁ ଅନ୍ୟତମ ହେଉଛି କୋକେନ୍। ବହୁସଂଖ୍ୟାରେ ଯୁବପିଢ଼ି ଏହା କବଳରେ ଏଭଳି ଛନ୍ଦି ହୋଇ ପଡ଼ନ୍ତି ଯେ ସେଥିରୁ ମୁକୁଳିବା କାଠିକର ହୋଇଯାଏ..

–ଡ.କମଳାକାନ୍ତ ଜେନା



ନିଶାର ମାୟା ଏଭଳି ଯେ ସେଥିରୁ ମୁକୁଳିବା ଅତ୍ୟନ୍ତ କଷ୍ଟକର। ହେଲେ ଆଜିର ଯୁବପିଢି ଏହି ଜାଲରେ ଏଭଳି ଛନ୍ଦି ହୋଇ ପଡୁଛନ୍ତି ଯେ ସବୁକିଛି ଭୁଲି ଯାଉଛନ୍ତି। ଏମିତିକି ନିଜ କ୍ୟାରିୟର, ଲକ୍ଷ୍ୟ ସବୁକିଛି ବାଜିରେ ଲଗାଇ ଦେଉଛନ୍ତି। ତେଣୁ ଠିକ୍ ସମୟରେ ସଚେତନ ହୋଇ ନିଶାଠାରୁ ଦୂରେଇ ରହିପାରିଲେ ହିଁ ଉଭୟ ପରିବାର ତଥା ସମାଜ ପାଇଁ ଶୁଭଙ୍କର ସାବସ୍ୟ ହେବ।

**ପାଶ୍ଚାତ୍ୟ ପ୍ରଭାବ:** ସୁସ୍ଥ ସମାଜ ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଯୁବ ସମାଜକୁ ସୁପଥଗାମୀ କରିବା ଦିଗରେ ଏକାଧିକ ପ୍ରତିବନ୍ଧକ ରହିଛି। ସେସବୁ ଭିତରୁ ନିଶାସେବନ ଅନ୍ୟତମ ମୁଖ୍ୟ କାରଣ। ପାଶ୍ଚାତ୍ୟ ସଭ୍ୟତା ହିଁ ଏଭଳି ଏକ ପରିବେଶକୁ ଉତ୍ସାହିତ କରୁଛି, ଏଥିରେ ଦ୍ୱିରୁକ୍ତି ନାହିଁ। ସମ୍ପ୍ରତି ଯୁବସମାଜ ମଧ୍ୟରେ ପାଶ୍ଚାତ୍ୟ ସଂସ୍କୃତି ସହିତ ତାଳଦେଇ ଚାଲିବାର ପ୍ରବଳ ଉତ୍କଣ୍ଠା ଦେଖାଦେଇଛି। ଭଲମନ୍ଦ ନ ବିଚାରି ଆମର ପିଲାମାନେ ପାଶ୍ଚାତ୍ୟ ମନ୍ତ୍ରରେ ଦୀକ୍ଷିତ ହେଉଛନ୍ତି। ଫଳସ୍ୱରୂପ ଆଜି ଆମ ଭୂଖଣ୍ଡରେ ନିଶାସେବନ ଏକ ଫ୍ୟାଶନ୍‌ରେ ପରିଣତ ହୋଇଛି।

ଯୁବପିଢ଼ିଙ୍କ ପାଇଁ ନିଶା ସେବନର ଆଉ ଏକ କାରଣ ହେଉଛି ସେମାନଙ୍କ ଲାଇଫ୍‌ଷ୍ଟାଇଲ୍। ବିଶେଷକରି ଯୁବପିଢ଼ି ନିଶାସେବନକୁ ସଂଭ୍ରାନ୍ତ ଚଳଣିର ପ୍ରତୀକ ଭାବରେ ଗ୍ରହଣ କରୁଛନ୍ତି। ଏମିତିକି ନିଶାସେବନ କରୁ ନ ଥିବା ପିଲାମାନଙ୍କୁ ଗାଉଁଲି କିମ୍ବା ପଛୁଆ ବୋଲି ଟାହିଟାପରା ଶୁଣିବାକୁ ମିଳେ। ସେଥିପାଇଁ ବାଧ୍ୟ ହୋଇ ଅନେକେ ପରିବେଶରେ ପଡି ନିଶାକୁ ଆପଣେଇ ନେଇଥାନ୍ତି। ବିଭିନ୍ନ କ୍ଲବ୍, ଡ୍ୟାନ୍ସ–ବାର୍ ଓ ହୋଟେଲରୁ ଧନୀ ସମ୍ଭ୍ରାନ୍ତ ଘରର ଯୁବତୀ ଯୁବକମାନେ ନିଶାଗ୍ରସ୍ତ ଅବସ୍ଥାରେ ଗିରଫ ହେଉଛନ୍ତି। କୁସଙ୍ଗ ଦ୍ୱାରା ହେଉ ବା କ୍ଷଣିକ ଉତ୍ତେଜନା ପାଇଁ ହେଉ, ଥରେ ନିଶାସେବନ କରିବା ପରେ ତାହା କୁଅଭ୍ୟାସରେ ପରିଣତ ହେଉଛି।

**ନିଶାର ସ୍ୱରୂପ:** ଆଜିର ନିଶା ଆଉ ସାଧାରଣ ବିଡ଼ି, ସିଗାରେଟ୍, ଦୋକ୍ତା, ଭାଙ୍ଗ କିମ୍ବା ଗଞ୍ଜେଇରେ ସୀମିତ ହୋଇ ରହିନାହିଁ। ନିଶାର ରୂପ ବଦଳି ଯାଇଛି। ନିଶାସେବନର ପଦ୍ଧତି ଏବଂ ନାମ ବଦଳି ଯାଇଛି। ଯୁବ ସମାଜକୁ ବିପଥଗାମୀ କରାଉଥିବା ସେଭଳି ଏକ ନିଶାଦ୍ରବ୍ୟ ହେଉଛି– କୋକେନ୍। 'କୋକା' ଉଦ୍ଭିଦର ପତ୍ରରୁ କୋକେନ୍ ସଂଗ୍ରହ କରାଯାଏ, ଯାହାକି ବିଶେଷକରି ଦକ୍ଷିଣ ଆମେରିକାରେ ଦେଖିବାକୁ ମିଳେ। ଜାଭା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ ଭଳି ଭୂଖଣ୍ଡରେ ମଧ୍ୟ ଚାଷ କରାଯାଏ। ବିଭିନ୍ନ ପ୍ରକାରର ନିଶା ମଧ୍ୟରେ କୋକେନ୍‌କୁ ନିଶା ରାକ୍ଷସ କହିଲେ ଭୁଲ୍ ହେବ ନାହିଁ। ଏହାକୁ ସେବନ କଲେ ବ୍ୟକ୍ତିର କେନ୍ଦ୍ରୀୟ ସ୍ନାୟବିକ ବ୍ୟବସ୍ଥାରେ ବ୍ୟତିକ୍ରମ ଦେଖାଯାଏ। ମସ୍ତିଷ୍କକୁ କାର୍ଯ୍ୟକ୍ଷମ କରାଉଥିବା ପ୍ରୋଟିନ୍ ସଂଚରଣରେ ବ୍ୟାଘାତ ସୃଷ୍ଟି ହୁଏ। ନିଶାସକ୍ତ ବ୍ୟକ୍ତିର ଆବେଗର ବିଚ୍ୟୁତି ଘଟେ। ଦୃଷ୍ଟିରେ ସନ୍ତୁଳନ ରହେନାହିଁ। ଡୋଳା ବଡ଼ ବଡ଼ ହୋଇଯାଏ। ରକ୍ତଚାପ ଓ ହୃଦ୍‌ସ୍ପନ୍ଦନ ବୃଦ୍ଧିପାଏ। କିନ୍ତୁ ନିଶାସକ୍ତ ବ୍ୟକ୍ତି ଖାଲି ଖାଲିରେ ମହାନନ୍ଦ ଅନୁଭବ କରେ। ସେଭଳି ଅବାସ୍ତବ ଅନୁଭବକୁ ଇଂଲିଶ୍‌ରେ କୁହାଯାଏ 'ଇଉଫୋରିଆ'। କିନ୍ତୁ ଦୁଃଖର କଥା, ପର ମୁହୂର୍ତ୍ତରେ ସେହି ବ୍ୟକ୍ତି ମାନସିକ ସନ୍ତୁଳନ ହରାଇବା ସହିତ ଅପଭ୍ରାନ୍ତିର ଶିକାର ହୁଏ। ପୁନର୍ବାର କୋକେନ୍ ସେବନ ନ କରିବା ପର୍ଯ୍ୟନ୍ତ ସେ ସ୍ଫୂର୍ତ୍ତିହୀନତା ଅନୁଭବ କରେ। ତାକୁ କିଛି ଭଲ ଲାଗେନା। କିଛି କାମ କରିବାକୁ ଇଚ୍ଛା ହୁଏ ନାହିଁ। ତେଣୁ ନିଶାର ପ୍ରଭାବ ଛାଡୁ ଛାଡୁ ସେ ଆଉ ଥରେ କୋକେନ୍ ସେବନ କରିବାକୁ ବାଧ୍ୟ ହୁଏ। ଏହିପରି ସେ କୋକେନ୍ ନିଶାର ଦାସ ବନିଯାଏ। ତା' ଜୀବନର ପତନ ଆରମ୍ଭ ହୁଏ। ସେତିକିରେ କୋକେନ୍ ତା'ର ପ୍ରଭାବକୁ ବନ୍ଦ କରି ନ ଥାଏ। ଏହି ନିଶାରେ କବଳିତ ବ୍ୟକ୍ତି ସବୁବେଳେ ସମାନ ଉତ୍ତେଜନା ପାଇବା ପାଇଁ ସେବନ କରୁଥିବା ନିଶାଦ୍ରବ୍ୟର ପରିମାଣ ବାରମ୍ବାର ବଢ଼େଇବାକୁ ବାଧ୍ୟ ହୁଏ। ନିଶା ପ୍ରତି ଅତିରିକ୍ତ ଆସକ୍ତି ଉଭୟ ଶରୀରରେ ଓ ଯୌବନରେ ଅପୂରଣୀୟ କ୍ଷତି ଘଟାଏ। ତେଣୁ ଏହିଭଳି ଭାବରେ କୋକେନ୍ ପୂରା ଜୀବନକୁ ନଷ୍ଟ କରିଦିଏ।







**ବେଳହୁଁ ସାବଧାନ:** କୋକେନ୍ ଧୂଆଁ ଛାତିରେ ଯନ୍ତ୍ରଣା ସୃଷ୍ଟି କରେ। ଫୁସ୍‌ଫୁସ୍‌କୁ ନଷ୍ଟ କରେ। ଗଳାରେ କ୍ଷତ ସୃଷ୍ଟି ହୁଏ। ସ୍ୱର କର୍କଶ ହୁଏ। ଦାନ୍ତମାଡ଼ିକୁ ମଧ୍ୟ ନଷ୍ଟକରେ। ନାକ ଦେଇ କୋକେନ୍ ସେବନ କଲେ ନାକ ଭିତରର ସ୍ନାୟୁ ଓ ତନ୍ତୁ ଅକ୍ଷମ ହେଇଯାଏ। ନାକପୁଡ଼ା ନାଲି ପଡ଼ିଯାଏ ଓ ଛିଡ଼ିଯାଏ। ସାଙ୍ଗସାଥୀ ମେଳରେ ପ୍ରାୟତଃ ଅବଚେତନ ଅବସ୍ଥାରେ ଯୁବକ ଯୁବତୀମାନେ ଗୋଟିଏ ଛୁଞ୍ଚିରେ କୋକେନ୍ ଇଞ୍ଜେକ୍ସନ୍ ଦିଆନିଆ ହୁଅନ୍ତି। ସେମାନେ ଏଚ୍.ଆଇ.ଭି. ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ଅତ୍ୟଧିକ ନିଶାସେବନ ହେତୁ ହୃଦ୍‌ଘାତରେ ମୃତ୍ୟୁ ଘଟିପାରେ। ଆରମ୍ଭରେ କୋକେନ୍ ନିଶା ଚମତ୍କାର ଅନୁଭବ ଦେଇଥାଏ। କିନ୍ତୁ ଛ' ମାସ କି ବର୍ଷେ ପରେ ଅସଲ ରୂପ ଜଣାପଡ଼େ। ବ୍ୟକ୍ତିର ଅବସ୍ଥା ଅତି ଦୟନୀୟ ହୋଇଥାଏ। ବେଶି ସମୟ ବାହାରେ ରହିବା, ଠିକ୍ ଭାବରେ ନ ଶୋଇବା, ଠିକ୍ ଭାବେ ନ ଖାଇବା, ଶରୀରର ଓଜନ କମିଯିବା କିମ୍ବା ସବୁବେଳେ ଅନ୍ୟମନସ୍କ ରହିବା ଇତ୍ୟାଦି ନିଶାସକ୍ତ ବ୍ୟକ୍ତିର ଲକ୍ଷଣ। ଏଭଳି ଲକ୍ଷଣସବୁ ଯୁବକ ଯୁବତୀଙ୍କ ନିକଟରେ ଦେଖିଲେ ସେମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଦରକାର। ସୁସ୍ଥ ସମାଜ ନିମନ୍ତେ ଯୁବସମାଜ ନିଶାଠାରୁ ଦୂରେଇ ରହିବା ଏକାନ୍ତ ଜରୁରୀ। ବିପଥଗାମୀ ଯୁବସମାଜକୁ ଠିକ୍ ବାଟ ଦେଖେଇବା ଆମର କର୍ତ୍ତବ୍ୟ। ନିଶା କାରବାର ବନ୍ଦ କରିବା ପାଇଁ କେବଳ ପୋଲିସ ଓ ପ୍ରଶାସନ ଉପରେ ଦୋଷ ଲଦିଦେଲେ ଚଳିବ ନାହିଁ, ବରଂ ନିଶା ବିରୋଧୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରି ଏହାର ବିରୋଧ ପୂର୍ବକ ସୁସ୍ଥ ସମାଜ ଗଢ଼ାଯାଇ ପାରିବ।

*–ଓ.ଇ.ଏସ୍., ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ, ଭଦ୍ରକ*
*ମୋ: ୯୪୩୯୫୦୧୬୫୧*





## ଏ ସପ୍ତାହର ପ୍ରଶ୍ନ

୧– ଲାଲ୍ ବାହାଦୁର୍ ଶାସ୍ତ୍ରୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫର୍ ଓମେନ୍ ...........ସିଟିରେ ଅବସ୍ଥିତ।
୨– 'ହ୍ୱାଏ ଭାରତ ମ୍ୟାଟର୍ସ' ପୁସ୍ତକର ଲେଖକ ............।
୩– ........... ରାଜ୍ୟରେ ଜାନୁଆରୀ ପହିଲାରୁ ସମସ୍ତ ସରକାରୀ ଅଫିସରେ ଡିଜେଲ୍ ଏବଂ ପେଟ୍ରୋଲଚାଳିତ ଯାନ ବ୍ୟବହାର ବ୍ୟାନ୍ କରାଯାଇଛି।
୪– ......... ଖେଳରେ ଡିସିଜନ୍ ରେଫରାଲ୍ ସିଷ୍ଟମ୍ ବ୍ୟବହାର କରାଯାଏ।
୫– ଲଣ୍ଡନ୍ ମୁସ୍‌ଲିମ୍ ଲିଗ୍ ୧୯୦୮ ............ ପ୍ରତିଷ୍ଠା କରିଥିଲେ।

## ଗତ ଥରର ଉତ୍ତର

୧ ନ୍ୟୁରାଲିଙ୍କ୍
୨ ତାମିଲନାଡୁ
୩ ୱେଟ୍‌ଲାଣ୍ଡ୍ସ ଆଣ୍ଡ ହ୍ୟୁମାନ୍ ୱେଲ୍‌ବିଙ୍ଗ୍ସ
୪ ଭିଟାମିନ୍ ସି
୫ ଇଂଲଣ୍ଡ

## ଉତ୍ତରଦାତା


କିଶୋର ପାଣି, ଭୁବନେଶ୍ୱର


ପ୍ରତାପ କୁମାର ଦାସ, ଯାଜପୁର


ଛବିଳ ଭଟ୍ଟି, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ହଣ୍ଟେଡ୍ ପ୍ଲେସ୍



୧. ଟାୱାର ଅଫ୍ ଲଣ୍ଡନ ............ ଲଣ୍ଡନ
୨. ମିର୍‌ଟେଲ୍ସ ପ୍ଲାଣ୍ଟେଶନ............ ଲୌଇସିଆନା
୩. ଇଷ୍ଟର୍ନ ଷ୍ଟେଟ୍ ପେନିଟେନ୍ସିଆରୀ............ ପେନ୍‌ସିଲ୍‌ଭାନିଆ
୪. ଅଓକିଗାହାରା ଫରେଷ୍ଟ............ ମାଉଣ୍ଟ ଫୁଜି
୫. ଚାଟେଉ ଡି ବ୍ରିଜାକ୍............ କାଷ୍ଟଲ୍ ଅଫ୍ ବ୍ରିଜାକ୍
୬. ପୋଭେଗ୍ଲିଆ ଆଇସ୍‌ଲାଣ୍ଡ............ ଇଟାଲୀ
୭. ଆନ୍‌ସିଏଣ୍ଟ ରାମ୍ ଇନ୍............ ଇଂଲଣ୍ଡ
୮. ଭାନ୍‌ଗଡ୍ ଫୋର୍ଟ............ ଭାରତ
୯. ହ୍ୱାଲେ ହାଉସ୍............ ସ୍ୟାନ୍ ଡିଆଗୋ
୧୦. ଏଡେନ୍‌ବର୍ଗ କ୍ୟାଷ୍ଟେଲ୍............ ସ୍କଟ୍‌ଲାଣ୍ଡ

## ଅଭୁଲା ଅନୁଭୂତି

# ବୃଦ୍ଧା ପାଲଟିଲେ ମୟୂରଚନ୍ଦ୍ରିକା



ଜୀବନର ଅନ୍ୟ ନାମ ସଂଘର୍ଷ। ସଂଘର୍ଷମୟ ଜୀବନର ଅନୁଭୂତି ନିଆରା, ଯେଉଁଠି କେବଳ ନିଚ୍ଛକ ସତ୍ୟତାକୁ ସାମ୍ନା କରିବାକୁ ପଡ଼ିଥାଏ। ମୋ ବାପାଙ୍କର ଜୀବନର ମନ୍ତ୍ର ଥିଲା କର୍ମ ହିଁ ଭଗବାନ୍ ଆଉ କର୍ତ୍ତବ୍ୟପରାୟଣ ଧର୍ମ। ମାନବସେବା ମାଧବ ସେବା। ସେଦିନ ଅଳ୍ପ ବୟସର ଝିଅଟି ବୁଝିପାରିନଥିଲା ଆଉ ସେ ଝିଅଟି ଥିଲି ମୁଁ। ମୋ ଜୀବନର ସଂଘର୍ଷ ଆରମ୍ଭ ହୁଏ ମୋ ବାପା ମୋତେ ଛାଡ଼ି ଚାଲିଗଲା ପରେ। କୁନି ଝିଅଟି ଖୋଜି ବୁଲୁଥିଲା ମାଧବ କିଏ। କିନ୍ତୁ ଜୀବନ ଆଣିଦେଲା ଗୋଟେ ପଥହରା ପଥିକର ମଧୁର ସ୍ୱାଦର ଅନୁଭୂତି। ଦୁଃଖୀ ରଙ୍କୀଙ୍କୁ ଦେଖିଲେ ହୃଦୟ ମୋର କାନ୍ଦି ଉଠେ। ଏସ୍.ଭି.ଏମ୍. କଲେଜରେ ପଢୁଥିଲି ଗ୍ରାଜୁଏସନ। ସେଦିନ ଘରକୁ ଆସିବାର ଥିଲା। ମୁଁ ହଷ୍ଟେଲରୁ ଷ୍ଟାଣ୍ଡ ଆସିଲି। ହଠାତ୍ ଝଡ଼ବର୍ଷା ଆସିଲା। କୌଣସି ଅଟୋ ଡ୍ରାଇଭର ରାଜି ହେଲେନି ମୋତେ ଏକା ଆଣିବାକୁ। ଝଡ଼ ବର୍ଷାରେ ତିନ୍ତି ତିନ୍ତି ଚାଲିଲି ଆଗକୁ। ଏକୁଟିଆ ଡର ବି ଲାଗୁଥାଏ। ଯାହା ହେବ ଭଗବାନଙ୍କୁ ଡାକି ଆଗକୁ ଆଗକୁ ଚାଲିଥାଏ। ୮ କିଲୋମିଟର ଚାଲିବାର ଥିଲା। କ'ଣ ମୁଁ ପାରିବି ଏମିତି ଭାବି ବହୁ କାନ୍ଦ ବି ଲାଗୁଥିଲା। ବର୍ଷାର ପାଣିରେ ଲୁହ ମିଶିଥିଲା। ଠିକ ହାଟ ବଜାର ପାଖେ ଗୋଟେ ବୁଢ଼ୀ ମାଉସୀ ରାସ୍ତାରେ ପଡିଥିବାର ଦେଖିଲି। ପାଖକୁ ଯାଇ ପଚାରିଲି, ମାଉସୀ ରାସ୍ତାରେ ଏ ବର୍ଷାରେ କ'ଣ କରୁଚ? ମୋତେ କହିଲେ ଗାଡ଼ି କେହି ରଖୁନାହାନ୍ତି। କଣ କରିବି। ମୋ ପାଖେ ପଇସା ନାହିଁ। ମୁଁ କହିଲି, କୁଆଡ଼େ ଯିବ? ଉତ୍ତରରେ ମୋ ପୁଅ ମାଧବ ପାଖକୁ ଯିବି ବୋଲି କହିଲେ। ମୁଁ କହିଲି, ମୋ ପାଖେ ଅଧା ବିସ୍କୁଟ ଅଛି। ବର୍ଷାରେ ଓଦା ହୋଇଯାଇଛି ଆଉ ପାଣି ବଟଲ ଅଛି। ସେ ଖାଇଲେ। ବର୍ଷାଟିକେ କମି କୁଣ୍ଡା ଝାଡୁଥିଲା। କ'ଣ କରିବି ମୋ ପାଖେ ମାତ୍ର ୨୦ ଟଙ୍କା ଥିଲା। ମନରେ ସାହସ ବାନ୍ଧିଲି। ଗୋଟେ ଥାନା ଗାଡ଼ି ଆସୁଥିଲା। କିଛି ଚିନ୍ତା ନ କରି ଆଗରେ ଛିଡ଼ା ହେଇଗଲି। ପୋଲିସ ପଚାରିଲେ କ'ଣ ହେଲା? ମୁଁ କହିଲି, ଗୋଟେ ମାଉସୀକୁ ଗଛ ପାଖରେ ବସେଇ ଆସିଛି। ତା'ପରେ ସେହି ଜାଗାରେ ଆସି ପହଞ୍ଚିଲୁ। କିନ୍ତୁ ଆଶ୍ଚର୍ଯ୍ୟ ସେଠି କେହି ନ ଥିଲେ। ପଡ଼ିଥିଲା ଗୋଟେ ମୟୂରଚନ୍ଦ୍ରିକା। ଆଉ ମୋତେ ଥାନା ଗାଡ଼ିରେ ଆଣି ଘରେ ଛାଡ଼ିଦେଇ ଗଲେ। ମୁଁ ଅନୁଭବରେ ବିଶ୍ୱାସ କରେ। ସେଠୁ ଆସି ବାପାଙ୍କ ଫଟୋ ପାଖେ ବହୁ କାନ୍ଦିଲି ଆଉ ସେଇ ମୟୂରଚନ୍ଦ୍ରିକା ପ୍ରମାଣ ଦେଲା ମଣିଷ ସେବା ମାଧବ ସେବା। ସେବେଠୁ ମୁଁ ମୋ ଜୀବନର ଅନେକ କାହାଣୀ ଲେଖିଛି। କିନ୍ତୁ କଲେଜ ବେଳର ସେହି ପ୍ରଥମ ଅନୁଭୂତି ମୋ ପାଇଁ ସବୁବେଳେ ଅଭୁଲା।

– **ସୁଚିତ୍ରା କାନୁନ୍‌ଗୋ,**
ଅଧ୍ୟାପିକା (ସଂସ୍କୃତ ବିଭାଗ),
ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ,ଅଡ଼ଶପୁର,କଟକ

## ଜାଣନ୍ତୁ ଦୁନିଆ

# ଓଟ ଶରୀରର ତାପମାତ୍ରା ନିୟନ୍ତ୍ରଣ ପାଇଁ ଝାଳ ବାହାର କରେ

ଓଟ ରାତିରେ ପ୍ରାୟ ୬ ଘଣ୍ଟା ଶୁଅନ୍ତି। ଏମାନେ ରହୁଥିବା ସ୍ଥଳରେ ଯଦି ତାପମାତ୍ରା ବଢ଼େ, ତେବେ ସେ କ୍ଷେତ୍ରରେ ଏମାନେ ନିଜ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ପାଇଁ ଏମାନଙ୍କ ଶରୀରରୁ ଝାଳ ବାହାର କରିଥାନ୍ତି। ଓଟର କାନ ଛୋଟ ଏବଂ କେଶାବୃତ ହୋଇଥିଲେ ସୁଦ୍ଧା ସେ ଭଲଭାବେ ଶୁଣିବାରେ ସକ୍ଷମ।



**ଜୁଳୁଜୁଳିଆ ପୋକ କାହିଁକି ଜଳେ**

ରାତିର ଅନ୍ଧକାରରେ ଆଲୋକିତ ହେଉଥିବା ପୋକଟିକୁ ସାଧାରଣତଃ ଜୁଳୁଜୁଳିଆ ପୋକ ବୋଲି କହିଥାଉ। ୧୬୬୭ରେ ଏହାକୁ ବୈଜ୍ଞାନିକ ରବର୍ଟ ବାୟଲ ଖୋଜି ପାଇଥିଲେ। ଅନେକ କହୁଥିଲେ ଏହି ପୋକ ଶରୀରରେ ଫସ୍‌ଫରସ୍ ଥିବା ଯୋଗୁ ସେ ଜଳିଥାଏ। କିନ୍ତୁ ଏହାକୁ ଭୁଲ୍ ପ୍ରମାଣିତ କଲେ ବାୟଲ। ଲ୍ୟୁସିଫେରସ ନାମକ ପ୍ରୋଟିନ୍ ଯୋଗୁ ଏହା ଜଳିଥାଏ। ଜୁଳୁଜୁଳିଆ ପୋକରୁ ବାହାରୁଥିବା ଆଲୋକ ବିଭିନ୍ନ ରଙ୍ଗ– ସବୁଜ, ହଳଦିଆ, ଲାଲ ଆଦି ହୋଇଥାଏ। ଦିନ ସମୟରେ ଚକମକ ହୋଇଥିଲେ ସୁଦ୍ଧା ଦିନ ଆଲୋକରେ ଏତେ ଜଣାପଡ଼ିନଥାଏ। ସେଥିପାଇଁ ଏହି ପୋକ ଶରୀରରୁ ବାହାରୁଥିବା ଆଲୋକ ରାତିରେ ହିଁ ଜଣାପଡ଼ିଥାଏ। ଦେଖିବାକୁ ଏମାନେ ପତଳା ଓ ଦୁଇଡେଣା ବିଶିଷ୍ଟ ହୋଇଥା'ନ୍ତି। ଏମାନେ ଜଙ୍ଗଲର ଗଛ ଛାଲି ଭିତରେ ଅଣ୍ଡା ଦେଇଥା'ନ୍ତି। ଏମାନେ ଜଳୁଥିବାର ଆଉ ଗୋଟେ କାରଣ ହେଲା ଖାଦ୍ୟ ସନ୍ଧାନ। ସେମାନେ ଏହି ଆଲୋକ ସହାୟତାରେ ନିଜର ଖାଦ୍ୟ ଅନ୍ୱେଷଣ କରିଥାଆନ୍ତି।



**ସବୁ ରଙ୍ଗକୁ ଚିହ୍ନିପାରେନି ବିଲେଇ**

ବିଲେଇ ସବୁ ରଙ୍ଗକୁ ଭଲ ଭାବରେ ଦେଖିପାରେନି। ଉଦାହରଣ ସ୍ୱରୂପ ଘାସ ତାକୁ ନାଲି ରଙ୍ଗର ଦେଖାଯାଏ। ବିଲେଇର ଗ୍ରୁପ୍‌କୁ 'କ୍ଲାଉଡର' କୁହାଯାଏ। ବିଲେଇର ଡିଏନ୍‌ଏ ସହିତ ବାଘର ଡିଏନ୍‌ଏ ପ୍ରାୟ ୯୫% ମିଶି ଯାଇଥାଏ। ବିଲେଇର ଅଧିକାଂଶ ସମୟ ଶୋଇବାରେ ବିତିଥାଏ। ବୟସ୍କ ବିଲେଇର ପ୍ରାୟ ୩୦ଟି ଦାନ୍ତ ରହିଛି। ବିଲେଇର ଶରୀର ଅଧିକ ନମନୀୟ। ତେଣୁ ସେ ପ୍ରାୟ ୬୫ ମିଟର ଉଚ୍ଚରୁ ଖସିଲେ ବି ତାଙ୍କର କିଛି ହୁଏନି।



# ଗୋଆଠାରୁ ହାରିଲା ଓଡ଼ିଶା

## ବିଜୟ ହଜାରେ ଟ୍ରଫି

ଭୁବନେଶ୍ୱର,୨୧।୧୨
(ସରୋଜ ଜେନା)

ଶନିବାର ବିଜୟ ହଜାରେ ଟ୍ରଫିରେ ପରାଜୟରୁ ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ୨୭ ରନ୍‌ରେ ପରାଜିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଗୋଆ ୫୦ ଓଭରରେ ୪ ଉଇକେଟ ହରାଇ ୩୭୧ ରନ୍ କରିଥିଲା। ଜବାବରେ ଓଡ଼ିଶା ୪୯.୪ ଓଭରରେ ୩୪୪ ରନ୍‌ରେ ଅଲଆଉଟ ହୋଇଥିଲା।

ଟସ୍ ଜିତି ଓଡ଼ିଶା ପ୍ରଥମେ ବୋଲିଂ କରିଥିଲା। ଗୋଆ ପକ୍ଷରୁ ସ୍ନେହଲ କେଉଥାନକର(୬୭) ଓ ଇଶାନ ଗଡେକର(୯୩) ପ୍ରଥମ ଉଇକେଟରେ ୧୫୯ ରନ୍ ଯୋଡ଼ିଥିଲେ। ଟପ୍ ସ୍କୋରର ରହିଥିବା ଇଶାନ ୯୬ ବଲ୍ ଖେଳି ୧୨ ଚୌକା ମାରିଥିଲେ। ଅନ୍ୟପକ୍ଷରେ ସ୍ନେହଲ ୮୧ ବଲ ଖେଳି ୯ ଚୌକା ମାରିଥିଲେ। ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ଅଭିଷେକ ଯାଦବ। ଉଇକେଟ କିପର ସିଦ୍ଧାର୍ଥ ୩୭ ରନ୍ କରି ରନ୍‌ଆଉଟ ହୋଇଥିଲେ। ମାତ୍ର ଅଧିନାୟକ ଦର୍ଶନ ମିସଲ ୭୯ ଓ ସୁୟଶ ପ୍ରଭୁଦେଶାଇ ଅପରାଜିତ ୭୪ ରନ୍‌ର ଇନିଂସ ଖେଳି ଦଳୀୟ ସ୍କୋର ୩୭୧ ରନ୍‌ରେ ପହଞ୍ଚାଇଥିଲେ। ଦର୍ଶନ ୫୬ ବଲ୍ ଖେଳି ୧୧ ଚୌକା ଓ ୧ ଛକା ସହିତ ୭୯ ରନ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ସୁୟଶଙ୍କ ଇନିଂସ ମ୍ୟାଚ୍‌ର ମୋଡ ବଦଳାଇ ଦେଇଥିଲା। ମାତ୍ର ୨୨ ବଲ୍‌ର ବିସ୍ଫୋରକ ଇନିଂସରେ ସେ ୭୪ ରନ୍ ସ୍କୋର କରିଥିଲେ। ଶେଷ ଯାଏ ଅପରାଜିତ ରହିଥିବା ସୁୟଶଙ୍କ ଇନିଂସରେ ୮ ଚୌକା ଓ ୫ ଛକା ସାମିଲ ଥିଲା। ଓଡ଼ିଶା ପକ୍ଷରୁ ଅଭିଷେକ ଯାଦବ ୨ ଓ ତାରିଣୀ ସ'୧ ଉଇକେଟ ନେଇଥିଲେ। ଦେବବ୍ରତ ପ୍ରଧାନ ୧୦ ଓଭର କୋଟାରେ ୧୦୮ ରନ୍ ବ୍ୟୟ କରିଥିଲେ।

୩୭୨ ରନ୍ ଲକ୍ଷ୍ୟରେ ଓଡ଼ିଶା ମଧ୍ୟ ଦୃଢ଼ ଭାବରେ ଏହାର ଇନିଂସ ଆରମ୍ଭ କରିଥିଲା। ସ୍ୱସ୍ତିକ ସାମଲ(୫୭) ଓ ଗୌରବ ଚୌଧୁରୀ(୭୮) ପ୍ରଥମ ଉଇକେଟରେ ୧୦୭ ରନ୍ ଯୋଡ଼ିଥିଲେ। ସ୍ୱସ୍ତିକ ୪୬ ବଲ୍ ଖେଳି ୮ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟପକ୍ଷରେ ଗୌରବ ୬୭ ବଲ୍ ଖେଳି ୯ ଚୌକା ଓ ୧ ଛକା ମାରିଥିଲେ। ଓଡ଼ିଶା ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକ ମଧ୍ୟ ୭୩ ରନ୍‌ର ଇନିଂସ ଖେଳିଥିଲେ। ୭୧ ବଲ୍ ଖେଳି ସେ ୬ ଚୌକା ଓ ୨ ଛକା ମାରିଥିଲେ। ଗୋବିନ୍ଦ ପୋଦ୍ଦାର (୩) ଓ ଅଭିଷେକ ରାଉତ (୭) ବିଫଳ ହୋଇଥିବା ବେଳେ ଓଡ଼ିଶାର ବିଜୟ ସମ୍ଭାବନା ମଉଳି ଯାଇଥିଲା। ଶେଷଭାଗରେ କାର୍ତ୍ତିକ ବିଶ୍ୱାଳ ୪୯ ଓ ଆଶୀର୍ବାଦ ସ୍ୱାଇଁ ୫୩ ରନ୍ କରିଥିବା ବେଳେ ଓଡ଼ିଶା ୩୪୪ ରନ୍‌ରେ ଅଲଆଉଟ ହୋଇଥିଲା। ଗୋଆ ପକ୍ଷରୁ ଅର୍ଜୁନ ତେନ୍ଦୁଲକର ୩, ଶୁଭମ ତରି ଓ ମୋହିତ ରେଡକାର ୨ଟି ଲେଖାଏ ଉଇକେଟ ନେଇଥିଲେ। ସୁୟଶ ପ୍ରଭୁଦେଶାଇଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଗୋଆ ୫୦ ଓଭରରେ ୩୭୧/୪(ଇଶାନ ଗାଡେକର-୯୩, ଦର୍ଶନ ମିସଲ-୭୯, ସୁୟଶ ପ୍ରଭୁଦେଶାଇ-୭୪*, ଅଭିଷେକ ରାଉତ-୨/୪୫, ତାରିଣୀ ସ'-୧/୫୯)।

ଓଡ଼ିଶା ୪୯.୪ ଓଭରରେ ୩୪୪/୧୦ (ଗୌରବ ଚୌଧୁରୀ-୭୮, ସନ୍ଦୀପ ପଟ୍ଟନାୟକ-୭୩, ସ୍ୱସ୍ତିକ ସାମଲ-୫୭, ଅର୍ଜୁନ ତେନ୍ଦୁଲକର-୩/୬୧, ମୋହିତ ରେଡକର-୨/୪୭, ଶୁଭମ ତରି-୨/୭୪)।

# ପାକିସ୍ତାନରେ ନ୍ୟୁଜିଲାଣ୍ଡ କ୍ରିକେଟ ପ୍ରତିନିଧି ଦଳ

କରାଚୀ, ୨୧।୧୨ (ପି.ଟି.)

ଜାନୁଆରୀରେ ପାକିସ୍ତାନରେ ଏକ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଆୟୋଜକ ଦେଶ ବ୍ୟତୀତ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରିବେ। ଦେଶର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ଲାଗି ନ୍ୟୁଜିଲାଣ୍ଡ କ୍ରିକେଟର (ଏନ୍‌ଜେଡ୍‌ସି)ର ଏକ ପ୍ରତିନିଧି ଦଳ ପାକିସ୍ତାନରେ ପହଞ୍ଚିଛନ୍ତି। ନ୍ୟୁଜିଲାଣ୍ଡ ପ୍ରତିନିଧି ଦଳରେ ସ୍ଥାନ ପାଇଥିବା ସୁରକ୍ଷା ବିଶେଷଜ୍ଞ ରେଗ୍ ଡିକାସନ ଓ ନ୍ୟୁଜିଲାଣ୍ଡ୍ ପ୍ଲେୟର୍ସ ଆସୋସିଏଶନ ପ୍ରତିନିଧି ବ୍ରାଡ୍ ରଡେନ କରାଚୀ ଓ ଲାହୋରରେ ସୁରକ୍ଷା ବ୍ୟବସ୍ଥା ବ୍ୟତୀତ ଇଭେଣ୍ଟ ପାଇଁ ଅନ୍ୟାନ୍ୟ ପ୍ରସ୍ତୁତି ନେଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ। ପାକିସ୍ତାନ ଫେବୃଆରୀ-ମାର୍ଚ୍ଚରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିବାକୁ ଯାଉଛି। ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଧ୍ୟ ପାକିସ୍ତାନରେ ଆସି ପହଞ୍ଚିଛି। ଏହି ଦଳ ପ୍ରସ୍ତୁତିକାର୍ଯ୍ୟ ବ୍ୟତୀତ ୮ଟି ଦଳକୁ ନେଇ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି ଲାଗି କରାଯାଉଥିବା ଅନ୍ୟାନ୍ୟ ବନ୍ଦୋବସ୍ତର ସମୀକ୍ଷା କରିବେ। ଲାହୋର ଓ ରାଓ୍ୱଲପିଣ୍ଡି ଯିବା ପୂର୍ବରୁ ଆଇସିସି ପ୍ରତିନିଧି ଦଳ କରାଚୀସ୍ଥିତ ନ୍ୟାଶନାଲ ଷ୍ଟାଡିୟମ ପରିଦର୍ଶନରେ ଯାଇଥିଲେ।




୨୦୨୪ରେ ଗୁକେଶ, ନୀରଜ ଚୋପ୍ରା, ମନୁ ଭାକର ଭାରତ ପାଇଁ ଅନେକ ଗୌରବ ଆଣି ଦେଇଛନ୍ତି। ଚେସ୍, କ୍ରିକେଟ ଓ ହକି ଦଳ ମଧ୍ୟ ବଡ଼ ସଫଳତା ହାସଲ କରିଛନ୍ତି। ଏହି ଉପଲକ୍ଷେ ଖେଳପ୍ରତି ରୁଚି ରଖିଥିବା କେରଳର ଜଣେ ଇତିହାସକାର ପ୍ରଫେସର ବଶିଷ୍ଠ ଏହି ଖେଳାଳିମାନଙ୍କୁ ସମ୍ମାନ ଜଣାଇବାକୁ ଯାଇ ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି। ଏଥିରେ ତାଙ୍କର 'ସ୍ପୋର୍ଟ୍ସ ଫର୍ ନ୍ୟାଶନାଲ ଇଣ୍ଟିଗ୍ରେଶନ' ଶୀର୍ଷକ ପ୍ରଚାର ବାର୍ତ୍ତା ସ୍ଥାନିତ ହୋଇଛି।

## ପ୍ରୋ-କବାଡ଼ି ଲିଗ୍

# ପାଟନା ପାଇରେଟ୍ସ, ଗୁଜରାଟ ଜାଏଣ୍ଟ୍ସ ମ୍ୟାଚ ଟାଇ

ପୁଣେ, ୨୧।୧୨ (ପି.ଟି.)

ଚଳିତ ପ୍ରୋ-କବାଡ଼ି ଲିଗ୍‌ରେ ଶନିବାର ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ ୪୦-୪୦ରେ ଟାଇ ରଖିବା ଫଳରେ ଟପ୍-୨ ଫିନିଶ ପାଇଁ ପାଟନା ପାଇରେଟ୍ସ ଲାଗି ରହିଥିବା ସୁଯୋଗରେ ବାଧା ସୃଷ୍ଟି ହୋଇଛି। ପାଟନା ପାଇରେଟ୍ସ ତରଫରୁ ଦେବଙ୍କ ଏକ 'ସୁପର ୧୦' କରିଥିବା ବେଳେ ସୁଧାକର ଏମ୍ ୭ ପଏଣ୍ଟ ସ୍କୋର କରିଛନ୍ତି। ଗୁଜରାଟ ଜାଏଣ୍ଟ୍ସ ପକ୍ଷରୁ ଗୁମାନ ସିଂ ଓ ଜିତେନ୍ଦର ଯାଦବ ପ୍ରତ୍ୟେକ ୮ ପଏଣ୍ଟ ସ୍କୋର କରିଥିବା ବେଳେ ଟପ୍ ସ୍କୋରର ରାକେଶ ୯ ପଏଣ୍ଟ ଅର୍ଜନ କରିଥିଲେ। ପୁଣେର ବାଲେଓ୍ୱାଡିସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଶନିବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଦବଙ୍ଗ ଦିଲ୍ଲୀ ୩୩-୩୧ରେ ଜୟପୁର ପିଙ୍କ୍ ପାନ୍ଥର୍ସଙ୍କୁ ହରାଇ ଦେଇଛି। ଶନିବାରର ମ୍ୟାଚ ପରେ ପାଟନା ପାଇରେଟ୍ସ ୨୨ଟି ମ୍ୟାଚରୁ ୭୭ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଦବଙ୍ଗ ଦିଲ୍ଲୀ ୨୧ଟି ମ୍ୟାଚରୁ ୭୬ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ହରିୟାଣା ଷ୍ଟିଲର୍ସ ୨୧ଟି ମ୍ୟାଚରୁ ୭୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି।

# ନଙ୍ଗ କକ୍ ଓ ଫେଡେରସ ମିଳିତ ଅଗ୍ରଣୀ

## ଓଡ଼ିଶା ଗ୍ରାଣ୍ଡ ମାଷ୍ଟର୍ସ ଚେସ୍




ସପ୍ତମ ଦିନରେ ଅନୁଷ୍ଠିତ ଏକ ମ୍ୟାଚ୍।

ଭୁବନେଶ୍ୱର, ୨୧।୧୨ (ବିଜୟ ରଣା)

ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଗ୍ରାଣ୍ଡ ମାଷ୍ଟର୍ସ ଚେସ୍ ମହୋତ୍ସବ ସପ୍ତମ ଦିବସରେ ପହଞ୍ଚିଛି। ଏ ବର୍ଗର ୯ ରାଉଣ୍ଡ ମ୍ୟାଚ ଶେଷ ସୁଦ୍ଧା ବେଲାରୁଷର ଫେଡେରସ ଆଲେକ୍ସି ଏବଂ ଭିଏତନାମର ନଙ୍ଗ କକ୍ ହେ ୭.୭ ପଏଣ୍ଟ ସଂଗ୍ରହ କରି ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଦୀପନ ଚକ୍ରବର୍ତ୍ତୀ ଏବଂ ଇଣ୍ଟରନ୍ୟାଶନାଲ ମାଷ୍ଟର ଶ୍ରୀହରି ଏଲ ୭ ପଏଣ୍ଟ ସଂଗ୍ରହ କରି ମିଳିତ ଦିତୀୟ ସ୍ଥାନରେ ଅଛନ୍ତି। ଓଡ଼ିଶାର ଇଣ୍ଟରନ୍ୟାଶନାଲ ମାଷ୍ଟର ସମ୍ବିତ ପଣ୍ଡା ୫.୫ ପଏଣ୍ଟ ସଂଗ୍ରହ କରି ତୃତୀୟ ସ୍ଥାନରେ ଅଛନ୍ତି।

ସି' ବର୍ଗର ୬ ରାଉଣ୍ଡ ଖେଳ ଶେଷରେ ପଶ୍ଚିମବଙ୍ଗର ଦୁଇ ଜଣ ଯୁବ ପ୍ରତିଯୋଗୀ ୟୁବ ଦେଶାଇ ଏବଂ ସୌମ୍ୟଦୀପ ନାଥ ୬ରୁ ସମସ୍ତ ୬ଟି ଗେମ୍‌ରେ ବିଜୟୀ ହୋଇ ପ୍ରଥମ ସ୍ଥାନରେ ଅଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଶାର ସୂର୍ଯ୍ୟମିତ୍ର ସେନ, ଆଦିତ୍ୟ ପଟ୍ଟନାୟକ, ହିମାଂଶୁ କୁମାର ମଲିକ, ଛତିଶଗଡର ସାଇନି ୫.୫ ପଏଣ୍ଟ ସଂଗ୍ରହ କରି ମିଳିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ମହୋତ୍ସବର ସପ୍ତମ ଦିବସରେ ରାଜ୍ୟ ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, ସୋଆର କ୍ରୀଡ଼ାଅଧିକାରୀ ସୁନୀତା ବର୍ମା ଓ ଡିନ୍ ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

ମୁଖ୍ୟ ବିଚାରକ ପଲ ଆରୋକ୍ୟ ରାଜ, ଉପମୁଖ୍ୟ ବିଚାରକ ତାପସ ମହାନ୍ତି, ସୁରେଶ ଚନ୍ଦ୍ର ସାହୁ, ଫେୟାର ପ୍ଲେ ବିଚାରକ ଅପରାଜିତା ଗୋଛିକାର ଏବଂ କବିରାଜ ଶାବନ୍ତ ଅଖିଳ ଭାରତୀୟ ଚେସ ମହାସଂଘ ପକ୍ଷରୁ ପରିଚାଳନା ପାଇଁ ନିଯୁକ୍ତି ରହିଛନ୍ତି। ତେବେ ଏହି ଚେସ ମହୋତ୍ସବ ଆସନ୍ତା ୨୨ ଡିସେମ୍ବର ରେ ସମାପ୍ତ ହେବ।

# ଓଡ଼ିଶା ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆଜିଠାରୁ

ଭୁବନେଶ୍ୱର, ୨୧।୧୨ (ବିଜୟ ରଣା)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାରଠାରୁ ବହୁ ପ୍ରତୀକ୍ଷିତ ଓଡ଼ିଶା ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ୨୦୨୪-୨୫ ଆରମ୍ଭ ହେବ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ହେଉଥିବା ଚଳିତବର୍ଷର ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶାର ୩୦ଟି ଜିଲାର ୪୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଓ ୧୦୦ ଏସ୍କର୍ଟ ଭାଗନେବେ। କାର୍ଯ୍ୟସୂଚୀ ଅନୁସାରେ ରବିବାର ଆଥ୍‌ଲେଟ କ୍ଲାସିଫିକେଶନ ଏବଂ ୨୩ ଓ ୨୪ରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନେ ଜାତୀୟ ପାରା ଆଥ୍‌ଲେଟିକ୍ସରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ।

# କୋୟେଲ, ନିଲମଙ୍କୁ ରୌପ୍ୟ

## ଏସିଆନ ୟୁଥ୍ ୱେଟ୍‌ଲିଫ୍ଟିଙ୍ଗ

ଦୋହା, ୨୧।୧୨ (ପି.ଟି.)

ଭାରତର କୋୟେଲ ବାର୍ ଓ ଏଲ୍. ନୀଲମ ଦେବୀ ଏଠାରେ ଚାଲିଥିବା ଏସିଆନ ୟୁଥ୍ ଓ ଜୁନିୟର ୱେଟ୍‌ଲିଫ୍ଟିଙ୍ଗ ଚାମ୍ପିୟନଶିପର ୫୫କେଜି ୟୁଥ୍ ଓ ଜୁନିୟର କାଟେଗୋରିରେ ରୌପ୍ୟ ପଦକ ହାସଲ କରିଛନ୍ତି। କୋୟେଲ ସ୍ନାଚ୍‌ରେ ୭୯କେଜି ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୦୩ କେଜି ଓଜନଏବଂ ଏଗ୍ରିଗେଟ୍‌ରେ ୧୮୨କେଜି ଉଠାଇ ତାଙ୍କ ରୌପ୍ୟ ଜିତିଛନ୍ତି। ସେହିପରି ନିଲମ ସ୍ନାଚ୍‌ରେ ୮୬କେଜି ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୦୪ କେଜି ଏବଂ ଓଭରଅଲ ୧୯୦କେଜି ଓଜନ ଉଠାଇ ଜୁନିୟର କାଟେଗୋରିରେ ଏକ ରୌପ୍ୟ ପଦକ ପାଇଛନ୍ତି। ଏହି ଦୁଇ ପଦକ ସହ ଇଭେଣ୍ଟରେ ଭାରତର ପଦକ ସଂଖ୍ୟା ୬ରେ ପହଞ୍ଚିଛି। ଶୁକ୍ରବାରେ ଜ୍ୟୋସ୍ନା ଶବର ୪୦କେଜି ଓଜନ କାଟେଗୋରିରେ ସ୍ୱର୍ଣ୍ଣ ଜିତିଥିଲେ। ଟୋଟାଲ ଲିଫ୍ଟରେ ସେ ଏକ ୟୁଥ୍ ଏସିଆନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପାୟଲ ମଧ୍ୟ ୪୫କେଜି ୟୁଥ୍ ବାଳିକା ବିଭାଗରେ ଏକ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କର ଟୋଟାଲ ଲିଫ୍ଟ ୧୫୫କେଜି (ସ୍ନାଚ୍-୭୦+ ୮୫ କ୍ଲିନ୍ ଓ ଜର୍କ) ରହିଥିଲା।




୧୯ ବର୍ଷରୁ କମ୍ ମହିଳା ଏସିଆ କପ୍ କ୍ରିକେଟ ଫାଇନାଲ ମ୍ୟାଚ ପୂର୍ବରୁ ଟ୍ରଫି ସହ ବାଂଲାଦେଶ ଅଧିନାୟିକା ସୁମୈୟା ଅଖତର ଓ ଭାରତୀୟ ଅଧିନାୟିକା ନିକି ପ୍ରସାଦ।

वित्त मंत्रालय
MINISTRY OF FINANCE

ଜିଏସ୍‌ଟି ଟିକସଦାତାଗଣ ଧ୍ୟାନଦିଅନ୍ତୁ!

ଦୟାକରି ଆର୍ଥିକବର୍ଷ ୨୦୨୩-୨୦୨୪ ନିମନ୍ତେ ଫର୍ମ ଜିଏସ୍‌ଟିଆର୍-୯* ଏବଂ ଫର୍ମ ଜିଏସ୍‌ଟିଆର୍-୯ସି#ରେ ନିଜର ବାର୍ଷିକ ରିଟର୍ନ ଦାଖଲ କରନ୍ତୁ




*କେଉଁ ଟିକସଦାତାଙ୍କୁ ଫର୍ମ ଜିଏସ୍‌ଟିଆର୍-୯ ଦାଖଲ କରିବାକୁ ହେବ

ନିମ୍ନଲିଖିତଙ୍କୁ ଛାଡ଼ି ₹୨ କୋଟିରୁ ଅଧିକ (ଆର୍ଥିକବର୍ଷ ୨୦୨୩-୨୦୨୪ ଅବଧିରେ) ସର୍ବମୋଟ ବାର୍ଷିକ କାରବାର କରିଥିବା ସମସ୍ତ ଜିଏସ୍‌ଟି ଟିକସଦାତା-

- ଇନ୍‌ପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର
- କାଜୁଆଲ୍ ଟିକସଯୋଗ୍ୟ ବ୍ୟକ୍ତି
- ଟିଡିଏସ୍ ଡିଡକ୍ଟର
- ଟିସିଏସ୍ କଲେକ୍ଟର
- ଅଣ-ନିବାସୀ ଟିକସଯୋଗ୍ୟ ବ୍ୟକ୍ତି

#କେଉଁ ଟିକସଦାତାଙ୍କୁ ଫର୍ମ ଜିଏସ୍‌ଟିଆର୍-୯ସି ଦାଖଲ କରିବାକୁ ହେବ

ଯେଉଁ ଟିକସଦାତାଙ୍କ ସର୍ବମୋଟ ବାର୍ଷିକ କାରବାର ₹୫ କୋଟିରୁ (ଆର୍ଥିକବର୍ଷ ୨୦୨୩-୨୪ ଅବଧିରେ) ଅଧିକ ହୋଇଥିବ, ସେମାନଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର୍-୯ରେ ବାର୍ଷିକ ରିଟର୍ନ ସହିତ ଫର୍ମ ଜିଏସ୍‌ଟିଆର୍-୯ସିରେ ଏକ ଆତ୍ମ-ପ୍ରମାଣିତ ରିକନ୍‌ସିଲିଏସନ୍ ଷ୍ଟେଟ୍‌ମେଣ୍ଟ ଦାଖଲ କରିବାକୁ ହେବ।

ଫର୍ମ ଜିଏସ୍‌ଟିଆର୍-୯ ଏବଂ ଫର୍ମ ଜିଏସ୍‌ଟିଆର୍-୯ସି ଦାଖଲ କରିବାରେ ବିଳମ୍ବ ହେଲେ ବିଳମ୍ବ ଦେୟ ଲାଗୁ ହେବ

ଜିଏସ୍‌ଟି ବାର୍ଷିକ ରିଟର୍ନ ସମ୍ବନ୍ଧୀୟ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

CBC 15502/13/0003/2425

Central Board of Indirect Taxes and Customs

@cbicindia @cbic_india @cbicindia @CBICINDIA @CBIC india www.cbic.gov.in

# ଟପ୍ ଅର୍ଡର ବ୍ୟାଟିଂରେ ସୁଧାର ଲକ୍ଷ୍ୟ




ମେଲବୋର୍ନ ନେଟ୍ସରେ ରିଷଭ ପନ୍ତ ଓ ରୋହିତ ଶର୍ମା।

## ବକ୍ସିଂ ଡେ ଟେଷ୍ଟ ପାଇଁ ଅଭ୍ୟାସ ଆରମ୍ଭ

**ମେଲବୋର୍ନ,୨୧।୧୨(ପି.ଟି.)**

ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ତଥା ବକ୍ସିଂ ଡେ ଟେଷ୍ଟ ଡିସେମ୍ବର ୨୬ ତାରିଖରୁ ମେଲବୋର୍ନରେ ଆରମ୍ଭ ହେବ। ଏହି ଟେଷ୍ଟ ମ୍ୟାଚ୍ ପାଇଁ ଭାରତୀୟ ଦଳ ଶନିବାର ଅଭ୍ୟାସ ଆରମ୍ଭ କରିଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଖେଳାଳି ନେଟ୍ସରେ ଦୀର୍ଘ ସମୟ ଧରି ଝାଳ ବୁହାଇଥିଲେ। ଅଭ୍ୟାସ ପରେ ଭାରତୀୟ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଗଣମାଧ୍ୟମ ସହ କଥା ହୋଇ ଟପ୍ ଅର୍ଡର ବ୍ୟାଟିଂରେ ସୁଧାର ଉପରେ ଗୁରୁତ୍ୱ ଦେଇଥିଲେ। ୩ ଟେଷ୍ଟ ଶେଷ ହୋଇଥିବା ବେଳେ ସିରିଜ୍ ବର୍ତ୍ତମାନ ୧-୧ ସ୍ଥିତିରେ ରହିଛି। ତେବେ ଭାରତୀୟ ଟପ୍ ଅର୍ଡର ବ୍ୟାଟରଙ୍କ ବ୍ୟାଟ ଏଯାଏ ନୀରବ ରହିଛି। ପର୍ଥରେ ଯଶସ୍ୱୀ ଜୟସ୍ୱାଲ ଓ ୩ଟି ଯାକ ଟେଷ୍ଟରେ ଲୋକେଶ ରାହୁଲଙ୍କୁ ବାଦ ଦେଲେ ଅନ୍ୟ ଖେଳାଳିଙ୍କ ପ୍ରଦର୍ଶନ ଅତ୍ୟନ୍ତ ସାଧାରଣ ରହିଛି। ଜାଡେଜା କହିଛନ୍ତି, ଅଷ୍ଟ୍ରେଲିଆ କିମ୍ବା ଦକ୍ଷିଣ ଆଫ୍ରିକା ମାଟିରେ ସଫଳ ହେବାକୁ ହେଲେ ଟପ୍ ଅର୍ଡର ବ୍ୟାଟିଂ ସଫଳତା ନିହାତି ଆବଶ୍ୟକ। ଯେତେବେଳେ ଟପ୍ ଅର୍ଡର ରନ୍ ସ୍କୋର କରି ନ ଥାଏ ଏହା ମିଡିଲ ଅର୍ଡର ଓ ଲୋୟର ମିଡିଲ ଅର୍ଡର ଉପରେ ଅତିରିକ୍ତ ଚାପ ସୃଷ୍ଟି କରିଥାଏ।

ଚତୁର୍ଥ ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ବ୍ୟାଟରମାନେ ଫର୍ମକୁ ଫେରିବା ସହ ବଡ଼ ସ୍କୋର କରିବାରେ ସମର୍ଥ ହେବେ ବୋଲି ଜାଡେଜା ଆଶା କରିଛନ୍ତି। ବ୍ରିସବେନ୍‌ରେ ଭାରତୀୟ ଓପନର ଲୋକେଶ ରାହୁଲ ୮୪ ରନ୍ କରିଥିବା ବେଳେ ରବୀନ୍ଦ୍ର ଜାଡେଜା ୭୭ ରନ୍ କରିଥିଲେ। ତେବେ ଯଶପ୍ରୀତ୍ ବୁମ୍‌ରା ଓ ଆକାଶ ଦୀପ୍ ଚମତ୍କାର ବ୍ୟାଟିଂ କରି ଫଲୋଅନ୍ ଏଡାଇବାରେ ସାହାଯ୍ୟ କରିଥିଲେ। ଜାଡେଜା ପ୍ରଥମ ଦୁଇ ଟେଷ୍ଟରୁ ବାଦ ପଡ଼ିଥିବା ବେଳେ ତୃତୀୟ ଟେଷ୍ଟରେ ଖେଳିଥିଲେ। ସେହିପରି ବ୍ରିସବେନ ଟେଷ୍ଟ ପରେ ଅବସର ନେଇଥିବା ରବିଚନ୍ଦ୍ରନ ଅଶ୍ୱିନ ଅବସର ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିଲେ। ପ୍ରେସ୍ ମିଟ୍‌ର ୫ ମିନିଟ ପୂର୍ବରୁ ସେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ ବୋଲି କହିଛନ୍ତି ଜାଡେଜା।

# ଜାତୀୟ ସିନିୟର ମହିଳା ଫୁଟ୍‌ବଲ: ଫାଇନାଲରେ ଓଡ଼ିଶା



ହରିୟାଣା ବିପକ୍ଷ ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ।

## ପ୍ୟାରୀ ଖାଖାଙ୍କ ଡବଲ ଗୋଲ୍

**ଭୁବନେଶ୍ୱର, ୨୧।୧୨ (ବିଜୟ ରଣା)**

ରାଜମାତା ଜିଜାବାଈ ଟ୍ରଫି ପାଇଁ ଛତିଶଗଡ଼ର ନାରାୟଣପୁରଠାରେ ଚାଲିଥିବା ୨୯ତମ ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଫାଇନାଲ ଓଡ଼ିଶା ଓ ୨୨ଥର ଚାମ୍ପିୟନ ମଣିପୁର ମଧ୍ୟରେ ଖେଳାଯିବ। ୨୦୨୦-୧୧ର ଟାଇଟଲ ବିଜେତା ଓଡ଼ିଶା ପ୍ୟାରି ଖାଖା (୧୦ମ ଓ ୮୮ତମ ମିନିଟ)ଙ୍କ ଡବଲ ଗୋଲ୍ ବଳରେ ଗତଥରର ରନରଅପ୍ ହରିୟାଣାକୁ ୨-୦ ଗୋଲ୍‌ରେ ହରାଇ ଦେଇଛି। ଏଥିସହିତ ଦଳ ୭ମ ଥର ଫାଇନାଲକୁ ଉନ୍ନୀତ ହୋଇପାରିଛି। ଶନିବାର ଖେଳାଯାଇଥିବା ଅନ୍ୟ ସେମିଫାଇନାଲରେ ମଣିପୁର ୩-୦ ଗୋଲ୍‌ରେ ବେଙ୍ଗଲକୁ ପରାସ୍ତ କରିଛି। ଦଳ ତିନୋଟି ଯାକ ଗୋଲ୍ ଖେଳର ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲା। ଡାଙ୍ଗମେଇ ଗ୍ରେସ୍ (୫୩ତମ), ନାଓରେମ ପ୍ରିୟଙ୍କା ଦେବୀ (୫୫ତମ) ଓ ହେମାମ ଶିଲ୍କି ଦେବୀ (୭୮ତମ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସୂଚନାଯୋଗ୍ୟ, ଏହାପୂର୍ବରୁ ୨୦୧୮-୧୯ରେ ଓଡ଼ିଶା ଓ ମଣିପୁର ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ମଣିପୁର ୨-୧ ଗୋଲ୍‌ରେ ଓଡ଼ିଶାକୁ ହରାଇ ଦେଇଥିଲା।

# ଭାରତୀୟ ପୁରୁଷ, ମହିଳା ଦଳ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଭାରତୀୟ ପୁରୁଷ ଓ ମହିଳା ଦଳର ଖେଳାଳି।

## ଏସିଆନ୍ ରୋଲ୍ ବଲ୍ ଚାମ୍ପିୟନଶିପ

**ଭୁବନେଶ୍ୱର,୨୧।୧୨ (ସରୋଜ ଜେନା)**

ଗୋଆର ମଡଗାଁଓସ୍ଥିତ ମନୋହର ପାରିକର ଷ୍ଟାଡିୟମରେ ଅନୁଷ୍ଠିତ ଚତୁର୍ଥ ଏସିଆନ୍ ରୋଲ୍ ବଲ୍ ଚାମ୍ପିୟନଶିପରେ ଭାରତୀୟ ପୁରୁଷ ଓ ମହିଳା ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ପୁରୁଷ ଦଳ ୧୧-୪ ପଏଣ୍ଟରେ ଇରାନକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ମହିଳା ଦଳ ଶକ୍ତିଶାଳୀ ଇରାନକୁ ୩-୨ରେ ହରାଇଥିଲା। ପୁରୁଷ ବର୍ଗରେ ନେପାଳ ଓ ମହିଳା ବର୍ଗରେ ଶ୍ରୀଲଙ୍କା ତୃତୀୟ ସ୍ଥାନରେ ରହିଥିଲେ।

# ଭାରତରେ ଜୁନିୟର ଶୁଟିଂ ବିଶ୍ୱକପ୍

**ନୂଆଦିଲ୍ଲୀ, ୨୧।୧୨(ପି.ଟି.)**

ଭାରତକୁ ଆସନ୍ତାବର୍ଷ ଜୁନିୟର ବିଶ୍ୱକପ୍ ଆୟୋଜନ ଅଧିକାର ମିଳିଛି। ଏଥିରେ ରାଇଫଲ, ପିସ୍ତଲ ଓ ଶଟ୍‌ଗନ୍ ବିଭାଗରେ ପ୍ରତିଯୋଗିତା ହେବ ବୋଲି ଭାରତର ଜାତୀୟ ରାଇଫଲ ଆସୋସିଏଶନ (ଏନ୍‌ଆର୍‌ଏଆଇ) ଶନିବାର ପ୍ରକାଶ କରିଛି। ଦେଶ ଖୁବ୍ କମ୍ ସମୟ ବ୍ୟବଧାନ ମଧ୍ୟରେ ତୃତୀୟ ଟପ୍ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ୨୦୨୩ରେ ଭୋପାଳରେ ସିନିୟର ବିଶ୍ୱକପ୍ ପରେ ଚଳିତବର୍ଷ ପ୍ରାରମ୍ଭରେ ସିଜନ ଶେଷ ବିଶ୍ୱକପ୍ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟର ତାରିଖ ଧାର୍ଯ୍ୟ କରାଯାଇ ନାହିଁ। ତେବେ ଇଭେଣ୍ଟର ଆୟୋଜନ ପାଇଁ ଆଇଏସ୍‌ଏସ୍‌ଏଫ୍‌ରୁ ବିଧିବଦ୍ଧ ଭାବେ ଅନୁମତି ମିଳିଥିବା ଏନ୍‌ଆର୍‌ଏଆଇ କହିଛି। ଜାତୀୟ ମହାସଂଘ ସଭାପତି କଳିକେଶ ନାରାୟଣ ସିଂ ଦେଓ କହିଛନ୍ତି, ଗତମାସରେ ରୋମ୍‌ରେ ଆଇଏସ୍‌ଏସ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ସହିତ ଏକ ଫଳପ୍ରଦ ବୈଠକ ବସିଥିଲା। ଭାରତ ଯେପରି ସଫଳତାର ସହି ଟପ୍ ଇଣ୍ଟରନାଶନାଲ ଶୁଟିଂ ପ୍ରତିଯୋଗିତାଗୁଡ଼ିକର ଆୟୋଜନ କରିଛି ଆଇଏସ୍‌ଏସ୍‌ଏଫ୍ ସଭାପତି ଲୁସିଆନୋ ରୋସିଙ୍କ ସମେତ ମହାସଂଘର ସଦସ୍ୟଗଣ ତାହାର ଉଚ୍ଚ ପ୍ରଶଂସା କରିଥିଲେ।

# କେଏସ୍‌ଇବି କେରଳ ସେମିଫାଇନାଲରେ

## ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ



କେଏସ୍‌ଇବି କେରଳ ଓ ସମଲେଶ୍ୱରୀ ସ୍ପୋର୍ଟିଂ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ।

**ଢେଙ୍କାନାଳ,୨୧।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତାର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚରେ କେଏସ୍‌ଇବି କେରଳ ୩-୦ ଗୋଲରେ ସମଲେଶ୍ୱରୀ ସ୍ପୋର୍ଟିଂ ସମ୍ବଲପୁରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। କେରଳ ଦଳ ପ୍ରଥମାର୍ଦ୍ଧରେ ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ ଆଉ ୨ଟି ଗୋଲ ପ୍ରଦାନ କରିଥିଲେ। ଦଳ ପକ୍ଷରୁ ଅନଫାସ୍, ବିଘ୍ନେଶ ଓ ସୈଫ୍ ଗୋଟିଏ ଲେଖାଏ ଗୋଲ ପ୍ରଦାନ କରିଥିଲେ। ଅନଫାସ୍ ଶ୍ରେଷ୍ଠ ଖେଳାଳି ଭାବେ ସମାଜସେବୀ ଶିବସୁନ୍ଦର ଦାସଙ୍କଠାରୁ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚ୍‌କୁ ରେଫରି ଦେବରାଜ ସ୍ୱାଇଁ, ଶଶିକାନ୍ତ ଦାଶିଆ, ଆଶୀର୍ବାଦ କାନୁନ୍‌ଗୋ, ବୋନସନ ବରାଳ, ଅରୁଣ ନାୟକ ପରିଚାଳନା କରିଥିବା ବେଳେ ଅନିଲ ନନ୍ଦ ମ୍ୟାଚ କମିଶନର ରହିଥିଲେ। ମୁଖ୍ୟ ଅତିଥି ଭାବେ କ୍ରୀଡାବିତ ମୁରଲୀ କୁମାର ଭଞ୍ଜ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ାସଂଘ ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ବିଶିଷ୍ଟ ହକି ଖେଳାଳି ପର୍ଶୁରାମ ମିଶ୍ର ଓ ସମାଜସେବୀ ଅକ୍ଷୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ସରୋଜ ପାଢ଼ୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ମନୋଜ ଦାସ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ପ୍ରଥମ ସେମିଫାଇନାଲରେ ସେଣ୍ଟ୍ରାଲ ରେଲୱେ ବମ୍ବେ ଓ ରାଧାରମଣ କ୍ଲବ କଟକକୁ ଭେଟିବ।

# ଦ୍ରୁତତମ ଲିଷ୍ଟ 'ଏ' ଶତକ ମାରିଲେ ଅନ୍‌ମୋଲପ୍ରୀତ୍

**ଅହମଦାବାଦ, ୨୧।୧୨ (ପି.ଟି.):** ଅନମୋଲପ୍ରୀତ୍ ସିଂ ଜଣେ ଭାରତୀୟ ଭାବେ ଦ୍ରୁତତମ ଲିଷ୍ଟ 'ଏ' ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଶନିବାର ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଗ୍ରୁପ୍ 'ସି'ରେ ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚରେ ମାତ୍ର ୩୫ ବଲ୍‌ରେ ଶତକ ଅର୍ଜନ କରିଛନ୍ତି। ତାଙ୍କର ଏହି ପ୍ରଦର୍ଶନ ବଳରେ ପଞ୍ଜାବ ୯ ଉଇକେଟରେ ଅରୁଣାଚଳ ପ୍ରଦେଶକୁ ହରାଇ ଦେଇଛି। ଅନମୋଲପ୍ରୀତ୍ ନିକଟରେ ଅନୁଷ୍ଠିତ ଆଇପିଏଲ୍ ନିଲାମିରେ ବିକ୍ରି ହୋଇପାରି ନ ଥିଲେ। ସେ ଭାରତର ପୂର୍ବତନ ଅଲରାଉଣ୍ଡର ୟୁସୁଫ୍ ପଠାନଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ୨୦୦୯-୧୦ରେ ବରୋଦା ତରଫରୁ ଖେଳୁଥିବା ୟୁସୁଫ୍ ମହାରାଷ୍ଟ୍ର ବିପକ୍ଷ ମ୍ୟାଚରେ ୪୦ ବଲ୍‌ରେ ଶତକ ହାସଲ କରି ରେକର୍ଡର ଅଧିକାରୀ ହୋଇଥିଲେ। ଅନମୋଲ ମୋଟ ଉପରେ ଲିଷ୍ଟ 'ଏ' ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ଜେକ୍-ଫ୍ରେଜର ମ୍ୟାକ୍‌ଗୁର୍କ୍ (୨୦୨୩-୨୪ରେ ସାଉଥ ଅଷ୍ଟ୍ରେଲିଆ ତରଫରୁ ଟାସ୍‌ମାନିଆ ବିପକ୍ଷ ମ୍ୟାଚ) ୨୯ ବଲ୍‌ରେ ଶତକ ହାସଲ କରିଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକାର ଏବି ଡି'ଭିଲର୍ସ (୨୦୧୪-୧୫ରେ ଜୋହାନ୍ସବର୍ଗରେ) ୩୧ ବଲ୍‌ରେ ଶତକ ଅର୍ଜନ କରିଥିଲେ। ଡାହାଣହାତୀ ବ୍ୟାଟର ଅନମୋଲପ୍ରୀତ୍ ୪୫ ବଲ୍‌ରୁ ୧୧୫ ରନ (୧୨ ଚୌକା ଓ ୯ ଛକା) ବଳରେ ପଞ୍ଜାବ ୧୬୫ରନର ବିଜୟ ଲକ୍ଷ୍ୟକୁ ମାତ୍ର ୧୨.୫ ଓଭରରେ ଅତିକ୍ରମ କରିଯାଇଥିଲା। ଦଳ ୧ ଉଇକେଟ ବିନିମୟରେ ୧୬୭ ରନ କରିଥିଲା। ଅଧିନାୟକ ଅଭିଷେକ ଶର୍ମା (୧୦)ଙ୍କ ଉଇକେଟର ଶୀଘ୍ର ପତନ ଘଟିବା ପରେ ଅନମୋଲପ୍ରୀତ୍ ଓ ପ୍ରଭସିମରନ ସିଂ (୨୫ ବଲ୍‌ରୁ ୩୫*) ଦ୍ୱିତୀୟ ଉଇକେଟରେ ଅପରାଜିତ ୧୫୩ ରନ ଯୋଗ କରି ପଞ୍ଜାବକୁ ଜିତାଇଥିଲେ। ପୂର୍ବରୁ ଅରୁଣାଚଳ ୧୬୪ ରନରେ ଅଲଆଉଟ ହୋଇଯାଇଥିଲା। ପେସର ଅଶ୍ୱିନୀ କୁମାର ଓ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେ ପ୍ରତ୍ୟେକେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ